

ଭୁଲଭୁଲେୟା ୪ରେ ଅନନ୍ୟା
▶ପୃଷ୍ଠା ୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-130 ◆THURSDAY ◆6 NOVEMBER 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୧୩୦ ◆ଗୁରୁବାର ◆୬ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ଜୋହରନ୍ ମମ୍‌ଦାନୀ ନ୍ୟୁୟର୍କର ମେୟର ନିର୍ବାଚିତ

■ **ଭୁବନେଶ୍ୱର/ନ୍ୟୁୟର୍କ, ୫।୧୧ (ସମିସ):** ଭାରତୀୟ ବଂଶୋଦ୍ଭବ ଜୋହରନ୍ ମମ୍‌ଦାନୀ ଆମେରିକାରେ ଇତିହାସ ରଚିଛନ୍ତି। ନ୍ୟୁୟର୍କ ମେୟର ପଦ ପାଇଁ ଡେମୋକ୍ରାଟିକ୍ ପାର୍ଟିରୁ ନିର୍ବାଚନ ଲଢ଼ି ବିଜୟୀ ହୋଇଛନ୍ତି। ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ଭାବେ ସ୍ୱାଧୀନ ପ୍ରାର୍ଥୀ ତଥା ପୂର୍ବତନ ରାଜ୍ୟପାଳ ଆଣ୍ଡ୍ରିୟୁ କୁଓମୋଙ୍କୁ ପରାସ୍ତ କରିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ରିପବ୍ଲିକାନ୍ ପାଟିର ପ୍ରାର୍ଥୀ କର୍ଟିସ୍ ସ୍ଲିୱା ତୃତୀୟ ସ୍ଥାନରେ ରହିଛନ୍ତି। ଏହି ବିଜୟ ସହିତ ନ୍ୟୁୟର୍କର ପ୍ରଥମ ଭାରତୀୟ-ଆମେରିକୀୟ ମୁସଲିମ ମେୟର ହେବାର ସୌଭାଗ୍ୟ ପାଇଛନ୍ତି। ଗତକାଲି ଅନୁଷ୍ଠିତ ମେୟର ନିର୍ବାଚନରେ ସେ ନ୍ୟୁୟର୍କର ପୂର୍ବତନ ଗଭର୍ଣ୍ଣର ତଥା ନିର୍ଦ୍ଦଳୀୟ ପ୍ରାର୍ଥୀ ଆଣ୍ଡ୍ର୍ୟୁ କୁଓମୋ ହରାଇ ଇତିହାସ ରଚନା କରିଛନ୍ତି। ତାଙ୍କୁ ୫୦.୪ ▶ପୃଷ୍ଠା-୭

**ରାଉରକେଲା ଜନ୍ମିତ ବିଶିଷ୍ଟ ଚଳଚ୍ଚିତ୍ର ପ୍ରଯୋଜିକା ତଥା ନିର୍ଦ୍ଦେଶିକା ମୀରା ନାୟାରଙ୍କ ପୁଅ ମମ୍‌ଦାନୀ**

**ସୁନ୍ଦରଗଡ଼ର ପୂର୍ବତନ ଜିଲ୍ଲାପାଳ ଅମୃତଲାଲ ନାୟାରଙ୍କ ନାତି**

**ଶୁଭେଚ୍ଛା ଜଣାଇଲେ ନବୀନ**



# ମହାକାଶରେ ଡାଟା ସେଣ୍ଟର ନିର୍ମାଣ କରିବ ଗୁଗୁଲ୍

■ **ୱାଶିଂଟନ୍, ୫।୧୧(ଏଜେନ୍ସି):** ଟେକ୍ ଜାଏଣ୍ଟ ଗୁଗୁଲ୍ ଏବେ ମହାକାଶରେ ଏକ ଡାଟା ସେଣ୍ଟର ନିର୍ମାଣ କରିବାକୁ ଯୋଜନା କରୁଛି। ଏହି ପ୍ରୋଜେକ୍ଟକୁ 'ସନ୍ କ୍ୟାଚର୍' ' ନାମ ଦିଆଯାଇଛି। ଗୁଗୁଲ୍ ସିଇଓ ସୁନ୍ଦର ପିଚାଇ ଏକ୍ସ' ରେ ଏକ ପୋଷ୍ଟରେ ଏହି ସୂଚନା ସେୟାର କରିଛନ୍ତି। ଏହି ପ୍ରୋଜେକ୍ଟ ଅନ୍ତର୍ଗତ, ଗୁଗୁଲ୍ ସୌର ପ୍ୟାନେଲ୍ ସହିତ ସଜ୍ଜିତ ସାଟେଲାଇଟ୍ ମହାକାଶକୁ ପଠାଇବ। ଏହାର ଅର୍ଥ ହେଉଛି ସେମାନେ ଶକ୍ତି ପାଇଁ ସୂର୍ଯ୍ୟକିରଣ ବ୍ୟବହାର କରିବେ। କାରଣ ପୃଥିବୀରେ ଥିବା ଡାଟା ସେଣ୍ଟରଗୁଡ଼ିକ ବିଦ୍ୟୁତ୍, ପାଣି ଏବଂ ସ୍ଥାନ ସହିତ ବଢୁଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ସାଟେଲାଇଟ୍‌ଗୁଡିକ ଏଆଇ କାର୍ଯ୍ୟ ପାଇଁ ଡିଜାଇନ୍ ହୋଇଥିବା ଗୁଗୁଲ୍‌ର ସର୍ବଶେଷ ଏଆଇ ଚିପ୍ସ, ▶ପୃଷ୍ଠା-୭

**ପ୍ରୋଜେକ୍ଟ 'ସନ୍ କ୍ୟାଚର୍' ଘୋଷଣା**

**୨୦୨୭ରେ ଲଞ୍ଚ୍ ହେବ ୨ ପ୍ରୋଟୋଟାଇପ୍ ସାଟେଲାଇଟ୍**




# 'ବ୍ଲାକ ଲିଷ୍ଟ' ସଂସ୍ଥାକୁ ସରକାରଙ୍କ ଆଦର

## ନିର୍ଦ୍ଦିଷ୍ଟ ସଂସ୍ଥା ପାଇଁ କୋହଳ ହୋଇଛି ସବୁ ନିୟମ

■ **ଭୁବନେଶ୍ୱର, ୫।୧୧ (ସମିସ):** ଦେଶକୁ ଦୋହଲାଇ ଦେଇଥିବା ନିର୍ଭୟା ଘଟଣା ପରେ ସୁପ୍ରିମକୋର୍ଟ ଯାତ୍ରୀବାହୀ ଗାଡ଼ିଗୁଡ଼ିକରେ 'ଭେଇକିଲ୍ ଲୋକେସନ ଟ୍ରାକିଂ ଡିଭାଇସ୍' (ଭିଏଲ୍‌ଟିଡି) ବ୍ୟବସ୍ଥା ଆପଣାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ବିଭିନ୍ନ ରାଜ୍ୟ ସରକାର ଯାତ୍ରୀବାହୀ ଗାଡ଼ିଗୁଡ଼ିକରେ ଭିଏଲ୍‌ଟିଡି ଲଗାଉଛନ୍ତି। ଓଡ଼ିଶାରେ ଏଯାଏ ୫୨ ହଜାର ଗାଡ଼ିରେ ଏହି ବ୍ୟବସ୍ଥା ହୋଇ ସାରିଛି ଓ ଆହୁରି ୨ ଲକ୍ଷରୁ ଊର୍ଦ୍ଧ୍ୱ ଗାଡ଼ିରେ ଏହି ଯନ୍ତ୍ରାଂଶ ଲଗାଯିବା ବାକିଅଛି । ସମ୍ପ୍ରତି ଏହି ଯନ୍ତ୍ରାଂଶ ଲଗାଇବା ପାଇଁ ରାଜ୍ୟ ସରକାରଙ୍କ ପରିବହନ ବିଭାଗ ସିଡ଼ିଏସି ନାମକ ଏକ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦେବାକୁ ନିଷ୍ପତ୍ତି ନେଇଛନ୍ତି ଓ ଦିନେ ଦୁଇଦିନ ମଧ୍ୟରେ ଏଥିନେଇ ଚୁକ୍ତିନାମା ସ୍ୱାକ୍ଷର ହେବ ବୋଲି ସୂଚନା ମିଳିଛି । ମାତ୍ର ପଞ୍ଜାବରେ କଳାତାଲିକାଭୁକ୍ତ ହୋଇଥିବା ଓ କାର୍ଯ୍ୟରେ ବିଳମ୍ବ ଯୋଗୁଁ ପଶ୍ଚିମବଙ୍ଗରେ ଜୋରିମାନା ଦେଇଥିବା ଏହି ସଂସ୍ଥାପ୍ରତି ରାଜ୍ୟ ପରିବହନ ବିଭାଗର ଅହେତୁକ ଆଦର ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଅନୁସନ୍ଧାନରୁ ଜଣାପଡ଼ିଛି ଯେ ରାଜ୍ୟରେ ଭିଏଲ୍‌ଟିଡ଼ି ବ୍ୟବସ୍ଥାରେ ସହଭାଗୀ ହେବା ନିମନ୍ତେ ଭାରତୀୟ ସଂଚାର ନିଗମ (ବିଏସ୍‌ଏନ୍‌ଏଲ୍) ଏବଂ ଟିସିଆଇଏଲ୍ ଭଳି ଦୁଇଟି ରାଷ୍ଟ୍ରାୟତ୍ତ ସଂସ୍ଥା ଆଗ୍ରହ ପ୍ରକାଶ କରିଥିଲେ। ରାଜ୍ୟ ସରକାର ଟେଣ୍ଡର ବିଧିବ୍ୟବସ୍ଥା ଅନୁଯାୟୀ ଆବେଦନ କରିଥିଲେ। ଟେଣ୍ଡର ନିୟମ ଅନୁଯାୟୀ କେବଳ ସୋସାଇଟି ଆକ୍ଟରେ ପଞ୍ଜିକରଣ ସଂସ୍ଥା ଓ ରାଜ୍ୟରେ ଜିଏସ୍‌ଟି କରିଥିବା ସଂସ୍ଥାକୁ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଥିଲା। ହେଲେ ସିଡିଏସି ପକ୍ଷରେ ଏହାକୁ ବ୍ୟତିକ୍ରମ ହୋଇଛି। କାରଣ 'ସିଡିଏସି' ଟ୍ରଷ୍ଟ ଆଇନ୍ ଅନୁସାରେ ଓ ଅଲଗା ରାଜ୍ୟର ପଞ୍ଜିକୃତ ଏକ ସଂସ୍ଥା। ଅତୀତରେ ପଶ୍ଚିମବଙ୍ଗ ସରକାର ଏହି ସଂସ୍ଥା ଉପରେ ଜୋରିମାନା ଲାଗୁ କରିବା ସହ ଏହି ସଂସ୍ଥାର କାର୍ଯ୍ୟାଦେଶ ବାତିଲ କରିଛନ୍ତି। ସେହିପରି ପଞ୍ଜାବ ସରକାର ମଧ୍ୟ ଏହି ସଂସ୍ଥାକୁ ପ୍ରଶ୍ନପତ୍ର ଲିକ୍ ମାମଲାରେ କଳାତାଲିକା ଭୁକ୍ତ କରିଛନ୍ତି। ସେହିପରି ରାଷ୍ଟ୍ରାୟତ୍ତ ସଂସ୍ଥା ପକ୍ଷରୁ ଦିଆଯାଇଥିବା କୋଟେସନ ତୁଳନାରେ ଏହି ସଂସ୍ଥା ୨ ଗୁଣା ଅଧିକ ଦର ଧାର୍ଯ୍ୟ କରିଥିବା ସତ୍ତ୍ୱେ ଏହି ସଂସ୍ଥା ସହିତ ଚୁକ୍ତି କରିବା ପାଇଁ ରାଜ୍ୟ ସରକାର ଆଗ୍ରହ ପ୍ରକାଶ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଏହି ସଂସ୍ଥା ଆଗାମୀ ୩ ବର୍ଷ ପାଇଁ ରାଜ୍ୟ ସରକାରଙ୍କ ସହିତ ଚୁକ୍ତିମାନା କରିବ। ସମସ୍ତ ଯୋଗ୍ୟତା ସତ୍ତ୍ୱେ ଏହି ସରକାରୀ ସଂସ୍ଥା ଦ୍ୱୟକୁ ବାଦ୍ ଦିଆଯାଇ ସିଡିଏସି କାର୍ଯ୍ୟଭାର ଦିଆଯିବାକୁ ନେଇ ଏକ ବଡ଼ ହେରଫେର ନେଇ ସନ୍ଦେହ ସୃଷ୍ଟି ହୋଇଛି ଓ ସରକାରୀ ସଂସ୍ଥାକୁ ଛାଡ଼ି ରାଜ୍ୟ ପରିବହନ ବିଭାଗ ଏହି ଘରୋଇ ସଂସ୍ଥାକୁ କାହିଁକି ଅନୁଗ୍ରହ ପୋଷଣ କରିଛି ତାହାର କାରଣ ସ୍ପଷ୍ଟ ହୋଇନାହିଁ।

### ଘରୋଇ ସଂସ୍ଥା ମୋହକୁ ନେଇ ଉଠିଲା ପ୍ରଶ୍ନ

ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ଏହି ସଂସ୍ଥାପ୍ରତି କୋହଳ ମନୋଭାବକୁ ନେଇ ସଡ଼କ ସୁରକ୍ଷା ବିଶେଷଜ୍ଞମାନେ ଆପତ୍ତି ଉଠାଇଛନ୍ତି। ।ବରିଷ୍ଠ ଆଇନ୍‌ଜୀବୀ ତଥା ସଡ଼କ ସୁରକ୍ଷା ବିଶେଷଜ୍ଞ ସୁବ୍ରତ କୁମାର ନନ୍ଦ ଏକାଧିକବାର ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ଦୃଷ୍ଟିଆକର୍ଷଣ କରି ଦାବିପତ୍ର ଦେଇଛନ୍ତି। ଏହି ଦାବିପତ୍ରକୁ ରାଜ୍ୟ ସରକାର ଗ୍ରହଣ ନ କରି ଏକ କଳାତାଲିକାଭୁକ୍ତ ସଂସ୍ଥା ସହିତ ଚୁକ୍ତିନାମା କରିବାକୁ ନେଇ ଶ୍ରୀ ନନ୍ଦ ଆଶ୍ଚର୍ଯ୍ୟପ୍ରକଟ କରିଛନ୍ତି ଏଥିରେ ଏକ ବଡ଼ ହେରଫେର୍ ହୋଇଥିବା ନେଇ ଗନ୍ଧ ବାରିଛନ୍ତି। ବିଏସ୍‌ଏନ୍‌ଏଲ ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ରରେ ଏହି କାମ କରୁଛି। ଓଡ଼ିଶାରେ ଯେଉଁ ୫୨ ହଜାର ଗାଡ଼ିରେ ଭିଏଲ୍‌ଟିଡି ଲାଗିଛି, ତାହା ମଧ୍ୟ ବିଏସ୍‌ଏନ୍‌ଏଲ କରିଛି। ହେଲେ ଏହାକୁ ଏବେ ବାଦ ଦିଆଯିବା ପଛରେ ରହିଥିବା ରହସ୍ୟର ତଦନ୍ତ ଆବଶ୍ୟକ ବୋଲି ଶ୍ରୀ ନନ୍ଦ କହିଛନ୍ତି ।

## ଓପିଏସ୍ ନିଯୁକ୍ତି ଆଶାୟୀ ନିରାଶ

# କେବଳ ପଦୋନ୍ନତିରେ ପୂରା ହେଉଛି ୮୯% ପଦ

■ **ଭୁବନେଶ୍ୱର, ୫।୧୧ (ସମିସ):** ରାଜ୍ୟରେ ଖାଲି ପଡ଼ିଛି ଶତାଧିକ ଓଡ଼ିଶା ପୁଲିସ ସେବା (ଓପିଏସ୍) ପଦ। ହେଲେ ନୂତନ ପ୍ରାର୍ଥୀଙ୍କୁ ନିଯୁକ୍ତି ଦିଆଯାଉ ନାହିଁ। କେବଳ ପଦୋନ୍ନତି ମାଧ୍ୟମରେ ଓପିଏସ୍ ଅର୍ଦ୍ଧାଧିକ ପଦ ପୂରଣ କରାଯାଉଛି। ଯାହାକୁ ଆଶାୟୀ ଛାତ୍ରଛାତ୍ରୀମାନେ ଦୃଢ଼ ବିରୋଧ କରିଛନ୍ତି। ଓଡ଼ିଶା ସିଭିଲ୍ ସର୍ଭିସ (ଓସିଏସ୍) ପରୀକ୍ଷା ସମୟରେ ପର୍ଯ୍ୟାପ୍ତ ଓପିଏସ୍ ପଦ ବାହାର କରିବା ପାଇଁ ରାଜ୍ୟପାଳଙ୍କ ସମେତ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ଗୃହ ବିଭାଗ ସଚିବଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ସୂଚନା ଆଇନ୍‌ରେ ମିଳିଥିବା ତଥ୍ୟ ଅନୁଯାୟୀ, ୨୦୧୧ରୁ ୨୦୨୪ ମସିହା ପର୍ଯ୍ୟନ୍ତ ରାଜ୍ୟରେ ମୋଟ୍ ୯୦୮ ଜଣ ଓପିଏସ୍ ଅଧିକାରୀ ପଦ ପୂରଣ କରାଯାଇଛି। ହେଲେ ତନ୍ମଧ୍ୟରୁ ୮୦୬ଟି ପଦରେ ଇନ୍ସପେକ୍ଟରଙ୍କୁ ପଦୋନ୍ନତି ଦିଆଯାଇ ଓପିଏସ୍ ପଦ ପୂରଣ କରାଯାଇଛି। ସେମାନଙ୍କୁ ଡିଏସ୍‌ପି ଭାବେ ଅବସ୍ଥାପିତ କରାଯାଉଛି। ଅନୁରୂପ ଭାବେ ଠିକ୍ ଏହି ସମୟ ଅବଧି ମଧ୍ୟରେ ମାତ୍ର ୧୦୨ ଜଣ ପ୍ରାର୍ଥୀଙ୍କୁ ନୂତନ ଭାବେ ନିଯୁକ୍ତି ଦିଆଯାଇଛି। ଅର୍ଥାତ୍ ମାତ୍ର ୧୧ ପ୍ରତିଶତ ପଦରେ ଛାତ୍ରଛାତ୍ରୀଙ୍କୁ ସିଧାସଳଖ ଭାବେ ନିଯୁକ୍ତି ଦିଆଯାଇଛି। ଯାହାକୁ ନେଇ ଆଶାୟୀମାନେ ପ୍ରଶ୍ନ ଉଠାଇଛନ୍ତି। ଓପିଏସ୍ ହେବା ଆଶାରେ ଓସିଏସ୍ ପରୀକ୍ଷା ଦେବାକୁ ଅପେକ୍ଷା କରିଥିଲେ ମଧ୍ୟ ନୂତନ ନିଯୁକ୍ତି ପାଇଁ ପଦ ବାହାର କରାଯାଉ ନାହିଁ। ସୂଚନା ଅନୁଯାୟୀ ୨୦୧୧ରେ ୧୫ଟି ଓସିଏସ୍ ପଦ ▶ପୃଷ୍ଠା-୭

**ମାତ୍ର ୧୧ ପ୍ରତିଶତ ନୂତନ ପିଲାଙ୍କୁ ପ୍ରତ୍ୟକ୍ଷ ନିଯୁକ୍ତି**

**ନିଯୁକ୍ତି ପାଇଁ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର**

# ରାଜ୍ୟରେ ପହିଲି ଶୀତ

■ **ଭୁବନେଶ୍ୱର, ୫।୧୧ (ସମିସ):** ରାଜ୍ୟରେ ଆରମ୍ଭ ହୋଇଛି ଶୀତର ପ୍ରଭାବ। ଗତ ୩ ଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ପ୍ରାୟ ୫ ଡିଗ୍ରୀ ହ୍ରାସ ହୋଇଥିବା ବେଳେ ଗତ ୨୪ ଘଣ୍ଟା ମଧ୍ୟରେ ଅନେକ ସ୍ଥାନରେ ତାପମାତ୍ରା ପ୍ରାୟ ୩ ଡିଗ୍ରୀ କମିଛି। ଏହାଦ୍ୱାରା ରାଜ୍ୟର ଏକାଧିକ ସ୍ଥାନରେ ତାପମାତ୍ରା ୧୫ ଡିଗ୍ରୀ ତଳକୁ ଖସିଛି। ଗତ ୨୪ ଘଣ୍ଟାରେ ଫୁଲବାଣୀ ୧୨.୫ ଡିଗ୍ରୀ ସହ ରାଜ୍ୟର ସବୁଠୁ ଥଣ୍ଡା ସହର ପାଲଟିଛି। ସେହିପରି ଏଠାରେ ୨୪ ଘଣ୍ଟା ମଧ୍ୟରେ ତାପମାତ୍ରା ପ୍ରାୟ ୨.୫ ଡିଗ୍ରୀ ଖସିଛି। ସେହିପରି ଦାରିଙ୍ଗବାଡ଼ିରେ ତାମାତ୍ରା ୧୪ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଝାରସୁଗୁଡ଼ାରେ ୩.୩ ଡିଗ୍ରୀ ତାପମାତ୍ରା କମି ୧୪.୫ ଡିଗ୍ରୀ ରେକର୍ଡ ହୋଇଛି। ଏହା ବ୍ୟତତୀ ଅନୁଗୁଳ, ରାଉରକେଲା, କେନ୍ଦୁଝର ଓ ଢେଙ୍କାନାଳରେ ତାପମାତ୍ରା ୧୫ ଡିଗ୍ରୀକୁ ଖସିଛି। ବଡ଼ କଥା ହେଉଛି ଯେ ୨୪ ଘଣ୍ଟା ମଧ୍ୟରେ ଢେଙ୍କାନାଳରେ ୬.୩ ଡିଗ୍ରୀ ତାପମାତ୍ରା ହ୍ରାସ ପାଇଛି। ଏହା ବ୍ୟତୀତ ଦେଶର ରାଜଧାନୀ ନୂଆଦିଲ୍ଲୀଠାରୁ ରାଜ୍ୟର ରାଜଧାନୀରେ ଅଧିକ ଥଣ୍ଡା ଅନୁଭୂତ ହୋଇଛି। ଆଜି ରାଜଧାନୀ ଦିଲ୍ଲୀରେ (ସଫଦରଜଙ୍ଗ) ଠାରେ ସର୍ବନିମ୍ନ ୧୮.୪ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ▶ପୃଷ୍ଠା-୭

**୧୨ ଡିଗ୍ରୀକୁ ଖସିଲା ତାପମାତ୍ରା**

# ୭ରେ ପୁଣି ନୂଆପଡ଼ା ଯିବେ ନବୀନ

## ଖରିଆର ରୋଡରୁ ନୂଆପଡା ରୋଡ ଶୋ'

■ **ଭୁବନେଶ୍ୱର, ୫।୧୧ (ସମିସ):** ଆସନ୍ତା ୭ ତାରିଖରେ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଦ୍ୱିତୀୟଥର ପାଇଁ ନୂଆପଡ଼ା ଗସ୍ତରେ ଯିବେ। ବୁଧବାର ନବୀନ ଏ ନେଇ ନିଜେ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ସୂଚନା ଦେଇଛନ୍ତି। ନୂଆପଡ଼ାବାସୀଙ୍କୁ ଜୁହାର ଜଣାଇ ନବୀନ କହିଛନ୍ତି ଯେ କୋମନାର ସଭା ଲାଗି ଆପଣମାନଙ୍କୁ ବହୁତ ବହୁତ ଧନ୍ୟବାଦ। ମୁଁ ପୁଣିଥରେ ୭ ତାରିଖ ନୂଆପଡ଼ା ଆସୁଛି। ନୂଆପଡ଼ା ଆଉ ଖରିଆର ରୋଡ ଯିବି। ଆପଣମାନଙ୍କ ସହ ଦୁଇପଦ କଥା ହେବି। ଆଉ ଆଶୀର୍ବାଦ ମାଗିବି ବୋଲି ନବୀନ କହିଛନ୍ତି। ସୂଚନା ଅନୁଯାୟୀ ନବୀନ ୭ ତାରିଖରେ ଖରିଆର ରୋଡଠାରୁ ନୂଆପଡା ଯାଏଁ ବିଶାଳ ରୋଡ ଶୋ କରିବାର କାର୍ଯ୍ୟକ୍ରମ ରହିଛି ।

ଗତ ୩ ତାରିଖରେ ନବୀନ ନୂଆପଡ଼ା କୋମନା ବ୍ଲକ ଅନ୍ତର୍ଗତ ଧାନମଣ୍ଡି ପଡ଼ିଆଠାରେ ଆୟୋଜିତ ବିଶାଳ ସମାବେଶରେ ଯୋଗ ଦେଇଥିଲେ। ସମାବେଶ ସ୍ଥଳରୁ ନବୀନ ରାଜ୍ୟ ବିଜେପି ସରକାରଙ୍କ ଉପରେ ଶାଣିତ ଆକ୍ରମଣ ହୋଇଥିଲେ। ଭୋଟ ଚୋରି କରି ବିଜେପି ସରକାରରେ ଅଛି ଏବଂ ତାଙ୍କ ସହ ବିଜେପି ବେଇମାନି କରିଛି ବୋଲି ବଡ଼ ମନ୍ତବ୍ୟ ଦେଇଥିଲେ । ଏହାସହ ସେ ଗତ ୧୬ ମାସ ମଧ୍ୟରେ ରାଜ୍ୟ ବିଜେପି ସରକାରଙ୍କ ବିଫଳତାକୁ ଜନସାଧାରଣଙ୍କ ଆଗରେ ଗୋଟି ଗୋଟି କରି ରଖିଥିଲେ। ଯାହାକୁ ନେଇ ବିଜେଡି ଶିବିର ବେଶ୍ ଉତ୍ସାହିତ ଅଛନ୍ତି। ନବୀନଙ୍କ ସଭା ଦଳକୁ ନୂଆପଡ଼ାରେ ଏକ ନୂଆ ଶକ୍ତି ଦେଇଥିବା ବେଳେ ଦଳ ନିଜର ପ୍ରଚାର କାର୍ଯ୍ୟକ୍ରମକୁ ଆହୁରି ଶାଣିତ କରିଛି। ଦଳର ନେତୃବୃନ୍ଦଙ୍କ ଅନୁଯାୟୀ ନବୀନଙ୍କ କୋମନା ସଭାର ସଫଳତା ବିରୋଧୀ ବିଶେଷ କରି ବିଜେପିକୁ ଆତଙ୍କିତ କରିଛି। ସେଥିପାଇଁ ସେମାନେ ଭୋଟରଙ୍କୁ ପ୍ରଲୋଭିତ କରିବା ପାଇଁ ନାନା ପ୍ରକାର ଉଦ୍ୟମ ଆପଣଉଛନ୍ତି। ମାତ୍ର ବିଜେପିର ଏହି ଉଦ୍ୟମ ଆଦୌ ଫଳପ୍ରଦ ହେବ ନାହିଁ। ନବୀନଙ୍କ ଟିକିଏ ▶ପୃଷ୍ଠା-୭

**ଆଜି ପ୍ରଚାର କରିବେ ମୋହନ- ବିଷ୍ଣୁଦେବ**

# ଭୋଟ ଚୋରିକୁ ନେଇ ରାହୁଲ-ବିଜେପି ମୁହାଁମୁହିଁ

■ **ନୂଆଦିଲ୍ଲୀ, ୫ ।୧୧ (ଏଜେନ୍ସି):** ମହାରାଷ୍ଟ୍ର ଓ କର୍ଣ୍ଣାଟକ ପରେ ହରିୟାଣାରେ ମଧ୍ୟ ଭୋଟ ଚୋରି ହୋଇଛି। ୨୦୨୪ରେ ଅନୁଷ୍ଠିତ ହରିୟାଣା ବିଧାନସଭା ନିର୍ବାଚନରେ କଂଗ୍ରେସକୁ ହରାଇବା ଲାଗି ସୁନିୟୋଜିତ ଭାବେ ଷଡଯନ୍ତ୍ର କରାଯାଇଥିଲା। ରାଜ୍ୟରେ ୨୫ ଲକ୍ଷ ଭୋଟ୍ ଜାଲିଆତି କରି କଂଗ୍ରେସକୁ ହରାଯାଇଛି। ନିର୍ବାଚନ କମିସନଙ୍କ ବିରୋଧରେ ଏଭଳି ଗୁରୁତର ଅଭିଯୋଗ କରିଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ। ଏହାକୁ ହାଇଡ୍ରଜେନ ବୋମା ଭାବେ ବର୍ଣ୍ଣନା କରି ସେ କହିଛନ୍ତି ଭୋଟ ଜାଲିଆତି ସଂପର୍କରେ ତାଙ୍କ ପାଖରେ ଶତ ପ୍ରତିଶତି ପ୍ରମାଣ ରହିଛି। ତେବେ ତାଙ୍କର ଏହି ଅଭିଯୋଗକୁ ନିର୍ବାଚନ କମିସନ ଖଣ୍ଡନ କରିଛନ୍ତି।

ଆଜି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଭୋଟ ଜାଲିଆତି ଅଭିଯୋଗ ଆଣି ଅନେକ ଚାଞ୍ଚଲ୍ୟକର ତଥ୍ୟ ଉପସ୍ଥାପନ କରିଛନ୍ତି ରାହୁଲ ଗାନ୍ଧୀ। ସେ କହିଛନ୍ତି ଯେ ରାଜ୍ୟରେ ଦୁଇ କୋଟି ମତଦାତା ଥିବା ବେଳେ ୨୫ ଲକ୍ଷ ଭୋଟ ଜାଲିଆତି ହୋଇଛି। ଅର୍ଥାତ ୧୨ ପ୍ରତିଶତ ଭୋଟ ଚୋରି ହୋଇଛି। ବିଜେପିକୁ ଜିତାଇବା ପାଇଁ କମିସନ ପୂରା ପ୍ରସ୍ତୁତ ରହିଥିଲେ। ସେ କହିଲେ ଯେ ଲୋକସଭା ନିର୍ବାଚନରେ କଂଗ୍ରେସର ପ୍ରଦର୍ଶନ ଭଲ ଥିଲା। ବିଧାନସଭା ନିର୍ବାଚନରେ ମଧ୍ୟ କଂ।।ଗ୍ରେସ ଜିତିବ ବୋଲି ବିଭିନ୍ନ ଜନମତ ସର୍ଭେ ରିପୋର୍ଟ କହୁଥିଲା। କିନ୍ତୁ ଫଳାଫଳ ଓଲଟିଗଲା କେମିତି? ଏହାପଛରେ ନିର୍ବାଚନ କମିସନଙ୍କର ଜାଲିଆତି ରହିଛି ବୋଲି ସେ ଅଭିଯୋଗ କରିଛନ୍ତି।

ଭୋଟ ଜାଲିଆତିର ଉଦାହରଣ ଦେବାକୁ ଯାଇ ରାହୁଲ କହିଛନ୍ତି ଯେ ହରିୟାଣାରେ ୨୨ଟି ଭୋଟର ପରିଚୟପତ୍ରରେ ଜଣେ ମହିଳାଙ୍କ ଫଟୋ ରହିଛି। ସେ ମହିଳା ଜଣକ ହେଉଛନ୍ତି ବ୍ରାଜିଲର ଜଣେ ମଡେଲ। ଏହି ଭୋଟର କାର୍ଡରେ ଜରିଆରେ ୧୦ଟି ବିଭିନ୍ନ ବୁଥରେ ମତଦାନ କରାଯାଇଛି। ତେବେ ୨୨ଟି ପରିଚୟପତ୍ରରେ ସେହି ମଡେଲଙ୍କ ଫଟୋ ଥିଲେ ମଧ୍ୟ ନାମ ଅଲଗା ଅଲଗା ରହିଛି। ଯେମିତି ସ୍ୱିଟି, ସୀମା, ସରସ୍ୱତୀ, ରଶ୍ମି, ବିମଳା....। ଏହା କେମିତି ସମ୍ଭବ ହେଲା ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। ସେହିଭଳି ରାଜ୍ୟରେ ଶହେଟି ଭୋଟର ପରିଚୟପତ୍ରରେ ଜଣେ ମହିଳାଙ୍କ ଫଟୋ ବିଭିନ୍ନ ନାମରେ ରହିଛି। ଆଉ ଜଣେ ମହିଳାଙ୍କ ଫଟୋ ଭୋଟର ▶ପୃଷ୍ଠା-୭

**ହରିୟାଣାରେ ୨୫ ଲକ୍ଷ ଭୋଟ ଚୋରି ହୋଇଛି: ରାହୁଲ**

**ରାହୁଲଙ୍କ ହାଇଡ୍ରୋଜେନ୍ ବୋମା କାମ କରୁନି: ରିଜିଜୁ**

# ବାଲେଶ୍ୱରରେ ବିହାର ବନ୍ଧୁକ

## ୪ଟି ବନ୍ଧୁକ ଜବତ, ୩ଜଣଙ୍କୁ ଗିରଫ କଲା ରେମୁଣା ପୁଲିସ



■ ବାଲେଶ୍ୱର, ୫।୧୧ (ସମିସ): ବାଲେଶ୍ୱରରେ ଚାଲିଛି ଚୋରା ବନ୍ଧୁକ କାରବାର। ବିହାରରୁ ଚୋରା ବନ୍ଧୁକ ଆଣି ଏଠାରେ କାରବାରର ପର୍ଦ୍ଦାଫାସ କରିଛି ରେମୁଣା ପୁଲିସ। ରେମୁଣା କ୍ଷୀରଚୋରା ମନ୍ଦିର ନିକଟସ୍ଥ ଏକ ଘରୁ ବନ୍ଧୁକ ମିଳିବା ପରେ ସମସ୍ତ ଘଟଣା ଜଣାପଡ଼ିଛି। ରେମୁଣା ଅଞ୍ଚଳର ଜଣେ ଯୁବକ ବିହାରରୁ ଚୋରା ବନ୍ଧୁକ ଆଣି ବାଲେଶ୍ୱରରେ ଚାଲାଣ କରୁଥିବା ବେଳେ ଦୁଇଜଣଙ୍କୁ ବିକ୍ରି କରିଥିବା ନେଇ ଆଜି ରେମୁଣା ଥାନାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଦେବଜ୍ୟୋତି ଦାସ ସୂଚନା ଦେଇଛନ୍ତି। ପୁଲିସ ଚଢ଼ଉ ସମୟରେ ୪ଟି ବନ୍ଧୁକ ସହ ଅଫୁଟା ଗୁଳି ଜବତ କରିଥିବା ବେଳେ ଏଥିରେ ସମ୍ପୃକ୍ତ ଥିବା ତିନିଜଣଙ୍କୁ ଗିରଫ କରାଯାଇଛି। ଗିରଫ ଯୁବକମାନେ ହେଲେ ନିଆଁବାଗ ଅଞ୍ଚଳର ଶାନ୍ତନୁ କୁମାର ଦାସ(୨୬), ରେମୁଣା ଅଞ୍ଚଳର ଅମିତାଭ ଦ୍ୱିବେଦୀ (୨୧) ଓ ଶିଳ୍ପାଞ୍ଚଳ ଥାନା ଅର୍ନ୍ତଗତ ଅଚ୍ୟୁତପୁର ଅଞ୍ଚଳର ମନୋଜ କୁମାର ଭୂୟାଁ(୨୭)।

ଗତ ୪ ତାରିଖରେ ରେମୁଣା ଥାନା ଏସଆଇ ସୁବାସ ଚନ୍ଦ୍ର ▶ପୃଷ୍ଠା-୭

## ପଞ୍ଜୀକରଣରେ ପେଞ୍ଚ; ଗୁମର ଖୋଲିଲେ ବିଜେପି ସାଂସଦ

# ସାଂସଦଙ୍କ ଚିଠି ପରେ ଅଡୁଆରେ ରାଜ୍ୟ ସରକାର





■ **ଭୁବନେଶ୍ୱର, ୫।୧୧ (ସମିସ):** ପଞ୍ଜିକରଣରେ ପେଞ୍ଚପାଞ୍ଚ ଯୋଗୁଁ ରାଜ୍ୟର ହଜାର ହଜାର ଚାଷୀ ପଞ୍ଜିକରଣ କରି ପାରି ନ ଥିବା ନେଇ କିଛିଦିନ ତଳେ ବିଜେଡି ଅଭିଯୋଗ କରିଥିଲା। ଏହି ଘଟଣାକୁ ନେଇ ଆନ୍ଦୋଳନକୁ ଓହ୍ଲାଇଥିଲା। ଏ ସଂକ୍ରାନ୍ତରେ ସମସ୍ତ ଅଭିଯୋଗକୁ ସେତେବେଳେ ସରକାର ବାଏଁ ବାଏଁ ଉଡ଼ାଇ ଦେଇଥିଲେ। ମାତ୍ର ଏବେ ଖୋଦ ଶାସକ ବିଜେପିର ସାଂସଦ ପ୍ରଦୀପ ପୁରୋହିତ ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କୁ ଲେଖିଥିବା ଚିଠି ଚାଷୀ ପଞ୍ଜିକରଣରେ ହୋଇଥିବା ପେଞ୍ଚପାଞ୍ଚ ଉପରୁ ପରଦା ହଟାଇଛି। ତାଙ୍କ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ବରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାର ହଜାର ହଜାର ଚାଷୀ ପଞ୍ଜିକରଣରୁ ବଞ୍ଚିତ ହୋଇଛନ୍ତି । ତେଣୁ ଏ ଦିଗରେ ତୁରନ୍ତ ସରକାର ପଦକ୍ଷେପ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ଶ୍ରୀ ପୁରୋହିତ।

ଶ୍ରୀ ପୁରୋହିତ କହିଛନ୍ତି ଯେ ଚାଷୀମାନେ ଉତ୍ପାଦିତ ଧାନକୁ ମଣ୍ଡିରେ ବିକ୍ରି ନିମନ୍ତେ ପଞ୍ଜିକରଣ ଅନିବାର୍ଯ୍ୟ ବୋଲି ନିୟମ ରହିଛି । ମାତ୍ର ତାଙ୍କ ଅଞ୍ଚଳର ପ୍ରାୟ ୫ ହଜାର ଚାଷୀ ଏହି ପଞ୍ଜିକରଣରୁ ବଞ୍ଚିତ ହୋଇଛନ୍ତି। ତେଣୁ ଏ ଦିଗରେ ସରକାର ପଦକ୍ଷେପ ଗ୍ରହଣ କରିବା ସହ ବାତ୍ୟା ମୋନ୍ଥାରେ ପ୍ରଭାବିତ ଲୋକଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବା ପାଇଁ ଶ୍ରୀ ପୁରୋହିତ ଦାବି କରିଛନ୍ତି। ତେବେ କୌତୂହଳର କଥା ହେଉଛି ଶ୍ରୀ ପୁରୋହିତଙ୍କ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ବ୍ରଜରାଜନଗର ବିଧାନସଭା କ୍ଷେତ୍ରରୁ ନିର୍ବାଚିତ ସୁରେଶ ପୂଜାରୀ ସମ୍ପ୍ରତି ରାଜସ୍ୱ ମନ୍ତ୍ରୀ ଅଛନ୍ତି। ମାତ୍ର ସେହି ଅଞ୍ଚଳର ଲୋକଙ୍କୁ ମୋନ୍ଥା କ୍ଷତି ସହାୟତା ନ ମିଳିବା ଉଲ୍ଲେଖ କରି ଶ୍ରୀ ▶ପୃଷ୍ଠା-୭

**ପଞ୍ଜୀକରଣରୁ ବଞ୍ଚିତ ବରଗଡ ଓ ଝାରସୁଗୁଡା ଜିଲ୍ଲାରେ ୫ ହଜାର ଚାଷୀ**

**ପଞ୍ଜୀକରଣ ସମସ୍ୟାକୁ ନେଇ ପୁଣି ସରକାରଙ୍କୁ ଘେରିଲା ବିରୋଧୀ ବିଜେଡି**

## ସୁନା ସହରର ଅନ୍ଧାରୀ ରୂପ



ସାରା ବିଶ୍ୱରେ ଏପରି କିଛି ସ୍ଥାନ ଅଛି ଯାହା ମଣିଷକୁ ବେଶ୍ ଆଚମ୍ବିତ କରିଥାଏ। ଦକ୍ଷିଣ ଆମେରିକାର ପେରୁରେ ଥିବା ଲା ରିନକୋନାଡା ବିଶ୍ୱର ସବୁଠୁ ଉଚ୍ଚ ଓ ବିପଦପୂର୍ଣ୍ଣ ସ୍ଥାନ ଭାବେ ଜଣାଯାଏ। ଏହି ସହର ସୁନାଖଣି ପାଇଁ ପ୍ରସିଦ୍ଧି ଲାଭ କରିଛି। ହେଲେ ଏଠାରେ ଜୀବନ ନର୍କଠାରୁ କମ୍ ନୁହେଁ। ଅପରାଧ, ପ୍ରଦୂଷଣ, ଦାରିଦ୍ର୍ୟ, ରୋଗରେ ଭରା ଏହି ସହରକୁ ଲୋକେ ନିୟମବିହୀନ ସହର ବୋଲି କୁହନ୍ତି। ନିକଟରେ ଇଟାଲୀୟ ଟ୍ରାଭେଲର 'ଜାଜା ଦି ଇଟାଲିୟାନ' ଏଠାକୁ ଯାତ୍ରା କରି ନିଜର ଅନୁଭୂତିକୁ ସାମାଜିକ ଗଣମାଧ୍ୟମରେ ସେୟାର କରିଛନ୍ତି। ସେ ଏହାକୁ ମୃତ୍ୟୁର ନିକଟବର୍ତ୍ତୀ ସ୍ଥାନ ବୋଲି କହିଛନ୍ତି। ଏଠାରେ ସେ ଭୟାବହ ସ୍ଥିତି ଦେଖିଥିବା କଥା କହିଛନ୍ତି। ସେ ଆହୁରି ମଧ୍ୟ ଲେଖିଛନ୍ତି, ଏହି ଯାତ୍ରା ତାଙ୍କ ଜୀବନର ସବୁଠୁ କଠିନ ରେକର୍ଡିଂ ଥିଲା। ସେ ନିକଟ ସହର ଜୁଲିୟାକାରୁ ବସ୍ ଯୋଗେ ତିନିଘଣ୍ଟା ଯାତ୍ରା କରି ଲା ରିନକୋନାଡାରେ ପହଞ୍ଚିଥିଲେ। ସେଠାରେ ପହଞ୍ଚିବାପରେ ସେ ହାଡ଼ଭଙ୍ଗା ଶୀତ, ବରଫ ବର୍ଷା ଓ ଦୁର୍ଗନ୍ଧମୟ ପରିବଶର ସାମ୍ନା କରିଥିଲେ। ଏହି ସହରର ଦୃଶ୍ୟ ବସ୍ତି ଭଳି ଥିଲା। ରାସ୍ତାକଡ଼ରେ ପିଲାମାନେ ଖାଦ୍ୟ ରାନ୍ଧୁଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶ ପିଲା ସ୍କୁଲ ଯାଉ ନ ଥିଲେ। କାରଣ ସେମାନଙ୍କୁ ପିଲାଦିନରୁ ଦେହ ବ୍ୟବସାୟରେ ସାମିଲ କରାଯାଉଥିଲା। ଏହି ସ୍ଥାନଟି ଅଧିକ ଉଚ୍ଚତାରେ ଥିବାରୁ ଏଠାରେ ଲୋକଙ୍କୁ ନିଃଶ୍ୱାସ ନେବାରେ ଅସୁବିଧା ହୋଇଥାଏ। ଏଠାକାର ଲୋକେ କ୍ରୋନିକ୍ ମାଉଣ୍ଟେନ୍ ସିକ୍‌ନେସ୍‌ରେ ପୀଡ଼ିତ। ଲା ରିନକୋନାଡାରେ ପ୍ରତି ଚାରିଜଣରେ ଜଣେ ବ୍ୟକ୍ତି ଏହି ରୋଗରେ ପୀଡ଼ିତ। ଜାଜା ଏକ ସ୍ଥାନୀୟ ହସ୍‌ପିଟାଲକୁ ଯାଇଥିଲେ। ସେଠାରେ ଜଣେ ଡାକ୍ତର ତାଙ୍କୁ କହିଥିଲେ, ଏଠାରେ ଲୋକେ ସବୁବେଳେ ନିଶାସକ୍ତ ରୁହନ୍ତି, ଅତି ମାମୁଲି କଥାରୁ ଗୁଳି ଚଳାଇ ଦିଅନ୍ତି। ସବୁଠୁ ବଡ଼ କଥା ହେଉଛି, ଜାଜା ଏହି ସହର ମଧ୍ୟକୁ ପ୍ରବେଶ କରିବାର ଘଣ୍ଟାଏ ମଧ୍ୟରେ ଗୁଳି ଶବ୍ଦ ଶୁଣିଥିଲେ। ଅବଶ୍ୟ ସେ ପୂର୍ବରୁ ଏବିଷୟରେ ଜାଣି ବୁଲେଟ୍‌ପ୍ରୁଫ୍ ଜ୍ୟାକେଟ୍ ପିନ୍ଧି ସେଠାକୁ ଯାଇଥିଲେ। କିଛି ସ୍ଥାନୀୟ ଲୋକ ଜାଜାଙ୍କୁ କହିଥିଲେ, ଏଠାକାର ଲୋକେ ବାହାର ଲୋକଙ୍କ ସହ କଥାବାର୍ତ୍ତା କରନ୍ତି ନାହିଁ। ଅନେକ ଲୋକ ପରିବାର ପାଇଁ ଅଳିଆ ଆବର୍ଜନା ମଧ୍ୟରେ ସୁନା ଖୋଜୁଥିବାର ଦେଖାଯାଏ। ଏଠାରେ ଚାରିଆଡ଼େ କୁଢ଼ କୁଢ଼ ଅଳିଆ ଆବର୍ଜନା। ' ସେହିଭଳି ସ୍ଥାନୀୟ ପୁଲିସ୍ ଜାଜାଙ୍କୁ କହିଥିଲେ ଯେ, 'ଏଠାରେ ସୁନା ଖଣିରେ କାମ କରୁଥିବା ଲୋକେ ଡକାୟତି, ଚୋରି, ହତ୍ୟା ଭଳି ଅପରାଧ କରିଥାନ୍ତି। ଏଠାରେ ପ୍ରଚଳିତ ଲୋକକଥା ମଧ୍ୟ ଏଠାକାର ସ୍ଥିତି ପାଇଁ ଦାୟୀ। ଲୋକକଥା ଅନୁସାରେ, ସୁନା ଖଣିରୁ ମିଳୁଥିବା ସୁନାକୁ ପରିବାର ପାଇଁ ଖର୍ଚ୍ଚ କରିବା ଅପେକ୍ଷା ମଦ, ସିଗାରେଟ୍ ଆଦିରେ ଖର୍ଚ୍ଚ କରିବା ଭଲ।'

## 'ଭୁଲଭୁଲୈୟା ୪'ରେ ଅନନ୍ୟା



ବଲିଉଡ୍ ଅଭିନେତ୍ରୀ ଅନନ୍ୟା ପାଣ୍ଡେ ନିକଟରେ ତାଙ୍କର ୨୭ତମ ଜନ୍ମଦିନକୁ ବେଶ୍ ଧୂମ୍‌ଧାମ୍‌ରେ ପାଳନ କରିଛନ୍ତି। ସେ ତାଙ୍କ ଇନ୍‌ଷ୍ଟାଗ୍ରାମ୍ ପେଜ୍‌ରେ ଜନ୍ମଦିନ ପାଳନର କିଛି ଫଟୋ ସେୟାର୍ କରିଥିଲେ। ଅନନ୍ୟାଙ୍କ ଜନ୍ମଦିନରେ କାର୍ତ୍ତିକ୍ ଆର୍ୟନ୍ ମଧ୍ୟ ଶୁଭେଚ୍ଛା ଜଣାଇଥିଲେ। କାର୍ତ୍ତିକ୍ 'ତୁ ମେରି ମେ ତେରା ମେ ତେରା ତୁ ମେରି' ଫିଲ୍ମ ସେଟ୍‌ର ଏକ ଭିଡିଓ ସେୟାର୍ କରି ଅନନ୍ୟାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଭିଡିଓ ଏବେ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହେଉଛି। ଭିଡିଓରେ ଅନନ୍ୟା ମଜାଳିଆ ଅନ୍ଦାଜରେ କହୁଛନ୍ତି- 'କାର୍ତ୍ତିକ୍, ଫିଲ୍ମରୁ ତାଙ୍କ ଗୀତ କାଟିବା ପାଇଁ ଚେଷ୍ଟା କରୁଛନ୍ତି।' ଏହାପରେ କାର୍ତ୍ତିକ୍ ହସି ହସି କହୁଛନ୍ତି- 'ତୁମ ଗୀତ, ସେଥିରେ ମୁଁ କ'ଣ ନାହିଁ। 'ଏହାପରେ ଅନନ୍ୟା କହୁଛନ୍ତି – 'ଆମ ଗୀତ।' ଏହାପରେ ଅନନ୍ୟା 'ଭୁଲଭୁଲୈୟା ୪'ରେ ମଞ୍ଜୁଲିକା ହେବେ ବୋଲି କହୁଛନ୍ତି। ଯାହାକୁ ଶୁଣି କାର୍ତ୍ତିକ୍ ହସୁଛନ୍ତି। ଏଠାରେ ପ୍ରକାଶ ଥାଉ କି, 'ଭୁଲଭୁଲୈୟା' ସିରିଜ୍‌ର ଏଯାବତ୍ ତିନୋଟି ଫିଲ୍ମ ଆସିଛି। 'ଭୁଲଭୁଲୈୟା ୪'କୁ ନେଇ ବିଧିବଦ୍ଧ ଭାବେ କୌଣସି ଘୋଷଣା କରାଯାଇ ନାହିଁ।

## ଆଜିର ଇତିହାସ

- ୧୮୬୦- ଆବ୍ରାହମ୍ ଲିଙ୍କନ୍ ଆମେରିକାର ରାଷ୍ଟ୍ରପତି ହେଲେ।
- ୧୯୪୩- ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାପାନ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କୁ ଆଣ୍ଡାମାନ ନିକୋବର ଦ୍ୱୀପ ସମୂହ ସମର୍ପି ଦେଲା।
- ୧୯୬୨- ରାଷ୍ଟ୍ରୀୟ ରକ୍ଷା ପରିଷଦର ସ୍ଥାପନା।
- ୧୯୮୫- ହିନ୍ଦୀ ଫିଲ୍ମ ଅଭିନେତା ସଞ୍ଜୀବ କୁମାରଙ୍କ ମୃତ୍ୟୁ।
- ୧୯୯୦- ନୱାଜ୍ ସରିଫ୍ ପାକିସ୍ତାନର ପ୍ରଧାନମନ୍ତ୍ରୀ ହେଲେ।
- ୨୦୧୨- ଆମେରିକାର ରାଷ୍ଟ୍ରପତି ହେଲେ ବାରାକ୍ ଓବାମା।

## ସବୁଠୁ ବଡ଼ ମାଠିଆ

### ରହିପାରିବ ୨୦୦୦ ଲିଟର ପାଣି

ଆଗରୁ ମାଟି ଜିନିଷର ଚାହିଦା ଅଧିକ ଥିଲା। ଲୋକେ ମାଟି ତିଆରି ମାଠିଆ ବା ପାତ୍ରକୁ ବ୍ୟବହାର କରୁଥିଲେ। ଆଜି ବି ଗାଁ' ଗହଳିର ଲୋକ ପାଣି ରଖିବାକୁ ମାଠିଆ ବ୍ୟବହାର କରୁଛନ୍ତି। ଏହି କ୍ରମରେ ଉତ୍ତରପ୍ରଦେଶର କନୌଜ ସଂଗ୍ରହାଳୟରେ ରହିଛି ବିଶ୍ୱର ସବୁଠୁ ବଡ଼ ମାଠିଆ। ଏହି ବିଶାଳକାୟ ମାଠିଆଟିକୁ କୁଶାଣ ରାଜବଂଶ ସମୟରେ ନିର୍ମାଣ କରାଯାଇଥିଲା ବୋଲି କୁହାଯାଏ। ସେତେବେଳେ ଏଭଳି ବଡ଼ ବଡ଼ ମାଠିଆରେ ପାଣି ରଖାଯାଉଥିଲା। ଏଥିରେ ୨ ହଜାର ଲିଟର ପାଣି ରହିପାରିବ। ୪୦ ବର୍ଷ ପୂର୍ବରୁ ଶେଖପୁରା ଅଞ୍ଚଳରେ ଖନନ ସମୟରେ ଏହି ମାଠିଆଟି ମିଳିଥିଲା। ୫.୪ ଫୁଟ ଉଚ୍ଚା ଓ ୪.୫ ଫୁଟ ଚଉଡ଼ାର ଏହି ମାଠିଆକୁ ଯୁଦ୍ଧ ସମୟରେ ସୈନିକମାନଙ୍କୁ ପାଣି ପିଆଇବା ପାଇଁ ବ୍ୟବହାର କରାଯାଉଥିଲା। ମାଟିରେ ତିଆରି ହୋଇଥିଲେ ବି ଏବେବି ଏହା ସୁରକ୍ଷିତ ଅବସ୍ଥାରେ ରହିଛି।




## ଭିନ୍ନ ଜଣେ ଯୁବକ


### ପିନ୍ଧନ୍ତି ପଣ ଅଜାଙ୍କ ପୋଷାକ

ବ୍ରିଟେନରେ ରହୁଥିବା ଜ୍ୟାକ୍ ପିନସେଣ୍ଟ ନାମକ ଯୁବକ ତାଙ୍କର ଅଜବ ଫେଶନ ପାଇଁ ଚର୍ଚ୍ଚାରେ ରହିଛନ୍ତି। ସେ ଭିଣ୍ଟେଜ୍ ଫ୍ୟାଶନକୁ ଆପଣାଇ ଶହେ ଦୁଇଶହ ବର୍ଷ ତଳର ପୋଷାକ ପିନ୍ଧନ୍ତି। ସେ ଭିକ୍ଟୋରିଆ ଅମଳର ୱେଷ୍ଟକୋଟ୍, କୋଟ୍ ଓ ବୁଟ୍ ପିନ୍ଧନ୍ତି। ଜିନ୍ସ, ଟିସାର୍ଟ ଆଦି ପୋଷାକ ପିନ୍ଧିବାକୁ ସେ ପସନ୍ଦ କରନ୍ତିନି। ତାଙ୍କ କହିବାନୁସାରେ, ଆଧୁନିକ ପୋଷାକ ପିନ୍ଧା ଶୈଳୀ କେବଳ ଅସୁବିଧାଜନକ ନୁହେଁ, ଆମ୍ଭକୁ ପ୍ରକାଶ କରିବାକୁ ସୁଯୋଗ ମିଳେନାହିଁ। ଜ୍ୟାକଙ୍କର ଏକ ସର୍ଟ ଫିଲ୍ମ ବେଶ୍ ଭାଇରାଲ ହେବାରେ ଲାଗିଛି। ଏଥିରେ ଜ୍ୟାକ୍ ତାଙ୍କର କାହାଣୀ କହୁଥିବାର ନଜର ଆସିଛନ୍ତି। ଜ୍ୟାକ୍ ଇନ୍‌ଷ୍ଟାଗ୍ରାମରେ ପିନ୍‌ସେଣ୍ଟ ଟେଲରିଂ ନାମରେ ପରିଚିତ। ସେ ନିଜର ପଣଅଜାଙ୍କ ଆଲମାରୀରୁ ମିଳିଥିବା ପୋଷାକଗୁଡ଼ିକୁ ସମ୍ଭାଳି ରଖିଛନ୍ତି। ତନ୍ମଧ୍ୟରୁ କିଛିକୁ ସାଇତି ରଖିଥିବାବେଳେ ଆଉ କିଛି ସିଲେଇ କରିଛନ୍ତି। ସେ ଆଧୁନିକ ପୋଷାକକୁ ବୋଡ଼ିଂ ଓ ପରିବେଶ ପାଇଁ କ୍ଷତିକାରକ ବୋଲି ଭାବନ୍ତି। ଏହା ବଦଳରେ ସିଲ୍କ ଟାଇ, ଉଲ୍ କୋଟ, ଚମଡା ବେଲ୍ଟ ପସନ୍ଦ କରନ୍ତି। ସେ ଘରୁ ବାହାରକୁ ଗଲେ, ଲୋକେ ତାଙ୍କୁ ଘୂରି ଘୂରି ଦେଖନ୍ତି। ଏସବୁ ସତ୍ତ୍ୱେ ବି ସେ ପୁରୁଣା ପୋଷାକ ଛାଡ଼ିବେ ନାହିଁ ବୋଲି ଜ୍ୟାକ୍ କହିଛନ୍ତି।



## ଏସି ବଢ଼ାଏ ରକ୍ତ ଶର୍କରା!

ଗରମରୁ ଆଶ୍ୱସ୍ତି ପାଇବା ପାଇଁ ଆଜିକାଲି ଲୋକେ ଘରେ ତଥା ଅଫିସ୍‌ରେ ଏସି ବ୍ୟବହାର କରୁଛନ୍ତି। ଏସିରେ ଘଣ୍ଟା ଘଣ୍ଟା ଧରି ବସିବାରୁ ଲୋକଙ୍କୁ ଆରାମ ଲାଗୁଛି। ହେଲେ ଏବେ ପ୍ରଶ୍ନ ଉଠୁଛି, ଏସିର ଅତ୍ୟଧିକ ବ୍ୟବହାର ରକ୍ତ ଶର୍କରା ଉପରେ କି ପ୍ରଭାବ ପକାଏ? ଏନେଇ ଅନେକ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା କଥା, ଦୀର୍ଘ ସମୟ ଧରି ଏସିର ବ୍ୟବହାର ମଧୁମେହ ରୋଗୀଙ୍କ ଲାଗି ବିପଜ୍ଜନକ ସାବ୍ୟସ୍ତ ହୋଇପାରେ। ପ୍ରାରମ୍ଭିକ ପର୍ଯ୍ୟାୟରେ ଥଣ୍ଡା ପବନରେ ବସିଲେ ଶରୀରକୁ ଆରାମ ଲାଗିଥାଏ ଏବଂ ଶକ୍ତି ସଞ୍ଚୟ ହୁଏ। ତେବେ ବାସ୍ତବରେ ଏନର୍ଜି ସେଭିଂ ମୋଡ ଶରୀରର ମେଟାବଲିଜମକୁ ଧୀମା କରେ। ଯେତେବେଳେ ମେଟାବଲିଜିମ୍ ଧୀମା ହୁଏ, ଶରୀରର ଗ୍ଲୁକୋଜକୁ ଏହା ଠିକ୍ ଭାବେ ବ୍ୟବହାର କରିପାରେ ନାହିଁ। ଏହାର ସିଧା ପ୍ରଭାବ ରକ୍ତ ଶର୍କରା ଉପରେ ପଡ଼ିଥାଏ। ଧୀରେ ଧୀରେ ରକ୍ତ ଶର୍କରା ସ୍ତର ବଢ଼ିଯାଏ। ଦୀର୍ଘ ସମୟ ଏସିରେ ବସିବା ଦ୍ୱାରା ଶାରୀରିକ ଗତିବିଧି ମଧ୍ୟ କମ୍ ହୋଇଯାଏ। ଗରମରେ ଝାଳ ବୋହିଲେ ଶରୀରର କ୍ୟାଲୋରି ହ୍ରାସ ପାଇଥାଏ ଏବଂ ରକ୍ତ ଶର୍କରା ନିୟନ୍ତ୍ରଣରେ ରହେ। ହେଲେ ଏସିରେ ବସିବା ଦ୍ୱାରା ଶରୀରର ଏହି ପ୍ରାକୃତିକ ପ୍ରତିକ୍ରିୟାରୁ ବଞ୍ଚିତ ରହେ। ଏହାର ଅର୍ଥ ହେଉଛି ଯେତିକି କ୍ୟାଲୋରି ଏବଂ ଶର୍କରା ଗରମ ଏବଂ ଝାଳରୁ ବାହାରକୁ ବାହାରିବାର ଥାଏ, ତାହା ଶରୀରରେ ଜମା ହୋଇ ରୁହେ। ତେବେ ଜଣେ ମଧୁମେହ ରୋଗୀ ନିତିଦିନ ୮-୧୦ ଘଣ୍ଟା ଏସିରେ ବସୁଥିଲେ, ଶରୀରରେ ଶର୍କରା ନିୟନ୍ତ୍ରଣର ପ୍ରାକୃତିକ ପ୍ରକ୍ରିୟା ଧୀମା ହୋଇଥାଏ। ତେଣୁ ମଧୁମେହ ରୋଗୀ ଦୀର୍ଘ ସମୟ ଏସିରେ ରହିବା ବିପଜ୍ଜନକ ହୋଇପାରେ। ଏହାର ଅର୍ଥ ନୁହେଁ, ଏସିର ବ୍ୟବହାର ସେମାନେ ଆଦୌ କରିବେ ନାହିଁ। ପ୍ରତି ଦୁଇ ତିନି ଘଣ୍ଟାରେ ଏସି ରୁମ୍‌ରୁ ବାହାରି କିଛି ସମୟ ପାଇଁ ଚଲାବୁଲା କଲେ ଶରୀର ସକ୍ରିୟ ରହିଥାଏ। ହାଲକା ଷ୍ଟ୍ରେଚିଂ ଏବଂ ବ୍ୟାୟାମ କରିବା ଦ୍ୱାରା ମେଟାବଲିଜିମ୍ ସକ୍ରିୟ ରହେ। ତେବେ ଏସିକୁ ଆବଶ୍ୟକତାକୁ ଅଧିକ ଥଣ୍ଡା ନ କରି ୨୪-୨୬ ଡିଗ୍ରୀ ସେଲ୍‌ସିୟସ ରଖିବା ଦରକାର।



## ୪ କୋଟି ଥାଇ ବି ଦୁଃଖରେ କଟୁଛି ଜୀବନ

ଆଜିକାଲି ସମସ୍ତେ ଅର୍ଥ ପଛରେ ଦୌଡ଼ୁଛନ୍ତି। ଲୋକେ ଭାବୁଛନ୍ତି ଟଙ୍କାପଇସାରେ ହିଁ ଜୀବନର ସମସ୍ତ ଖୁସି ଯୋଡ଼ି ହୋଇ ରହିଛି। ହେଲେ ଜାପାନର ଜଣେ ବ୍ୟକ୍ତିଙ୍କ ପାଖରେ ୪ କୋଟି ଟଙ୍କା ଥାଇ ମଧ୍ୟ ସେ ଆଦୌ ଖୁସି ନ ଥିବା କହିଛନ୍ତି। ସୁଜୁକି ନାମକ ଏହି ବ୍ୟକ୍ତି ଜଣକ ୪୦ ବର୍ଷ ବୟସ ପର୍ଯ୍ୟନ୍ତ ପ୍ରତ୍ୟେକ ଛୋଟମୋଟ ଜିନିଷରେ ସଞ୍ଚୟ କଲେ। ଏମିତି ସଞ୍ଚୟରୁ ତାଙ୍କ ପାଖରେ ୪କୋଟି ଟଙ୍କା ହୋଇଗଲା। ଏବେ ୬୭ ବର୍ଷ ବୟସରେ ତାଙ୍କ ପାଖରେ ସବୁକିଛି କିଣିବା ଭଳି ଅର୍ଥ ଅଛି। ସାଧାରଣ ପରିବାରରେ ଜନ୍ମଗ୍ରହଣ କରିଥିବା ସୁଜୁକି ପିଲାଦିନରୁ ହିଁ ବୁଝିଥିଲେ ଯେ, ଅର୍ଥ ସଞ୍ଚୟ କରିବା କେତେ ଜରୁରି। ସ୍କୁଲ ସମୟରୁ ସେ ପାର୍ଟ ଟାଇମ୍ କରୁଥିଲେ। ପ୍ରତ୍ୟେକ ଖର୍ଚ୍ଚ ସେ ଭାବିଚିନ୍ତି କରନ୍ତି। ତାଙ୍କ ଜୀବନର ମନ୍ତ୍ର ଥିଲା କମ୍ ଆୟ, ଅଧିକ ସଞ୍ଚୟ ଉପରେ ଧ୍ୟାନ ଦେବା। ଦାମୀ ପୋଷାକ, ବାହାର ଖାଦ୍ୟ ନ ଖାଇବା, କେଉଁଠି ବୁଲାବୁଲି କରିବାକୁ ନ ଯାଇ ସେ କେବଳ ଅର୍ଥ ସଞ୍ଚୟ କରୁଥିଲେ। ଏପରିକି ତାଙ୍କ ବ୍ୟାଙ୍କ ଖାତାରେ କିଭଳି ଅର୍ଥ ବୃଦ୍ଧି ହେବ, ସେ ଉପରେ ସୁଜୁକି ଗୁରୁତ୍ୱ ଦେଉଥିଲେ। ସେହିପରି ଚାକିରି କରିବା ପରେ ବି ସୁଜୁକି କେବେ ବାଜେ ଖର୍ଚ୍ଚ କରି ନାହାନ୍ତି। ଅଫିସ୍‌ଠୁ ଦୂରରେ ଶସ୍ତାରେ ଭଡ଼ାରେ ଘର ନେଲେ। ଗାଡ଼ି ନ କିଣି ବସ୍ ଏବଂ ସାଇକଲ୍‌ରେ ଯାତ୍ରା କଲେ। କେବଳ ସେତିକି ନୁହେଁ, ବିଜୁଳି ବିଲ୍ କମ୍ କରିବା ପାଇଁ ଘରେ ଏସି ବି ଲଗାଇଲେ ନାହିଁ। ଅନ୍ୟପଟେ ବିବାହ ପରେ ସୁଜୁକିଙ୍କ ସ୍ତ୍ରୀ ମଧ୍ୟ ଏହାକୁ ମାନି ଚଳିଲେ। ଦୁଇ ଜଣ ମିଶି ଏକ ସାଧାରଣ ଜୀବନ ବଞ୍ଚିଲେ। ହେଲେ ସେମାନେ ନିଜ ଜୀବନକୁ ସବୁବେଳେ ସଞ୍ଚୟରେ ହିଁ ସୀମିତ ରଖିଲେ। ଅବଶ୍ୟ ସେମାନଙ୍କର ବର୍ଷ ବର୍ଷର ପରିଶ୍ରମ ଓ କମ୍ ଖର୍ଚ୍ଚ ବି ଜୀବନରେ ନୂଆ ରଙ୍ଗ ଆଣିଛି। ଅବସର ହେବା ବେଳକୁ ସୁଜୁକି ପ୍ରାୟ ୪ କୋଟି ଟଙ୍କା ସଞ୍ଚୟ କରି ସାରିଥିଲେ। ସୁଜୁକି ଭାବିଲେ ବାର୍ଦ୍ଧକ୍ୟାବସ୍ଥାରେ ଶାନ୍ତିର ଜୀବନ ଜିଇଁବେ। ହେଲେ ତାଙ୍କର ଅବସର ହେବାର କିଛି ମାସ ପରେ ସୁଜୁକିଙ୍କ ସ୍ତ୍ରୀ ଗମ୍ଭୀର ରୋଗରେ ପୀଡ଼ିତ ହୋଇ ୬୬ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଗଲା। ସ୍ତ୍ରୀର ମୃତ୍ୟୁ ପରେ ସୁଜୁକି ବୁଝିଲେ ଟଙ୍କା ଜୀବନରେ ସବୁ କିଛି ନୁହେଁ। ଏବେ ତାଙ୍କ ପାଖରେ ଟଙ୍କା ଥିଲେ ବି ଯାହା ସହ ତାକୁ ଖର୍ଚ୍ଚ କରିଥାନ୍ତେ ପାଖରେ ସେ ମଣିଷ ନାହିଁ। ଯଦିଓ ଭାରତରେ ଅନେକ ଲୋକ ସଞ୍ଚୟକୁ ଗୁରୁତ୍ୱ ଦେଇଥାନ୍ତି, ତଥାପି ସୁଜୁକିଙ୍କ ଏହି କାହାଣୀ ଏକଥା ବୁଝାଇ ଦେଇଛି ଯେ, ଟଙ୍କାଠୁ ଅଧିକ ମୂଲ୍ୟବାନ ହେଉଛି ସମୟ, ସମ୍ପର୍କ ଓ ସ୍ମୃତି। ସାମାଜିକ ଗଣମାଧ୍ୟମରେ ସୁଜୁକିଙ୍କ କାହାଣୀ ସେୟାର୍ ହେବା ପରେ ସମୟ ଓ ସମ୍ପର୍କ ଅଧିକ ମୂଲ୍ୟବାନ ବୋଲି ଏହା ଲୋକଙ୍କୁ ମନେ ପକାଇ ଦେଇଛି।



## ଆଜିର ରାଶିଫଳ

**ମେଷ:** ଦୀର୍ଘ ଦିନର ଆଶା ପୂରଣ ହେବ। ପେଟଜନିତ ସମସ୍ୟା ଦେଖାଦେଇପାରେ। ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ। ବ୍ୟବସାୟରେ କ୍ଷତି ସହି ପାରନ୍ତି। ଭାଇ-ଭଉଣୀଙ୍କ ସହଯୋଗ ମିଳିବ।

**ବୃଷ:** ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ନିବେଶ କରିବାକୁ ଭଲ ସମୟ। ଚକ୍ଷୁ ସମସ୍ୟା ହୋଇପାରେ। ମାନ ସମ୍ମାନ ବୃଦ୍ଧି ପାଇବ। ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ।

**ମିଥୁନ:** ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବନି। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ନିବେଶରୁ ଲାଭ ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଖର୍ଚ୍ଚ ବଢ଼ିପାରେ। ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଯୋଗ ଦେବେ।

**କର୍କଟ:** କର୍ମକ୍ଷେତ୍ରରେ ସମସ୍ତଙ୍କ ସହ ଭଲ ଆଚରଣ ଦେଖାନ୍ତୁ। ପିତାମାତାଙ୍କ କଥାମାନି ଚଳନ୍ତୁ। ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ। ଧାର୍ମିକସ୍ଥାନକୁ ଯାତ୍ରା ଯୋଗ ଅଛି।

**ସିଂହ:** ଖର୍ଚ୍ଚ ବଢ଼ିବ। ଅଫିସ୍ କାମ ପାଇଁ ଦୂରସ୍ଥାନ ଯାତ୍ରା ଯୋଗ ରହିଛି। ଜୀବନସାଥୀଠାରୁ ଉପହାର ପାଇବେ। ଲୋକ ସମ୍ପର୍କ ବଢ଼ିବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**କନ୍ୟା:** ନିବେଶରୁ କ୍ଷତି ସହି ପାରନ୍ତି। ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ହେବ। ପଡୋଶୀଙ୍କ ସହ ସୁସମ୍ପର୍କ ରହିବ। ଘର ପାଇଁ ନୂଆ ଜିନିଷ କିଣିବେ। ବନ୍ଧୁଙ୍କ ସହ ଦୂର ସ୍ଥାନ ଯାତ୍ରା କରିପାରନ୍ତି।

**ତୁଳା:** ଅଚାନକ ଖୁସି ଖବର ପାଇବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ଯୋଜନା କରିବେ। ଆଧ୍ୟାତ୍ମିକ କାର୍ଯ୍ୟରେ ସମୟ ବିତାନ୍ତୁ। ଦାନ ଧର୍ମ କରନ୍ତୁ। ପୁରୁଣା ନିବେଶରୁ ଲାଭ ମିଳିବ।

**ବିଛା:** ରାଜନୀତିରେ ସକ୍ରିୟ ରହି ପାରନ୍ତି। ନୂଆ ଗାଡ଼ି କିଣିବେ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ସୃଷ୍ଟି ହେବ। ଆୟ ଓ ବ୍ୟୟ ସମାନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ଧନୁ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ପିଲାମାନେ ନାଚ ଗୀତରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ପରିବାର ସହିତ ହସଖୁସିର ସମୟ ବିତାଇବେ।

**ମକର:** ଧାର୍ମିକ କାର୍ଯ୍ୟରେ ସମୟ ବିତିବ। ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁନି। ପୁରୁଣା ନିବେଶରୁ କ୍ଷତି ସହିବେ। ଚକ୍ଷୁ ସମସ୍ୟା ଦେଖାଦେବ।

**କୁମ୍ଭ:** ଅଫିସରେ କାର୍ଯ୍ୟ ଭାର ବଢ଼ିବ। ଜମି କ୍ରୟ କରିପାରନ୍ତି। ଉଧାର ଟଙ୍କା ଫେରି ପାଇବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ଅଯଥା ଖର୍ଚ୍ଚାନ୍ତ ହୋଇପାରନ୍ତି।

**ମୀନ:** ଅଫିସ କାମକୁ ନେଇ ଚିନ୍ତା ବଢ଼ିବ। ଦିନଟି ମିଶ୍ରଫଳ ପ୍ରଦାନ କରିବ। ଲୋକ ସମ୍ପର୍କ ବୃଦ୍ଧି ପାଇବ। ଅଚାନକ ଖୁସି ଖବର ପାଇବେ। ପିଲାମାନେ ଖେଳମନସ୍କ ହେବେ। ଆୟ ଓ ବ୍ୟୟ ସମାନ ରହିବ।

# ସୁନାବେଶରେ ଝଟକିଲେ ମହାପ୍ରଭୁ

ପୁରୀ,୫ା୧୧(ସମିସ): ଶେଷ ହେଲା ଧର୍ମମାସ କାର୍ତ୍ତିକ। ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ତିଥିରେ ବୁଧବାର ରତ୍ନସିଂହାସନରେ ବିରାଜିତ ମହାପ୍ରଭୁଙ୍କ ସୁନାବେଶ ତଥା ରାଜାଧିରାଜ ବେଶ ଅନୁଷ୍ଠିତ ହୋଇଛି। ଲକ୍ଷାଧିକ ଭକ୍ତ ମହାପ୍ରଭୁଙ୍କର ଏହି ଦୁର୍ଲ୍ଲଭ ବେଶ ଦର୍ଶନ କରି କୃତାର୍ଥ ହୋଇଛନ୍ତି ଭକ୍ତ।

## ଦର୍ଶନ କଲେ ଲକ୍ଷାଧିକ ଶ୍ରଦ୍ଧାଳୁ

ମଙ୍ଗଳବାର ସ୍ୱତନ୍ତ୍ର ନୀତି ଥିବାରୁ ଠାକୁରଙ୍କ ପହୁଡ଼ ହୋଇ ନ ଥିଲା। ତେଣୁ ବୁଧବାର ଭୋର୍ ୫ଟା ୪୦ରେ ମଙ୍ଗଳ ଆଳତି ହୋଇ ଅନ୍ୟାନ୍ୟ ନୀତି ଚାଲିଥିଲା। ଅବକାଶ ପୂଜା ପରେ ରୋଷହୋମ ସରି ଦାରୁଦିଅଁଙ୍କ ସୁନାବେଶ ଆରମ୍ଭ ହୋଇଥିଲା। ପୁଷ୍ପାଳକ ସେବକମାନେ ବିଭିନ୍ନ ରତ୍ନ ଅଳଙ୍କାର ଓ ପାଟବସ୍ତ୍ରରେ ଠାକୁରଙ୍କୁ ରାଜରାଜେଶ୍ୱର ବେଶରେ ଭୂଷିତ କରିଥିଲେ। ଏହି ବେଶରେ ଶ୍ରୀବିଗ୍ରହ ବହୁବିଧ ସ୍ୱର୍ଣ୍ଣ ଅଳଙ୍କାର ଧାରଣ କରିଥିଲେ। ସୁବର୍ଣ୍ଣ ଶ୍ରୀଭୁଜ, ଶ୍ରୀପୟର, କାନ, କଦମ୍ବମାଳି,



ହରିଡ଼ା କଦମ୍ବମାଳି, ବାହାଡ଼ା ମାଳି, ତାବିଜ ମାଳି, ବାଘ ନଖିମାଳୀ, ସେବତୀ ମାଳି, ହଳମୂଷଳ, ଚକ୍ର, ତ୍ରିଶାଖା, ଅଳକା, ଶ୍ରୀମୁଖ ପଦ୍ମ, ରୁପା ଶଙ୍ଖ, ଓଡ଼ିଆଣି, ଚନ୍ଦ୍ରସୂର୍ଯ୍ୟ, ତିଳକ (ଚିତା), ଘାଗଡ଼ା ମାଳି, କୁଣ୍ଡଳ ଓ ତଡ଼ଗୀ ଲାଗି ହୋଇଥିଲେ। ଠାକୁରମାନଙ୍କ ମସ୍ତକରେ ସ୍ୱର୍ଣ୍ଣ କିରୀଟ ଶୋଭାପାଉଥିଲା। ତେବେ ମହାପ୍ରଭୁଙ୍କର ଏହି ଦୁର୍ଲ୍ଲଭ ଦିବ୍ୟ ସୁନାବେଶ ଦେଖିବାକୁ ପ୍ରତ୍ୟୁଷରୁ ସିଂହଦ୍ୱାର ସମ୍ମୁଖରେ ଭକ୍ତଙ୍କ ଭିଡ଼ ଆରମ୍ଭ ହୋଇଥିଲା। ପାହାନ୍ତାରେ ବିଭିନ୍ନ ତୀର୍ଥ ପୁଷ୍କରିଣୀ ଏବଂ ମହୋଦଧିରେ ଡଙ୍ଗା ଭସାଇବା ପରେ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିର ଅଭିମୁଖେ ଆସିଥିଲେ। ଫଳରେ ବ୍ୟାରିକେଡ଼୍‌ରେ ଲମ୍ବା ଧାଡ଼ି ଲଗାଇଥିଲେ।

ସୂଚନାଥାଉ କି, ବର୍ଷକ ମଧ୍ୟରେ ମହାପ୍ରଭୁଙ୍କର ପାଞ୍ଚଥର ସୁନାବେଶ ଅନୁଷ୍ଠିତ ହୋଇଥାଏ। ତନ୍ମଧ୍ୟରୁ କାର୍ତ୍ତିକ ପୂର୍ଣ୍ଣିମାରେ ହେଉଥିବା ସୁନାବେଶ ଅନ୍ୟତମ। ସେହିପରି ଆଷାଢ଼ ଶୁକ୍ଳପକ୍ଷ ଏକାଦଶୀ ଦିନ ରଥ ଉପରେ ସୁନାବେଶ ହେଉଥିବାବେଳେ ଆଶ୍ୱିନ ଶୁକ୍ଳ ଦଶମୀ, ପୌଷ ପୂର୍ଣ୍ଣିମା ଏବଂ ଦୋଳ ପୂର୍ଣ୍ଣିମାରେ ଠାକୁର ରତ୍ନସିଂହାସନରେ ସୁନାବେଶ ହୋଇଥା'ନ୍ତି।

# ସରିଲା ବ୍ରତ: ଘରକୁ ଫେରିଗଲେ ହବିଷ୍ୟାଳି

ପୁରୀ,୫ା୧୧(ସମିସ): ସରିଯାଇଛି ଧର୍ମ ମାସ କାର୍ତ୍ତିକ। ଏହି ପୁଣ୍ୟ ମାସର ପୂର୍ଣ୍ଣମୀ ତିଥିରେ ଶ୍ରୀକ୍ଷେତ୍ରର ବିଭିନ୍ନ ତୀର୍ଥ ପୁଷ୍କରିଣୀ ଏବଂ ପବିତ୍ର ମହୋଦଧିରେ ଡଙ୍ଗା ଭସାଇଛନ୍ତି ଲକ୍ଷାଧିକ ଶ୍ରଦ୍ଧାଳୁ। ଏମାନଙ୍କ ମଧ୍ୟରେ ରହିଥିଲେ ହଜାର ହଜାର ହବିଷ୍ୟାଳି, ଯେଉଁମାନେ ମହାପ୍ରଭୁଙ୍କୁ ଦର୍ଶନ କରି ସେମାନଙ୍କ ବ୍ରତ ଶେଷ କରିଛନ୍ତି। ଏକମାସ ଧରି ପୁରୀର ବିଭିନ୍ନ ମଠ, ଧର୍ମଶାଳା ଏବଂ ସରକାରୀ ରହଣି କେନ୍ଦ୍ରରେ ରହିଥିବା ହବିଷ୍ୟାଳି ଏବେ ଘରକୁ ଫେରିଯାଇଛନ୍ତି। ଶ୍ରୀକ୍ଷେତ୍ରରେ ଏହି ମାସକ ରହଣି ମଧ୍ୟରେ ଅନେକ ଅଚିହ୍ନା ମୁହଁକୁ ଆପଣାଇ ନେଇଥିଲେ ବହୁ ହବିଷ୍ୟାଳି। ସଞ୍ଜ, ସକାଳେ ଯାହାଙ୍କ ସହ ମିଶି ଚଉରାମୂଳେ ରାଇଦାମୋଦର ପୂଜା କରୁଥିଲେ, ଏକାଠି ମହାପ୍ରସାଦ ସେବନ କରୁଥିଲେ ଆଉ ସୁଖଦୁଃଖ ବାଣ୍ଟୁଥିଲେ, ସେମାନଙ୍କଠାରୁ ବିଦାୟ



ନେବାର ମୁହୂର୍ତ୍ତ ଥିଲା ବେଶ୍ କଷ୍ଟଦାୟକ। ଯାହାକି ରହଣି କେନ୍ଦ୍ରଗୁଡ଼ିକୁ ଦେଖିଲେ ଏହା ବାରି ହୋଇପଡୁଥିଲା। ଘରକୁ ଫେରୁଥିବାବେଳେ ଅନେକଙ୍କ ଆଖିରୁ ଝରିପଡୁଥିଲା ସ୍ନେହର ଲୁହ। କିଏ କାହାକୁ କୋଳେଇ ନେଇ ଗାଲ ଥାପୁଡ଼ାଇ ଦେଉଥିଲେ ତ ଆଉ କିଏ କାଳିଆ ଚାହିଁଲେ ପୁଣି ଆରବରଷକୁ ଦେଖାହେବ କହି କାନ୍ଦି ପକାଉଥିଲେ। ଏହି ସ୍ନେହ ଓ ଆଦର କେବଳ ହବିଷ୍ୟାଳିଙ୍କ ମଧ୍ୟରେ ସୀମିତ ନ ଥିଲା ରହଣି କେନ୍ଦ୍ର ଦାୟିତ୍ୱରେ ଥିବା ଅଧିକାରୀ ଏବଂ ସ୍ୱେଚ୍ଛାସେବୀଙ୍କୁ ବି ଛୁଇଁ ଯାଇଥିଲା। ଦିନତମାମ କେନ୍ଦ୍ରଗୁଡ଼ିକ ସମ୍ମୁଖରେ ଏମିତି ଦୃଶ୍ୟ ଦେଖିବାକୁ ମିଳିଥିଲା। ଘରକୁ ଯିବାବେଳେ ବ୍ରତଧାରୀମାନେ ଅଧିକାରୀ, ସ୍ୱେଚ୍ଛାସେବୀଙ୍କୁ ଆଶୀର୍ବାଦ ଦେଉଥିଲେ। ଯଦି ବଞ୍ଚିଥାଉ ଏବଂ କାଳିଆର ଡୋରି ଲାଗେ ପୁଣି ଆର ବରଷକୁ ଆସିବୁ ବୋଲି କହୁଥିଲେ ଅନେକ ହବିଷ୍ୟାଳି।

### ପାରାଦୀପ ବୋଇତ ବନ୍ଦାଣ ଉତ୍ସବରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

# ପାରାଦୀପ ବନ୍ଦର ଓଡ଼ିଶା ପ୍ରଗତିର ଦ୍ୱାର, ଅର୍ଥନୀତିର କୋଣାର୍କ

- ବୋଇତ ବନ୍ଦାଣ ଓ ବାଲିଯାତ୍ରା ଓଡ଼ିଶାର ଗୌରବମୟ ଐତିହ୍ୟର ପ୍ରତୀକ
- ବାହୁଦା ଓ ମହାନଦୀ ମୁହାଣରେ ନୂଆ ବନ୍ଦର ଓ ଜାହାଜ ନିର୍ମାଣ କେନ୍ଦ୍ର
- 'ମାରିଟାଇମ୍ ଭିଜନ୍ ୨୦୪୭' ପାରାଦୀପ ବନ୍ଦର ହେବ ମେଗା ପୋର୍ଟ

ପାରାଦୀପ,୫ା୧୧(ସମିସ): ପାରାଦୀପ ବନ୍ଦରରେ ଆୟୋଜିତ ବୋଇତ ବନ୍ଦାଣ ଉତ୍ସବ-୨୦୨୫ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାର ପ୍ରାଚୀନ ନୌବାଣିଜ୍ୟ ପରମ୍ପରା, ରାଜ୍ୟର ଅର୍ଥନୈତିକ ପ୍ରଗତି ଓ ବନ୍ଦରଭିତ୍ତିକ ଉନ୍ନତି ଉପରେ ଗୁରୁତ୍ୱ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବୋଇତ ବନ୍ଦାଣ ଓ ବାଲିଯାତ୍ରା ମାତ୍ର ଏକ ପର୍ବ ନୁହେଁ, ଏହା ଓଡ଼ିଶାର ଗୌରବମୟ ନୌବାଣିଜ୍ୟ ଐତିହ୍ୟ ଓ ସାଧବମାନଙ୍କ ଦୁଃସାହସିକ ମନୋବଳର ପ୍ରତୀକ। ଏହି ପରମ୍ପରା ଆଜି ବି ଓଡ଼ିଆ ଜନତାଙ୍କୁ ପ୍ରେରଣା ଦେଉଛି ଯେ ସେମାନେ ଧୈର୍ଯ୍ୟ ଓ ସାହସ ସହିତ ନୂଆ ଶିଖର ଛୁଇଁପାରନ୍ତି।

ମୁଖ୍ୟମନ୍ତ୍ରୀ ଓଡ଼ିଶାର ପ୍ରଗତିରେ ପାରାଦୀପ ବନ୍ଦରର ଅଗ୍ରଣୀ ଭୂମିକାକୁ ଉଲ୍ଲେଖ କରି କହିଥିଲେ ଯେ ଏହା ଆଜି ଭାରତର ସର୍ବଶ୍ରେଷ୍ଠ ବୃହତ୍ ବନ୍ଦର ଭାବେ ପରିଚିତ ହୋଇଛି। ୨୦୧୫ରେ ୭୧ ନିୟୁତ ଟନ୍ ପଣ୍ୟ ପରିବହନ କ୍ଷମତା ଥିଲା ଏହି ବନ୍ଦରର, ଯାହା ବଢ଼ି ୨୦୨୫ରେ ୧୫୦ ନିୟୁତ ଟନ୍‌କୁ ପହଞ୍ଚିଛି। ପାରାଦୀପ ବନ୍ଦର ଆଧୁନିକ ଓଡ଼ିଶାର ପ୍ରଗତିର ଦ୍ୱାର, ଅର୍ଥନୀତିର କୋଣାର୍କ। 'ମାରିଟାଇମ ଇଣ୍ଡିଆ ଭିଜନ ୨୦୩୦' ଅନୁସାରେ ବାର୍ଷିକ ୩୦୦ ନିୟୁତ ଟନ୍ ଓ 'ବିକଶିତ ଭାରତ ୨୦୪୭' ଯୋଜନା ଅନୁଯାୟୀ ୫୦୦ ନିୟୁତ ଟନ୍ ପର୍ଯ୍ୟନ୍ତ ପଣ୍ୟ ପରିବହନ କ୍ଷମତା




ସହିତ ପାରାଦୀପ ବନ୍ଦରକୁ ଏକ ମେଗା ପୋର୍ଟ ଭାବେ ଗଢ଼ାଯିବ ବୋଲି ସେ ଘୋଷଣା କରିଛନ୍ତି। ସେ ଏହା ମଧ୍ୟ କହିଛନ୍ତି ଯେ ଓଡ଼ିଶା ସରକାର ଓ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ମିଳିତ ଭାବେ ଗଞ୍ଜାମ ଜିଲ୍ଲାର ବାହୁଦାଠାରେ ୨୧,୫୦୦ କୋଟି ଟଙ୍କା ବିନିଯୋଗରେ ଏକ ବୃହତ ବନ୍ଦର ଗଢ଼ିବା ପାଇଁ ଯୋଜନା କରୁଛନ୍ତି। ସେହିପରି, ମହାନଦୀ ମୁହାଣରେ ୨୪,୭୦୦ କୋଟି ଟଙ୍କା ବିନିଯୋଗରେ ଜାହାଜ ନିର୍ମାଣ ଓ ମରାମତି କେନ୍ଦ୍ର ସ୍ଥାପନ ହେବ ଓ ପୁରୀରେ ବିଶ୍ୱସ୍ତରୀୟ କ୍ରୁଜ୍ ଟର୍ମିନାଲ୍ ଗଢ଼ାଯିବ। ଏହାସହ ଭାରତ ସରକାରଙ୍କ 'ସାଗରମାଳା, ଗତିଶକ୍ତି ଓ ନ୍ୟାସନାଲ୍ ଲଜିଷ୍ଟିକ୍ ପଲିସି' ଯୋଜନା ସହ ସମନ୍ୱୟ କରି ଓଡ଼ିଶାରେ ବନ୍ଦର ଭିତ୍ତିକ ଅର୍ଥନୀତି ଗଢ଼ାଯାଇଛି। 'ମାରି-ଟାଇମ୍ ଅମୃତ୍‌କାଲ୍ ଭିଜନ୍ ୨୦୪୭' ଅନୁଯାୟୀ ଦେଶର ବନ୍ଦରଗୁଡ଼ିକୁ ବିଶ୍ୱସ୍ତରୀୟ କରାଯିବା ନେଇ ଯୋଜନା ବିଷୟରେ ସେ ଉଲ୍ଲେଖ କରିଥିଲେ।

କାର୍ଯ୍ୟକ୍ରମରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦଚନ୍ଦ୍ର ସ୍ୱାଇଁ କହିଥିଲେ ଯେ ରାଜ୍ୟ ସରକାର ବନ୍ଦରକୁ କେନ୍ଦ୍ର କରି ଶିଳ୍ପ, ଆଧାରଭୂତ ସଂରଚନା, ନିଯୁକ୍ତି ସୃଷ୍ଟି ଓ ଦକ୍ଷତା ବିକାଶରେ ବିଶେଷ ଗୁରୁତ୍ୱ ଦେଉଛି। ପାରାଦୀପ ବନ୍ଦରର ବିକାଶ ମାତ୍ର ଓଡ଼ିଶାକୁ ନୁହେଁ, ସମଗ୍ର ଭାରତର ମାରିଟାଇମ୍ ଅର୍ଥନୀତିକୁ ଶକ୍ତିଶାଳୀ କରୁଛି। ପାରାଦୀପ ଆଜି କେବଳ ଏକ ବନ୍ଦର ନୁହେଁ, ଏହା ଓଡ଼ିଶାର ଅସୀମ ସମ୍ଭାବନା ଓ ନୂଆ ଭାରତ ଗଢ଼ିବାର ଶକ୍ତିର ପ୍ରତୀକ। ଜଗତସିଂହପୁର ସାଂସଦ ଡ ବିଭୂପ୍ରସାଦ ତରାଇ, ପାରାଦୀପ ବନ୍ଦର ଅଧ୍ୟକ୍ଷ ପି. ଏଲ୍.ହରନାଧ ସଭାରେ ବକ୍ତବ୍ୟ ରଖିଥିଲେ। ଜଗତସିଂପୁର ଜିଲ୍ଲାପାଳ ଜେ.ସୋନାଲ, କେନ୍ଦ୍ରାଞ୍ଚଳ ଡିଆଇଜି ଡ ସତ୍ୟଜିତ ନାଏକ ପ୍ରମୁଖ ମଞ୍ଚାସୀନ ଥିବା ବେଳେ, ପାରାଦୀପ ବନ୍ଦର ଉପାଧ୍ୟକ୍ଷ ଅଲେଖ ଚରଣ ସାହୁ ଧନ୍ୟବାଦ ଦେଇଥିଲେ। ଏହାପରେ ମୁଖ୍ୟଅତିଥି ତଥା ସମସ୍ତ ସମ୍ମାନିତ ଅତିଥିଗଣ ଜାହାଜ "ତାରିଣୀ'ରେ ବସି ବନ୍ଦର ପରିକ୍ରମା କରିଥିଲେ।

# ଆଉ ନାହାନ୍ତି 'ଜେଲ୍ ଟାଇଗର୍'

### ଯାତ୍ରାଜଗତର ଭୀଷ୍ମ ପିତାମହ ଦେବୀ ରଥଙ୍କ ବିୟୋଗ

ପାରାଦୀପ, ୫ା୧୧ (ସମିସ): ଆଉ ନାହାନ୍ତି ଓଡ଼ିଆ ଯାତ୍ରାଜଗତର ଭେଟେରାନ ଅଭିନେତା ଦେବୀପ୍ରସାଦ ରଥ (ବୁଟୁ ନାନା)। ବୁଧବାର ସକାଳ ୫.୧୫ ମିନିଟ ସମୟରେ ତାଙ୍କ ପାରାଦୀପଗଡ଼ ବାସଭବନରେ ହୃଦଘାତରେ ପ୍ରାଣବାୟୁ ଚାଲିଯାଇଛି। ସେ ଦୀର୍ଘଦିନ ହେବ ହୃଦଘାତଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୭୧ ବର୍ଷ ହୋଇଥିଲା। ଗତକାଲି ରାତିରେ ବୋଇତ ବନ୍ଦାଣ ପାଇଁ ଅନୁଷ୍ଠିତ ଡିଜେ ସାଉଣ୍ଡ ପ୍ରତିଯୋଗିତାରେ ଅତ୍ୟଧିକ ସାଉଣ୍ଡ ଯୋଗୁଁ ତାଙ୍କ ମୃତ୍ୟୁ ହୋଇଥିବା ପରିବାର ଓ ପଡ଼ୋଶୀ ଅଭିଯୋଗ କରିଛନ୍ତି।



### ଜୀବନ ନେଲା ଅତ୍ୟଧିକ ଡିଜେ ସାଉଣ୍ଡ: ପରିବାର

୧୯୫୪ରେ ସେ ଜନ୍ମଗ୍ରହଣ କରି ସ୍ନାତକଶିକ୍ଷା ଲାଭ କରିଥିଲେ। ବାଲ୍ୟକାଳରୁ କଳା ପ୍ରତି ଆକୃଷ୍ଟ ହୋଇ ଗ୍ରାମରେ ଡ୍ରାମା ଓ ବିଭିନ୍ନ କଳା ଅନୁଷ୍ଠାନରେ ଅଂଶଗ୍ରହଣ କରିଥିଲେ। ୧୬ ବର୍ଷ ବୟସରେ "ବୀଣାପାଣି କଳା କୁଞ୍ଜ' (ତାରପୁର ଅପେରା)ରେ ଶିଶୁ କଳାକାର ଭାବେ ଅଭିନୟ ଜୀବନ ଆରମ୍ଭ କରିବା ପରେ ରାଜ୍ୟର ଶ୍ରେଷ୍ଠ ଅଭିନେତା ଭାବେ ତାରପୁର ଅପେରା, ତୁଳସୀ ଗଣନାଟ୍ୟ, ଇଷ୍ଟର୍ଣ୍ଣ ବ୍ଲୁ ଅପେରା, ଧଉଳି ଗଣନାଟ୍ୟ, ପାର୍ବତୀ ଗଣନାଟ୍ୟ, ଇଷ୍ଟର୍ଣ୍ଣ ରେଡ ଆଦି ଯାତ୍ରା ଅନୁଷ୍ଠାନରେ ଅଭିନୟ କରି ଦର୍ଶକଙ୍କ ପାଇଁ ଏକ ମୁଖ୍ୟ କଳାକାର ଭାବେ ଆକର୍ଷଣ କେନ୍ଦ୍ରବିନ୍ଦୁ ଭାବେ ରହିଥିଲେ। ତାରପୁର ଅପେରା ଦ୍ୱାରା ମଞ୍ଚସ୍ଥ ନାଟକ "ଜେଲ ଟାଇଗର' ତାଙ୍କ ଜୀବନର ଶ୍ରେଷ୍ଠ ପ୍ରଦର୍ଶନ ଥିଲା।

ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ମାତ୍ରେ ଓଡ଼ିଶାର ପୁରପଲ୍ଲୀରୁ କଳାକାର ଓ ଯାତ୍ରାପ୍ରେମୀମାନେ ତାଙ୍କ ବାସଭବନକୁ ଶେଷ ଦର୍ଶନ ପାଇଁ ଛୁଟି ଆସିଥିଲେ। ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା, ଦେବଦୁର୍ଲଭ କର, ଅଭିନେତା ହୃଷୀକେଶ ଦାସ, ପ୍ରମୋଦ କର, ପ୍ରହଲ୍ଲାଦ ତରାଇ, ରମେଶଚନ୍ଦ୍ର ମହାନ୍ତି, ପ୍ରକାଶ ଦଳାଇ, ଗୋଲେଖ ନାୟକ, ଆଲୋକ କୁମାର ବେହେରା ତାଙ୍କ ବାସଭବନରେ ପହଞ୍ଚି ସଂସ୍କାର ପର୍ଯ୍ୟନ୍ତ ଗ୍ରାମ ଶ୍ମଶାନରେ ଉପସ୍ଥିତ ଥିଲେ।

ସ୍ୱର୍ଗତ ଦେବୀ ରଥ ସମସ୍ତ ପ୍ରକାର ଅଭିନୟରେ ନିପୁଣ ଥିଲେ। ସେ କେବଳ ମୁଖ୍ୟ ଅଭିନେତା ଭାବେ ଅଭିନୟ କରୁ ନଥିଲେ; ଭାଇ, ବାପା, ଦାଦା ଆଦି ଅଭିନୟ କରି ଦର୍ଶକଙ୍କୁ ବାନ୍ଧି ରଖୁଥିଲେ। ତାଙ୍କ ଜୀବନରେ ଅନେକ ଯାତ୍ରା ନାଟକ ମଧ୍ୟରେ 'ଷଣ୍ଢ ଆସୁଛି ବାଟ ଛାଡ଼, ସେହି ଦିନୁ ଜାଗା ଦାସ ଗାଁକୁ ଫେରିନି, ଡିମିରି ଫୁଲ, କାଗଜ ଗୁଡି, ଅକୁହା କଥା, ପ୍ରେମ ସମାଧିରେ ବିଦାୟ ନେବି' ଆଦି ନାଟକ ଦର୍ଶକଙ୍କ ମନକୁ ଆନ୍ଦୋଳିତ କରିଆସିଛି। ଏକାଧିକ ନାଟକରେ ଅଭିନୟ କରିବା ସହିତ ବହୁ ନାଟକର ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ତାଙ୍କ ମୃତ ଶରୀରକୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

### ■ ଟ୍ରେନ ଧକ୍କାରେ ଦନ୍ତା ମୃତ୍ୟୁ ଘଟଣା

# ଦାୟିତ୍ୱରେ ଅବହେଳା ପାଇଁ ୨ ଫରେଷ୍ଟ ଗାର୍ଡ ନିଲମ୍ବିତ

ବେତନଟୀ, ୫ା୧୧(ସମିସ): ବେତନଟୀ ବନାଞ୍ଚଳ ଅଧୀନ ଶାଲିମାରରୁ ଭଞ୍ଜପୁର ଯାଉଥିବା ସ୍ପେଶାଲ ଟ୍ରେନଟି ଶନିବାର ବିଳମ୍ବିତ ରାତିରେ ଆଗ୍ରିଆ ଲେବେଲ କ୍ରସିଂ ନିକଟରେ ଧକ୍କା ଦେବାରୁ ଏକ ଗୋଠଛଡ଼ା ଦନ୍ତାହାତୀର ମୃତ୍ୟୁ ଘଟିଥିଲା। ଟ୍ରେନରେ ହାତୀର ମୃତ୍ୟୁ ଘଟିବା ପରେ ବନ ବିଭାଗ ଅବହେଳାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ତେବେ ଦାୟିତ୍ୱରେ ଅବହେଳା କରିଥିବାରରୁ ମଙ୍ଗଳବାର ବେତନଟୀ ରେଞ୍ଜ କାର୍ଯ୍ୟାଳୟର ଦୁଇଜଣ ଫରେଷ୍ଟ ଗାର୍ଡ ହୃଷିକେଶ ବେହେରା ଓ ଜୟନ୍ତୀ ପାତ୍ରଙ୍କ ବନ ବିଭାଗ ନିଲମ୍ବନ କରିଛି। ଶନିବାର ଏହି ଘଟଣା ପରେ ଫୁଲବାଡିଆ ଜଙ୍ଗଲରେ ଗଡିଗାଁ ଗ୍ରାମର ଯୁବକ ଅଶୋକ ଟୁଡୁଙ୍କ ମୃତ୍ୟୁ ଘଟିଥିଲା। ମଙ୍ଗଳବାର ପୁଣି ହାତୀପଲ ବେତନଟୀ ନିକଟ ଆମ୍ବଜୁଡା ଗ୍ରାମର ଦେବକୀ ନାୟକଙ୍କ ଘରକୁ ଭାଙ୍ଗିଦେଇଛନ୍ତି। ଘର ଭାଙ୍ଗିବା ପରେ ହାତୀ ମଙ୍ଗଳବାର ଭୋରୁ କୁଚୁଳା ଖୁଣ୍ଟା ଜଙ୍ଗଲକୁ ପଳାଇଛନ୍ତି। ତେବେ ଏ ନେଇ ବେତନଟୀ ଫରେଷ୍ଟରଙ୍କୁ ପଚାରିବାରୁ ଦୁଇ ଜଣ ଗାର୍ଡ ନିଲମ୍ବନ ହୋଇଥିବା ଖବର ମିଳିଛି; କିନ୍ତୁ କୌଣସି ଚିଠି ଆସିନାହିଁ। ଚିଠି ଆସିବା ପରେ ଅଧିକ ତଥ୍ୟ ଜଣାଇବୁ ବୋଲି କହିଛନ୍ତି।

### ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହେଲା ବିଜେଡି

# ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ଶାଢ଼ି ବାଣ୍ଟୁଛି ବିଜେପି

ଭୁବନେଶ୍ୱର,୫ା୧୧(ସମିସ): ନୂଆପଡ଼ା ଉପନିର୍ବାଚନରେ ଶାସକ ବିଜେପି ଦଳ ନିର୍ବାଚନ ପ୍ରଚାରରେ ଶିଶୁମାନଙ୍କୁ ନିୟୋଜିତ କରିବା ଓ ମହିଳା ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ଶାଢ଼ି ବାଣ୍ଟୁଛି। ଏହା ନିର୍ବାଚନ ଆଚରଣ

## ପ୍ରଚାର କାର୍ଯ୍ୟରେ ଶିଶୁଙ୍କୁ ନିୟୋଜିତ କରାଯାଉଛି

ବିଧିର ଖୋଲାଖୋଲି ଉଲ୍ଲଂଘନ କରୁଛି ବୋଲି ବିଜେଡିରଏକ ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଅଭିଯୋଗ କରିଛନ୍ତି।

ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତିଙ୍କ ନେତୃତ୍ୱରେ ବୁଧବାର ଏକ ପ୍ରତିନିଧିମଣ୍ଡଳୀ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିଥିଲେ। ଶିଶୁମାନଙ୍କୁ କିଭଳି ଭାବରେ ନିର୍ବାଚନ ପ୍ରଚାରରେ ନିୟୋଜିତ କରାଯାଇଛି, ତାହା ସଂପର୍କିତ ତଥ୍ୟ ପ୍ରମାଣ ଯଥା ଭିଡିଓ, ଫଟୋ ସହ ଅଭିଯୋଗ ପତ୍ର



ପ୍ରଦାନ କରିଥିଲେ। ନୂଆପଡା ବ୍ଲକ ଅନ୍ତର୍ଗତ ଖୁଟାବନ ଭେରା ଗ୍ରାମପଞ୍ଚାୟତରେ ବିଜେପିର ନିର୍ବାଚନ ପ୍ରଚାର ବେଳେ ଶିଶୁମାନଙ୍କୁ ବିଜେପି ପତାକା ଧରି ଜୟ ଡୋଲକିଆଙ୍କ ସପକ୍ଷରେ ନାରା ଦେଉଥିଲେ। ଏହା ଭାରତୀୟ ନିର୍ବାଚନ ଆୟୋଗର ନିର୍ବାଚନ ଆଚରଣ ବିଧିର ଖୋଲା ଉଲ୍ଲଂଘନ କରୁଛି। ନିର୍ବାଚନରେ ଶିଶୁମାନଙ୍କୁ ବ୍ୟବହାର କରିବା ଶିଶୁ ଶ୍ରମିକ ବିରୋଧୀ ଆଇନ-୨୦୧୬ର ଖୋଲା ଉଲ୍ଲଂଘନ କରୁଛି। ମହିଳା ଭୋଟରମାନଙ୍କୁ ପ୍ରଭାବିତ କରିବା ପାଇଁ ଶାଢୀ ଓ ଟଙ୍କା ପ୍ରଶାସନର ସହଯୋଗରେ ବିଜେପିର ମହିଳା କର୍ମକର୍ତ୍ତାମାନେ ଖୋଲାଖୋଲି ବାଣ୍ଟୁଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ତେଣୁ ମୁକ୍ତ ଓ ଅବାଧ ନିର୍ବାଚନ ନିମନ୍ତେ ରାଜ୍ୟ ନିର୍ବାଚନ ଅଧିକାରୀ ତୁରନ୍ତ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବିଜେଡି ପ୍ରତିନିଧି ମଣ୍ଡଳୀ ଦାବି ପତ୍ର ପ୍ରଦାନ କରିଥିଲେ। ବିଜେଡିର ଏହି ପ୍ରତିନିଧିମଣ୍ଡଳୀରେ ମିହିର ରାୟ, ତୁମ୍ବନାଥ ପଣ୍ଡା, ନାରାୟଣ ଜେନା, ସୋଫିଆ ଆଲାମ, ସଂଗ୍ରାମ ମହାପାତ୍ର, ରୀତାଞ୍ଜଳୀ ପ୍ରଧାନ, ଜ୍ୟୋସ୍ନା ପରିଡା, ସିଦ୍ଧାର୍ଥ ସାମଲ, ପ୍ରଦୀପ ପଣ୍ଡା ପ୍ରମୁଖ ସାମିଲ ଥିଲେ।

### ପୁଲିସ ଏସ୍‌ଆଇ ପରୀକ୍ଷା କେଲେଙ୍କାରୀ ମାମଲା

# ସରିଲା ରିମାଣ୍ଡ ଅବଧି, ଜେଲ୍ ଗଲେ ମୁନା ସମେତ ୩ ଦଲାଲ

ବ୍ରହ୍ମପୁର,୫ା୧୧(ସମିସ): ପୁଲିସ ଏସ୍‌ଆଇ ପରୀକ୍ଷା କେଲେଙ୍କାରୀ ମାମଲାରେ ଗିରଫ ମୁନା ମହାନ୍ତି, ପ୍ରିୟଦର୍ଶିନୀ ସାମଲ ଓ ଲୋକନାଥ ସାହୁଙ୍କ ୫ଦିନିଆ ରିମାଣ୍ଡ ଶେଷ ପରେ ବୁଧବାର କ୍ରାଇମବ୍ରାଞ୍ଚ ସ୍ଥାନୀୟ କୋର୍ଟରେ ହାଜର କରି ବ୍ରହ୍ମପୁର ଜେଲ୍‌କୁ ପଠାଇଦେଇଛି।

## ଶଙ୍କର ଓ ଅରବିନ୍ଦଙ୍କୁ ରିମାଣ୍ଡରେ ନେଇ ମୁହାଁମୁହିଁ ଜେରା

ଏମାନଙ୍କୁ କଟକରେ ଜେରା ପରେ ବୁଧବାର ବ୍ରହ୍ମପୁର କୋର୍ଟରେ ହାଜର କରାଯାଇଥିଲା। ସେହିପରି ମଙ୍ଗଳବାର ସନ୍ଧ୍ୟା ୫ଟା ୨୦ରେ କ୍ରାଇମବ୍ରାଞ୍ଚ ପୁଲିସ ଏସ୍‌ଆଇ ପରୀକ୍ଷା କେଲେଙ୍କାରୀ ମାମଲାର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି ଓ ବାଲେଶ୍ୱରର ଦଲାଲ ଅରବିନ୍ଦ ଦାଶଙ୍କୁ ୫ଦିନିଆ ରିମାଣ୍ଡରେ ନେଇଛି। ଉଭୟ ଶଙ୍କର ଓ ଅରବିନ୍ଦଙ୍କୁ ଅଧିକ ପଚରାଉଚରା ପାଇଁ କ୍ରାଇମବ୍ରାଞ୍ଚ ବ୍ରହ୍ମପୁର ଜେଏମ୍‌ଏଫ୍‌ସି ରୁରାଲ କୋର୍ଟରେ ୭ଦିନିଆ ରିମାଣ୍ଡ ଆବେଦନ କରିଥିଲା। ତେବେ ପିଟିସନର ଶୁଣାଣି କରି କୋର୍ଟ ଅଭିଯୁକ୍ତ ଦ୍ୱୟଙ୍କୁ ୫ଦିନ ପାଇଁ ରିମାଣ୍ଡ ମଞ୍ଜୁର କରିଥିଲେ। ୪ତାରିଖ ଠାରୁ ୮ତାରିଖ ପର୍ଯ୍ୟନ୍ତ କ୍ରାଇମବ୍ରାଞ୍ଚ ଉଭୟ ଶଙ୍କର ଓ ଅରବିନ୍ଦଙ୍କୁ ରିମାଣ୍ଡରେ ନେଇଛି। ପୂର୍ବରୁ ଦଲାଲ୍ ମୁନା ମହାନ୍ତି, ଲୋକନାଥ ସାହୁ ଓ ପ୍ରିୟଦର୍ଶିନୀ ସାମଲଙ୍କୁ କ୍ରାଇମବ୍ରାଞ୍ଚ ୫ଦିନିଆ ରିମାଣ୍ଡରେ ନେଇ ମୁହାଁମୁହିଁ ଜେରା କରି ବୁଧବାର ବ୍ରହ୍ମପୁର କୋର୍ଟରେ ହାଜର କରିଛି।

### ବାଙ୍ଗିରିପୋଷି ପୁଲିସକୁ ବଡ଼ ସଫଳତା

# ୫ ଆନ୍ତଃଜିଲ୍ଲା ଗାଡ଼ିଚୋର ଗିରଫ



ବାରିପଦା, ୫ା୧୧(ସମିସ): ବାଙ୍ଗିରିପୋଷି ପୁଲିସକୁ ମିଳିଛି ବଡ଼ ସଫଳତା। ଏକ ଆନ୍ତଃ ଜିଲ୍ଲା ଗାଡିଚୋର ର୍‌ୟାକେଟର ୫ଜଣଙ୍କୁ ଧରିବାରେ ପୁଲିସ ସକ୍ଷମ ହୋଇଛି। ସଂପୃକ୍ତ ଚୋରଙ୍କ ନିକଟରୁ ୨ଟି ୪ ଚକିଆ ଗାଡି ଏବଂ ୭ଟି ମୋବାଇଲ ଫୋନ୍ ଜବତ ହୋଇଛି। ଗତ ମାସରେ ବାଙ୍ଗିରିପୋଷି ଥାନା ଅଧୀନ ଆନ୍ଦୋଳା ଓ ମହୁଲବରେଇ ଗାଁରୁ ଏକ ବୋଲେରୋ ଓ ପିକଅପ୍ ଭ୍ୟାନ ଚୋରି ହୋଇଥିଲା। ଏହି ଘଟଣାର ତଦନ୍ତ କରାଯାଇ ଚୋରଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ବାଲେଶ୍ୱର ସଦର ଓ ବୈଶିଙ୍ଗା ଥାନା ଅଞ୍ଚଳର ଏସକେ ନୁରୁଦ୍ଦିନ (୨୬), ରଜତ କୁମାର ବାରିକ (୨୪), ଗଣେଶ୍ୱର ମହାନ୍ତି (୨୩) ଓ ଉତ୍ତମ ପାତ୍ର (୨୧), ଲକ୍ଷ୍ମୀଧର ବେହେରା (୩୯)। ଏମାନେ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଥାନାରେ ଚୋରି, ଡକାୟତି, ଲୁଟ ଓ ବେଆଇନ ଗୋଚାଲାଣ ମାମଲାରେ ଜଡିତ ଥିଲେ। ଥାନା ଅଧିକାରୀ ବୀରେନ୍ଦ୍ର ସେନାପତିଙ୍କ କହିବାନୁଯାୟୀ ଅଭିଯୁକ୍ତମାନଙ୍କ ବିରୋଧରେ ଅନେକ ଥାନାରେ ପୂର୍ବରୁ ମାମଲା ବି ରହିଛି। ସେମାନଙ୍କ ଅନ୍ୟାନ୍ୟ ଅପରାଧିକ ମାମଲାକୁ ନେଇ ପୁଲିସ ତଦନ୍ତ କରୁଛି।

# କାର୍ତ୍ତିକ ପୂର୍ଣ୍ଣିମାରେ ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ କଲେ ୨୦ ହଜାର ଭକ୍ତ

### ପଞ୍ଚାନନ ଓ ହରଗୌରୀ ବେଶରେ ଦର୍ଶନଦେଲେ ବାବାମଣି

ଭଦ୍ରକ/ଆରଡି,୫ା୧୧(ସମିସ): ଧର୍ମର ମାସ କାର୍ତ୍ତିକ ପୂର୍ଣ୍ଣିମା ପାଇଁ ବୁଧବାର ଉତ୍ସବମୁଖର ହୋଇଉଠିଥିଲା ଆରଡି ବାବା ଆଖଣ୍ଡଳମଣିଙ୍କ ମନ୍ଦିର। ଏହି ଅବସରରେ ବାବାମଣିଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ପୀଠରେ ୨୦ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। କାର୍ତ୍ତିରିକ ପୂର୍ଣ୍ଣିମା ପାଇଁ ମନ୍ଦିରରେ ଦିନତମାମ ଚାଲିଥିଲା

## ଶିବଗଙ୍ଗା ପୁଷ୍କରିଣୀରେ ବୋଇତ ଭସାଇଲେ ହବିଷ୍ୟାଳି

ସ୍ୱତନ୍ତ୍ର ନୀତିକାନ୍ତି। ଦୈନନ୍ଦିନ ନୀତି ନିର୍ଘଣ୍ଟ ସାମାନ୍ୟ ପରିବର୍ତ୍ତନ କରାଯାଇ ଭୋର ୪ଟାରେ ଦ୍ୱାରଫିଟା ନୀତି ସହ ମଙ୍ଗଳ ଆଳତୀ ଅନୁଷ୍ଠିତ ହୋଇଥିଲା। ଅନ୍ୟପଟେ ଶିବଗଙ୍ଗା ପୁଷ୍କରିଣୀରେ ହଭିଷ୍ୟାଳୀଙ୍କ ସହ ହଜାର ହଜାର ଭକ୍ତ ବୋଇତ ଭସାଇବା ସହ ବୁଡ ପକାଇଥିଲେ। ବାବାଙ୍କ ପାଖରେ ମଙ୍ଗଳ ଆଳତୀ ସହ ଘର୍ଷଣଲାଗି, ଜଳାଭିଷେକ ନୀତି ସମ୍ପନ୍ନ ହେବା ପରେ ଦିଗମ୍ବର ବେଶରେ ବାବାଙ୍କୁ ପହିଲି ବାଲ୍ୟ ଭୋଗ ଲାଗି କରାଯାଇଥିଲା। ଭୋର ୫ଟାରୁ ରାତି ୧୦ ଯାଏଁ ଶ୍ରଦ୍ଧାଳୁଙ୍କ ପାଇଁ ସାହଣ ମେଳା କରାଯାଇଥିଲା। ମଧ୍ୟାହ୍ନ ୧ଟାରେ ବାବାଙ୍କୁ ରୂପା ଅଳଙ୍କାରରେ ପଞ୍ଚାନନ ବେଶରେ







ସଜ୍ଜିତ କରାଯାଇ ବଡ଼ ଅନ୍ନ ନୀତିଭୋଗ ଲାଗି କରାଯାଇ ଏକ ଘଣ୍ଟା ଶୟନ ନୀତି କରାଯାଇଥିଲା। ଅପରାହ୍ଣରେ କାର୍ତ୍ତିକ ପୂର୍ଣ୍ଣିମା ନୀତି ଅବସରରେ ପରମ୍ପରା ଅନୁଯାୟୀ ବାବାଙ୍କୁ ହରଗୌରୀ ବେଶରେ ସଜ୍ଜିତ କରାଯାଇ ସାହାଣ ମେଳା ଦର୍ଶନ କରାଯାଇଥିଲା।

ସେହିପରି ପଞ୍ଚୁକବ୍ରତ ଅବସରରେ ମନ୍ଦିର ବେଢ଼ାରେ ପବିତ୍ର ଅଁଳା ନବମୀଠାରୁ ଆରମ୍ଭ ହୋଇଥିବା ଭାଗବତ ସପ୍ତାହ ମଣ୍ଡପରେ ହରିହର ଭେଟ ସହ ବିଶ୍ୱକଲ୍ୟାଣ ଉଦ୍ଦେଶ୍ୟରେ ମହାଯଜ୍ଞ ଅନୁଷ୍ଠିତ ହୋଇ ମଧ୍ୟରାତ୍ରରେ ସମ୍ପନ୍ନ କରାଯାଇଥିଲା। ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ମନ୍ଦିର ପ୍ରଶାସନ ପକ୍ଷରୁ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ସହ ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର ଦକ୍ଷିଣ ଦ୍ୱାରଠାରୁ ଶିବଗଙ୍ଗା ପୁଷ୍କରିଣୀ ଯାଏଁ ବ୍ୟାରିକେଡ଼ ବ୍ୟବସ୍ଥା କରାଯାଇଥିଲା। ଏଥିସହ ଜିଲା ପୁଲିସ ପକ୍ଷରୁ ପୀଠ ସମେତ ମନ୍ଦିର ଭିତରେ ଓ ବାହାରେ କଡା ସୁରକ୍ଷା ବ୍ୟବସ୍ଥା ସହ ବୈତରଣୀ ନଦୀ ଘାଟ ଓ ଶିବଗଙ୍ଗା ପୁଷ୍କରିଣୀ ଘାଟରେ ଅଗ୍ନିଶମ ବାହିନୀ ସହ ପୁଲିସ ମୁତୟନ ରହିଥିଲେ। ସେହିଭଳି ବାବାମଣି ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ବିଜୟ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ୩୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭକ୍ତଙ୍କ ଦର୍ଶନ ସେବାରେ ନିୟୋଜିତ ରହି ଶାନ୍ତିଶୃଙ୍ଖଳାର ସହ ଦର୍ଶନ କରାଇଥିଲେ।

## ପଞ୍ଚୁକ ଓ ରାହାସ ପାଇଁ ଶ୍ରଦ୍ଧାକ୍ଷେତ୍ର ଚଳଚଞ୍ଚଳ

କାଳିପଦା, ୫।୧୧ (ସମିସ): ପଞ୍ଚୁକ ଓ ରାହାସ ପାଇଁ ଆଜି ବାଲିଆପାଳ ବ୍ଲକ ଖଗଡାପାଳ ସ୍ଥିତ ଶ୍ରଦ୍ଧା କ୍ଷେତ୍ର ଚଳଚଞ୍ଚଳ



ହୋଇ ଉଠିଛି। ମନ୍ଦିରରେ ଶ୍ରୀ ଜୀଉ ମାନଙ୍କର ପ୍ରାତଃରୁ ସମସ୍ତ ରୀତି ନୀତି ସମ୍ପନ୍ନ ହୋଇଛି। ଶ୍ରଦ୍ଧାଳୁମାନେ ସୁବର୍ଣ୍ଣରେଖା ନଦୀ ଓ ଚୌମୁଖ, ଡଗରା, ଯମୁନା ଶୂଳ, ଚାନ୍ଦମଣୀ ଆଦି ସମୁଦ୍ର ଘାଟରେ ବୁଡ଼ ପକାଇ ଶ୍ରଦ୍ଧା କ୍ଷେତ୍ରକୁ ବହୁ ସଂଖ୍ୟାରେ ଆସୁଥିବା ଦେଖିବାକୁ ମିଳିଛି। ଶ୍ରଦ୍ଧାଳୁମାନେ ସଂକୀର୍ତ୍ତନ ଦଳ ସହ ଗାଡି ମଟର ଯୋଗେ ଏଠାରେ ପହଁଞ୍ଚି ଶ୍ରୀଜୀଉ ମାନଙ୍କୁ ଦର୍ଶନ କରିବା ସହିତ ପୂଜାର୍ଘ୍ୟ ଅର୍ପଣ କରୁଥିବା ମଧ୍ୟ ଦେଖିବାକୁ ମିଳିଛି। ଶ୍ରଦ୍ଧାଳୁଙ୍କ ଗହଳି ପାଇଁ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ଶାନ୍ତିଶୃଙ୍ଖଳା ପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ଟ୍ୟାଙ୍କ୍ ଲରି ୱାର୍କର୍ସ ୟୁନିଅନ ପକ୍ଷରୁ କାର୍ତ୍ତିକ ପୂର୍ଣ୍ଣିମା ଉତ୍ସବ



ନୀଳଗିରି, ୫।୧୧ (ସମିସ): ନୀଳଗିରି ନିକଟ ସୋମନାଥପୁରସ୍ଥିତ ଟ୍ୟାଙ୍କ୍ ଲରି ୱାର୍କର୍ସ ୟୁନିଅନ ତରଫରୁ କାର୍ତ୍ତିକ ପୂର୍ଣ୍ଣିମାରେ ଇଣ୍ଡିଆନ୍ ଅଏଲ ଡିପୋରେ ଥିବା ହନୁମାନ ମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମରେ ତିନି ହଜାର ରୁ ଉର୍ଦ୍ଧ ଲୋକ ପ୍ରସାଦ ସେବନ କରି ଥିବା ଦେଖାଯାଇଛି। ଟ୍ୟାଙ୍କ୍ ଲରି ୱାର୍କର୍ସ ୟୁନିଅନ ପକ୍ଷରୁ ଭୋଲାନାଥ ବଳ, ମଦନ ବେହେରା, ଶମ୍ଭୁନାଥ ଜେନା, ନରେନ୍ଦ୍ର ନାୟକ, ସେକ୍ ମୋବାରକ, ସନାତନ ବେହେରାଙ୍କ ସମେତ ସଂଘ ତରଫରୁ ବହୁ ସାଥୀ ଉପସ୍ଥିତ ଥିଲେ।

## ତରତୁଆରେ ବୋଇତ ବନ୍ଦାଣ ଉତ୍ସବ



ନୀଳଗିରି, ୫।୧୧ (ସମିସ): ନୀଳଗିରି ଉପଖଣ୍ଡ ଅନ୍ତର୍ଗତ ଈଶ୍ୱରପୁର ପଞ୍ଚାୟତର ତରତୁଆ ଗ୍ରାମର ତରତୁଆ ଶିବ ମନ୍ଦିର ନିକଟସ୍ଥ ପୋଖରୀରେ ବୋଇତ ବନ୍ଦାଣ ଉତ୍ସବ ପାଳନ ହୋଇଛି । ଦୀର୍ଘ ୫ଦିନ ଧରି ଗ୍ରାମବାସୀ ୧୩୦ ଫୁଟ୍ ଲମ୍ବା ଏବଂ ୧୨ଫୁଟ ଉଚ୍ଚତା ବିଶିଷ୍ଟ ବୋଇତ ନିର୍ମାଣ କରିବା ସହ ରାଧାକୃଷ୍ଣଙ୍କ ମୂର୍ତ୍ତି ବୋଇତ ମଧ୍ୟ ରେ ରଖି ପୂଜା କରିବା ଏବଂ "ଆ କା ମା ବୈ, ପାନ ଗୁଆ ଥୋଇ, ପାନ ଗୁଆ ତୋର, ମାସକ ଧରମ ମୋର" ଏବଂ ଶଙ୍ଖ ହୁଳହୁଳିର ଦୃଶ୍ୟ ବେଶ୍ ଆକର୍ଷଣୀୟ ଥିଲା । ପୋଖରୀ ଚାରିପଟେ ଆଲୋକିତ ତୋରଣ ଦ୍ୱାରା ସଜାଯାଇଥିଲା ପରେ ପରେ କମିଟି ତରଫରୁ ସମସ୍ତଙ୍କୁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା।

## ପ୍ରଣାମ ଭାରତର ତୃତୀୟ ବାର୍ଷିକ ବୋଇତ ବନ୍ଦାଣ ସମାରୋହ

# ଉତ୍କଳୀୟ ନୌବାଣିଜ୍ୟ ପରମ୍ପରା ଉଜ୍ଜୀବିତ ରଖିବାକୁ ଆହ୍ୱାନ

ରାଜଘାଟ, ୫।୧୧ (ସମିସ)




ଉତ୍କଳୀୟ ନୌବାଣିଜ୍ୟରେ ସ୍ମୃତି ବହନ କରି କାର୍ତ୍ତିକ ପୂର୍ଣ୍ଣିମା ତଥା ପଞ୍ଚୁକର ସମାପନୀ ଦିବସ ଅବସରରେ ବସ୍ତା ବ୍ଲକ ଅନ୍ତର୍ଗତ ସନ୍ତୋଷପୁର ପଞ୍ଚାୟତ ଅନ୍ତର୍ଗତ ବେଣାପୁରାସ୍ଥିତ ସୁବର୍ଣ୍ଣରେଖା ନଦୀ ତଟସ୍ଥ ରାଜଘାଟ ବାରୁଣୀ ପଡିଆରେ 'ପ୍ରଣାମ ଭାରତ' ପକ୍ଷରୁ ତୃତୀୟ ବାର୍ଷିକ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ସଂଗଠନର ସଭାପତି ଇଂ ତ୍ରିଭୁବନ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସରକାରୀ ଦଳ ଉପ ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗଦେଇ ଦନ୍ତୁରିତ ସାମୁଦ୍ରିକ ଉପକୂଳ ଓ ନଦୀମୁହାଣରୁ ବୋଇତରେ ପରିଭ୍ରମଣ କରି ସାଧବ ପୁଅମାନେ ବିଭିନ୍ନ ଦେଶ ମଧ୍ୟରେ ସୁସମ୍ପର୍କ ସ୍ଥାପନା କରି ବାଣିଜ୍ୟିକ କୌଶଳ ଏବଂ ଉତ୍କର୍ଷତାର ସଠିକ ଉପଯୋଗ ବଳରେ କିପରି ବାଣିଜ୍ୟ କାରବାର ଚଳାଇ ଆସିଥିଲେ ତାର ସମ୍ୟକ ସୂଚନା ଦେଇଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି ବୋଇତ ବନ୍ଦାଣ ଉତ୍ସବର ପ୍ରଚ୍ଛଦପଟରେ ଥିବା ସାଧବ ପୁଅଙ୍କ ପୂର୍ବ ଗୌରବ ଓ ଗାରିମାକୁ ବ୍ୟାଖ୍ୟା କରିବା ସହ ଆମ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରିବାକୁ ନାରୀମାନଙ୍କ ଭୂମିକା ଉପରେ ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ନିରଞ୍ଜନ ବେହେରା, ଜିଲ୍ଲା ଶିକ୍ଷାଧିକାରୀ ଡ. ବସନ୍ତ ନାୟକ, ଜଳେଶ୍ୱର ବିଡିଓ ଗୌରାଙ୍ଗ ଘୋଷ, ଚନ୍ଦ୍ରବିନ୍ଦୁ ଦାସ, ଦକ୍ଷିଣ ପୂର୍ବ ରେଳପଥ ଆଞ୍ଚଳିକ ଉପଭୋକ୍ତା ସମିତି ପ୍ରତିନିଧି ମୋହିତ ପୋଦ୍ଦାର ପ୍ରମୁଖ ମଞ୍ଚାସୀନ ଥିଲେ। ସଂଗଠନର ମୁଖ୍ୟ ସଂଯୋଜକ ଇଂ ପରମାନନ୍ଦ ମହାପାତ୍ର ଯୋଗ ଦେଇ ୨୦୨୩ ମସିହାରେ ଉତ୍ତର ବାଲେଶ୍ୱରରେ କେତେଜଣ ଅବସରପ୍ରାପ୍ତ ଶିକ୍ଷାବିତ୍, ଯନ୍ତ୍ରୀ, ଡାକ୍ତର, ସାମାଜିକ ସେବାକର୍ମୀ, ଉଦୀୟମାନ ଉଦ୍ୟୋଗପତି ଏବଂ ଯୁବକ ମାନଙ୍କୁ ନେଇ ଗଠିତ ହୋଇଥିବା ଏହି ଅନୁଷ୍ଠାନଟି ବିଗତ ଦୁଇ ବର୍ଷ ମଧ୍ୟରେ ଆମ ସାମାଜିକ ପରମ୍ପରା, ଐତିହ୍ୟ ଏବଂ ସାଂସ୍କୃତିକ ଅବକ୍ଷୟକୁ ରୋକାଯାଇ ଏକ ବିକଶିତ ବାଲେଶ୍ୱର ଗଠନ ପାଇଁ ଏହି ସଂଗଠନ ଚେଷ୍ଟା ଚଳାଇ ଆସିଥିବା ସହ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ସ୍ୱଚ୍ଛ ଅଭିଯାନ, ସଚେତନତା, ବୃକ୍ଷରୋପଣ ଏବଂ ମାନସିକ ଜାଗରୂକତା ସୃଷ୍ଟି ପାଇଁ ଉତ୍ତର ବାଲେଶ୍ୱରରେ ବହୁବିଧ କାର୍ଯ୍ୟକରି ଆସୁଥିବା କହିଥିଲେ। ମୁଖ୍ୟ ଅତିଥି ଶ୍ରୀ ଦାସ ଏହି ଅବସରରେ ଆୟୋଜିତ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିରର ଉଦାଟନ କରିଥିବା ବେଳେ ସମସ୍ତ ମଞ୍ଚାସୀନ ଅତିଥିଙ୍କ ଦ୍ୱାରା ରାଧାକୃଷ୍ଣ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଓପିଏସସି କୃତକାର୍ଯ୍ୟ ରାଜେଶ ମହାପାତ୍ରଙ୍କ ସମେତ ଅନେକ ଶିକ୍ଷାବିତ୍, ଯୁବ ଉଦ୍ୟୋଗୀ, ସମାଜସେବୀ, ଧାନ, ପାନ, ମତ୍ସ୍ୟ ଉତ୍ପାଦନ, ଗୋପାଳକ, ବୟନଶିଳ୍ପୀ, ବାଦ୍ୟକାର, ବୁଣାକାର ଆଦି ବିଭିନ୍ନ କ୍ଷେତ୍ରରେ ସଫଳତମ ୧୩ ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲାର ବସ୍ତା, ଜଳେଶ୍ୱର, ଭୋଗରାଇ, ବାଲିଆପାଳ ବ୍ଲକ ସମେତ ବିଭିନ୍ନ ପ୍ରାନ୍ତ ସହ ପଡୋଶୀ ମୟୁରଭଞ୍ଜ ଜିଲ୍ଲାରୁ ସହସ୍ରାଧିକ କାର୍ତ୍ତିକ ବ୍ରତଧାରୀ ମା' ଓ ମାଉସୀ ଉପସ୍ଥିତ ରହି ବୋଇତ ବନ୍ଦାଣ ଓ ସୂର୍ଯ୍ୟପୂଜନରେ ଅଂଶଗ୍ରହଣ କରିବା ସହ ରାଇ ଦାମୋଦରଙ୍କ ଉଦ୍ଦେଶ୍ୟରେ ପାଳନ କରିଥିବା ମାସାଧିକ କାଳର ସମାପନ କରିଥିଲେ। ସୋରର ଅତିରିକ୍ତ ତହସିଲଦାର କୃଷ୍ଣମୋହନ ସିଂ ମଞ୍ଚ ପରିଚାଳନା କରିଥିବା ବେଳେ ଶେଷରେ ସଂଗଠନର ସଦସ୍ୟ ପର୍ଶୁରାମ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## ଛତୁଆ ପୋଖରୀ ବୋଇତ ବନ୍ଦାଣ ଉତ୍ସବ




ବାଲେଶ୍ୱର, ୫।୧୧(ସମିସ): ସହରର ଟୁଲଙ୍କସାହି ଛତୁଆ ପୋଖରୀଠାରେ ଦୁଇ ଦିନିଆ ବୋଇତ ବନ୍ଦାଣ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସ ସାନ୍ଧ୍ୟ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ପୂର୍ବତନ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଉଦ୍‌ଘାଟନ କରିଥିଲେ। କବି ପ୍ରଶାନ୍ତ ଦାସ ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ପରମ୍ପରା ଜାତିର ଏକ ପରିଚୟ ହୋଇଥିବା ବେଳେ ଏହା ଅତୀତ ଓ ବର୍ତମାନକୁ ଯୋଡି ଭବିଷ୍ୟତକୁ ସୁରକ୍ଷିତ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ପୂର୍ବତନ ପୌରାଧ୍ୟକ୍ଷ ଆଲୋକ କୁମାର ସାହୁ ଓ ସମାଜସେବୀ ପ୍ରଭାତ ବିଶ୍ୱାଳ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବାଲେଶ୍ୱର ପୌରପାଳିକାର ପୂର୍ବତନ ଉପାଧ୍ୟକ୍ଷ ତଥା କମିଟିର ସଭାପତି ମନୋଜ କୁମାର ରାଉତ ପୌରହିତ୍ୱ କରିଥିବା ବେଳେ କୋଷାଧ୍ୟକ୍ଷ ପ୍ରାଣକୃଷ୍ଣ ମହାପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ନୃତ୍ୟ ଓ ଝୋଟି ପ୍ରଭୃତି ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। କମିଟିର ବରିଷ୍ଠ ସଦସ୍ୟ ରମାକାନ୍ତ ମହାନ୍ତି ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୁର୍ଗାମାଧବ ମହାପାତ୍ର, ଅମୁଲ୍ୟ ତାଳଦି, ନିକୁଞ୍ଜ କିଶୋର ଭୂୟାଁ, ଭାସ୍କର ଜେନା, ଅସୀତାନନ୍ଦ ଦେବ ଗୋସ୍ୱାମୀ, ଭବେନ୍ଦ୍ର ପଣ୍ଡା, ରବୀନ୍ଦ୍ର ମୋହନ ଚାନ୍ଦ, ରବିନ୍ଦ୍ର ସାହାଣି, ଲେନିନ ସେଠୀ, ଅଶୋକ ବେହେରା, ସୁଶାନ୍ତ ମହାନ୍ତି, କରୁଣାକର ବିଶ୍ୱାଳ , ଗିରିଜା ଶଙ୍କର ନାୟକ, ଜୟନ୍ତ କୁମାର ବାରିକ, ହରିଶ୍ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।


## ପଞ୍ଚୁକରେ କାଳିଆ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼



ନୀଳଗିରି, ୫।୧୧ (ସମିସ): ଉତ୍ତର ଓଡ଼ିଶାର ମନ୍ଦିରମାଳିନୀ ସହର ଭାବରେ ଖ୍ୟାତ ନୀଳଗିରି ସହର ଓ ଏହାର ଆଖପାଖ ଅଞ୍ଚଳରେ ବହୁ ପୁରାତନ ଦେବଦେବୀଙ୍କ ପୀଠ ରହିଛି। ପବିତ୍ର ପଞ୍ଚୁକ ତଥା ରାହାସ ପୂର୍ଣ୍ଣିମା ଅବସରରେ ନୀଳଗିରିର ବିଭିନ୍ନ ଦେବଦେବୀ ମନ୍ଦିରରେ ପ୍ରବଳ ଗହଳି ଲାଗି ରହିଥିଲା। ହବିଷ୍ୟାଳିମାନେ ପୋଖରୀ ଓ ନଦୀରେ ଡ଼ଙ୍ଗା ଭସାଇବା ସହ ବିଭିନ୍ନ ଦେବଦେବୀ ପୀଠରେ ପୂଜାର୍ଚ୍ଚନା କରିଥିଲେ। ସହସ୍ରାଧିକ ସଂଖ୍ୟାରେ ମହିଳା ଓ ପୁରୁଷ ନୀଳଗିରି ଜଗନ୍ନାଥ ମନ୍ଦିରରେ କାଳିଆ ଦର୍ଶନ ଓ ଦୀପଦାନ କରି ଆଶିଷ ଭିକ୍ଷା କରିଥିଲେ। ସେହିପରି ମହାଲକ୍ଷ୍ମୀ ମନ୍ଦିର, ବିମଳା ମନ୍ଦିର, ବିଭିନ୍ନ ଶିବ ମନ୍ଦିର, ରାଜବାଟୀ ପରିସରରେ ଥିବା କନକ ଦୁର୍ଗା ମନ୍ଦିର, ବଡଦାଣ୍ଡ ମଙ୍ଗଳା, ହନୁମାନ ମନ୍ଦିରରେ ଗହଳି ଲାଗିଥିଲା। ଆଜି ପଞ୍ଚୁକଶେଷ ଦିନରେ ମହିଳାମାନେ ଓଡ଼ିଆ ପରମ୍ପରା ଅନୁଯାୟୀ ଭୋର ସମୟରେ ବିଭିନ୍ନ ଜଳାଶୟ ମାନଙ୍କରେ ଡଙ୍ଗା ଭସାଇବା ସହିତ " ଆ କା ମା ବୈ, ପାନ ଗୁଆ ଥୋଇ ପାନ ଗୁଆ ତୋର, ମାସକ ଧରମ ମୋର" ସଙ୍ଗୀତଗାନ କରିବା ସହିତ ଓଡ଼ିଆ ନୌବାଣିଜ୍ୟ ପରମ୍ପରାକୁ ଉଜ୍ଜୀବିତ କରିବାକୁ ଭୁଲିନଥିଲେ। ନୀଳଗିରି ସହରର ବିଭିନ୍ନ ପୁଷ୍କରିଣୀ ମାନଙ୍କରେ ମହିଳାମାନେ ଡଙ୍ଗା ଭସାଇଥିବା ବେଳେ ବିଭିନ୍ନ ସଙ୍ଗଠନ ପକ୍ଷରୁ ମଧ୍ୟ ବୋଇତବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଥିବାର ଦେଖାଯାଇଥିଲା। ଏହି ଅବସରରେ ନୀଳଗିରିର ଶଙ୍କରାଖୁଣ୍ଟା, ନୂଆପୋଖରୀ, ଦରଖୋଳି (କୁଣି) ପୋଖରୀ, ରାଇପୋଖରୀ ସହ ବିଭିନ୍ନ ଗ୍ରାମାଞ୍ଚଳର ପୁଷ୍କରିଣୀରେ ବୋଇତବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଥିଲା।

## ନିଆରା ପରମ୍ପରାର ଏକ ନିଦର୍ଶନ

# ମଧୁପୁରାର ୩୩ ବର୍ଷର ପଞ୍ଚୁକ ଓ ରାହାସ ମେଳା



କାଳିପଦା, ୫।୧୧ (ସମିସ): ବାଲିଆପାଳ ବ୍ଲକ ମଧୁପୁରା ପଞ୍ଚାୟତ ମଧୁପୁରା ଗ୍ରାମରେ ଦୀର୍ଘ ତେତିଶ ବର୍ଷ ଧରି ପଞ୍ଚୁକ ଓ ରାହାସ ମେଳା ହୋଇ ଆସୁଛି। ଏହି ପଞ୍ଚୁକ ଓ ରାହାସ ମେଳାର ସ୍ୱତନ୍ତ୍ର ପରିଚୟ ହେଉଛି ବୈଷ୍ଣବ ପରମ୍ପରା। ବୈଷ୍ଣବ ରୀତିନୀତିରେ ଏଠାରେ ପୂଜାପାଠ ହୋଇ ଥାଏ। ଦ୍ୱିତୀୟ ପରିଚୟ ହେଉଛି ଏଠିକାର ପରିବେଶ। ଶାନ୍ତ କାନ୍ତ ପ୍ରାକୃତିକ ବିଭବଭରା ଗ୍ରାମୀଣ ପରିବେଶ। ଏହାର ଚତୁଃପାଶ୍ୱର୍ରେ ରହିଛି ଶ୍ରୀଜଗନ୍ନାଥ ମନ୍ଦିର, ବଡ଼ଙ୍ଗା ବାସୁଳୀ ମାତା ମନ୍ଦିର, ଗୁରୁ ମହାରାଜ ସନାତନ ଗୋସ୍ୱାମୀଙ୍କ ସ୍ମୃତି ମନ୍ଦିର ଓ ପ୍ରବେଶ ଦ୍ୱାରରେ ରହିଛନ୍ତି କଳା ଧଳା ଘୋଡାରେ ସମାସୀନ ସ୍ୱୟଂ ବଳଭଦ୍ର ଓ ସ୍ୱୟଂ ଜଗନ୍ନାଥ। ୧୯୮୨ ମସିହାରେ ଗ୍ରାମର ଧର୍ମପ୍ରାଣ ମଣିଷ ସ୍ୱର୍ଗତ ମହେଶ୍ୱର ନାୟକ, ରଘୁନାଥ ନାଥ ଦାସ, ବଂଶୀଧର ବାଗ, ସାଧୁ ଚରଣ ଭୂୟାଁ, ବୃନ୍ଦାବନ ଗିରି, ଦେବେନ୍ଦ୍ର ନାଥ ରାଉତ, ବିମଳ ଚନ୍ଦ୍ର ଜେନା, ଯୋଗେନ୍ଦ୍ର ନାଥ ରାଉତ, ବେଣୁଧର ସାହୁ ପ୍ରମୁଖ ଏଠାରେ ସମବେତ ହୋଇ ପଞ୍ଚୁକ ମେଳା ଓ ରାହାସ ଆରମ୍ଭ କରିଥିଲେ। ଏମାନେ ସମସ୍ତେ ଏବେ ସ୍ୱର୍ଗବାସୀ। ଏହାର ପ୍ରଥମ ପୂଜକ ଥିଲେ ସ୍ୱର୍ଗତ ଗିରିଜା ଶଙ୍କର ପାଣିଗ୍ରାହୀ। ତାଙ୍କ କାର୍ଯ୍ୟକୁ ଏବେ ମନ୍ମଥ କୁମାର ପଣ୍ଡା ତୁଲାଉଛନ୍ତି। ସ୍ୱର୍ଗତ ମହେଶ୍ୱର ନାୟକ ଓ ଗ୍ରାମବାସୀଙ୍କ ଉଦ୍ୟମରେ ଏଠାରେ ସମସ୍ତ କାର୍ଯ୍ୟ ହୋଇଥିଲାବେଳେ ଏବେ ଗ୍ରାମର ଗାଁ କମିଟି ସଭାପତି ରମା ବଲ୍ଲଭ ସିଂ, ଗୋବିନ୍ଦ ପ୍ରସାଦ ଦାସ, ସମିତି ସଭ୍ୟ ସୁଶାନ୍ତ ସେଠୀ, ଜୟନ୍ତ ଗିରି, ପଞ୍ଚାନନ ନାୟକ, ହର ପ୍ରସାଦ ସିଂ, ରାଧାକୃଷ୍ଣ ପାତ୍ର ପ୍ରମୁଖ ପଞ୍ଚୁକ ଓ ରାହାସ ମେଳାକୁ ଆଗକୁ ନେଉଛନ୍ତି। ଚଳିତ ବର୍ଷ ପଞ୍ଚୁକ ଓ ରାହାସ ଉପଲକ୍ଷେ ପ୍ରବଚନ ସଭା, ଯାତ୍ରା ଅଭିନୟ, ଉଭୟେ ମହିଳା ଓ ପୁରୁଷ କବାଡି ପ୍ରତିଯୋଗିତା ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।

## ସରିଲା ପଞ୍ଚୁକ ବ୍ରତ

ବସ୍ତା ବ୍ଲକ, ୫।୧୧ (ସମିସ): ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧାର୍ମିକ ମାସ ରୂପେ ବିବେଚନା କରାଯାଇଥାଏ। କୁମାର ପୂର୍ଣ୍ଣମୀଠାରୁ କାର୍ତ୍ତିକ ମାସ ପାଳନ କରୁଥିବା ଶ୍ରଦ୍ଧାଳୁମାନେ ପଞ୍ଚକ ପୂର୍ଣ୍ଣମୀରେ ବ୍ରତ ଉଦଯାପିତ କରନ୍ତି। ଏହି ପରିପ୍ରେକ୍ଷୀରେ ବୁଧବାର ଭୋର ସମୟରେ ଶ୍ରଦ୍ଧାଳୁ ପୁରୁଷ ମହିଳା ମାନେ ସ୍ନାନ କରି ସ୍ଥାନୀୟ ପୋଖରୀ, ନଦୀରେ ବୋଇତ ଭସାଇ ମନ୍ଦିରରେ ଠାକୁର ଦର୍ଶନ କରି ଆଶିଷ କାମନା କରିଥିଲେ। ବସ୍ତା ବ୍ଲକ ଅଞ୍ଚଳରେ ଥିବା ଅନେକ ମନ୍ଦିର ଓ ମଠ ସହିତ ଗ୍ରାମରେ ରାହାସ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଛି। ବସ୍ତା ବ୍ଲକ ବ୍ରାହ୍ମଣଦା ଗ୍ରାମରେ ମା' ଭଗବତୀ ମନ୍ଦିର ପ୍ରାଙ୍ଗଣରେ ରାହାସ ପୂର୍ଣ୍ଣିମା ଉପଲକ୍ଷେ ହରିନାମ ସଙ୍କୀର୍ତ୍ତନ କରାଯାଇଥିଲା। ସେହିପରି ମାଛିଆ ଗ୍ରାମସ୍ଥିତ ଶ୍ୟାମରାଇଜୀଉ ମଠରେ ରାହାସ ପୂର୍ଣ୍ଣମୀ ଅନୁଷ୍ଠିତ ହୋଇଥିଲା।

## ଉତ୍କଳ ସମ୍ମିଳନୀ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ



ଜଳେଶ୍ୱର, ୫।୧୧(ସମିସ) : କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖା ପକ୍ଷରୁ ଦିଗମ୍ବରୀ ଦେବୀ ଶିକ୍ଷା ସମୂହ ଆନୁକୂଲ୍ୟରେ ବୋଇତ ବନ୍ଦାଣ ଉତ୍ସବ ଓ ଦିଗବିଜୟ ସମ୍ରାଟ ଖାରବେଳ ଜୟନ୍ତୀ ପାଳିତ ହୋଇଯାଇଛି। ଜଳେଶ୍ୱର ପୌରପରିଷଦ, ବାସନ୍ତୀ ପଡିଆ ଠାରେ ଦିଗମ୍ବରୀ ଦେବୀ ଶିକ୍ଷାନୁଷ୍ଠାନ ସମୂହର ନିର୍ଦ୍ଦେଶକ ଡ. ଅଜିତ ମହାନ୍ତି ସଭାପତିତ୍ୱ କରି ନୈବାଣିଜ୍ୟ ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ ତହସିଲଦାର ସତ୍ୟଜିତ୍ ମହାନ୍ତି, ମୁଖ୍ୟବକ୍ତା ଦୀନକୃଷ୍ଣ ସ୍ମୃତି ପରିଷଦ ର ସମ୍ପାଦକ ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳ, ବରେଣ୍ୟ ଅତିଥି ଭାବେ ଉତ୍କଳ ସମ୍ମିଳନୀ ଶାଖାର ସଭାପତି କମଳ ଚକ୍ରବର୍ତ୍ତୀ, ସମ୍ମାନିତ ଅତିଥି ଭାବେ ଉଚ୍ଚ ନ୍ୟାୟାଳୟର ଆଇନଜୀବୀ ରାମଚନ୍ଦ୍ର ଜେନା, ପ୍ରାକ୍ତନ ସିଇଓ ଶରତ ଚନ୍ଦ୍ର ପରିଡା, ବରିଷ୍ଠ ସାମ୍ବାଦିକ ଅବନୀ ଚାନ୍ଦ, ଦେବବ୍ରତ କର ମଞ୍ଚାସୀନ ହୋଇ କାର୍ତ୍ତିକ ପୂର୍ଣ୍ଣମୀ ଓ ବୋଇତ ବନ୍ଦାଣ ଇତିହାସ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପରେ ମଙ୍ଗଳା ମାତା ମନ୍ଦିର ଠାରୁ ବିଶାଳ ପଟୁଆରରେ ସୁସଜ୍ଜିତ ଡ଼ଙ୍ଗା ଧରି ଡିଷ୍ଟ ବୋର୍ଡ ପୋଖରୀ ଠାରେ ଅତିଥି ଏବଂ ଛାତ୍ରୀ ଛାତ୍ରୀ ପହଞ୍ଚିଥିଲେ। ସେଠାରେ ଅନୁଷ୍ଠାନର ସମ୍ପାଦିକା ବୋଇତ ବନ୍ଦାଣ କରିବା ସହିତ ସମୂହ ହୁଳହୁଳିରେ ପରିବେଶ ପ୍ରକମ୍ପିତ ହୋଇ ଉଠିଥିଲା। ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରାଣକୃଷ୍ଣ ଗିରି, ରାଜେଶ ଖଟୁଆ, ସୁଦାମ ପାତ୍ର, କାଉନସିଲର ଚନ୍ଦନ ଦାସ, ଶ୍ରୀପତି ଘୋଷ, ରବିନ୍ଦ୍ର ବାରିକ, ସୁନୀଲ ମହାନ୍ତ, ଅନନ୍ତ ଦାସ, ସନ୍ୟାସୀ ପରିଡା, ହର ନାରାୟଣ ଜେନା ପ୍ରମୁଖ ଏବଂ ନରସୀମା କ୍ଲବର ସମସ୍ତ ସଦସ୍ୟ, ଦିଗମ୍ବରୀ ଦେବୀ ଶିକ୍ଷା ସମୂହର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଅଶୋକ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଖଡ଼ଗପୁର ଡିଭିଜନାଲ ଅଧିକାରୀଙ୍କୁ ଭେଟିଲେ ବିଜେପି ନେତୃବୃନ୍ଦ

ରୂପସା/ରାଜଘାଟ, ୫।୧୧ (ସମିସ) : ଦକ୍ଷିଣପୂର୍ବ ରେଳ ଜୋନ ଅଧୀନ ବାଲେଶ୍ୱର ଜିଲ୍ଲା ବସ୍ତା ରେଳ ଷ୍ଟେସନର ବିଭିନ୍ନ ସମସ୍ୟା ନେଇ ଖଡ଼ଗପୁର ଡିଭିଜନାଲ ଅଧିକାରୀଙ୍କୁ ସାକ୍ଷାତ କରି ୧୯ ଦଫା ସମ୍ବଳିତ ଦାବି ପତ୍ର ଦେଇ ତୁରନ୍ତ ପଦକ୍ଷେପ ନେବା ପାଇଁ ଜଣାଇଛନ୍ତି। ବସ୍ତା, ବାଲିଆପାଳ, ପଡୋଶୀ ମୟୂରଭଞ୍ଜ ଜିଲ୍ଲାର ମୋରଡା, ରାସଗୋବିନ୍ଦପୁର



ପ୍ରଭୃତି ଅଞ୍ଚଳର ନିର୍ଭରଯୋଗ୍ୟ ବସ୍ତା ରେଳ ଷ୍ଟେସନକୁ ଅମୃତ ଭାରତ ଷ୍ଟେସନରେ ପରିଣତ କରିବା, କାହିଁ କେତେ ଦିନୁ ବସ୍ତାରେ ଷ୍ଟପେଜ କରିଆସୁଥିବା ଇଷ୍ଟ କୋଷ୍ଟ ଏକ୍ସପ୍ରେସର ରହଣି, ଓଡିଶା ସମ୍ପର୍କ କ୍ରାନ୍ତି, ନୀଳାଚଳ, ଜନ ଶତାବ୍ଦୀ ଏକ୍ସପ୍ରେସର ରହଣି,୧,୨,୩ ନଂ ପ୍ଲାଟଫର୍ମରେ ପର୍ଯ୍ୟାପ୍ତ ପରିମାଣର ସେଡ଼ ଓ ବେଞ୍ଚ ସ୍ଥାପନ, ନୂତନ ୪ ନଂ ପ୍ଲାଟଫାର୍ମ ର ନିର୍ମାଣ ଓ ତହିଁରେ ଫୁଟ ଓଭର ବ୍ରିଜ ନିର୍ମାଣ,୬୦ ଓ ୬୧ ନଂ ରେଳ ଫାଟକରେ ରୋଡ଼ ଓଭର ବ୍ରିଜ ନିର୍ମାଣ ସମେତ ଉଣେଇଶ ଦଫା ଦାବି ଡିଆରଏମ ଲଳିତ ପାଣ୍ଡେଙ୍କ ନିକଟରେ ବିଜେପି ବରିଷ୍ଠ ନେତା ଶ୍ୟାମାପ୍ରସାଦ ବେହେରା, ସୋସାଇଟି ସଭାପତି ତଥା ପୂର୍ବତନ ସରପଞ୍ଚ ଦେବାଶିଷ ମହାପାତ୍ର, ପ୍ରାକ୍ତନ ସରପଞ୍ଚ ବିଶ୍ୱନାଥ ସିଂ, ଯୁବ ମୋର୍ଚ୍ଚା ସଭାପତି ଧୀରେନ ସେଠୀ, ରତିକାନ୍ତ ମଣ୍ଡଳ, ଉତ୍ତମ ପ୍ରଧାନଙ୍କ ସହିତ ବିଜେପିର ଅନ୍ୟାନ୍ୟ ନେତୃ ମଣ୍ଡଳୀ ଖଡ଼ଗପୁର ଯାଇ ରେଳ ଡିଭିଜନ ଅଧିକାରୀଙ୍କ ଠାରେ ଉପସ୍ଥାପନ କରିଥିଲେ। ଶ୍ରୀ ପାଣ୍ଡେ ଦାବିପତ୍ର ଗ୍ରହଣ କରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ଭୋଗରାଇ ବ୍ଲକ; ୪୬୮୨୦ ରାସନ କାର୍ଡ ହିତାଧିକାରୀ ଅଯୋଗ୍ୟ!

ଭୋଗରାଇ, ୫।୧୧ (ସମିସ): ଭୋଗରାଇ ବ୍ଲକ ୫୦ଟି ପଞ୍ଚାୟତରେ ୪୬୮୨୦ ରେସନ କାର୍ଡ ହିତାଧିକାରୀ ଅଯୋଗ୍ୟ ଚିହ୍ନଟ ହୋଇଥିବା ରିପୋର୍ଟ ପ୍ରକାଶ ପାଇଛି। ରାସନ୍ କାର୍ଡ ମ୍ୟାନେଜମେଣ୍ଟ ସିଷ୍ଟମ ରିପୋର୍ଟ ଆଧାରରେ ମିଳିଥିବା ତଥ୍ୟ ସାଧାରଣ ଲୋକଙ୍କ ମନରେ କୋକୁଆ ଭୟ ସୃଷ୍ଟି କରିଛି।ଏହି ତଥ୍ୟ କେତେ ସତ୍ୟତା ରହିଛି ତାହା ତଦନ୍ତ ହେଲାପରେ ଅଯୋଗ୍ୟ ହିତାଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସୂଚନା ମିଳିଛି। ରାସନ୍ କାର୍ଡ ସିଷ୍ଟମ ତଥ୍ୟ ଅନୁଯାୟୀ ଯେଉଁ ମାନେ ସରକାରଙ୍କ ମଣ୍ଡିରେ ଧାନ ବିକ୍ରି ପାଇଁ ୨,୪୭ ହେକ୍ଟର ବା ଏକରରୁ ଅଧିକ ଜମି ଦର୍ଶାଇଥିବେ, ଆୟକର ଦେଉଥିବା ବ୍ୟକ୍ତି, ଚାରି ଚକିଆ ଗାଡ଼ି ଥିବ,ତିନି ବଖରାରୁ ଅଧିକ ଘର ଥିବ, ପେନସନ ଧାରା ଆଦି ମୋଟ ୨୫ଟି ନିୟମ ଆଧାରରେ ଭୋଗରାଇ ବ୍ଲକରେ ଥିବା ୫୦ ଗୋଟି ପଞ୍ଚାୟତରେ ମୋଟ ୪୬ ହଜାର ୮୨୦ ଜଣଙ୍କ ଅଯୋଗ୍ୟ ରସନ କାର୍ଡ ଚିହ୍ନଟ ହୋଇଛି। ବ୍ଲକରେ ମୋଟ ୬୭ ହଜାର ୯୨ଟି କାର୍ଡ ଧାରୀ ଥିବାବେଳେ ସେଥିମଧ୍ୟରୁ ପାଖାପାଖି ୩୦ ହଜାରୁ ଉର୍ଦ୍ଧ କାର୍ଡକୁ ନେଇ ତଦନ୍ତ ହେବା ପାଇଁ ଚର୍ଚ୍ଚାର ବିଷୟ ପାଲଟିଛି। ସେଥିମଧ୍ୟରୁ ଅଭିଭକ୍ତ ସୋହରିଆରେ ୧୦୫୦ ଜଣ ଅଭିଭକ୍ତ କଖଡା ୧୨୯୧ ଜଣ,ଅଭିଭକ୍ତ ଗୁନାଇବସାଣରେ ୧୬୬୨ ଜଣ ସନ୍ଦିଗ୍ଧ କାର୍ଡ ଚିହ୍ନଟ ହୋଇଛି ମୋଟ ୫୦ଟି ପଞ୍ଚାୟତରେ ୪୬୮୨୦ କାର୍ଡର ଅଯୋଗ୍ୟ ହିତାଧୀକାରୀ ତଦନ୍ତ ହେବ ବୋଲି ସୂଚନା ଦେଇଛନ୍ତି।

## ରାସନକାର୍ଡ ମ୍ୟାନେଜମେଣ୍ଟ ସିଷ୍ଟମ ରିପୋର୍ଟ

# ଅଯୋଗ୍ୟ ହିତାଧିକାରୀଙ୍କ ମନରେ ଛନକା

ଜଳେଶ୍ୱର ବ୍ଲକ, ୫।୧୧ (ସମିସ)

ଜଳେଶ୍ୱର ବ୍ଲକ୍‌ରେ ମୋଟ ୨୫,୨୦୯ ରାସନ କାର୍ଡ ହିତାଧିକାରୀ ଅଯୋଗ୍ୟ ଚିହ୍ନଟ ହୋଇଥିବା ରିପୋର୍ଟରେ କୁହାଯାଇଛି। ରାସନକାର୍ଡ ମ୍ୟାନେଜମେଣ୍ଟ ସିଷ୍ଟମ ରିପୋର୍ଟ ଆଧାରରେ ମିଳିଥିବା ଏହି ତଥ୍ୟକୁ ନେଇ ବ୍ଲକ୍ ପ୍ରଶାସନର ଚିନ୍ତା ବଢ଼ିଯାଇଛି। ଏହି ରିପୋର୍ଟରେ ଆଧାରରେ କେତେ ରହିଛି ଖୁବ୍‌ଶୀଘ୍ର ତଦନ୍ତ ଆରମ୍ଭ ହେବା ଆଉ ତଦନ୍ତ ପରେ ଅଯୋଗ୍ୟ ହିତାଧୀକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ମିଳିଛି। ରାସନକାର୍ଡ ମ୍ୟାନେଜମେଣ୍ଟ ସିଷ୍ଟମର ତଥ୍ୟ ଅନୁଯାୟୀ ଯେଉଁମାନେ ସରକାରୀ ମଣ୍ଡିରେ ଧାନ ବିକ୍ରି ପାଇଁ ୨ ଏକରରୁ ଅଧିକ ଜମି ଦର୍ଶାଇଥିବେ, ଆୟକର ଦେଉଥିବେ, ୪ ଚକିଆ ଗାଡ଼ି ଥିବ। ଏହିପରି ମୋଟ ୨୫ଟି ନିୟମ ଆଧାରରେ ଜଳେଶ୍ୱର ବ୍ଲକ୍‌ରେ ୨୫ ହଜାର ୨୦୯ଟି ଅଯୋଗ୍ୟ ରାସନ କାର୍ଡ ଚିହ୍ନଟ ହୋଇଛି ବ୍ଲକ୍‌ରେ ମୋଟ ୫୦ ହଜାର ପାଖାପାଖି କାର୍ଡଧାରୀ ଥିବାବେଳେ ସେଥିରୁ ଅଧାରୁ ଅଧିକ କାର୍ଡକୁ ନେଇ ତଦନ୍ତ ହେବା ଚର୍ଚ୍ଚାର ବିଷୟ ହୋଇଛି। ବାଇଗଣବାଡ଼ିଆ ପଞ୍ଚାୟତରୁ ଚିହ୍ନଟ ହୋଇଛନ୍ତି ସର୍ବାଧିକ ଅଯୋଗ୍ୟ ହିତାଧିକାରୀ। ଏହି ପଞ୍ଚାୟତରୁ ୧୪୮୨ କାର୍ଡ ରହିଥିବା ବେଳେ ତା'ତଳକୁ ବର୍ତ୍ତନା ପଞ୍ଚାୟତର ୧୩୯୯, ଆରଆରପୁରରେ ୧୩୩୯, ପଶ୍ଚିମବାଡ଼ରେ ୧୩୩୬, ନାମ୍ପରେ ୧୩୦୫, ପାଇକସିଦାରେ ୧୩୦୦, ରାଜପୁରରେ ୧୨୨୭, ସୁଗୋରେ ୧୧୨୨, ଲକ୍ଷ୍ମଣନାଥରେ ୧୦୨୪, ଖୁଦିଆମାଝିସାହି ପଞ୍ଚାୟତରେ ୧୦୦୧, ଖାଲିନା ଗ୍ରାମ ପଞ୍ଚାୟତରେ ୯୧୧, ଓଲମରା ଗ୍ରାମ ପଞ୍ଚାୟତରରେ ୮୧୫ ଗୋପୀମୋହନପୁର ଗ୍ରାମ ପଞ୍ଚାୟତରେ ୮୦୪, ଚମାରଗାଁ ଗ୍ରାମ ପଞ୍ଚାୟତରେ ୭୪୩, ନଛିମପୁର ଗ୍ରାମ ପଞ୍ଚାୟତରେ ୭୪୦ , ଆରୁହା ଗ୍ରାମ ପଞ୍ଚାୟତରେ ୭୩୧ ଦକ୍ଷିଣ ପ୍ରହରାଜପୁର ୭୦୯, ଖୁଆଡ ଗ୍ରାମ ପଞ୍ଚାୟତରେ ୬୪୬, ନେତୁଆ ଗ୍ରାମ ପଞ୍ଚାୟତରେ ୬୩୨, ରାଇବଣିଆଗ୍ରାମ ପଞ୍ଚାୟତରେ ୬୨୮ ମାକିଡିଆ , ଗ୍ରାମ ପଞ୍ଚାୟତରେ ୬୦୨, ଶ୍ୟାମନଗର ଗ୍ରାମ ପଞ୍ଚାୟତରେ ୫୭୧ ଶ୍ରୀରାମପୁର ଗ୍ରାମ ପଞ୍ଚାୟତରେ ୫୭୦ , କାଳିକ ଗ୍ରାମ ପଞ୍ଚାୟତରେ ୫୧୨ ଚିହ୍ନଟ ହୋଇଛନ୍ତି। ଏମାନେ ସରକାରୀ ମାନଦଣ୍ଡ ବାହାରେ ଥାଇ ରାସନ ନେଉଛନ୍ତି। ସେହିପରି ଗଡ଼ସାହି ବାଲିଆପାଳ ଗ୍ରାମ ପଞ୍ଚାୟତରେ ସର୍ବନିମ୍ନ ୬, ଖୁଲୁଡ଼ାରେ ୧୯, କଳମାରେ ୨୦, ଝାରପିପଳରେ ୨୫, ସମ୍ପତ୍ତାଆ ଓ କୋଟସାହି ପଞ୍ଚାୟତରେ ୩୦, ଗୋବରଘାଟା ପଞ୍ଚାୟତରରେ ୪୦, ମହମ୍ମଦ ନଗର ପାଟଣା ଗ୍ରାମ ପଞ୍ଚାୟତରେ ୫୦ ଜଣ ଲେଖାଏଁ ଅଯୋଗ୍ୟ କାର୍ଡ ରହିଛି। ଏହି ତାଲିକା ପ୍ରଘଟ ହେବା ପରେ ଅଯୋଗ୍ୟ ହିତାଧୀକାରୀଙ୍କ ନିଦ ହଜିଯାଇଛି। ଖୁବ୍‌ଶୀଘ୍ର ଏହି ତାଲିକାକୁ ଯାଞ୍ଚ କରାଯାଇ ଅଯୋଗ୍ୟ ମାନଙ୍କୁ ବାଦ୍ ଦିଆଯିବ ବ୍ଲକ ପ୍ରଶାସନ ପକ୍ଷରୁ କୁହାଯାଇଛି।

# ବୁଢ଼ାବଳଙ୍ଗରେ ଡଙ୍ଗା ଭସାଇଲେ ସହସ୍ରାଧିକ ଶ୍ରଦ୍ଧାଳୁ





ବାଲେଶ୍ୱର, ୫ ।୧୧(ସମିସ)

ବୁଢାବଳଙ୍ଗ ନଦୀ କୂଳ ବାଲିଘାଟ ନୌବାଣିଜ୍ୟ ପରମ୍ପରାର ଅନ୍ୟତମ ମୂକସାକ୍ଷୀ । ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଦିନ ପ୍ରାଚୀନ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାର ସ୍ମୃତି ଉଦ୍ଦେଶ୍ୟରେ ଓଡିଆ ଘରର ଆବାଳ ବୃଦ୍ଧ ବନିତା ଡଙ୍ଗା ଭସାଇଥିଲେ । ଡଙ୍ଗାରେ ଧୂପ, ଦୀପ, ଫଳ ରଖି ବନ୍ଦାପନା କରିବା ପରେ ଆ-କା-ମା-ବୈ, ପାନ ଗୁଆ ଥୋଇ ଗୀତ ବୋଲିବା ସହ ଡଙ୍ଗା ଭସାଇ ପୁରୁଣା ପରମ୍ପରରା ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ବାଲିଘାଟ ଓ ଏହାର ଆଖପାଖ ଅଂଚଳ ସମ୍ପୂର୍ଣ୍ଣ ଲୋକାରଣ୍ୟ ହୋଇଥିଲା । କାର୍ତ୍ତିକ ପୂର୍ଣ୍ଣିମା ଠାରୁ ବାଲିଘାଟ ସୁରକ୍ଷା କମିଟି ପକ୍ଷରୁ ସ୍ଥାନୀୟ ଉଡା ପଡିଆରେ ଆରମ୍ଭ ହୋଇଛି ବାଲିଯାତ୍ରା । ତିନିଦିନ ଧରି ଚାଲିବାକୁ ଥିବା ଏହି ମେଳାରେ ଖୋଲିଛି ଶତାଧିକ ଷ୍ଟଲ । ଶ୍ରଦ୍ଧାଳୁମାନେ ନଦୀ ଘାଟରେ ବୁଡ ପକାଇବା ପରେ ଦିଅଁ ଦର୍ଶନ କରି ବିଭିନ୍ନ ମନ୍ଦିରରେ ଦେବାଦେବୀଙ୍କୁ ପୂଜାର୍ଚ୍ଚନା ପୂର୍ବକ ପରିବାରର ଶୁଭ ମନାସିଥିଲେ । କାର୍ତିକ ପୂର୍ଣ୍ଣିମାକୁ ରାହାସ ପୂର୍ଣ୍ଣିମା ଭାବେ ମଧ୍ୟ ପାଳନ କରାଯାଉଥିବା ବେଳେ ସହରର ବିଭିନ୍ନ ଅଞ୍ଚଳରେ ଶ୍ରଦ୍ଧାଳୁମାନେ ମଧ୍ୟ ଭୋର ସମୟରେ ନଗର ସଂକୀର୍ତ୍ତନରେ ବାହାରି ସହର ପରିକ୍ରମା କରିଥିଲେ । ଘରେ ଘରେ ତୁଳସୀ ଚଉରା ମୂଳରେ ଝୋଟି ଚିତା ଏବଂ ମୁରୁଜ ଆଙ୍କିବା ସହିତ ମହିଳାମାନେ ପୂଜାର୍ଚ୍ଚନା କରିଥିଲେ ।

**'ଆ.କା.ମା.ବୈ'ର ବୋଇତ ବନ୍ଦାଣ:** ଉତ୍ସବ ଭୋଇସାହିଠାରେ ଆ.କା.ମା.ବୈ ସାଂସ୍କୃତିକ ଅନୁଷ୍ଠାନର ଷୋଡଶ ବୋଇତ ଉତ୍ସବ ଉଦଘାଟିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଅଭିଜିତ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପୌରପାଳିକା ଅଧ୍ୟକ୍ଷା ସବିତା ସାହୁ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ମନ୍ମଥ ମିଶ୍ର ଏବଂ ସମ୍ମାନିତ ଅତିଥି ଭାବେ ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ, ସଞ୍ଜୀବ ଦାସ, ପ୍ରିତିଲତା ସେଠୀ, ମାନସ ରଞ୍ଜନ ଦାସ, ସୁମନ୍ତ ଜେନା ପ୍ରମୁଖ ଯୋଗ ଦେଇଥିଲେ । ଅନୁଷ୍ଠାନର ସମ୍ପାଦକ ବିକାଶ ପାଢ଼ୀ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ । ଉପଦେଷ୍ଟା ମୁରଲୀଧର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଗିରିଧାରୀ ବେହେରା, ଲକ୍ଷ୍ମୀଧର ସେଠୀ, ପ୍ରବୀର କୁମାର ଦାସ, ଜଗଜିତ ଆଚାର୍ଯ୍ୟ, ବିଶ୍ୱଜିତ ଭୋଇ, ମନୋଜ ଭୋଇ, ପ୍ରଦୀପ ମହନ୍ତ, ରାକେଶ ଭୋଇ, ସନ୍ତୋଷ ଭୋଇ, ବିରେନ୍ଦ୍ର ସେଠୀ, କମଳ ଲୋଚନ ସେଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

**ବେଙ୍ଗାଲୁରୁରେ ବୋଇତ ବନ୍ଦାଣ ଉତ୍ସବ :** ଉତ୍କଳ ଦିବସଠୁ ଆରମ୍ଭ କରି ପଖାଳ ଦିବସ, ରଥଯାତ୍ରା, ରଜ ସହ ସମସ୍ତ ଓଡ଼ିଆ ପର୍ବକୁ ବେଙ୍ଗାଲୁରୁରେ ଥିବା ଓଡ଼ିଆ ପରିବାର ପକ୍ଷରୁ ପ୍ରତିବର୍ଷ ପାଳନ କରାଯାଉଛି । ସେହିପରି ଏସ୍‌ଏଲ୍‌ଭି ସେଣ୍ଟ୍ରାଲ୍ ପାର୍କ ଆପାର୍ଟମେଣ୍ଟ ଓଡ଼ିଆ ପରିବାର ଦ୍ୱାରା ବେଙ୍ଗାଲୁରୁରେ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଛି । ପ୍ରାୟ ୬୦ ଓଡିଆ ପରିବାର ଏକାଠି ହୋଇ ଏହି ଉତ୍ସବ ପାଳିଥିଲେ ।

**ବ୍ୟାସବିହାରରେ ବୋଇତ ବନ୍ଦାଣ ଉତ୍ସବ:** ଫକୀରମୋହନ ବିଶ୍ୱବିଦ୍ୟାଳୟ ବ୍ୟାସବିହାର ପରିସର ଆଜି ଉତ୍ସବ ମୁଖର ହୋଇଥିଲା । ବିଶ୍ୱବିଦ୍ୟାଳୟର ଧାନ କେନ୍ଦ୍ର ଓ ନୂତନ ଉଦ୍ଭିଦ ବିଜ୍ଞାନ ବଗିଚା ସଂଲଗ୍ନ ପୁଷ୍କରିଣୀ ପାଖରେ ଆୟୋଜିତ ବୋଇତ ବନ୍ଦାଣ ଉତ୍ସବ ଛାତ୍ରଛାତ୍ରୀ, ଶିକ୍ଷକ, କର୍ମଚାରୀ ଓ ଅତିଥିମାନଙ୍କ ଉପସ୍ଥିତିରେ ଉଲ୍ଲାସପୂର୍ଣ୍ଣ ପରିବେଶରେ ପାଳିତ ହୋଇଥିଲା । ବିଶେଷକରି ପରିବେଶ ସୁରକ୍ଷା ଓ ଜଳ ପ୍ରଦୂଷଣ ନିୟନ୍ତ୍ରଣ ଉଦ୍ଦେଶ୍ୟରେ ପ୍ଲାଷ୍ଟିକ ବିହୀନ ଭାବେ କପଡ଼ା, ବାଉଁଶ ଓ କଦଳୀପଟୁଆ ଦ୍ୱାରା ତିଆରି ଏକ ବୋଇତକୁ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ସୁନ୍ଦର ଭାବେ



ସଜାଇଥିଲେ । ପ୍ରାତଃ ସମୟରେ ଓଡ଼ିଆ ପାରମ୍ପରିକ ରୀତିରେ "ଆ କା ମା ବୈ ଆ' ଗୀତ ଗାଇ, ଘଣ୍ଟ ଓ ଶଂଖ ଧ୍ୱନି ସହ ବୋଇତଟିକୁ ପୁଷ୍କରିଣୀରେ ଭସାଇଥିଲେ । ଉତ୍ସବରେ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରାଙ୍କ ସମେତ ବିଭିନ୍ନ ବିଭାଗମୁଖ୍ୟ, ଅଣଶିକ୍ଷକ କର୍ମଚାରୀ ଓ ଅନେକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଏହି ଉତ୍ସବର ଆୟୋଜନ ଓ ସମନ୍ୱୟ ଦାୟିତ୍ୱ ଭୂବିଜ୍ଞାନ ବିଭାଗର ଅଧ୍ୟାପକ ଡ. ଅସୀମ ଅମିତାଭ ପ୍ରଧାନ ନିର୍ବାହ କରିଥିଲେ ।

**ରେମୁଣା ସାଂସ୍କୃତିକ ପରିଷଦ:** ରେମୁଣା ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ୪୨ତମ ବୋଇତ ବନ୍ଦାଣ ଉତ୍ସବ ରେମୁଣା ବଜାର ଠାରେ ସମାଜସେବୀ ପ୍ରଭାତ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ତଥା ଅବସରପ୍ରାପ୍ତ ସହଯୋଗୀ ପ୍ରଫେସର ଡ କବିତା ବାରିକ ଯୋଗଦେଇଥିଲେ । ଅନ୍ୟତମ ଅତିଥି ଭାବେ ପୂର୍ବତନ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡା, ଏନଏସି ଚେୟାରମ୍ୟାନ ତନୁଜା ଗିରି, ଅଧ୍ୟାପକ ପ୍ରଶାନ୍ତ କୁମାର ବରାଳ, ନରୋତମ ପରିଡା, ଭାଗବତ ପ୍ରସାଦ ଦାସ, ସନ୍ତୋଷ ବେହେରା, ଗୌରାଙ୍ଗ ଦାସ, ଏନଏସି ଉପାଧ୍ୟକ୍ଷ ଆୟୁସାନ ଖାଁ ପ୍ରମୁଖ ଯୋଗଦେଇ ନିଜର ମତ ରଖିଥିଲେ । ପ୍ରଦୀପ କୁମାର ମିଶ୍ର ମଞ୍ଚ ଆହ୍ୱାନ କରିଥିବା ବେଳେ ଦୁଷ୍ମନ୍ତ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ଶିକ୍ଷକ ପ୍ରଭାକର ପାଣିଗ୍ରାହୀ, ରୁକ୍ମଣୀ ନାୟକ, ବିଶ୍ୱନାଥ ରାଉଳ, ସେଖ ଖଲିଲ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।






## ରାଣୀପାଟଣା ଦୃଷ୍ଟିହୀନ ଛାତ୍ରଙ୍କ ବେଙ୍ଗାଲୁରୁ ଗସ୍ତ

ବାଲେଶ୍ୱର, ୫।୧୧(ସମିସ): ରାଣୀପାଟଣା ଦୃଷ୍ଟିହୀନ ନିମନ୍ତେ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ର ଘାସିରାମ ମୁର୍ମୁ ଓ ଅଷ୍ଟମ ଶ୍ରେଣୀର ଛାତ୍ର ବଂଶୀଧର ଦାସ ଏବଂ ଶିକ୍ଷକ ସୁନୀଲ କୁମାର ବିଶ୍ୱାଳ ବେଙ୍ଗାଲୁରୁଠାରେ ଭିଜନ ଏମ୍ପାୱର୍ ଟ୍ରଷ୍ଟ ଦ୍ୱାରା ଆୟୋଜିତ ହେଉଥିବା ଗଣିତ, ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା ଓ ଯାନ୍ତ୍ରିକ ଅଭିକଳ୍ପ ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ ନିମନ୍ତେ ସେଠାକୁ ଗସ୍ତ କରିଛନ୍ତି । ଏହା ନଭେମ୍ବର ୭ରୁ ୯ ତାରିଖ ପର୍ଯ୍ୟନ୍ତ ଚାଲିବ । ଏ ନେଇ ଅନୁଷ୍ଠାନର ନିର୍ଦ୍ଦେଶକ ଦିବାକର ସ ଶୁଭେଚ୍ଛା ଜଣାଇଛନ୍ତି ।

## ଜଗନ୍ନାଥ ସେବା ସଂସ୍ଥାର ପରିଚାଳନା ବୈଠକ

ବାଲିଆପାଳ, ୫।୧୧ (ସମିସ): ବାଲିଆପାଳ ଜଗନ୍ନାଥ ସେବା ସଂସ୍ଥାର ଉପଦେଷ୍ଟା କମିଟିର ସ୍ୱତନ୍ତ୍ର ବୈଠକ ଜଗନ୍ନାଥ ସେବା ସଂସ୍ଥାର ସଭାପତି ଜଗନ୍ନାଥ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜଗନ୍ନାଥ ସେବା ସଂସ୍ଥାର ବାର୍ଷିକ ପତ୍ରିକା ପାଇଁ ଲେଖା ସଂଗ୍ରହ କରାଯିବାର ସିଦ୍ଧାନ୍ତ ନିଆଗଲା । "ମୋ ଜୀବନ ଓ ମୋ ସାହିତ୍ୟ' ବିଷୟକ ପ୍ରବନ୍ଧ ସଂଗ୍ରହ କରିବାକୁ ଉଚ୍ଚାଙ୍ଗ ସାହିତ୍ୟିକଙ୍କ ସହିତ ଯୋଗାଯୋଗ କରିବାକୁ ସାହିତ୍ୟିକ ବ୍ରଜେନ୍ଦ୍ର ନାଥ ଗିରି, ଅଧ୍ୟାପକ ଦୟାନିଧି ସାହୁ ଓ ରାଷ୍ଟ୍ରପତି ପୁରସ୍କୃତ ଶିକ୍ଷକ ଝାଡ଼େଶ୍ୱର ପ୍ରଧାନଙ୍କୁ ଦାୟିତ୍ୱ ଦିଆଯାଇଛି । ପରିଶେଷରେ ସଦସ୍ୟ ଭୁବନ ମୋହନ ପିଲା କୃତଜ୍ଞତା ଜ୍ଞାପନ କରିଥିଲେ । ରଶ୍ମିତା ପାଣିଗ୍ରାହୀ, ଶଙ୍କରିମଣି ପ୍ରଧାନ, ଯତୀନ୍ଦ୍ର ନାଥ ଜେନା, ରାଜ କୃଷ୍ଣ ପାତ୍ର ଉପସ୍ଥିତ ଥିଲେ ।

## ମହଙ୍ଗା ପଡ଼ିଲା କୁକୁରକୁ ବାଇକ୍‌ରେ ବାନ୍ଧି ଘୋଷାଡିବା

**ଅଭିଯୁକ୍ତକୁ ଧରିଲା ପୁଲିସ**

ବାଲେଶ୍ୱର, ୫।୧୧(ସମିସ): ମୃତ କୁକୁରକୁ ବାଇକ୍‌ରେ ବାନ୍ଧି ଘୋଷାଡିବା ଘଟଣାରେ ପୁଲିସ ଅଭିଯୁକ୍ତକୁ ଧରିବାରେ ସଫଳ ହୋଇଛି । ପାତ୍ରପଡା ଅଞ୍ଚଳରେ ବାଇକ୍‌ରେ ଦୁଇ ଜଣ ବ୍ୟକ୍ତି ଦଉଡ଼ିରେ କୁକୁରକୁ ବାନ୍ଧି ଟାଣି ନେଉଥିବାର ଏକ ଭିଡ଼ିଓ ସୋସିଆଲ ମିଡିଆରେ ଦେଖିବାକୁ ମିଳିଥିଲା । ପୁଲିସ ବାଇକ ନମ୍ବର ଟ୍ରାକ କରି ବାଇକ ମାଲିକଙ୍କୁ ଟ୍ରାଫିକ ଥାନା ଡକାଇଥିଲେ । କୁକୁରଟି ଦୁଇଦିନ ଧରି ମରି ଯାଇଥିବା ବେଳେ ପଚା ଗନ୍ଧାଉଥିବା ଯୋଗୁଁ ଫିଙ୍ଗିବା ପାଇଁ ନେବା ବେଳେ ଏମିତି ଘଟଣା ଘଟିଥିବା କଥା କହିଥିଲେ । ପରେ ସମସ୍ତେ ଥାନାରେ କ୍ଷମା ପ୍ରାର୍ଥନା କରିବା ସହ ଏମିତି ଆଉ କେବେ କରିବେ ନାହିଁ ବୋଲି ଏକ ଲିଖିତ ରାଜିନାମା କରିଥିଲେ । ଅନ୍ୟପଟେ ଏହି ଘଟଣାକୁ ନେଇ ଆନିମାଲ ୱେଲଫେୟାର ବୋର୍ଡର ସଦସ୍ୟା ସଂଗୀତା ମହାନ୍ତି ଅଭିଯୋଗ କରିଛନ୍ତି । ଅଭିଯୋଗ ପରେ ଏହାର ତଦନ୍ତ କରାଯାଇ ଆଗାମୀ ୧୫ ଦିନ ମଧ୍ୟରେ ଏକ ରିପୋର୍ଟ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି ।

## ମହୋଦଧିରେ ବୁଡ଼ ପକାଇଲେ ଶ୍ରଦ୍ଧାଳୁ



ବାଲିଆପାଳ, ୫।୧୧ (ସମିସ): ପୂର୍ଣ୍ୟମାସ କାର୍ତ୍ତିକର ଶେଷ ଦିନରେ ବାଲିଆପାଳର ବଙ୍ଗୋପସାଗର ଉପକୂଳ ଯମୁନାଶୂଳ ଡଗରା ଓ ଚାନ୍ଦମଣି ବେଳାଭୂମିରେ ହଜାର ହଜାର ଶ୍ରଦ୍ଧାଳୁ ବୁଡ ପକାଇବା ସହ ଅତୀତର ପରମ୍ପରାକୁ ମନେ ପକାଇ ଡଙ୍ଗା ଭସେଇଛନ୍ତି । ଶଙ୍ଖ ହୁଳୁହୁଳି ସାଙ୍ଗକୁ ମୃଦଙ୍ଗ, ଝାଳ ଘଣ୍ଟାରେ ବେଳାଭୂମି ପରିସର ପ୍ରକମ୍ପିତ ହୋଇଉଠିଥିଲା । ସେହିପରି ସୁବର୍ଣ୍ଣରେଖା ନଦୀର ପନ୍ତେଇଘାଟ, କୁଦମାନସିଂ, ବଡାପାଳ, ଅସ୍ତି, ପାଳପଡା ପ୍ରଭୃତି ନଦୀଘାଟରେ ସ୍ନାନ ଓ ଡଙ୍ଗା ଭସାଇବା ପାଇଁ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା । ଏହି ଅବସରରେ ଆଜି ସକାଳଠାରୁ ରାତ୍ରୀ ପର୍ଯ୍ୟନ୍ତ ବାଲିଆପାଳର ପ୍ରସିଦ୍ଧ ଶ୍ରଦ୍ଧାକ୍ଷେତ୍ରରେ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତମହାପ୍ରଭୁଙ୍କ ଦର୍ଶନ ପାଇଁ ଭିଡ ଜମାଇଥିଲେ । ସେହିପରି କାଳରୋହୀ, କୁଦମାନସିଂ ଏବଂ ମଧୁପୁରାଠାରେ ଅନୁଷ୍ଠିତ ରାହାସ ମେଳାରେ ମଧ୍ୟ ପ୍ରବଳ ଜନସମାଗମ ହୋଇଥିବା ଦେଖିବାକୁ ମିଳିଥିଲା । ପ୍ରଶାସନ ପକ୍ଷରୁ ସୋଲ ଡଙ୍ଗା ଭସାଇବା ପାଇଁ ବାରଣ କରାଯାଇଥିଲା ବେଳେ ବାଲିଆପାଳ ଅଞ୍ଚଳରେ ସର୍ବତ୍ର ଏହି ସୋଲ ଡଙ୍ଗା ବହୁଳଭାବେ ଦେଖିବାକୁ ମିଳିଥିଲା ।

## ଜଳେଶ୍ୱର ବ୍ଲକ୍‌ରେ ଭତ୍ତା କେଳେଙ୍କାରୀ

ଜଳେଶ୍ୱର, ୫।୧୧ (ସମିସ): ହିତାଧିକାରୀଙ୍କ ପୁଅ ଓ ବହୁ ଡାକ୍ତର, ୫ ମହଲା ବିଶିଷ୍ଟ ଅଟ୍ଟାଳିକା, ୨୫/୩୦ ମାଣ ଜମି ଥାଇ ସ୍ୱାମୀ ସ୍ତ୍ରୀ ଭତ୍ତା ହାତେଇ ଥିବା ଅଭିଯୋଗ ପରେ ପ୍ରଶାସନ ତଦନ୍ତ କରି ଭତ୍ତା ବନ୍ଦ କରିଛନ୍ତି । ନାମ୍ପୋ ଗ୍ରାମ ପଞ୍ଚାୟତର ଅଜିତ ଦାସ ଅଧିକାରୀ ଓ ସ୍ତ୍ରୀ ଲିଲିମା ଅଧିକାରୀଙ୍କ ପୁଅ ବୋହୂ ଉଭୟେ ଡାକ୍ତର, ୪ ମହଲା ବିଶିଷ୍ଟ ବିରାଟ ଅଟ୍ଟାଳିକା ସହ ୨୫/୩୦ ମାଣ ଚାଷ ଅଛି । ଏପରି ସ୍ଥଳେ ହିତାଧିକାରୀ ବିରାଟ ଧନୀ ଲୋକ ହୋଇଥିବା ବେଳେ ସବୁଠାରୁ ଆଶ୍ଚର୍ଯ୍ୟ ବିଷୟ ହେଉଛି, ସେମାନଙ୍କୁ ନାମ୍ପୋ ରାଜସ୍ୱ ନିରୀକ୍ଷକ ବାର୍ଷିକ ୬୦ ହଜାର ଟଙ୍କା ଆୟ ବୋଲି ଲେଖିଛନ୍ତି । ଏ ବାବଦରେ ବହୁଦିନ ଧରି ନାମ୍ପୋରେ ଭତ୍ତା ଜାଲିଆତି ବିଷୟରେ ଜିଲ୍ଲାପାଳଙ୍କ ଠାରୁ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଅଭିଯୋଗ ହେବା ପରେ ପ୍ରଶାସନ ଦ୍ୱାରା ତଦନ୍ତ ହୋଇଥିଲା ଓ ସେମାନଙ୍କ ଭତ୍ତା ବନ୍ଦ ହୋଇଥିଲା । ସରକାରଙ୍କ ତହବିଲରୁ ଅନ୍ୟାୟ ଭାବେ ହଡ଼ପ ହୋଇଥିବା ଅର୍ଥ ଅଦ୍ୟାବଧି ଆଦାୟ ହୋଇ ନ ଥିବା ଜଣା ପଡ଼ିଛି । ଏହି ଅର୍ଥ କେବେ ଆଦାୟ ହେବ ବୋଲି ସାଧାରଣରେ ଆଲୋଚନା ହେଉଛି ।

## ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ବାଲେଶ୍ୱର କେନ୍ଦ୍ରର ବୈଠକ

ବାଲେଶ୍ୱର, ୫।୧୧(ସମିସ): ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ବାଲେଶ୍ୱର କେନ୍ଦ୍ରର ଏକ ଜରୁରୀ ବୈଠକ ସ୍ୱର୍ଗତ ଅରୁଣ ଦେଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରର ଆବାହକ ଜିତେନ୍ଦ୍ର ଉପାଧ୍ୟାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜଳେଶ୍ୱର ଥାନା ପାଇକସିଦା ପଞ୍ଚାୟତର କେଶପୁର ଗ୍ରାମର ମଧୁସାହୁଙ୍କ ପୁତ୍ର ନିତ୍ୟଗୋପାଳ ସାହୁ ଏକ ୫ ବର୍ଷର ଶିଶୁକନ୍ୟାକୁ ତା'ର ବାପା ମା' ଘରେ ନଥିବାର ସୁଯୋଗ ନେଇ ନିଜଘରକୁ ଡାକି ଚାକିନେଇ ଅତ୍ୟାଚାର ଓ ଅସଦାଚରଣ କରିଥିଲେ । ପିଲାଠାରୁ ସବୁ କଥା ଶୁଣି ତା'ର ବାପା ମା' ଜଳେଶ୍ୱର ଥାନାରେ ଏତାଲା ଦେଇଥିଲେ । ଅଭିଯୁକ୍ତ ଖୋଲାଖୋଲି ବୁଲୁଥିଲେ ମଧ୍ୟ ପୁଲିସ୍ ତାକୁ ଅଦ୍ୟାବଧି ଗିରଫ କରିନଥିବାରୁ ବୈଠକରେ ସମସ୍ତେ ଉଦ୍‌ବେଗ ପ୍ରକାଶ କରିଥିଲେ । ଗତ ଅକ୍ଟୋବର ୧୦ ତାରିଖରେ କେନ୍ଦ୍ର ପକ୍ଷରୁ ଏକ ତଥ୍ୟ ଅନୁସନ୍ଧାନକାରୀ ଦଳ ଘଟଣାସ୍ଥଳର ସରଜମିନ୍ ତଦନ୍ତ କରିବା ସହ ଉଭୟପକ୍ଷଙ୍କ ସମସ୍ତ ଘଟଣା ଶୁଣି ଥାନାଧିକାରୀଙ୍କୁ ଆସାମୀର ଗିରଫ ପାଇଁ ଦାବି କରିଥିଲେ । ପୁଲିସ୍‌ର ନିଷ୍କ୍ରିୟତାକୁ ବିରୋଧ କରି ଏବଂ ଅତ୍ୟାଚାରିତ କନ୍ୟାଙ୍କ ପରିବାରକୁ ନ୍ୟାୟ ପ୍ରଦାନ ପାଇଁ ୭ ତାରିଖ ପୂର୍ବାହ୍ନ ୧୧ ଘଟିକାରୁ ମଧ୍ୟାହ୍ନ ୧ ଘଟିକା ସମୟ ପର୍ଯ୍ୟନ୍ତ ଏକ ନୀରବ ପ୍ରତୀକ ଧାରଣା ବାଲେଶ୍ୱର ଜିଲ୍ଲାପାଳଙ୍କ ଫାଟକ ସମ୍ମୁଖରେ କରାଯିବାକୁ ନିଷ୍ପତ୍ତି ହୋଇଛି । ଏହି ବୈଠକରେ ସୁରେନ୍ଦ୍ର ପଣ୍ଡା, ପୁରୁଷୋତ୍ତମ କମିଲା, ଆବାହକ ମହମ୍ମଦ ଇସ୍‌ଲାମ, ସୁଶାନ୍ତ ମହାନ୍ତି, ସତ୍ୟେନ୍ଦ୍ର ଦାସ, ପ୍ରତିମା ପଣ୍ଡା, କବିତାରାଣୀ ଦାସ, ଆଶ୍ରିତା ତରେଇ, ସାକିଲା ବାନୋ, ସେକ୍ ନଜିମ୍ ଅଲ୍ଲୀ, ସେକ୍ ଅସଗର ଅଲ୍ଲୀ, ସଂଯୁକ୍ତା ବେହେରା, ଇନ୍ତେକାବ୍ ଅଲ୍ଲି ଖାଁ, ପ୍ରଜ୍ଞା ପାରମିତା ବିଶ୍ୱାଳ, ରାମେଶ୍ୱର ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଲଚନ୍ଦ୍ରଙ୍କର ୧୩୮ତମ ଶୁଭ ଜନ୍ମମହାମହୋତ୍ସବ ସ୍ମରଣେ ଜଳେଶ୍ୱରରେ "ଜାଗୃହି ମହାମଙ୍ଗଳ ଯଜ୍ଞ"

ଯୁଗପୁରୁଷୋତ୍ତମ ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଲଚନ୍ଦ୍ରଙ୍କର ଅମିୟ ବାର୍ତ୍ତା— "ଗୁରୁଭକ୍ତିରୁହିଁ ମଣିଷ ମଙ୍ଗଳର ଅଧିକାରୀ ହୁଏ | ଏହି ଗୁରୁଙ୍କୁହିଁ ଇଷ୍ଟ କହନ୍ତି,— ଇଷ୍ଟ ମାନେ ମଙ୍ଗଳ, ଅର୍ଥାତ୍ ସଦ୍‌ଗୁରୁଙ୍କୁ ଅନୁସରଣ କଲେହିଁ ମଣିଷର ମଙ୍ଗଳ ଆସେ |" ପୁଣି ସେ ମହାଭାବାବସ୍ଥାରେ ପୁଣ୍ୟ-ପୋଥି ଗ୍ରନ୍ଥ ମାଧ୍ୟମରେ କହିଛନ୍ତି — "ସତ୍‌ସଙ୍ଗ ପ୍ରାଣର ଜିନିଷ, ଯେ କୌଣସି ସମ୍ପ୍ରଦାୟହିଁ ହେଉ ନା କାହିଁକି, ସେ ଯଦି ସତ୍ ହୁଏ, ତେବେ ତାକୁ ପ୍ରାଣ ଦେଇ ଭଲପାଇବୁ | ମରଜଗତରେ ଯଦି କେହି ଆତ୍ମୀୟ ଥାଏ ତ ସେହିମାନେହିଁ |" ଏତଦ୍‌ବ୍ୟତୀତ ସତ୍‌ସଙ୍ଗୀର ବ୍ୟାଖ୍ୟା କରିବାକୁ ଯାଇ ଜୀବନ-ବୃଦ୍ଧିର ପରମ ଉଦ୍ଧାତା ଦୟାଲ ଠାକୁର କହିଛନ୍ତି — "ଯେଉଁମାନେ ଜୀବନ ଓ ବୃଦ୍ଧିକୁ ଭଲ ପାଆନ୍ତି ପ୍ରକୃତ ପ୍ରସ୍ତାବରେ ସେହିମାନେହିଁ ସତ୍‌ସଙ୍ଗୀ" |

ପ୍ରତିଟି ଜୀବସତ୍ତାର ମଙ୍ଗଳ କାରୁଣିକ ଶ୍ରୀଶ୍ରୀଠାକୁରଙ୍କର ଆଶା ଥିଲା ଓ ସେ କହିଛନ୍ତି— "ଶିଷ୍ୟ ଓ ସନ୍ତାନ—ବଡ଼-ଖୋକାହିଁ ହେଉ, ମଣିହିଁ ହେଉ ବା କାଜଲହିଁ ହେଉ ବା ଅପଣମାନେହିଁ ହୁଅନ୍ତୁ— ଆପଣମାନଙ୍କ ପ୍ରତ୍ୟେକଙ୍କ ପାଖରୁ ମୁଁ ଆଶାକରେ ଯେ ଆପଣମାନେ ନିଜ-ନିଜର ଜୀବନ ଓ ଚରିତ୍ରରେ ମୋତେ ବହନ କରି ନେଇ ଚାଲିବେ ଏବଂ ଅନ୍ୟ ପାଖରେ ମଧ୍ୟ ମୋତେ ପହଞ୍ଚାଇ ଦେବେ ଅବିକୃତ ଭାବରେ, ଅବଶ୍ୟ ପ୍ରତ୍ୟେକେ ନିଜ-ନିଜର ବୈଶିଷ୍ଟ୍ୟ ଅନୁଯାୟୀ | ଆଉ, ମୋତେ ବହନ କରିବା ବା ପହଞ୍ଚାଇ ଦେବା ମାନେ ମୋର mission (ଆଦର୍ଶ ଓ ଉଦ୍ଦେଶ୍ୟକୁ) ବହନ କରିବା ଓ ପହଞ୍ଚାଇ ଦେବା, ପୁଣି ମୋର mission (ଆଦର୍ଶ ଓ ଉଦ୍ଦେଶ୍ୟ) ମାନେ ସମସ୍ତଙ୍କର mission (ଆଦର୍ଶ ଓ ଉଦ୍ଦେଶ୍ୟ) | ଜୀବନୀୟ ପ୍ରତିଟି ଯାହାକିଛିର ଇଷ୍ଟାନୁଗ ସତ୍ତାସମ୍ବର୍ଦ୍ଧନାହିଁ ମୋର mission (ଆଦର୍ଶ ଓ ଉଦ୍ଦେଶ୍ୟ) |"

ଯୁଗାଚାର୍ଯ୍ୟ ଶ୍ରୀଶ୍ରୀଠାକୁରଙ୍କର ଏହି ଅମୋଘ ଇଚ୍ଛାକୁ ବାସ୍ତବାୟିତ କରିବା ଉଦ୍ଦେଶ୍ୟରେ ପ୍ରିୟପରମ ଶ୍ରୀ ଶ୍ରୀ ଅନୁକୂଳଚନ୍ଦ୍ର



ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର

ଚର୍ଯ୍ୟାଶ୍ରମ, ବିବେକ-ବିତାନ, ଦେଓଘର, ଝାଡ଼ଖଣ୍ଡର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶାଖାକେନ୍ଦ୍ର ଜଳେଶ୍ୱର ଚର୍ଯ୍ୟାଶ୍ରମ ଆନୁକୂଲ୍ୟରେ ଆଗାମୀ ୭, ୮, ୯ ନଭେମ୍ବର, ୨୦୨୫ (ଶୁକ୍ରବାର, ଶନିବାର, ରବିବାର) — ତିନିଦିନ ବ୍ୟାପି **"ଜାଗୃହି ମହାମଙ୍ଗଳ ଯଜ୍ଞ"** ଅନୁଷ୍ଠିତ ହେବାକୁ ଯାଉଅଛି |

ସ୍ଥାନ: ନନ୍ଦିକା ବାଇପାସ୍, ଜାତୀୟ ରାଜପଥ ୧୬, ଜଳେଶ୍ୱର-ପଶ୍ଚିମବାଡ଼ ରୋଡ଼, ଜଳେଶ୍ୱର, ବାଲେଶ୍ୱର |

ଆକର୍ଷଣୀୟ ଅନୁଷ୍ଠାନ: ବିଶ୍ୱଶାନ୍ତି ହୋମ ଯଜ୍ଞ, ଆହ୍ୱାନୀ ସହିତ ସମବେତ ପ୍ରାର୍ଥନା, ସଙ୍କୀର୍ତ୍ତନ ସହ ନଗର ପରିକ୍ରମା, ବେଦମାଙ୍ଗଳିକ, ଭାଗବତ ପାଠ, ଶ୍ରୀମଦ୍‌ଭଗବଦ୍‌ଗୀତା ପାଠ, ତଥା ସମସ୍ତ ପୂର୍ବବର୍ତ୍ତୀ ପ୍ରେରିତଗଣଙ୍କର ଧର୍ମଗ୍ରନ୍ଥ ପାଠ ଓ ଆଲୋଚନା, ରକ୍ତଦାନ ଶିବିର, ଶ୍ରେୟସମ୍ବର୍ଦ୍ଧନା, ପିଲାମାନଙ୍କୁ ନେଇ ବକ୍ତୃତା, ସଙ୍ଗୀତ ଓ କୁଇଜ୍ ପ୍ରତିଯୋଗୀତା, ଶ୍ରୀଶ୍ରୀଠାକୁରଙ୍କ ଭାବଧାରା ଉପରେ ଆଧାରିତ ନାଟକ ପରିବେଷଣ, ମାତୃସମ୍ମିଳନୀ ଓ ସତ୍‌ସଙ୍ଗ ସାଧାରଣ ଅଧିବେଶନ |

ଏହି ମହାମଙ୍ଗଳ ଯଜ୍ଞରେ ବହୁ ଗଣ୍ୟମାନ୍ୟ, ଜ୍ଞାନୀ ଗୁଣୀ ଓ ଈଶ୍ୱରପ୍ରେମୀ ବ୍ୟକ୍ତିଙ୍କର ଉପସ୍ଥିତି ସହିତ ସେହି ପ୍ରିୟପରମ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କର ପୌତ୍ର ପୂଜ୍ୟପାଦ ଶ୍ରୀଯୁକ୍ତ ବିଦ୍ୟୁତ୍ ରଞ୍ଜନ ଚକ୍ରବର୍ତ୍ତୀ, ପୂଜ୍ୟପାଦ ଡ. ବୁଦ୍ଧଦେବ ଚକ୍ରବର୍ତ୍ତୀ, ପୂଜ୍ୟପାଦ ଶ୍ରୀଯୁକ୍ତ ବିନାୟକ ଚକ୍ରବର୍ତ୍ତୀ, ପ୍ରପୌତ୍ର ପୂଜନୀୟ ଶ୍ରୀଯୁକ୍ତ ବୌଧାୟନ ଚକ୍ରବର୍ତ୍ତୀ ଓ ପୂଜନୀୟ ବାଲାର୍କ ଚକ୍ରବର୍ତ୍ତୀ ଉପସ୍ଥିତ ରହିବାର ସହର୍ଷ ସମ୍ମତି ପ୍ରଦାନ କରିଛନ୍ତି | ଏଥିସହିତ ଓଡ଼ିଶା, ଝାଡ଼ଖଣ୍ଡ, ବିହାର, ପଶ୍ଚିମବଙ୍ଗ, ଦିଲ୍ଲୀ, ମୁମ୍ବାଇ ଇତ୍ୟାଦି ବିଭିନ୍ନ ସ୍ଥାନରୁ ବହୁ ବିଶିଷ୍ଟ ସତ୍‌ସଙ୍ଗୀ ମାନେ ଉପସ୍ଥିତ ରହିବାର ସମ୍ମତି ପ୍ରଦାନ କରିଛନ୍ତି |

ଏଣୁ ସବିନୟ ଅନୁରୋଧ— ହେ ଅମୃତର ସନ୍ତାନ ! ଆସନ୍ତୁ, ଏହି ମହନୀୟ ପୂତ-ପରିମଣ୍ଡଳରେ ସପରିବାର ତଥା ସବାନ୍ଧବ ପ୍ରିୟପରିଜନଙ୍କ ସହିତ ସମବେତ ହୋଇ ଇଷ୍ଟୋଦ୍ଦୀପକ ଭାବଧାରାରେ ନିଜକୁ ବ୍ୟାପୃତ କରିବା ସହିତ ଇଷ୍ଟପ୍ରେରଣାଉଦ୍ଦୀପ୍ତ ଅନୁଷ୍ଠାନକୁ ସରସସୁନ୍ଦର କରିତୋଳିବା ପାଇଁ ଦୃଢ଼ ସଂକଳ୍ପବଦ୍ଧ ହେବା |

**~ ବନ୍ଦେ ପୁରୁଷୋତ୍ତମମ୍ ~**

ବିନୀତ
ପ୍ରିୟପରମ ଶ୍ରୀ ଶ୍ରୀ ଅନୁକୂଳଚନ୍ଦ୍ର ଚର୍ଯ୍ୟାଶ୍ରମ
ଜଳେଶ୍ୱର ଶାଖାକେନ୍ଦ୍ରର କର୍ମୀବୃନ୍ଦ

ସକାଳ
THE SAKALA

# ସୁନାମ/ ଦୁର୍ନାମ

ଜାତୀୟ କ୍ରୀଡ଼ାର ମର୍ଯ୍ୟାଦା ହାସଲ କରିଥିବା ଭାରତୀୟ ହକି ଦଳର ପ୍ରାୟୋଜକ ହେବାକୁ ପଡ଼ିଥିଲା ଓଡ଼ିଶା ସରକାରଙ୍କୁ । କ୍ରିକେଟର ପ୍ରାଧାନ୍ୟ ସମଗ୍ର ଦେଶରେ ବିସ୍ତାରିତ ହେଉଥିବା ବେଳେ ହକିର ଲୋକପ୍ରିୟତା କ୍ରମେ ହ୍ରାସ ପାଉଥିଲା । ସୁନ୍ଦରଗଡ଼ ଜିଲ୍ଲା ଥିଲା ହକିର ଏନ୍ତୁଡ଼ିଶାଳ । ପ୍ରୋତ୍ସାହନ ମାଧ୍ୟମରେ ପ୍ରତିଭା ଚୟନ ଏବଂ ଆନ୍ତର୍ଜାତିକ ମାନର ଭିତ୍ତିଭୂମି ପ୍ରତିଷ୍ଠା କରାଯାଇପାରିଲେ ଏହି କ୍ରୀଡ଼ା ପୁଣି ଥରେ ଦେଶବାସୀଙ୍କ ଶ୍ରଦ୍ଧା ଓ ସହାନୁଭୂତି ଲାଭ କରିପାରିବ - ଏଭଳି ଏକ ଲକ୍ଷ୍ୟ ନେଇ ଯୋଜନାବଦ୍ଧ କାର୍ଯ୍ୟାରମ୍ଭ କରିଥିଲେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଜାତୀୟ ହକି ଦଳର ଓଡ଼ିଶା ସରକାର କେବଳ ପ୍ରାୟୋଜକ ହେଲେ ନି ଭୁବନେଶ୍ୱରରେ ମୁଣ୍ଡ ଟେକିଥିବା କଳିଙ୍ଗ ଷ୍ଟାଡିୟମକୁ ହକି ଭିତ୍ତିଭୂମିର ଶ୍ରେଷ୍ଠ ମଞ୍ଚ ରୂପେ ଗଢ଼ିବା ଆରମ୍ଭ ହୋଇଥିଲା । ବ୍ୟବବହୁଳ ଆଷ୍ଟ୍ରୋଟ୍ରଫ୍ ଭୁବନେଶ୍ୱର, ରାଉରକେଲା, ସୁନ୍ଦରଗଡ଼ରେ ବିଛା ଯିବା ସହ ରକ୍ଷଣାବେକ୍ଷଣା ପ୍ରସ୍ତୁତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ଆନ୍ତର୍ଜାତିକ ଓ ଜାତୀୟସ୍ତରର ପ୍ରତିଯୋଗୀଙ୍କ ପ୍ରଶଂସା ସରକାରଙ୍କୁ ଉତ୍ସାହିତ କରିଥିଲା କ୍ରୀଡ଼ାର ଅନ୍ୟ ବିଭବ ପ୍ରତି ଦୃଷ୍ଟି ଦେବାକୁ । ଏଠାରେ ଟେନିସ, ଆଥଲେଟିକ୍, ଜିମ୍ନାଷ୍ଟିକ, ୱେଟଲିଫ୍ଟିଂ, ସୁଟିଂ ଓ ଫୁଟବଲ ଖେଳିବାର ଉନ୍ନତ ସୁବିଧା ସୁଯୋଗ ସୃଷ୍ଟି ହେଲା । ଓଡ଼ିଶାକୁ କ୍ରୀଡ଼ା ରାଜଧାନୀ ମାନ୍ୟତା ମିଳିବାରେ କଳିଙ୍ଗ ଷ୍ଟାଡିୟମର ଅବଦାନ ସତରେ ଈର୍ଷଣୀୟ । କ୍ଷମତା ପରିବର୍ତ୍ତନ ପରେ ସେହି ଈର୍ଷା ହିଁ କଳିଙ୍ଗରେ କଳଙ୍କ ଲେପିବା ଆରମ୍ଭ କରିଛି । ଆମ ଜାଣିବାରେ କ୍ଷମତା ବଦଳିଲେ ମଧ୍ୟ ବ୍ୟବସ୍ଥା ଅତୁଟ ରହିଥାଏ । ବ୍ୟବସ୍ଥାକୁ ଯେତେବେଳେ କ୍ଷମତା ନିଜ ଢଙ୍ଗରେ ମୋଡ଼ିମକଚି ଦେବ ସେତେବେଳେ ବିଭ୍ରାଟ ଘଟିବ ହିଁ ଘଟିବ । ତାହା ହିଁ ପରିଲକ୍ଷିତ ହୋଇଛି କଳିଙ୍ଗ ଷ୍ଟାଡିୟମରେ ।

କଳିଙ୍ଗ ଷ୍ଟାଡିୟମର ସୁରକ୍ଷା ଓ ଶୃଙ୍ଖଳାକୁ ଅତୁଟ ରଖିବା ସକାଶେ ଥିବା ବ୍ୟବସ୍ଥାଗତ କଟକଣା ଓ ବ୍ୟବସ୍ଥାର ଉଲ୍ଲଙ୍ଘନ ହୋଇ ନ ଥିଲେ ହୁଏତ ସେହି ଗରିମାର ଭାଗୀଦାର ଏବର କ୍ଷମତା ମଧ୍ୟ ହୋଇଥା'ନ୍ତେ । ସବୁ ସୁନାମରେ କାଳିବୋଳି ସବୁଦିନ ସକାଶେ ପୋଛିଦେଇ ହେବନି । ସେହି କାଳିମା ହିଁ ଶେଷରେ ଦୁର୍ନାମର କାରଣ ହେବ । ଉନ୍ନତମାନର ସମ୍ଭ୍ରାନ୍ତ ବ୍ୟବସ୍ଥା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର କ୍ରୀଡ଼ାବିତ୍‌ଙ୍କୁ ଆକର୍ଷଣ କରିଥିଲା କଳିଙ୍ଗ ଷ୍ଟାଡିୟମ । ଉଚ୍ଚମାନର ପ୍ରଦର୍ଶନ ସକାଶେ ଥିବା ସୁବିଧା ଓ ସୁଯୋଗକୁ ଦୃଷ୍ଟିରେ ରଖି କେବଳ ନୀରଜ ଚୋପ୍ରା କାହିଁକି ସ୍ୱନାମଧନ୍ୟ ଅନ୍ୟ ଆଥଲେଟ୍ ଓ ପୁରୁଷ ମହିଳା ହକି ଖେଳାଳି ଏଠାରେ ପ୍ରଶିକ୍ଷିତ ହେବାକୁ ପ୍ରାଧାନ୍ୟ ଦେଉଥିଲେ । ସେହିଭଳି ଆମ ରାଜ୍ୟର ପିଲାମାନେ ନିଜର କ୍ରୀଡ଼ା କ୍ୟାରିୟର ଗଢ଼ିବା ପାଇଁ ଏଠାରେ ପ୍ରଶିକ୍ଷଣ ନେଇଛନ୍ତି । ତେଣୁ ତ ବିଶୃଙ୍ଖଳାମୁକ୍ତ ପରିବେଶ ପାଇଁ ଷ୍ଟାଡିୟମକୁ କଠୋର କଟକଣା ମଧ୍ୟରେ ରଖାଯାଇଥିଲା । ତାହା ଥିଲା କ୍ରୀଡ଼ାପ୍ରେମୀଙ୍କ ଭରସାର କେନ୍ଦ୍ର । ଏମିତି କ'ଣ ହେଲା ଯେ ଏହି କିଛି ମାସ ମଧ୍ୟରେ ସେଠାରେ ଗଦା ଗଦା ମଦ ବୋତଲ ଗଡୁଛି । ଶୌଚାଳୟଠାରୁ ଆରମ୍ଭ କରି ଏଠି ସେଠି ମେଞ୍ଚା ମେଞ୍ଚା ବ୍ୟବହୃତ କଣ୍ଡୋମ ପଡ଼ିଛି । ସବୁଠାରୁ କ୍ଷୋଭର ବିଷୟ ଯେ ବ୍ୟବହୃତ ସିରିଞ୍ଜି ମଧ୍ୟ ବିଭିନ୍ନ ସ୍ଥାନରୁ ମିଳୁଛି । ଏହା ଡ୍ରଗ ମାଫିଆଙ୍କ ଆଡ୍ଡାସ୍ଥଳକୁ ଇଙ୍ଗିତ କରୁନି କି ? ଷ୍ଟାଡିୟମର ସୁରକ୍ଷା ଓ ସୁପରିଚାଳନା ଦୃଷ୍ଟିରୁ ସେଠାରେ କେବଳ କ୍ରୀଡ଼ା ନିର୍ଦ୍ଦେଶାଳୟ ଓ ସଚିବଙ୍କ କାର୍ଯ୍ୟାଳୟ ରହିଛି । ଏମାନଙ୍କୁ ବାଦଦେଲେ ଅନ୍ୟ କାହାର ପ୍ରବେଶାଧିକାର ଏଠାରେ ନାହିଁ । ହଠାତ୍ କଟକଣା କୁଆଡ଼େ ଉଭେଇଗଲା ଯେ ଏତେ କେଳେଙ୍କାରୀ ପରିଲକ୍ଷିତ ହେଉଛି?

ସୁନାମ ଓ ଦୁର୍ନାମ ଦୁଇଟି ପରସ୍ପର ବିପରୀତବୋଧକ ଶବ୍ଦ । କ୍ରୀଡ଼ା କ୍ଷେତ୍ରରେ ଏତେ ସମ୍ମାନ ଓ ମର୍ଯ୍ୟାଦା ହାସଲ କରିଥିବା ଆମ ରାଜ୍ୟ ଉପରୁ ଭରସା ତୁଟିଯିବା ଭଳି ପରିବେଶ ସୃଷ୍ଟି ପାଇଁ ସୁଯୋଗ ଦେବା କେତେ ଦୂର ସମୀଚୀନ? ଓଡ଼ିଶାର ଏହି ଗର୍ବ ଓ ଗୌରବ ପାଇଁ ନବୀନ ପଟ୍ଟନାୟକ ଯେତିକି ସୁନାମ ଅର୍ଜନ କରିନଥିଲେ ତାହାଠାରୁ ଅଧିକ ରାଜ୍ୟବାସୀଙ୍କ ସମ୍ମାନ ବଢ଼ିଥିଲା । ଏବର ସ୍ଥିତି ପାଇଁ ଯେଉଁ ଦୁର୍ନାମ ରଟୁଛି ତାହାକୁ କିଏ ମୁଣ୍ଡାଇବ? କ୍ଷମତା ନା ଜନସାଧାରଣ?


# ଅର୍ଥନୀତିର ଗତି ଓ ଦୁର୍ଗତି

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବହିଃଶୁଳ୍କ ନୀତିରେ ଭାରତ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି । ଶୁଳ୍କ ବିବାଦର ସମାଧାନ ନେଇ ସରକାର କ୍ରମାଗତ ଆଶ୍ୱସନା ଦେଇ ଚାଲିଥିବା ବେଳେ ସ୍ଥିତି ଯେଉଁଠି ସେଇଠି ଅଟକି ରହିଛି । ଅଥଚ ଦେଶର ବାଣିଜ୍ୟ ନିଅଣ୍ଟ ବଢ଼ି ବଢ଼ି ଚାଲିଛି । ଭାରତର ସବୁଠାରୁ ବଡ଼ ରପ୍ତାନି ବଜାର ଆମେରିକା ହୋଇଥିବା ବେଳେ ତାହା ଚିନ୍ତାଜନକ ଭାବେ ଭାରତ ପାଇଁ ସଂକୁଚିତ ହେଉଛି । ଗତ ମେ'ରୁ ସେପ୍ଟେମ୍ବର ମଧ୍ୟରେ ଆମେରିକାକୁ ରପ୍ତାନି ୩୭.୫ ପ୍ରତିଶତ ବା ୮୮୦ କୋଟି ଡଲାର ହ୍ରାସ ପାଇଛି । ସ୍ମାର୍ଟ ଫୋନ ଓ ଫାର୍ମା ଉତ୍ପାଦ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି । ଅନ୍ୟପକ୍ଷରେ ଜିଏସଟିରେ ସଂସ୍କାର ଆଣି ବଜାର ସ୍ଥିତିକୁ ସୁଧାରିବାର ଯେଉଁ ପରିକଳ୍ପନା ସରକାରଙ୍କର ଥିଲା ସେଥିରୁ ଆଶାନୁରୂପ ସୁଫଳତା ମିଳିନାହିଁ । ଏବାଦରେ ଯେଉଁ ରାଜସ୍ୱ ହାନି ଘଟିଛି ତାହାର ଭରଣା ପାଇଁ ଏପର୍ଯ୍ୟନ୍ତ କୌଣସି ବିକଳ୍ପ ପଦକ୍ଷେପ ଗ୍ରହଣ କରାଯାଇପାରିନାହିଁ । ସରକାର ବିତ୍ତୀୟ ନିଅଣ୍ଟକୁ ଜିଡିପିର ୪.୪ ପ୍ରତିଶତରେ ସୀମିତ ରଖିବା ସକାଶେ ଲକ୍ଷ୍ୟ ଧାର୍ଯ୍ୟ କରିଥିବା ବେଳେ ଚଳିତ ଆର୍ଥିକ ବର୍ଷର ପ୍ରଥମ ୪ ମାସରେ ବାର୍ଷିକ ଆଧାରରେ ଏହା ୭୦ ପ୍ରତିଶତ ବଢ଼ିଛି । ବେଲଗାମ ପୁଞ୍ଜିବ୍ୟୟ ଯୋଗୁଁ ବିତ୍ତୀୟ ନିଅଣ୍ଟ ଏଭଳି ବଢ଼ି ଚାଲିଛି ।

ଅପରପକ୍ଷରେ ଦେଶର ଋଣ ପରିମାଣ ଗତ ଦଶବର୍ଷ ମଧ୍ୟରେ ୬୪ ଲକ୍ଷ କୋଟି ଟଙ୍କାରୁ ୧୯୭.୭୯ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି । କ୍ଷମତା ପାଇଁ ଭୋଟବ୍ୟାଙ୍କ ରାଜନୀତିକୁ ପ୍ରାଧାନ୍ୟ ଦିଆଯାଉଥିବାରୁ ଆଗପଛ ନ ବିଚାରି ମିଛ କଲ୍ୟାଣକାରୀ ଯୋଜନା ଆଳରେ ଯେଉଁ ବିପୁଳ ଅର୍ଥରାଶି ବ୍ୟୟ କରାଯାଉଛି ତାହାର ପରିଣାମ ଆଜି ନହେଲେ କାଲି ଭୋଗିବାକୁ ହିଁ ପଡ଼ିବ । ଦିନକୁ ଦିନ ଜୀବନଧାରାରେ ଯେଉଁ ପରିବର୍ତ୍ତନ ଘଟୁଛି ସେଥିରେ ଖର୍ଚ୍ଚର ଚାହିଦା ଦିଗ ପରିବର୍ତ୍ତନ କରିଛି । ଅଥଚ ସେହି ଅନୁପାତରେ ଉପାର୍ଜନ ବଢୁନାହିଁ । ମଧ୍ୟବିତ୍ତଙ୍କ ଆୟର ସୀମା ଗୋଟିଏ ସ୍ଥାନରେ ଅଟକି ରହିଥିବା ବେଳେ ଅତିରିକ୍ତ ବ୍ୟୟଭାର ସେମାନଙ୍କୁ ଅସ୍ୱସ୍ତିକର କରୁଛି । ଏଭଳି ସ୍ଥିତିରେ ଦେଶର ଅର୍ଥନୀତି ଦ୍ରୁତତର ହେବ ବୋଲି ଆଶା କରିବା ବୃଥା ।

ପରିସ୍ଥିତି ଏପରି ହୋଇଛି ଯେ ଋଣ ବୃଦ୍ଧି ପାଇଁ କେନ୍ଦ୍ର ସରକାର ରାଜ୍ୟମାନଙ୍କୁ ଦାୟୀ କରୁଥିବା ବେଳେ ରାଜ୍ୟମାନଙ୍କ ପକ୍ଷରୁ ପାଲଟା ଅଭିଯୋଗ ହେଉଛି ଯେ ଅଭିବୃଦ୍ଧି ହାରରେ ସ୍ଥିରତା ଆଣିବା ସକାଶେ ସରକାର କର୍ପୋରେଟ ସେକ୍ଟରକୁ ଅଯଥା ପ୍ରାଧାନ୍ୟ ଦେଇ ଅନାଦାୟ ପୁଞ୍ଜି ନାମରେ ସେମାନଙ୍କ ଋଣ ଛାଡ଼ ଓ ରିହାତି ଦେଇଚାଲିଛନ୍ତି । ଏହା ସାମଗ୍ରିକ ବିକାଶର ପରିପନ୍ଥୀ ।

# ସମ୍ପାଦକୀୟ



ଚାଲିବାର ବେଗ ଅପେକ୍ଷା ଚାଲୁଥିବା ରାସ୍ତାର ଦୈର୍ଘ୍ୟ ଓ ଲକ୍ଷ୍ୟସ୍ଥଳ ଗୁରୁତ୍ୱପୂର୍ଣ୍ଣ ।
-କନ୍‌ଫୁସିୟସ୍

# ହିମାଳୟର ଐଶ୍ୱର୍ଯ୍ୟ ବନାମ ବିପର୍ଯ୍ୟୟ

**ଡକ୍ଟର ସୁନ୍ଦର ନାରାୟଣ ପାତ୍ର**

ଭାରତର ଉତ୍ତରସୀମାରେ ଅବସ୍ଥିତ ହିମାଳୟ ଅନେକ ପର୍ବତର ଏକ ଶୃଙ୍ଖଳ, ଯାହା ଭାରତ, ନେପାଳ, ଭୁଟାନ, ଚୀନ୍, ପାକିସ୍ତାନ ଓ ଆଫଗାନିସ୍ତାନ ଭଳି ଛଅଟି ଦେଶକୁ ପ୍ରସାରିତ । ଏହି ପର୍ବତମାଳାରେ ପୃଥିବୀର ଅନେକ ଉଚ୍ଚତମ ଶିଖର ଅଛି, ଯେଉଁଥିରେ ସମୁଦ୍ର ପତ୍ତନଠାରୁ ୮, ୮୪୮.୮୬ ମିଟର ଉଚ୍ଚତା ବିଶିଷ୍ଟ ସର୍ବୋଚ୍ଚ ମାଉଣ୍ଟ ଏଭରେଷ୍ଟ (ନେପାଳ ଓ ତିବ୍ବତର ସୀମା) ଅନ୍ତର୍ଭୁକ୍ତ । ବିଶ୍ୱର କିଛି ପ୍ରମୁଖ ନଦୀ, ସିନ୍ଧୁ, ଗଙ୍ଗା, ବ୍ରହ୍ମପୁତ୍ର ଓ ଯମୁନା ହିମାଳୟ ଅଞ୍ଚଳରୁ ଉତ୍ପନ୍ନ ହୋଇଛି । ସେଗୁଡ଼ିକର ମିଳିତ ଜଳ ନିଷ୍କାସନ ଅବବାହିକା ପ୍ରାୟ ୬୦୦ ନିୟୁତ ଲୋକଙ୍କ ଆବାସସ୍ଥାନ । ୫୩ ନିୟୁତ ଲୋକ କେବଳ ହିମାଳୟରେ ବାସ କରନ୍ତି । ହିମାଳୟ ପର୍ବତମାଳାରେ ପ୍ରାୟ ୨୫, ୦୦୦ ବିଶାଳ ବରଫ ଖଣ୍ଡ ବା ହିମ ସ୍ରୋତ ରହିଛି, ଯାହା ପ୍ରାୟ ୧୨,୦୦୦ ଘନ କିଲୋମିଟର ମଧୁର ଜଳ ସଂରକ୍ଷଣ କରେ । ସ୍ଥାନୀୟ ସ୍ଥଳାକୃତି ବା ଭୂ-ରୂପ, ଉଚ୍ଚତା, ବୃଷ୍ଟିପାତ, ତୁଷାରପାତ, ମୃତ୍ତିକା, ସମୂହ ପରିସଂସ୍ଥା ମିଳିତ ଭାବରେ ହିମାଳୟର ବିବିଧତା ଯଥା ମାନବଜାତି, ଉଦ୍ଭିଦ ଓ ପ୍ରାଣୀର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରେ । ଏଠାକାର ଅଧିକାଂଶ ଉଦ୍ଭିଦ ଓ ପ୍ରାଣୀ ଜାତି ବିଶ୍ୱରେ ବିରଳ । ସମୁଦ୍ର ପତ୍ତନଠାରୁ ପ୍ରତି ୩୦୦ ମିଟର ଉଚ୍ଚତା ବୃଦ୍ଧିରେ ହିମାଳୟର ତାପମାତ୍ରା ୨.୦ ଡିଗ୍ରୀ ସେଲସିୟସ୍ କମ ହୁଏ ।

ସମ୍ପ୍ରତି ଜଳବାୟୁ ପରିବର୍ତ୍ତନ ଯୋଗୁଁ ସ୍ଥାନୀୟ ତାପମାତ୍ରାରେ ବ୍ୟତିକ୍ରମ ଦେଖାଯାଉଛି । ଗଢ଼ୱାଲ ହିମାଳୟ ଅଞ୍ଚଳରେ କମ୍ ଉତ୍ତାପ ଆବଶ୍ୟକ କରୁଥିବା ପାଇନ୍ ଜଙ୍ଗଲ ଆଉ ତିଷ୍ଠୁ ନାହିଁ । ସେହି ସ୍ଥାନକୁ ଅଧିକ ଉତ୍ତାପ ଆବଶ୍ୟକ କରୁଥିବା ଓକ୍ ଜଙ୍ଗଲ ଆକ୍ରମଣ କରିଚାଲିଛି । ସ୍ଥାନୀୟ ଉତ୍ତାପ ବୃଦ୍ଧି କାରଣରୁ ରୋଡୋଡେଣ୍ଡ୍ରୋନ୍, ସେଓ ଓ କାଫାଲ୍ (ମାଇରିକା ନାଗି- ବକ୍ସ ମର୍ଟଲ୍) ଭଳି ଅନେକ ଗଛରେ ନିର୍ଦ୍ଧାରିତ ସମୟ ପୂର୍ବରୁ ଶୀଘ୍ର ଫୁଲ ଓ ଫଳ ଧରିବା ଦେଖାଗଲାଣି । ବରଫ ଖଣ୍ଡଗୁଡ଼ିକ ଦ୍ରୁତ ଗତିରେ ଅପସାରଣ ହୋଇଚାଲିଛି, ଯାହା ଫଳରେ ହିମ ସ୍ରୋତ ହ୍ରଦମାନ ଦ୍ରୁତଗତିରେ ଗଠନ ହେଉଛି । ପୂର୍ବରୁ ଥିବା ଶହଶହ ହ୍ରଦ ସହିତ ଏହା ଯୋଡ଼ି ହୋଇଯାଉଛି । ନଦୀଗୁଡ଼ିକୁ ଜଳ ଯୋଗାଉଥିବା ହିମ ସ୍ରୋତ ବା ବରଫ ଖଣ୍ଡଗୁଡ଼ିକ ଦ୍ରୁତ ଓ ବର୍ଦ୍ଧିତ ହାରରେ ତରଳି ବୋହି ଯାଉଛି । ଫଳରେ ନଦୀମାନଙ୍କରେ ଜଳପ୍ରବାହର ସ୍ଥିରତାରେ ହ୍ରାସ ପାଇବା ଦ୍ୱାରା ଦକ୍ଷିଣ ଏସିଆର ପ୍ରାୟ ଦୁଇଶହ କୋଟି ଲୋକଙ୍କ ପାଇଁ ଜଳଯୋଗାଣ ଓ ଖାଦ୍ୟ ଉତ୍ପାଦନ ପ୍ରତି ଆହ୍ୱାନ ସୃଷ୍ଟି କରିଛି । ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଗତ ୪୦-୫୦ ବର୍ଷ ମଧ୍ୟରେ ହିମାଳୟର ବରଫ ଆବରଣରେ ପ୍ରାୟ ୧୩% ସାମଗ୍ରିକ ହ୍ରାସ ଘଟିଛି ।

ଭାରତରେ ଘଟିଥିବା ସମସ୍ତ ବିପର୍ଯ୍ୟୟର ପ୍ରାୟ ୪୪ ପ୍ରତିଶତ ହିମାଳୟ ଅଞ୍ଚଳରେ ହିଁ ଦେଖାଯାଇଛି । ହିମାଚଳ ଓ ଲଦାଖରୁ, ଉତ୍ତରାଖଣ୍ଡ, ସିକ୍କିମ ପର୍ଯ୍ୟନ୍ତ ସମଗ୍ର ଅଞ୍ଚଳ ଏବେ ବର୍ଦ୍ଧିତ ତାପମାତ୍ରା, ଅନିୟମିତ ବର୍ଷା, ଆକସ୍ମିକ ଧ୍ୱଂସକାରୀ ବନ୍ୟା, ଭୂସ୍ଖଳନ, ଜୈବ ବିବିଧତା ହ୍ରାସ, ଜଙ୍ଗଲ ଓ କୃଷି ସମ୍ପଦର କ୍ଷତି ଭଳି ଭୟଙ୍କର ବିପଜ୍ଜନକ ପରିସ୍ଥିତିର ସମ୍ମୁଖୀନ ହେଉଛି । ଜୁନ୍ ୧୬, ୨୦୧୩ ରେ ଉତ୍ତରାଖଣ୍ଡର ଚୋରାବାରି ହ୍ରଦ କୂଳରେ ଏକ ଆକସ୍ମିକ ବନ୍ୟା ଆସି ବିପୁଳ ପରିମାଣର ମାଟି ଓ ପଥର ବହନ କରି ନେଇଥିଲା ଏବଂ ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ଓ ପଶ୍ଚିମ ନେପାଳର ବହୁଅଂଶକୁ ପ୍ରଭାବିତ କରିଥିଲା । ଏହି ବନ୍ୟାରେ ୬,୦୦୦ ରୁ ଅଧିକ ଲୋକ ମୃତ୍ୟୁବରଣ କରିଥିଲେ ଏବଂ ୮ଷ୍ଟମ ଶତାବ୍ଦୀର ମନ୍ଦିର କେଦାରନାଥ ଉପତ୍ୟକା ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା । ୨୦୧୪ ସେପ୍ଟେମ୍ବରରେ କାଶ୍ମୀରର ହିମାଳୟ ଅଞ୍ଚଳରେ ୫୦ ବର୍ଷ ମଧ୍ୟରେ ସବୁଠାରୁ କ୍ଷତିକାରକ ବନ୍ୟା ଦେଖାଯାଇଥିଲା । ଭାରତରୁ ପାକିସ୍ତାନକୁ ପ୍ରବାହିତ ଝେଲମ୍ ନଦୀ ଫୁଲି ଯାଇଥିଲା । ଏଥିରେ ପ୍ରାୟ ୨୦୦ ଭାରତୀୟ ଏବଂ ୨୬୪ ପାକିସ୍ତାନୀ ପ୍ରାଣ ହରାଇଥିଲେ । ୨୦୨୧ ମସିହା ଫେବୃଆରୀ ଓ ଅକ୍ଟୋବର ମାସରେ ପ୍ରବଳ ଅଣମୌସୁମୀ ବର୍ଷାରେ ଉତ୍ତରାଖଣ୍ଡରେ ରାସ୍ତା ବୁଡ଼ିଗଲା, ପୋଲ ଧୋଇ ଗଲା, ଦୁଇଟି ଜଳବିଦ୍ୟୁତ ପ୍ରକଳ୍ପ ଭାସିଗଲା । ଏଥିରେ ପ୍ରାୟ ୨୫୦ ଜଣ ଲୋକ ପ୍ରାଣ ହରାଇଥିଲେ । ୨୦୨୩ ଜାନୁଆରୀ ମାସରେ ହିମାଳୟ ନଗର ଜୋଶୀମଠ ଅଞ୍ଚଳରେ ଶହଶହ କୋଠାରେ ଫାଟ ସୃଷ୍ଟି ହେବାରୁ ପ୍ରାୟ ୨୦୦ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା । ସେହିବର୍ଷ ଅକ୍ଟୋବରରେ ପ୍ରବଳ ବର୍ଷା ଯୋଗୁଁ ଏକ ହିମକ ହ୍ରଦ ବିସ୍ଫୋରଣ ଘଟି ଭାରତର ଉତ୍ତର-ପୂର୍ବ ରାଜ୍ୟ ସିକ୍କିମରେ ଭୟଙ୍କର ବନ୍ୟା ଆସିଥିଲା, ଯେଉଁଥିରେ ଅତି କମରେ ୧୭୯ ଜଣଙ୍କର ମୃତ୍ୟୁ ହୋଇଥିଲା । ପୁଣି ନଭେମ୍ବରରେ ଉତ୍ତରାଖଣ୍ଡରେ ଏକ ନିର୍ମାଣାଧୀନ ରାସ୍ତା ସୁଡ଼ଙ୍ଗ ଧସି ଯାଇଥିଲା, ଯେଉଁଥିରେ ୪୧ ଜଣ ଲୋକ ଫସି ଯାଇଥିଲେ । ୨୦୨୫ ଅଗଷ୍ଟ ୫ ତାରିଖରେ ଏକ ଗୁରୁତ୍ୱପୂର୍ଣ୍ଣ ହିମସ୍ଖଳନ, ହିମକ ଧସିବା କିମ୍ବା ହିମକ ହ୍ରଦ ଭାଙ୍ଗିବା ଫଳରେ ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲ୍ଲାର ଗଙ୍ଗୋତ୍ରୀ ନିକଟବର୍ତ୍ତୀ ଧରାଳି ଗ୍ରାମ ଧ୍ୱଂସ ପାଇଥିଲା । ପୁଣି ଥରେ ୧୪ ଅଗଷ୍ଟରେ ଜାମ୍ମୁ କାଶ୍ମୀରର କିସ୍ତୱାର ଜିଲ୍ଲାର ଚିଶୋଟିରେ ମେଘ ଫାଟିବାର କିଛି ମୁହୂର୍ତ୍ତ ମଧ୍ୟରେ ହଠାତ୍ ବନ୍ୟା ଆସି କ୍ଷୟକ୍ଷତି ଘଟାଇଲା, ଯେଉଁଥିରେ ଅତିକମରେ ୪୬ ଜଣଙ୍କର ମୃତ୍ୟୁ ହେଲା, ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶ ଶ୍ରୀମାଚୈଲ ମାତା ଯାତ୍ରାରୁ ଫେରିବା ସମୟରେ ଆସିଥିବା ତୀର୍ଥଯାତ୍ରୀ ଥିଲେ । ସେଥିରେ ୧୦୦ ରୁ ଅଧିକ ଆହତ ହୋଇଥିଲେ ।

ସ୍ଥାନୀୟ ପ୍ରାକୃତିକ ଜଙ୍ଗଲର ଅବାଧ ବୃକ୍ଷଲତା ସଫା, ଜଳବିଦ୍ୟୁତ କେନ୍ଦ୍ର ପ୍ରତିଷ୍ଠା, ରାସ୍ତା ଘାଟ ଏବଂ ସେତୁ ଭଳି ଭିତ୍ତିଭୂମି ପ୍ରକଳ୍ପ ନିର୍ମାଣ, ମନୋରଞ୍ଜନ ଓ ପର୍ଯ୍ୟଟନ ବିକାଶ ଏବଂ ଅନ୍ୟାନ୍ୟ ପରିବେଶ ଅସନ୍ତୁଳିତ କାର୍ଯ୍ୟକଳାପ ହିମାଳୟ ପରିବେଶର ଦ୍ରୁତ ଅବନତି ପାଇଁ ଦାୟୀ । ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ନିଯୁକ୍ତ ଉଚ୍ଚ-କ୍ଷମତାସମ୍ପନ୍ନ କମିଟିଗୁଡ଼ିକ ଅସନ୍ତୋଷ ପ୍ରକାଶ କରିଛନ୍ତି କେତେକ ଅବାଞ୍ଛିତ କାର୍ଯ୍ୟକଳାପ ପାଇଁ । ଯଥା ହିମାଳୟ ଅଞ୍ଚଳର ନଦୀଗର୍ଭରେ ନିର୍ମାଣ ଭଗ୍ନାବଶେଷର ଅବାଧ ଫୋପାଡ଼ିବା, ଅବୈଜ୍ଞାନିକ ପାହାଡ଼-ଢାଲ ଖନନ ଏବଂ ୫୦,୦୦୦ ରୁ ଅଧିକ ଅବିଚାରିତ ବୃକ୍ଷଛେଦନ ଇତ୍ୟାଦି । ଏହି କମିଟିମାନ ଆହୁରି ମଧ୍ୟ ଚେତାବନୀ ଦେଇଛନ୍ତି ଯେ ଭାଗୀରଥି ପରିସଂସ୍ଥା ବା ଇକୋ-ସମ୍ବେଦନଶୀଳ ଜୋନ୍‌ରେ ଚାରିଧାମ ସର୍ବକାଳୀନ ରାସ୍ତା ପ୍ରଶସ୍ତକରଣ ପ୍ରକଳ୍ପ, ଯଦି ବର୍ତ୍ତମାନ ଯୋଜନା ଅନୁଯାୟୀ ନିର୍ମିତ ହୁଏ, ତେବେ ତାହା ହିମାଳୟ ଭୂଭାଗରେ ବିପର୍ଯ୍ୟୟ ସୃଷ୍ଟି କରିବ । ପରିବେଶବିତମାନେ ସୂଚାଇ କହିଛନ୍ତି ଯେ ଧରାଳି, ହର୍ସିଲ ଓ ଝାଲା ପର୍ଯ୍ୟନ୍ତ ୧୦ କିଲୋମିଟର ଦୀର୍ଘ ରାସ୍ତାରେ ଥିବା ୬, ୦୦୦ ରୁ ଅଧିକ ଦେଓଦାର ଗଛ କାଟିବା ପାଇଁ ଯେଉଁ ନିଷ୍ପତ୍ତି ନିଆଯାଇଛି, ତାହା ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରିବ । କାରଣ ସେହିଠାରେ ହିଁ ଅଗଷ୍ଟ ୫, ୨୦୨୫ରେ ବିପର୍ଯ୍ୟୟ ଘଟିଥିଲା । ଧରାଳିରେ ବିପର୍ଯ୍ୟୟ ପରେ ଉତ୍ତରାଖଣ୍ଡ ସରକାର 'ବିପର୍ଯ୍ୟୟ ପ୍ରବଣ ଅଞ୍ଚଳ'ରେ ସମସ୍ତ ନିର୍ମାଣ କାର୍ଯ୍ୟକଳାପକୁ ତୁରନ୍ତ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ହିମାଳୟରେ ଯେକୌଣସି ପ୍ରକାରର ବିକାଶ କାର୍ଯ୍ୟକଳାପ ଏହି ଅଞ୍ଚଳର ଭଙ୍ଗୁର ଏବଂ ଅନନ୍ୟ ପରିବେଶ ସହିତ ସମନ୍ୱିତ ହେବା ଉଚିତ । କେହି ବିକାଶକୁ ବିରୋଧ କରୁନାହାନ୍ତି, କିନ୍ତୁ ଆମେ ଭଙ୍ଗୁର ପର୍ବତ ଭିତ୍ତିଭୂମି ବିକାଶ କରିବା ସମୟରେ ଅର୍ଥନୀତି ପୂର୍ବରୁ ପରିବେଶକୁ ପ୍ରାଥମିକତା ଦେବା ଆବଶ୍ୟକ । ବିକାଶ ଦୀର୍ଘକାଳୀନ ସୁରକ୍ଷା ଅପେକ୍ଷା କ୍ଷଣସ୍ଥାୟୀ ଲାଭକୁ ପ୍ରାଥମିକତା ଦେଇ ଚାଲିଛି, ବିପଦପୂର୍ଣ୍ଣ ନିର୍ମାଣ ଢାଞ୍ଚା ପୁନରାବୃତ୍ତି କରୁଛି । ପରିବେଶଗତ କ୍ଷତି ଗୁରୁତର; କିନ୍ତୁ କମ୍ ଦୃଶ୍ୟମାନ । ଭାରତର ବିପର୍ଯ୍ୟୟ ପରିଚାଳନା ଢାଞ୍ଚା ହିମାଳୟର ଆହ୍ୱାନ ସହିତ ସମ୍ପୂର୍ଣ୍ଣ ଭାବରେ ଅନୁକୂଳ ନୁହେଁ । ସାଟେଲାଇଟ୍ ମନିଟରିଂ ଏବଂ ଏଆଇ-ଚାଳିତ ବିପଦ ବିଶ୍ଳେଷଣ ଭଳି ପ୍ରଯୁକ୍ତିବିଦ୍ୟା ଯୋଜନା ପ୍ରକ୍ରିୟାକୁ ଉନ୍ନତ କରିପାରିବ । ବିପର୍ଯ୍ୟୟ ପ୍ରସ୍ତୁତି ଓ ପ୍ରତିକ୍ରିୟାକୁ କେନ୍ଦ୍ରୀଭୂତ କରିବା ପାଇଁ ଏକ 'ହିମାଳୟାନ ଜଳବାୟୁ ଏବଂ ବିପର୍ଯ୍ୟୟ ତଦାରଖ ଓ ପ୍ରତିକ୍ରିୟା କେନ୍ଦ୍ର' ପ୍ରସ୍ତାବିତ ଅଛି । ଏହାର ସାତସୂତ୍ରୀ ଯୋଜନାରେ ବିପଦ ଚିହ୍ନଟ, ସୁରକ୍ଷିତ ଭିତ୍ତିଭୂମି, ସ୍ମାର୍ଟ ବା କୁଶଳ ଇଞ୍ଜିନିୟରିଂ, ଦେଶୀୟ ଉଦ୍ଭିଦ ପୁନରୁଦ୍ଧାର ସହିତ ପରିସଂସ୍ଥାକୁ ସୁରକ୍ଷା, ଦ୍ରୁତ ଉଦ୍ଧାର ୟୁନିଟ୍, ବିଜ୍ଞାନ-ନୀତି ସମନ୍ୱୟ ଏବଂ ସ୍ଥାନୀୟ ସମ୍ପ୍ରଦାୟ ସଶକ୍ତୀକରଣ ଅନ୍ତର୍ଭୁକ୍ତ ।

(ସଭାପତି, ଓଡ଼ିଶା ପରିବେଶ ସମିତି)
ଭୁବନେଶ୍ୱର, ମୋ: ୯୭୭୭୮୦୦୪୦୮

# ଜ୍ୟୋତିଷଶାସ୍ତ୍ର ଓ ବିବାହ ବିଚ୍ଛେଦ

**ସୁଧାଂଶୁ ଶେଖର ଧଡ଼ା**

ପାଶ୍ଚାତ୍ୟ ଓ ପ୍ରାଚ୍ୟ ମତ ଭାବରେ ଜ୍ୟୋତିଷ ଶାସ୍ତ୍ର ଦୁଇଟି ସ୍ୱତନ୍ତ୍ର ଉତ୍ସରୁ ବିକାଶ ଲାଭ କରିଛି । ପାଶ୍ଚାତ୍ୟ ମତର ଜ୍ୟୋତିଷ ଶାସ୍ତ୍ର 'ଟେଟ୍ରାବିବିଲୋସ' ପ୍ରାଚୀନ ଗ୍ରୀକ ଦାର୍ଶନିକ କ୍ଲାଡିୟସ ଟଲେମିଙ୍କ ଦ୍ୱାରା ୨ୟ ଶତାବ୍ଦୀରେ ରଚିତ ହୋଇଥିବା କୁହାଯାଉଛି । 'ଅଲମାଜେଷ୍ଟ' ନାମକ ଅନ୍ୟ ଏକ ଗ୍ରନ୍ଥର ମଧ୍ୟ ସେ ରଚୟିତା । ଏହି ଦୁଇଟି ଯାକ ଗ୍ରନ୍ଥକୁ ଜ୍ୟୋତିଷ ଶାସ୍ତ୍ର କୁହାଯାଉଥିଲେ ମଧ୍ୟ ଏଗୁଡ଼ିକ ଅଧିକ ଭାବରେ ଜ୍ୟୋତିର୍ବିଜ୍ଞାନ । ଭୂ-କୈନ୍ଦ୍ରିକ ସୌରଜଗତ ସମ୍ପର୍କରେ ଏହି ଗ୍ରନ୍ଥ ଦୁଇଟିରେ ଅବଧାରଣା ଦିଆଯାଇଛି । ପ୍ରାଚ୍ୟ ମତରେ 'ହୋରା ଶାସ୍ତ୍ର' ହେଉଛି ପ୍ରଥମ ଜ୍ୟୋତିଷ ଗ୍ରନ୍ଥ । ଏହା ମଧ୍ୟ ଭୂ-କୈନ୍ଦ୍ରିକ ଅବଧାରଣାକୁ ନେଇ ସୃଷ୍ଟି ହୋଇଛି । ମୋଟ ଉପରେ ଜ୍ୟୋତିଷ ଶାସ୍ତ୍ର ଭୂ-କୈନ୍ଦ୍ରିକ ଅବଧାରଣାକୁ ନେଇ ଗଢ଼ିଉଠିଥିବା ଏକ ବିଦ୍ୟା ।

ଖ୍ରୀଷ୍ଟପୂର୍ବ ଷଷ୍ଠରୁ ଚତୁର୍ଥ ଶତାବ୍ଦୀ ମଧ୍ୟରେ ପ୍ରାଚୀନ ପାରସ୍ୟ ଓ ବେବିଲୋନୀୟ ସଭ୍ୟତାରେ 'ମାଗି' ବା 'ମାଗସ୍' ନାମକ ଏକ ଗୋଷ୍ଠୀ ଯାଦୁବିଦ୍ୟା ଦ୍ୱାରା ରୋଗ ଚିକିତ୍ସା କରୁଥିଲେ । ସେମାନେ ଶୁଭ ସମୟ, ଶୁଭ ପଦାର୍ଥ, ଭୂତପ୍ରେତଙ୍କ କୁଦୃଷ୍ଟି ଦୂର କରିବାକୁ ତନ୍ତ୍ରମନ୍ତ୍ର, ରତ୍ନ ପଥର ଧାରଣ ଆଦି ମାଧ୍ୟମରେ ଚିକିତ୍ସା କରୁଥିଲେ । ଶହଶହ ବର୍ଷର ଏହି ଚିକିତ୍ସା ପଦ୍ଧତିରୁ ଜ୍ୟୋତିଷ ବିଦ୍ୟାରେ ଅନେକ ନୂଆ ଅବଧାରଣା ଯୋଡ଼ିହେଲା । ତୃତୀୟ ଶତାବ୍ଦୀରେ 'କେମୀ' ବା 'ଖିମିୟା' ନାମରେ ପରିଚିତ ଇଜିପ୍ଟର ଏକ ଚିକିତ୍ସକ ଗୋଷ୍ଠୀ ଥିଲେ । ସେମାନେ ଆରବକୁ ଚାଲିଆସି 'ଆଲକେମୀ' ଭାବରେ ପରିଚୟ ଦେଇ ବୃତ୍ତି ଚଳାଇ ରଖିଲେ । 'ଫିଲୋସଫିକାଲ ଷ୍ଟୋନ' ନାମକ ଏକ ପଦାର୍ଥ ସମସ୍ତ ରୋଗକୁ ଦୂର କରିପାରେ ବୋଲି ଏମାନଙ୍କର ଧାରଣା ଥିଲା । କିଛି ଆଲକେମିଷ୍ଟ ଏହାକୁ ଶୁଭ ମୁହୂର୍ତ୍ତ, ବିଭିନ୍ନ ତାରକା, ଗ୍ରହ ଆଦିର ଆକାଶରେ ସ୍ଥିତି ଦେଖି ଖୋଜିବାରେ ଲାଗିଲେ । ଶହଶହ ବର୍ଷର ଏହି ଖୋଜାଖୋଜି ଫଳରେ ଅନେକ ବିଜ୍ଞାନ ଓ ଅପବିଜ୍ଞାନ ସହ ଜ୍ୟୋତିଷ ଶାସ୍ତ୍ରକୁ ସମୃଦ୍ଧ କରିବା ଭଳି ଜ୍ଞାନ ମିଳିଲା । ଆଉ କିଛି ଆଲକେମିଷ୍ଟ ଫିଲୋସଫିକାଲ ଷ୍ଟୋନକୁ ବିଭିନ୍ନ ପଦାର୍ଥର ମିଶ୍ରଣରେ ସୃଷ୍ଟି କରାଯାଇପାରିବ ବୋଲି ବିଶ୍ୱାସ ନେଇ ବିଭିନ୍ନ ପଦାର୍ଥ, ଧାତୁ ଆଦିର ମିଶ୍ରଣ କରିବାରେ ଲାଗିଲେ । ଏହାର ସୃଷ୍ଟି ନିମିତ୍ତ ଶୁଭମୁହୂର୍ତ୍ତ, ଶୁଭସମୟ, ଆକାଶରେ ଗ୍ରହ, ନକ୍ଷତ୍ର, ତାରକା ଆଦିର ସ୍ଥିତିକୁ ବିଶ୍ୱାସକୁ ନେଲେ ।

ଫିଲୋସଫିକାଲ ଷ୍ଟୋନ ଏକ କାଳ୍ପନିକ ଅବଧାରଣା ହୋଇଥିବାରୁ ଏହାକୁ ଖୋଜି କେହି ପାଇଲେ ନାହିଁ କିମ୍ବା ସୃଷ୍ଟି କରିପାରିଲେ ନାହିଁ । କିନ୍ତୁ ଶହଶହ ବର୍ଷର ଏହି ଉଦ୍ୟମରୁ ମିଳିଥିବା ତତ୍ତ୍ୱ 'ବିଜ୍ଞାନ' ଭାବରେ ଏବଂ ତତ୍ତ୍ୱବିହୀନ ଅବଧାରଣା 'ଅପବିଜ୍ଞାନ' ବା 'ମନଟିକ୍ ଆଟସ୍' ଭାବରେ ବିଭିନ୍ନ ବିଭାଗରେ ବିଭାଜିତ ହୋଇ ସମୃଦ୍ଧ ହେଲା । ଶହଶହ ପ୍ରକାରର ମନଟିକ୍ ଆଟସ୍ ମଧ୍ୟରୁ 'ଫଳିତ ଜ୍ୟୋତିଷ' ଗୋଟିଏ । ଏବେବି ଏହି ବିଦ୍ୟା ଭୂ-କୈନ୍ଦ୍ରିକ ସୌର ଜଗତ ଅବଧାରଣା ଉପରେ ପର୍ଯ୍ୟବସିତ । ଏହି ଅବଧାରଣାରେ ପୃଥିବୀ ଚାରିପଟେ ସୂର୍ଯ୍ୟ ସମେତ ନବଗ୍ରହ ଘୁରୁଛନ୍ତି । ସେଥିମଧ୍ୟରୁ ରାହୁ ଓ କେତୁ ଅବସ୍ଥିତି ନଥିବା ଦୁଇଟି ଗ୍ରହ । ଏହାକୁ ଏଥି ପାଇଁ କୃଷ୍ଣଗ୍ରହ କୁହାଯାଏ ।

ପ୍ରାଚୀନ କାଳରେ କ୍ଷୁଦ୍ରକ୍ଷୁଦ୍ର ରାଜ୍ୟଗୁଡ଼ିକ ଅନେକ ସମୟରେ ପରସ୍ପର ସହିତ ଲଢ଼େଇରେ ଲିପ୍ତ ରହୁଥିଲେ । ଯୁଦ୍ଧରେ ବିଜୟ ଲାଭ ନିମିତ୍ତ ଶୁଭସମୟରେ ଯୁଦ୍ଧଯାତ୍ରା ଆରମ୍ଭ କରାଯିବାର ବିଶ୍ୱାସ ରହିଥିଲା ଏବଂ ଏଥିପାଇଁ ଜ୍ୟୋତିଷ ବିଦ୍ୟାର ପ୍ରୟୋଗ ହେଉଥିବା ଏକ ମତ ରହିଛି । ପୂର୍ବରୁ କେବଳ ରାଜପରିବାର ଓ ରାଜକାର୍ଯ୍ୟରେ ଏହାର ପ୍ରୟୋଗ ସୀମିତ ଥିବା ବେଳେ ସମୟକ୍ରମେ ଏହାର ପ୍ରୟୋଗ ସାଧାରଣ ଲୋକଙ୍କ ପର୍ଯ୍ୟନ୍ତ ଆସିଗଲା । ଏବେ ସମାଜର ପ୍ରତିଷ୍ଠିତ ଓ ପ୍ରଭାବଶାଳୀ ବ୍ୟକ୍ତିମାନେ ଏହା ଉପରେ ଗଭୀର ବିଶ୍ୱାସ ରଖୁଥିବାରୁ ସାଧାରଣ ଲୋକେ ସେମାନଙ୍କର ଅନୁକରଣ କରୁଛନ୍ତି ।

ବିବାହ କ୍ଷେତ୍ରରେ ସାଧାରଣ ଜନତାଙ୍କର ଜାତକ ମେଳକର ପ୍ରଥା ତିନିଶହ ବର୍ଷରୁ ଅଧିକ ପୁରୁଣା ନୁହେଁ । ବିଭିନ୍ନ ରାଜ୍ୟର ପ୍ରାଚୀନ କାବ୍ୟ, ସାହିତ୍ୟ ଆଦିରେ ନାୟକ-ନାୟିକାଙ୍କର ଜାତକ ମେଳକ ବର୍ଣ୍ଣନା ଦେଖିବାକୁ ମିଳେ ନାହିଁ । ଏପରିକି ପଞ୍ଚଦଶ ଶତାବ୍ଦୀରେ ରଚିତ 'ସରୋଳଦାସ ମହାଭାରଥ' ଗ୍ରନ୍ଥରେ କବିଙ୍କର ଜ୍ୟୋତିଷ ବିଦ୍ୟାରେ ଗଭୀର ଜ୍ଞାନ ରହିଥିବାର ନିଦର୍ଶନ ସତ୍ତ୍ୱେ ଏହା କେବଳ ରାଜପରିବାର କୈନ୍ଦ୍ରିକ ଥିବା ବର୍ଣ୍ଣନା ରହିଛି । ନିକଟରେ ବିବାହ ବିଚ୍ଛେଦ ସମ୍ପର୍କିତ ଗବେଷଣାର ଏକ ବିବରଣୀ ବିଭିନ୍ନ ସମ୍ବାଦପତ୍ରରେ ପ୍ରକାଶ ପାଇଛି । ଏଥିରେ ଦର୍ଶାଯାଇଛି ଯେ ଜନ୍ମକୁଣ୍ଡଳିର ୩୬ ଗୁଣରୁ ୩୨ଟି ମିଶୁଥିଲେ ମଧ୍ୟ ଗ୍ରହମେଳକ ନ ହେଉଥିବାରୁ ସାମ୍ପ୍ରତିକ ସମୟରେ ୩୭% ବିବାହ ବିଚ୍ଛେଦ ହେଉଛି । ଏହି ଗବେଷଣା ନିମିତ୍ତ ୬ମାସରେ ତିନି ଜଣ ପ୍ରାଧ୍ୟାପକ ଓ ଦୁଇଜଣ ଗବେଷକ ୨୫୦ଟି ବିବାହ ବିଚ୍ଛେଦ ମାମଲାର ବିଶ୍ଳେଷଣ କରିବାକୁ ତିନୋଟି ମାତ୍ର ପ୍ରଶ୍ନ ପଚାରିଥିଲେ ।

ବର୍ତ୍ତମାନ ଦେଶରେ ୧୪୦ କୋଟି ଜନସଂଖ୍ୟାରେ ପ୍ରତିବର୍ଷ ଅନ୍ୟୁନ ୫ରୁ ୧୦କୋଟି ବିବାହ ଅନୁଷ୍ଠିତ ହେଉଥିବ । ସେଥିମଧ୍ୟରୁ ମାତ୍ର ୨୫୦ଟି ମାମଲାକୁ ନେଇ ପରିସଂଖ୍ୟାନ ପ୍ରସ୍ତୁତ କରିବା ଗବେଷଣା ନୁହେଁ । ବର୍ତ୍ତମାନ ଛାଡ଼ପତ୍ର ସଂଖ୍ୟା ବଢ଼ିବାର ଅନେକ ସାମାଜିକ କାରଣ ରହିଛି । ସେଗୁଡ଼ିକ ମଧ୍ୟରୁ ସ୍ମାର୍ଟ ଫୋନର ବ୍ୟବହାର, ସାମାଜିକ ଗଣମାଧ୍ୟମରେ ସମୟ ବିତାଇବା, ଯାତ୍ରା ବା ଗଣନାଟ୍ୟର ବିଷୟବସ୍ତୁ, ବେରୋଜଗାରୀ, ଯୌତୁକ ଲୋଭ, ଯୋଗ୍ୟତା ନଥାଇ ଉଚ୍ଚାଭିଳାଷ, ପରିବାର ସଦସ୍ୟ ଗୋଟିଏ ମହଲାରେ ନରହି ଅଲଗା ଅଲଗା ମହଲାରେ ରହିବା, ଏକକ ପରିବାର, ଗ୍ରାମାଞ୍ଚଳରୁ ସହର ଗମନ, ଚଳଚ୍ଚିତ୍ର, ଟେଲି ସିରିଆଲ, ପରିବାରଠାରୁ ଦୂର ସ୍ଥାନରେ କର୍ମ ସଂସ୍ଥାନ, ନିଶାଦ୍ରବ୍ୟ ସେବନ, ଆପରାଧିକ ମନୋବୃତ୍ତି, ରୋଜଗାରଠାରୁ ଆଶା ଓ କାମନା ଅଧିକ, ଶାଶୂ-ବୋହୂଙ୍କର ବିଚାର ଓ ଆଦର୍ଶଗତ ପାର୍ଥକ୍ୟ, ବିବାହରେ ଅତ୍ୟଧିକ ଖର୍ଚ୍ଚ ଭଳି ଅନେକ କାରଣ ରହିଛି । ଏସବୁ ଆଗରେ ଅବାସ୍ତବ ତଥ୍ୟକୁ ନେଇ ପରିସଂଖ୍ୟାନ ବାହାର କରି ବାସ୍ତବତାକୁ ଦେଖାଇ ହେବ ନାହିଁ ।

ଭୁବନେଶ୍ୱର, ମୋ: ୯୩୩୭୦୧୫୮୮୨

# ସାମାଜିକ କାରୁଣ୍ୟର ଶିଳ୍ପୀ କାହ୍ନୁଚରଣ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

ସାହିତ୍ୟ ସରିତ୍

ମଣିଷ ଜୀବନର କାରୁଣ୍ୟ ସହ ଯେଉଁ ସାହିତ୍ୟ ସ୍ରଷ୍ଟାର ପ୍ରାଣ ଯେତିକି ନିବିଡ଼ ଭାବରେ ସଂଯୁକ୍ତ, ତାଙ୍କ ସୃଷ୍ଟି ସମ୍ଭାର ସେତିକି ହିଁ ଯେ ହୋଇଆସିଛି ଅନ୍ତର୍ଭେଦୀ - ସମଗ୍ର ବିଶ୍ୱ ସାହିତ୍ୟ ପ୍ରତି ଦୃଷ୍ଟି ନିକ୍ଷେପ କଲେ ଏହା ସହଜରେ ଉପଲବ୍ଧି କରିହୁଏ । ମହାନ ଓଡ଼ିଆ ଔପନ୍ୟାସିକ କାହ୍ନୁଚରଣଙ୍କ ନାମ ଉଚ୍ଚାରଣ କରିଦେବା ମାତ୍ରକେ ଏତେସଂଖ୍ୟକ ଚରିତ୍ର ପାଠକ ଅନ୍ତରକୁ କରିଦିଅନ୍ତି ଆଲୋଡ଼ିତ ଯେ, ସେ ରହିଯାଏ ସ୍ତବ୍ଧ ଓ ନିଶ୍ଚଳ ହୋଇ । କିପରି ଭିନ୍ନ ଭିନ୍ନ ଶ୍ରେଣୀର ଅସଂଖ୍ୟ ଚରିତ୍ରଙ୍କୁ ସେ ରୂପାୟିତ କରିପାରିଲେ ଉପନ୍ୟାସରେ? ଏତେ ସମୟ ସେ ପାଇପାରିଲେ କେମିତି? କିପରି ସମାଜର ବିଭିନ୍ନ ଚରିତ୍ରଙ୍କ ମନ ମଧ୍ୟକୁ ସେ ପ୍ରବେଶ କରିପାରିଥିଲେ କିମ୍ବା ସେଇ ଚରିତ୍ରମାନେ କେଉଁ ବାଟ ଦେଇ ମନ୍ଥିତ କରୁଥିଲେ ଅର୍ଦ୍ଧଶତାବ୍ଦୀ ବ୍ୟାପୀ ତାଙ୍କ ସ୍ରଷ୍ଟା ମାନସକୁ? ଅନେକେ ତାଙ୍କର ପରିମାଣାତ୍ମକ ଅବଦାନକୁ ସ୍ୱୀକାର କରିଥିଲେ ମଧ୍ୟ ଗୁଣାତ୍ମକମାନ ଉଚ୍ଚକୋଟୀର ହୋଇପାରିନଥିବାର ସଂକେତ ଦେଇଛନ୍ତି । ଯେଉଁମାନେ ଏଇ କଥା ଚିନ୍ତା କରି ଶୈଳ୍ପିକ ସିଦ୍ଧି ଉପରେ ସନ୍ଦିଗ୍ଧମନା ହୋଇଛନ୍ତି, ସେମାନଙ୍କୁ କାହ୍ନୁଚରଣଙ୍କ ସ୍ରଷ୍ଟା ଚିତ୍ତ କିପରି ବୁଝାଇ ପାରିବ ଯେ, ଏ ସମାଜର ଅସଂଖ୍ୟ ଚରିତ୍ର ତାଙ୍କ କଲମ ମୁନରେ ଜୀବନ୍ୟାସ ପାଇବାକୁ ଧାଡ଼ି ବାନ୍ଧିଥିଲେ?

ଉପନ୍ୟାସ କଳାତ୍ମକ କେତେ ହେଲା ବା ହୋଇ ନ ପାରିଲା ତାହା ବିଚାର କରିବାର ଅବସର କେତେବେଳେ ବା ମିଳିଲା ତାଙ୍କୁ? ସମାଜର ଉପେକ୍ଷିତ, ନିର୍ଯ୍ୟାତିତ, ଅବହେଳିତ, ଅସହାୟ କେତେ ମଣିଷ ତାଙ୍କ ହୃଦୟକୁ ମନ୍ଥିତ କରିଛନ୍ତି ତୀବ୍ର ଭାବରେ । ବୁଭୁକ୍ଷୁ ମାନବର ଉଦରର ଉତ୍ତାପ ତାଙ୍କ ଚେତନାକୁ ଆଲୋଡ଼ିତ କରିଛି ବୋଲି ସେ ଲେଖିଛନ୍ତି 'ହା ଅନ୍ନ' । ନିଃସନ୍ତାନ ନାରୀଚିତ୍ତର ବେଦନାରେ ବ୍ୟଥିତ ହେଲେ ବୋଲି ଲେଖିଲେ 'କା' ଉପନ୍ୟାସ । ନିଜର ସର୍ବସ୍ୱ ଦାନ କରି ମଧ୍ୟ ମନର ମଣିଷଟିକୁ ସୁରକ୍ଷିତ ରଖି ନ ପାରି ଧୋବୀ ହୋଇଛି ନିରନ୍ତର ଅଶ୍ରୁସ୍ନାତ ବୋଲି କାହ୍ନୁଚରଣ ନିଜକୁ ଏକାତ୍ମ କରିଦେଇଛନ୍ତି ତା'ସହିତ; ଲେଖିଛନ୍ତି 'ଶାସ୍ତି' ଉପନ୍ୟାସ । 'ହା ଅନ୍ନ', 'ତୁଣ୍ଡ ବାଇଦ', 'ଝଞ୍ଜା', 'ମିଳନର ଛନ୍ଦ', 'ଶର୍ବରୀ', 'ପଳାତକ', 'ଅଦେଖା ହାତ', 'ବଜ୍ରବାହୁ', 'ଏପାରି ସେପାରି', 'କହିବାକୁ ଲାଜ', 'ମନ ଜାଣେ ପାପ', 'ଅନ୍ତରାୟ', 'ନିର୍ବିଶଙ୍କ' -ଏମିତି କେତେ ଛୋଟ ବଡ଼ ଉପନ୍ୟାସ ରଚନା କରି ଶିକ୍ଷିତ ଓଡ଼ିଆର ଘରେ ଘରେ ସେ ପ୍ରବେଶ କରିଗଲେ । ନିଜ ପ୍ରତିଭାର ଦ୍ୟୁତି ଉଚ୍ଚତର ସ୍ତରକୁ ଉନ୍ନୀତ କରିବା ପାଇଁ ସେ ଯଦି ଗୋଟିଏ ଗୋଟିଏ ଉପନ୍ୟାସକୁ ସଜାଡ଼ି ଚାଲିଥା'ନ୍ତେ ବର୍ଷ ବର୍ଷ ଧରି, ତା'ହେଲେ ଆଉ କେତେବେଳେ ଶତଶତ ପାଠକଙ୍କ ଅନ୍ତର୍ମନକୁ ମୋହାଚ୍ଛନ୍ନ କରିଦେଇପାରିଥା'ନ୍ତେ?

ସେ ଜାଣିଥିଲେ ଯେ କୌଣସି ପାଠକ ଲେଖକର କୃତିତ୍ୱ ସନ୍ଧାନ ପାଇଁ ଉପନ୍ୟାସ ପଢ଼ନ୍ତି ନାହିଁ । ସେମାନେ ନିଜେ ଭଲ ପାଉଥିବା ଚରିତ୍ରମାନଙ୍କ ସହ ମିଶି ହସିବାକୁ ଚାହାନ୍ତି । ତା'ଠାରୁ ଅଧିକ ଚାହାନ୍ତି ଦୁଃଖନିପୀଡ଼ିତ ମଣିଷ ପ୍ରତି ସମ୍ବେଦନସିକ୍ତ ହୋଇ ଅଶ୍ରୁ ବିସର୍ଜନ କରିବାକୁ । ଉପନ୍ୟାସ ପଢ଼ିବା ଆରମ୍ଭ କରୁଁ କରୁଁ ସେମାନେ ଯଦି ତରଳି ଯିବାରେ ଲାଗନ୍ତି, ତା'କୁ ଆଉ ସେମାନେ ଛାଡ଼ି ପାରନ୍ତି ନାହିଁ । ଅନେକ ବାମାବାଦୀ ସମାଲୋଚକଙ୍କ ଯୁକ୍ତି ହେଉଛି ଯେ, ନାରୀ ମନ କଥା ପୁରୁଷ କଦାପି ବୁଝିପାରିବ ନାହିଁ । କିନ୍ତୁ ଏଠି ଏକ ଅଦ୍ଭୁତ ପ୍ରଶ୍ନ ଉଠୁଛି ଯେ, ନାରୀ ଭାବରେ ଜନ୍ମ ନେଉଥିବା ସମସ୍ତେ କ'ଣ ନାରୀ ହୃଦୟର ଅଧିକାରୀ? ପୁରୁଷ ଭାବରେ ଜନ୍ମ ନେଉଥିବା କେତେଜଣଙ୍କ ମଧ୍ୟରେ ପୌରୁଷର ଭାବ ଉଦ୍ଦୀପ୍ତ? ଯେଉଁମାନେ ସତ ଓ ସାହସୀ ସାହିତ୍ୟ ସ୍ରଷ୍ଟା ସେମାନେ ନିଜ ଅନ୍ତର ମଧ୍ୟରେ ନାରୀ-ପୁରୁଷ ସବୁକିଛି ଭାବକୁ ଉଜ୍ଜୀବିତ କରି ରଖିପାରନ୍ତି । ଲିଙ୍ଗଭେଦର ଊର୍ଦ୍ଧ୍ୱରେ ବିଦ୍ୟମାନ ଯେଉଁ ମାନବିକତା ତାହା ହିଁ ହେଉଛି ମୂଳ ଆବେଦନ । ଶାସ୍ତି ଲେଖିବା ବେଳେ କାହ୍ନୁଚରଣ କ'ଣ ଧୋବୀ ହୋଇଯାଇ ନାହାନ୍ତି! ସ୍ରଷ୍ଟା ହିଁ ଜାଣନ୍ତି ଅନ୍ତଃକରଣରେ ଘଟୁଛି କ'ଣ । 'ମନଜାଣେ ପାପ' ଉପନ୍ୟାସରେ ଦୁଃଖିନୀ ବାଳିକାଟି ହାତରେ କାହ୍ନୁଚରଣ ଧରାଇ ଦେଇଛନ୍ତି ଗଙ୍ଗାଧର ମେହେରଙ୍କ 'ତପସ୍ୱିନୀ' ଖଣ୍ଡିଏ । ଏଇ ତ ଟିକିଏ ସାନ୍ତ୍ୱନା, ସାମାନ୍ୟ ଆଶ୍ୱାସନା ଚାହେଁ ପ୍ରତିଟି ମଣିଷ ।

କାହ୍ନୁଚରଣ ଯେ ଏ ଜାତିକୁ ତାହା ଦେଇ ଯାଇଛନ୍ତି, ଏହା ହିଁ ତାଙ୍କର ଶ୍ରେଷ୍ଠ ଦାନ । ଆଜି ଯେଉଁ ତରୁଣ ସମାଜ ସାହିତ୍ୟ ଅଧ୍ୟୟନରୁ କ୍ରମେ ଦୂରବର୍ତ୍ତୀ ହୋଇଯାଇଛନ୍ତି ସେମାନେ ଥରେ ଯଦି କାହ୍ନୁଚରଣଙ୍କ ଉପନ୍ୟାସର ପୃଷ୍ଠା ଉପରେ ଆଖି ସ୍ଥିର କରି ରଖନ୍ତି, ସେମାନେ ପୁନଶ୍ଚ ଆବାହନ କରି ଆଣିପାରିବେ ସମ୍ବେଦନଶୀଳ ଆଉ ଏକ ନୂତନ ଯୁଗ । ତାହା କ'ଣ ସମ୍ପୂର୍ଣ୍ଣ ଅସମ୍ଭବ?

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

■ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ କଂଗ୍ରେସର ଅଭିଯୋଗ

## ବିଜେପି ନୂଆପଡାରେ ଶାଢ଼ୀ ଓ ଟଙ୍କା ବାଣ୍ଟୁଛି

ଭୁବନେଶ୍ୱର,୫।୧୧(ସମିସ): ନୂଆପଡା ଉପନିର୍ବାଚନ ପ୍ରଚାର ଆଳରେ ବିଜେପିର କିଛି ମହିଳା ସଦସ୍ୟା ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଶାଢ଼ୀ ଓ ଟଙ୍କା ବାଣ୍ଟୁଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛି କଂଗ୍ରେସ। ଦଳ ପକ୍ଷରୁ ସିଇଓଙ୍କୁ ଏହାର ତଥ୍ୟ ପ୍ରମାଣ ସହ ଏକ ଦାବିପତ୍ର ମଧ୍ୟ ପ୍ରଦାନ କରାଯାଇଛି।



କଂଗ୍ରେସ କହିଛି ଯେ ବିଜେପିର କିଛି ମହିଳା ସଦସ୍ୟା ଏବଂ କର୍ମୀ ନୂଆପଡା ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତରେ ମହିଳା ଭୋଟରମାନଙ୍କୁ ଖୋଲାଖୋଲି ଭାବରେ ଶାଢ଼ୀ ଏବଂ ଅନ୍ୟାନ୍ୟ ଉପହାର ସାମଗ୍ରୀ ବଣ୍ଟନ କରୁଛନ୍ତି। ଏହା ବ୍ୟତୀତ ପ୍ରତ୍ୟେକ ଶାଢ଼ୀ ପ୍ୟାକେଟରେ ନଗଦ ୫୦୦ ଟଙ୍କା ରହୁଛି। ଏହି କାର୍ଯ୍ୟ ସ୍ୱଷ୍ଟ ଭାବରେ ଭୋଟରମାନଙ୍କୁ ପ୍ରଭାବିତ ଏବଂ ପ୍ରଲୋଭିତ ପାଇଁ ଉଦ୍ଦିଷ୍ଟ ଏବଂ ଏହା ନିର୍ବାଚନ ଆଦର୍ଶ ଆଚରଣ ସଂହିତା ଏବଂ ଲୋକ ପ୍ରତିନିଧିତ୍ୱ ଆଇନ, ୧୯୫୧ (ଲାଞ୍ଚ) ର ଧାରା ୧୨୩(୧) ଅନୁଯାୟୀ ଏକ ଗମ୍ଭୀର ଏବଂ ଦଣ୍ଡନୀୟ ଅପରାଧ ବୋଲି କଂଗ୍ରେସ କହିଛି। ଏପରି କାର୍ଯ୍ୟ କେବଳ ନିର୍ବାଚନ ପ୍ରକ୍ରିୟାର ନିରପେକ୍ଷତା ଏବଂ ଅଖଣ୍ଡତାକୁ ବିପଦରେ ପକାଇବ ନାହିଁ ବରଂ ଅନ୍ୟ ପ୍ରତିଦ୍ୱନ୍ଦ୍ୱୀ ରାଜନୈତିକ ଦଳଗୁଡ଼ିକ ପାଇଁ ଏକ ଅସମ୍ମାନ ଏବଂ ଅନୈତିକ ପରିବେଶ ସୃଷ୍ଟି କରିବ । ତେଣୁ ଭିଡିଓ ପ୍ରମାଣର ସତ୍ୟତା ଯାଞ୍ଚ କରି ସମ୍ପୃକ୍ତ ବିଜେପି କର୍ମୀ ଏବଂ ନେତାଙ୍କ ସମ୍ପୃକ୍ତି ଯାଞ୍ଚ କରିବାକୁ କଂଗ୍ରେସ ପ୍ରତିନିଧି ଦଳ ଦାବି କରିଛି। ସେହିପରି ଶାଢ଼ୀ ଏବଂ ନଗଦ ଟଙ୍କା ବାଣ୍ଟୁଥିବା ବ୍ୟକ୍ତି ଏବଂ ଦଳ ବିରୋଧରେ ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦଳ ଦାବି କରିଛି। ଏହାସହ ମୁକ୍ତ ଏବଂ ନିରପେକ୍ଷ ନିର୍ବାଚନର ପବିତ୍ରତା ବଜାୟ ରଖିବା ଏବଂ ନିର୍ବାଚନ ପ୍ରକ୍ରିୟାରେ ଜନସାଧାରଣଙ୍କ ବିଶ୍ୱାସ ବଜାୟ ରଖିବା ପାଇଁ ତୁରନ୍ତ ଏବଂ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କଂଗ୍ରେସ କହିଛି। ଏହି ପ୍ରତିନିଧି ଦଳରେ ପିସିସି ମୁଖପାତ୍ର ସୋନାଲି ସାହୁ, ଡଃ ମନିଷା ଦାସ ପଟ୍ଟନାୟକ, ମଧୁସ୍ମିତା ଆଚାର୍ଯ୍ୟ, ଅମ୍ରିତା ଦାସ, ଝୁନା ପଟ୍ଟନାୟକ ପ୍ରମୁଖ ସାମିଲ ଥିଲେ।

ବିନା ସର୍ଚ୍ଚ ୱାରେଣ୍ଟରେ ଚଢ଼ଉ

## ଇସିଆଇଙ୍କ ନିକଟରେ ଅଭିଯୋଗ କଲେ ପ୍ରୀତିରଞ୍ଜନ

ଭୁବନେଶ୍ୱର,୫।୧୧(ସମିସ): ନୂଆପଡ଼ା ଉପନିର୍ବାଚନରେ ବିଜେଡିର ତାରକା ପ୍ରଚାରକ ତଥା ପୂର୍ବତନ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡ଼ାଇଙ୍କ ଘରେ ନିର୍ବାଚନ ଦାୟିତ୍ୱରେ ଥିବା ପ୍ରଶାସନିକ ଅଧିକାରୀ ଓ ପୁଲିସର ବେଆଇନ ଚଢ଼ଉ ମାମଲା ଏବେ ଦିଲ୍ଲୀରେ ପହଞ୍ଚିଛି। ଶ୍ରୀ ଘଡ଼ାଇ ଭାରତୀୟ ନିର୍ବାଚନ ଆୟୋଗଙ୍କ ନିକଟରେ ସଂପୃକ୍ତ ଅଧିକାରୀ ଓ ପୁଲିସ ବିରୋଧରେ ସଙ୍ଗୀନ ଅଭିଯୋଗ କରିବା ସହ ପୂରା ଘଟଣାର ନିରପେକ୍ଷ ତଦନ୍ତ କରି ଉଚିତ୍ କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରିଛନ୍ତି। ଭାରତୀୟ ନିର୍ବାଚନ ଆୟୋଗ (ଇସିଆଇ)ଙ୍କ ନିକଟରେ ଶ୍ରୀ ଘଡ଼ାଇ ଅଭିଯୋଗ କରିଛନ୍ତି ଯେ ଗତ ୩୧ ତାରିଖ ଅପରାହ୍ନ ୧.୨୨ ଟା

■ ମନ୍ଦ ଉଦ୍ଦେଶ୍ୟ ରଖି ପୁଲିସ କରିଛି ଏପରି ଅଗଣତାନ୍ତ୍ରିକ କାର୍ଯ୍ୟ
■ ନିର୍ବାଚନ ଦାୟିତ୍ୱରେ ନ ଥିବା ଅଧିକାରୀଙ୍କ ଦ୍ୱାରା ତଦନ୍ତ ହେଉ

ସମୟରେ ନୂଆପଡ଼ାରେ ନିର୍ବାଚନ ପ୍ରଚାରରେ ବ୍ୟସ୍ତ ଥିବା ସମୟରେ ନିର୍ବାଚନ ଦାୟିତ୍ୱରେ ଥିବା କିଛି ପ୍ରଶାସନିକ ଅଧିକାରୀ ଏବଂ ପୁଲିସ କର୍ମଚାରୀ ତାଙ୍କ ଖରିଆର ରୋଡ୍‌ସ୍ଥିତ ଭଡ଼ା ଘରେ ବିନା ସର୍ଚ୍ଚ ୱାରେଣ୍ଟରେ ବଳପୂର୍ବକ ଧସେଇ ପଶିଥିଲେ। ସେଠାରେ ଉପସ୍ଥିତ ଥିବା ତାଙ୍କ ସହାୟକଙ୍କୁ ଧକ୍କା ମାରି ଘରେ ପଶି ମୂଲ୍ୟବାନ ସାମଗ୍ରୀ ତଥା ନିର୍ବାଚନ ସାମଗ୍ରୀ ନଷ୍ଟ କରିଥିଲେ। ତାଙ୍କୁ ଏବଂ ଦଳୀୟ କର୍ମୀମାନଙ୍କୁ ଭୟଭୀତ କରିବା ପାଇଁ ପୁଲିସ ଏପରି କାର୍ଯ୍ୟ କରିଥିଲା। ମନ୍ଦ ଉଦ୍ଦେଶ୍ୟ ରଖି ପୁଲିସ ଏପରି ଅଗଣତାନ୍ତ୍ରିକ, ବର୍ବରୋଚିତ କାର୍ଯ୍ୟ କରୁଛି। ଏହା କେବଳ ତାଙ୍କୁ ନିର୍ଯାତନା ଦେଇ ନାହିଁ; ବରଂ ଆଦର୍ଶ ଆଚରଣ ବିଧିର ଖୋଲା ଉଲ୍ଲଂଘନ କରିଛି। ତେଣୁ ନୂଆପଡ଼ାରେ ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ସୁନିଶ୍ଚିତ କରିବା ପାଇଁ କୌଣସି ନିରପେକ୍ଷ ସଂସ୍ଥା କିମ୍ବା ନିର୍ବାଚନରେ ସଂପୃକ୍ତ ନ ଥିବା ଅଧିକାରୀଙ୍କ ଦ୍ୱାରା ତଦନ୍ତ କରାଇବାକୁ ଶ୍ରୀ ଘଡ଼ାଇ ଦାବି କରିଛନ୍ତି।


### AFFIDAVIT

I B. RAMESH, S/o- B Maheswar Rao resident of Sombartota, Bell Road, Po.- P.R.Peta, Ps.- Jeypore, Dist.- Koraput-764 003, Odisha declare by this Affidavit No.1804, Dated- 02/11/ 2025,that now onwards I shall be known as **BADARAUTA RAMESH** for all future purpose.

### AFFIDAVIT

I B. GAYATRI, W/o- BADARAUTA RAMESH, resident of Sombartota, Bell Road, Po.- P.R.Peta, Ps.- Jeypore, Dist.- Koraput- 764 003, Odisha declare by this Affidavit No.1805, Dated- 02/11/ 2025, that now onwards I shall be known as **BADARAUTA GAYATRI** for all future purpose.

### AFFIDAVIT

By virtue of an affidavit No. 572, dtd. 01.08.2025 in the court of the Executive Magistrate, Koraput, I, Chandini Bibi resident of Tudukuthuba, Po-T. Thuba, Ps.- Nandapur, Dist.-Koraput-764037 have changed my name from Chandini Bagama to Chandini Bibi. Henceforth I shall be known as Chandini Bibi for all purposes.

**Sd/- Chandini Bibi**

### PUJA OFFER SALE

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**

### AFFIDAVIT

By virtue of an affidavit sworn before Executive Magistrate, Banpur, vide No- 4003, dated 01/11/2025 I, Mini Bishoi, Address W/o- Raghunath Bishoi, At- Halanda, Po.- Badasireipur, Ps.- Banpur, Dist- Khordha, Odisha, Pin-752031 declare that, I have changed my name from **Mini Khatua** to **Mini Bishoi**. Henceforth, I shall be known as **Mini Bishoi** for all purposes.

**Sd/- Mini Bishoi**


### ପୂର୍ବ ତଟ ରେଳପଥ

**ଶୁଦ୍ଧିପତ୍ର ସଂ.5**

ଟେଣ୍ଡର ବିଜ୍ଞପ୍ତି ସଂ. EPC-CECONIIBBS 2025039, ତା.08.09.2025ରିଖ

ଉପର ଉଲ୍ଲେଖିତ ଟେଣ୍ଡର ବିଜ୍ଞପ୍ତି ସନ୍ଦର୍ଭରେ ନିମ୍ନ ପ୍ରଦତ୍ତ ଅନୁଯାୟୀ ପରିବର୍ତ୍ତନ କରାଯାଇଛି :

| କ୍ର. ସଂ. | ବିବରଣୀ | ପ୍ରକାଶିତ ତାରିଖ | ଏବେ ଏହି ଭାବରେ ପଢ଼ାଯିବ |
|---|---|---|---|
| 1. | ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : | 08.11.2025, 1200 ଘଟିକା | 21.11.2025, 1200 ଘଟିକା |

ନିମ୍ନଲିଖିତ ବିବରଣୀ ପାଇଁ କାର୍ଯ୍ୟସୂଚୀରେ ଆହୁରି ପରିବର୍ତ୍ତନ କରାଯାଇଛି।

| କ୍ର. ସଂ. | ବିବରଣୀ | ଯେପରି REF ଡକ୍ୟୁମେଣ୍ଟରେ ଅଛି | ଏବେ ଏହି ଭାବରେ ପଢ଼ାଯିବ |
|---|---|---|---|
| 1. | RFP ଡକ୍ୟୁମେଣ୍ଟର ଧାରା ସଂଖ୍ୟା 2.11.2ରେ ତାଲିକାଭୁକ୍ତ ସମସ୍ତ ଡକ୍ୟୁମେଣ୍ଟର ଭୌତିକ ଦାଖଲ | 14.11.2025, 1800 ଘଟିକା | 28.11.2025, 1800 ଘଟିକା |
| 2. | RFP ଡକ୍ୟୁମେଣ୍ଟର ଧାରା ସଂଖ୍ୟା 2.11.4(i)ରେ ଉଲ୍ଲେଖ କରାଯାଇଥିବା ସ୍ଥାନରେ ବୈଷୟିକ ବିଡ୍ ଖୋଲିବା | 18.11.2025, 1200 ଘଟିକା | 02.12.2025, 1200 ଘଟିକା |

ସବିଶେଷ ତଥ୍ୟ ପାଇଁ, ଇଚ୍ଛୁକ ଟେଣ୍ଡରକାରୀମାନେ ୱେବସାଇଟ୍: **www.ireps.gov.in** ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଉଛି।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-154/CI/25-26


### AFFIDAVIT

By virtue of an affidavit sworn before Notary Public, Khordha on Dt.01.11.2025 I, Bulu Yadav, S/o- Ashok behera, At- Raitikar, PO- Pingal, PS- Kalinganagar, Dist.- Jajpur, Odisha-755026 declrare that I have changed my name from Bulu Behera to Bulu Yadav. Henceforth, I shall be known as **Bulu Yadav** for all future legal purposes.

### AFFIDAVIT

I GOPO SUNDAR RATH, S/o- PADMANABH RATH resident of Mohanti Sahi, Po./Ps- Kotpad, Dist.- Koraput-764 058, Odisha declare by this Affidavit No.1792, Dated- 01/11/ 2025, that now onwards I shall be known as **GOPASUNDAR RATH** for all future purpose.

### AFFIDAVIT

By virtue of an affidavit sworn before Executive Magistrate, Vide No. 108, Bhubaneswar /dated 27.10.2025, I, **CHAMNARA BEGUM**, W/O -MOHAMMED ISRAIL, Address: At-Golarahat, P.O-Derabish, P.S- Derabish, Dist- Kendrapara, ODISHA, 754289 declare that I have changed my name from CHAMANARA BEGUM to **CHAMNARA BEGUM**. Henceforth, I shall be known as **CHAMNARA BEGUM** for all future purposes.

**CHAMNARA BEGUM**


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଜୋହରନ୍ ମମ୍‌ଦାନୀ...

ପ୍ରତିଶତ ମତଦାନ ମିଳିଥିଲା ବେଳେ ଆଣ୍ଡ୍ର୍ୟୁ କୁଓମୋ ୪୧ ପ୍ରତିଶତ ମତଦାନ (୮.୫ ଲକ୍ଷ ଭୋଟ୍) ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଅନ୍ୟପଟେ ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟି ପ୍ରାର୍ଥୀ କର୍ଟିସ ସିଲୱା ମାତ୍ର ୭.୧ ପ୍ରତିଶତ ଭୋଟ (୧.୪୫ ଲକ୍ଷ) ପାଇ ତୃତୀୟ ସ୍ଥାନରେ ରହିଛନ୍ତି। ୩୪ବର୍ଷୀୟ ଜୋହରାନ୍ ହେଉଛନ୍ତି ସୁନ୍ଦରଗଡ଼ର ପୂର୍ବତନ ଜିଲ୍ଲାପାଳ ଅମୃତଲାଲ ନାୟାରଙ୍କ ନାତି। ୧୯୫୮ରେ ଅମୃତଲାଲ ସୁନ୍ଦରଗଡ଼ ଜିଲ୍ଲାପାଳ ଭାବେ କାର୍ଯ୍ୟରତ ଥିଲେ। ଜଣେ ବିଚାରବନ୍ତ, ଦୂରଦୃଷ୍ଟିସମ୍ପର୍ଣ୍ଣ ଜିଲ୍ଲାପାଳ ଭାବେ ସୁନ୍ଦରଗଡ଼ର ବିକାଶ ପାଇଁ ଅନେକ ଲୋକପ୍ରିୟ କାର୍ଯ୍ୟ କରିଛନ୍ତି। ତାଙ୍କ ଉଦ୍ୟମରେ ସୁନ୍ଦରଗଡ଼ରେ ଉଚ୍ଚଶିକ୍ଷା ପାଇଁ ମହାବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ତାହା ବିଶେଷ ଭାବେ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେଉଛି। ଗୁଜରାଟର ମୂଳବାସିନ୍ଦା ଅମୃତଲାଲ ଜିଲ୍ଲାପାଳ ଥିବା ସମୟରେ ରାଉରକେଲାରେ ତାଙ୍କ ଝିଅ ତଥା ପ୍ରସିଦ୍ଧ ଭାରତୀୟ ଚଳଚ୍ଚିତ୍ର ନିର୍ମାତା ମୀରା ନାୟାର ଜନ୍ମଗ୍ରହଣ କରିଥିଲେ। 'ସଲାମ ବମ୍ବେ' ଭଳି ଚର୍ଚ୍ଚିତ ଚଳଚ୍ଚିତ୍ର ତିଆରି କରି ସେ ପଦ୍ମଭୂଷଣ ସମ୍ମାନ ପାଇଛନ୍ତି। ତାଙ୍କର ଏକମାତ୍ର ପୁଅ ଜୋହରନ୍ ଉଗାଣ୍ଡାର କମ୍ପାଲା ସହରରେ ୧୯୯୧ରେ ଜନ୍ମଗ୍ରହଣ କରିଥିଲେ। ସମ୍ପ୍ରତି ସେ ନ୍ୟୁୟର୍କର ଶତାବ୍ଦୀର ସବୁଠାରୁ କମ ବୟସ୍କ ମେୟର ଭାବେ ନିର୍ବାଚିତ ହୋଇ ନୂତନ ଇତିହାସ ରଚିଛନ୍ତି। ଜୋହରନ୍‌ଙ୍କ ଏହି ସଫଳତା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି ଯେ, ନ୍ୟୁୟର୍କର ସର୍ବକନିଷ୍ଠ ମେୟର ଭାବେ ନିର୍ବାଚିତ ହୋଇଥିବାରୁ ଭାରତୀୟ ବଂଶୋଦ୍ଭବ ଜୋହରନ୍‌ଙ୍କୁ ଅଭିନନ୍ଦନ। ରାଉରକେଲାରେ ଜନ୍ମିତ ଚଳଚ୍ଚିତ୍ର ନିର୍ମାତା ମୀରା ନାୟାରଙ୍କ ପୁଅ ଜୋହରାନ୍ ଏବେ ନ୍ୟୁୟର୍କର ପ୍ରଥମ ଭାରତୀୟ-ଆମେରିକୀୟ ମେୟର ହୋଇଛନ୍ତି। ଓଡ଼ିଶା ତାଙ୍କର ବିଶ୍ୱସ୍ତରୀୟ ସଫଳତା ପାଳନ କରୁଛି କହିବା ସହ ତାଙ୍କ ସଫଳତା କାମନା କରିଛନ୍ତି।

### ମହାକାଶରେ ଡାଟା ସେଣ୍ଟର...

ଟ୍ରିଲିୟମ୍‌ଟିପିୟୁଏସ୍ ସହିତ ସଜ୍ଜିତ ହେବ। ଏହି ସାଟେଲାଇଟ୍ ଗୁଡିକ ଫ୍ରି-ସ୍ପେସ୍ ଅପ୍ଟିକାଲ୍ ଲିଙ୍କ୍ ନାମକ ଏକ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ପରସ୍ପର ସହିତ ସଂଯୋଗ ହେବେ। ଗୁଗୁଲ୍ କହିଛି ଯେ ୮୧ ଟି ଉପଗ୍ରହର କ୍ଲଷ୍ଟର ମାତ୍ର ୧ କିଲୋମିଟର ବ୍ୟାସାର୍ଦ୍ଧ ମଧ୍ୟରେ ଉଡ଼ିବ, ଯାହା ଡାଟା ସ୍ଥାନାନ୍ତରକୁ ସହଜ କରିବ। ଏହାର ଅର୍ଥ ହେଉଛି ସେମାନେ ଲେଜର ଆଲୋକ ବ୍ୟବହାର କରି କୌଣସି ଓ୍ୟାର ବିନା ହାଇ-ସ୍ପିଡ୍ ଡାଟା ସେୟାର କରିବେ। ସରଳ ଭାଷାରେ, ପୃଥିବୀରେ ବିଦ୍ୟୁତ୍ ଅଭାବ ଏବଂ ଅନ୍ୟାନ୍ୟ ସମସ୍ୟାକୁ ଏଡାଇବା ପାଇଁ ଗୁଗୁଲ୍ ମହାକାଶରେ ସୂର୍ଯ୍ୟର ମୁକ୍ତ ଶକ୍ତିକୁ ବ୍ୟବହାର କରି ଏଆଇକୁ ସୁପରଫାଷ୍ଟ କରିବାକୁ ଚାହୁଁଛି।

ଏ ସମ୍ପର୍କରେ ଗୁଗୁଲ୍‌ର ବରିଷ୍ଠ ନିର୍ଦ୍ଦେଶକ ଟ୍ରାଭିସ୍ ବିଲ୍ସ କହିଛନ୍ତି ଯେ ସୂର୍ଯ୍ୟ ହେଉଛି ଆମର ସୌରମଣ୍ଡଳ ପାଇଁ ସର୍ବୋତ୍ତମ ଶକ୍ତି ଉତ୍ସ, ଯାହା ବିଶ୍ୱର ମୋଟ ବିଦ୍ୟୁତ୍ ଉତ୍ପାଦନ ଅପେକ୍ଷା ୧୦୦ ଟ୍ରିଲିୟନ ଗୁଣ ଅଧିକ ଶକ୍ତି ପ୍ରଦାନ କରେ। ମହାକାଶରେ ସୌର ପ୍ୟାନେଲ୍ ୮ ଗୁଣ ଅଧିକ ଉତ୍ପାଦନକ୍ଷମ ହେବ ଏବଂ ସ୍ଥିର ଶକ୍ତି ପ୍ରଦାନ କରିବ। ଏହା ଅଙ୍ଗାରକାମ୍ଳ ମାତ୍ରା ମଧ୍ୟ ହ୍ରାସ କରିବ। ଗୁଗୁଲ୍ ବିଶ୍ୱାସ କରେ ଯେ ୨୦୩୦ ସୁଦ୍ଧା, ଉପଗ୍ରହର ପ୍ରକ୍ଷେପଣ ମୂଲ୍ୟ ପ୍ରତି କିଲୋଗ୍ରାମ ୨୦୦ ଡଲାର (୧୭,୭୨୭ ଟଙ୍କା) ହେବ, ଯାହା ମହାକାଶ ଡାଟା ସେଣ୍ଟରଗୁଡ଼ିକୁ ପୃଥିବୀରେ ଥିବା ଡାଟା ସେଣ୍ଟର ସହିତ ତୁଳନୀୟ କରିବ। ଗୁଗୁଲ୍ ପ୍ଲାନେଟ୍ ଲ୍ୟାବ୍ସ ସହିତ ୨୦୨୭ ପ୍ରାରମ୍ଭରେ ଦୁଇଟି ପ୍ରୋଟୋଟାଇପ୍ ଉପଗ୍ରହ ଉତ୍କ୍ଷେପଣ କରିବ। ଯଦି ପ୍ରକଳ୍ପ ସଫଳ ହୁଏ, ତେବେ ମହାକାଶରୁ ଏଆଇ ତାଲିମ ହେବ। ପୃଥିବୀରେ ସମ୍ବଳ ସଞ୍ଚୟ ହେବ ଏବଂ ପରିବେଶ ସୁରକ୍ଷିତ ରହିବ। ସୌର ଦକ୍ଷତା ବୃଦ୍ଧି ପାଇବା ସହିତ, ସ୍ପେସ୍ କମ୍ପ୍ୟୁଟ୍ ଶସ୍ତା ହେବ। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ୨୦୩୫ ସୁଦ୍ଧା ମହାକାଶ ଡାଟା ସେଣ୍ଟରଗୁଡ଼ିକ ବାସ୍ତବରେ ପରିଣତ ହୋଇପାରେ।

### କେବଳ ପଦୋନ୍ନତିରେ...

ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୨୦୧୫ରୁ ୨୦୨୧ ମସିହା ମଧ୍ୟରେ ପ୍ରତ୍ୟେକ ବର୍ଷ କିଛି କିଛି ପଦ ବାହାରୁଥିଲା। ହେଲେ ୨୦୨୨ ଓ ୨୦୨୪ରେ ପ୍ରକାଶ ପାଇଥିବା ଓସିଏସ୍ ବିଜ୍ଞପ୍ତିରେ ଗୋଟିଏ ହେଲେ ଓପିଏସ୍ ପଦ ନାହିଁ। ଏଣୁ ଆଶାୟୀ ଛାତ୍ରଛାତ୍ରୀମାନେ ନିରାଶ ହେଉଛନ୍ତି। ସମ୍ପ୍ରତି ରାଜ୍ୟରେ ୯୫ଟି ଓପିଏସ୍ ପଦ ଖାଲି ଥିବାରୁ ଅତିକମ୍‌ରେ ୫୦ଟି ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ କରିବାକୁ ଆଶାୟୀମାନେ ଦାବି କରିଛନ୍ତି। ଆଶାୟୀ ସୁନିଲ୍ କୁମାର ମିଶ୍ର, ଶୁଭ୍ରଜିତ୍ ସାହୁ, ରମାକାନ୍ତ ମିଶ୍ରଙ୍କ ସମେତ ଶତାଧିକ ଆଶାୟୀ ରାଜ୍ୟପାଳଙ୍କ ସମେତ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ଗୃହ ବିଭାଗ ସଚିବଙ୍କୁ ଦାବିପତ୍ର ଦେଇଛନ୍ତି।

### ରାଜ୍ୟରେ ପହିଲି...

ରାଜ୍ୟର ରାଜଧାନୀ ଭୁବନେଶ୍ୱରରେ ସର୍ବନିମ୍ନ ରାତିର ତାପମାତ୍ରା ୧୭ ଡିଗ୍ରୀ ରେକର୍ଡ ହୋଇଛି। ଏହାଫଳରେ ରାଜ୍ୟର ଅଧିକାଂଶ ସ୍ଥାନରେ ପହିଲି ଶୀତ ଆରମ୍ଭ ହୋଇଛି। ଉପଗ୍ରହରୁ ମିଳିଥିବା ଜଳୀୟବାଷ୍ପ ସମ୍ପର୍କିତ ଚିତ୍ର ଅନୁଯାୟୀ ବାୟୁ ମଣ୍ଡଳରେ ଜଳୀୟବାଷ୍ପର ଦୃଷ୍ଟାନ୍ତମୂଳକ ହ୍ରାସ ଘଟିଛି। ଏହାସହିତ ପଶ୍ଚିମାଝଡ଼ ପ୍ରଭାବରେ ରାଜ୍ୟକୁ ଉତ୍ତରପଶ୍ଚିମ ଦିଗରୁ ପ୍ରବେଶ କରୁଥିବା ଶୁଷ୍କ ବାୟୁ ପ୍ରଭାବରେ ରାତିର ତାପମାତ୍ରାରେ ଆହୁରି ହ୍ରାସ ଘଟିବାର ସମ୍ଭାବନା ରହିଛି। ତେଣୁ କିଛି ଦିନ ପର୍ଯ୍ୟନ୍ତ ରାଜ୍ୟରେ ଶୀତ ଜାରି ରହିବା ସହ ଥଣ୍ଡାର ପ୍ରଭାବ ଆହୁରି ବଢ଼ିବା ନେଇ ଆକଳନ କରାଯାଉଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୨ ଦିନ ମଧ୍ୟରେ ରାଜ୍ୟର ଅଧିକାଂଶ ଅଞ୍ଚଳରେ ଆହୁରି ୨.୪ ଡିଗ୍ରୀ ତାପମାତ୍ରା ହ୍ରାସ ହେବାର ସମ୍ଭାବନା ରହିଛି। ତେଣୁ ଶୀତର ପ୍ରଭାବରେ ମଧ୍ୟ ବୃଦ୍ଧି ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି।

### ୭ରେ ପୁଣି...

ଝଲକ ପାଇବା ପାଇଁ ତାଙ୍କୁ ଭଲପାଉଥିବା ନୂଆପଡ଼ାବାସୀ ଅପେକ୍ଷାରେ ଥିବାବେଳେ ନିର୍ବାଚନ ଜିଣିବାରେ ଏହି ରୋଡ ଶୋର ପ୍ରମୁଖ ଭୂମିକା ରହିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଅପରପକ୍ଷେଆସନ୍ତାକାଲି ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କ ପ୍ରଚାର ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆପଡ଼ା ଯାଉଛନ୍ତି। ସେହିପରି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ମଧ୍ୟ ଛତିଶଗଡ଼କୁ ଲାଗିଥିବା କିଛି ଅଞ୍ଚଳରେ ପ୍ରଚାର କରିବାର କାର୍ଯ୍ୟକ୍ରମ ରହିଛି।

### ଭୋଟ ଚୋରିକୁ ନେଇ...

ତାଲିକାର ୨୨୩ଟି ସ୍ଥାନରେ ରହିଛି। ବିଭିନ୍ନ ନାମରେ ସେ ଦୁଇଟି ପୋଲିଂ ବୁଥରେ ମତଦାନ କରିଛନ୍ତି। କଂଗ୍ରେସକୁ ହରାଇ ବିଜେପିକୁ ଜିତାଇବା ଲାଗି ଏହା ଥିଲା କମିସନଙ୍କର ଷଡ଼ଯନ୍ତ୍ର। ଏହି କାରଣରୁ ନିର୍ବାଚନ କମିସନ ମତଦାନ କେନ୍ଦ୍ରର ସିସିଟିଭି ଫୁଟେଜକୁ ନଷ୍ଟ କରିଦେଇଛନ୍ତି।

ରାହୁଲ ଆହୁରି ଅଭିଯୋଗ କରିଛନ୍ତି ଯେ କଂଗ୍ରେସ ପ୍ରାର୍ଥୀମାନେ ବହୁତ କମ୍ ଭୋଟ୍ ବ୍ୟବଧାନରେ ହାରିଛନ୍ତି। ସବୁଠାରୁ କମ୍ ଭୋଟ୍ ବ୍ୟବଧାନ ଥିଲା ୩୨। ଏଭଳି ଭୋଟ ବ୍ୟବଧାନକୁ ମିଶାଇଲେ ରାଜ୍ୟ ବିଧାନସଭା ନିର୍ବାଚନରେ କଂଗ୍ରେସ ୨୨ ହଜାର ୭୭୯ ଖଣ୍ଡ ଭୋଟରେ ହାରିଛି।

ହରିୟାଣାରେ ତାଲିକାରୁ ୩.୫ ଲକ୍ଷ ଭୋଟରଙ୍କ ନାମ କାଟିଦିଆଯାଇଛି ବୋଲି ଅଭିଯୋଗ କରି ରାହୁଲ କହିଥିଲେ ଯେ ବିହାରରେ କାଲି ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଆୟୋଜନ ହେବାକୁ ଯାଉଛି। ହରିୟାଣା ଭଳି ବିହାରରେ ମଧ୍ୟ ଏହାର ପୁନରାବୃତ୍ତି ହେବ। ନିର୍ବାଚନ ପୂର୍ବରୁ ଭୋଟର ତାଲିକା ଦିଆଯାଉଛି। ଫଳରେ ଗଣତନ୍ତ୍ରର ହତ୍ୟା ହେଉଛି ବୋଲି ସେ ଅଭିଯୋଗ ଆଣିଛନ୍ତି।

ତେବେ ଭାରତୀୟ ନିର୍ବାଚନ କମିସନ ରାହୁଲଙ୍କ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। କମିସନ କହିଛନ୍ତି ଯେ ମତଦାନ କେନ୍ଦ୍ରରେ ଯଦି ଜାଲିଆତି ଚାଲିଥିଲା, ତାହାହେଲେ କଂଗ୍ରେସ ଏଜେଣ୍ଟ ଏହାର ବିରୋଧ କଲେନାହିଁ କାହିଁକି? ଏଭଳି ଭୋଟ ଜାଲିଆତିକୁ ରୋକିବା ଲାଗି ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସଆଇଆର) କରାଯାଉଛି। ଏହାକୁ ରାହୁଲ ବିରୋଧ କରିବେ କି ବୋଲି କମିସନ ପ୍ରଶ୍ନ କରିଛନ୍ତି। କମିସନ ଆହୁରି କହିଛନ୍ତି କିଛି ସ୍ଥାନରେ ମତଦାନରେ ହୋଇଥିବା ଅନିୟମିତତା ନେଇ ଅଭିଯୋଗ ଆସିଥିଲା ଏବଂ ଏହାର ଯାଞ୍ଚ କରାଯାଉଛି। ସେପଟେ ରାହୁଲ ଗାନ୍ଧୀଙ୍କ ଏହି ଅଭିଯୋଗର ଜବାବ ଦେଇଛି ବିଜେପି। କେନ୍ଦ୍ରମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି ଯେ, ଆମେ ମଧ୍ୟ ବି ନିର୍ବାଚନ ହାରିଛୁ। କିନ୍ତୁ ଏଥିପାଇଁ କେବେ କନ୍ଦାକଟା କରିନାହୁଁ। ବିଜେପି କେବେ ନିର୍ବାଚନ କମିସନଙ୍କୁ ଗାଳି ଦେଇନାହିଁ। ଆମେ ସବୁବେଳେ ନିର୍ବାଚନ ଫଳାଫଳକୁ ସ୍ୱାଗତ କରିଛୁ। ରାହୁଲ ସାମ୍ବାଦିକ ସମ୍ମିଳନରେ ଜଣେ ବିଦେଶୀ ମହିଳାଙ୍କ କଥା କହିଛନ୍ତି। ନିର୍ବାଚନ ବେଳେ ସେ ବିଦେଶ ଚାଲିଯାଇଥାନ୍ତି। ବିଦେଶରୁ ଯେଉଁ ପ୍ରେରଣା ମିଳେ ତାହାକୁ ସେ ଉପସ୍ଥାପନା କରି ସମୟ ନଷ୍ଟ କରିଥାନ୍ତି। ରାହୁଲ ସବୁବେଳେ କୁହନ୍ତି ଯେ, ସେ ବୋମା ବିସ୍ଫୋରଣ କରିବେ। କିନ୍ତୁ ତାଙ୍କ ବୋମା କେବେବି ବିସ୍ଫୋରଣ ହୁଏନାହିଁ ବୋଲି ରିଜିଜୁ କହିଛନ୍ତି। ବିହାରରେ ହୋଇଥିବା ଏସ୍ଆଇଆର୍‌ରେ ଲୋକ ବହୁତ ଖୁସି ଅଛନ୍ତି। ତେଣୁ ତାଙ୍କର ଏଭଳି ଅଭିଯୋଗ ଅମୂଳକ ବୋଲି ସେ କହିଛନ୍ତି। ବିହାର ନିର୍ବାଚନ ପାଇଁ କିଛି ପ୍ରସଙ୍ଗ ନଥିବାରୁ ଲୋକମାନଙ୍କର ଧ୍ୟାନ ହଟାଇବା ଲାଗି ରାହୁଲ ଏଭଳି ଉଦ୍ୟମ କରୁଥିବା ସେ କହିଛନ୍ତି।

### ବାଲେଶ୍ୱରରେ ବିହାର...

ମଲ୍ଲିକଙ୍କ ରିପୋର୍ଟ ଅନୁସାରେ, ଥାନାର କିଛି କର୍ମଚାରୀଙ୍କୁ ନେଇ ଏକ ଟିମ୍ ନିଆଁବାଗ ଅଞ୍ଚଳର ଶାନ୍ତନୁଙ୍କ ଘରେ ଚଢ଼ଉ ହୋଇଥିଲା। ସେଠାରୁ କଳାରଙ୍ଗର ଏକ ଏୟାରଗନ ପିସ୍ତଲ ସମେତ ଗୋଟିଏ ମାଗାଜିନ ସହ ୭ଏମଏମର ଦୁଇଟି ଦେଶୀ ପିସ୍ତଲ ଓ ଦୁଇ ରାଉଣ୍ଡ ଜୀବନ୍ତ ଗୁଳି ପାଇଥିଲେ। ପୁଲିସ ଶାନ୍ତନୁଙ୍କୁ ପଚରାଉଚରା କରିବା ପରେ ସେ ବନ୍ଧୁକ ଲାଇସେନ୍ସ ଦେଖାଇ ନ ପାରିବାରୁ ପୁଲିସ ତାଙ୍କୁ ଅଟକ ରଖି ଅଧିକ ପଚରାଉଚରା କରିଥିଲା। ପରେ ଶାନ୍ତନୁ ଅଚ୍ୟୁତପୁର ଗ୍ରାମର ମନୋଜକୁ ଗୋଟିଏ ପିସ୍ତଲ ଏବଂ ଡିହ ରେମୁଣାର ଅମିତାଭଙ୍କୁ ଗୋଟିଏ ପିସ୍ତଲ ବିକ୍ରି କରିଥିବା ସ୍ୱୀକାର କରିଥିଲେ। ପରେ ପୁଲିସ ଉଭୟଙ୍କ ଘରେ ଚଢ଼ଉ କରି ଶାନ୍ତନୁର ସୂଚନା ଅନୁସାରେ ଦୁଇଟି ବନ୍ଧୁକ ଜବତ କରିଥିଲେ। ଉଭୟଙ୍କୁ ପୁଲିସ ମନ୍ଦିର ଛକ ଠାରୁ ଗିରଫ କରିଥିଲା। ସେମାନଙ୍କୁ ପୁଲିସ ପଚରା ଉଚରା କରିବା ପରେ ସେମାନେ ଶାନ୍ତନୁଠାରୁ ଉକ୍ତ ବନ୍ଧୁକ କିଣିଥିବା କହିଥିଲେ। ଏହି ଘଟଣାରେ ପୁଲିସ ଜାଣିବାକୁ ପାଇଥିଲା ଯେ ଏହି ସବୁ ବନ୍ଧୁକଗୁଡିକ ବିହାରରୁ ଆସି ବାଲେଶ୍ୱରରେ ବିକ୍ରି ହେଉଥିଲା। ଏହି ଚୋରା ବନ୍ଧୁକ କାରବାର ଝାଡ଼ଖଣ୍ଡକୁ ମଧ୍ୟ ଲମ୍ବିଛି। ଏହି ଘଟଣାରେ ଅନ୍ୟ କେଉଁମାନେ ସାମିଲ ଅଛନ୍ତି, ପୁଲିସ ତାହାର ଖୋଳତାଡ଼ କରୁଛି। ଏ ନେଇ ରେମୁଣା ଥାନାରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଥିବା ପୁଲିସ ପକ୍ଷରୁ କୁହାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ନୀଳଗିରି ଏସଡିପିଓ ପ୍ରମୋଦ ମଲ୍ଲିକ ଓ ରେମୁଣା ଥାନା ଅଧିକାରୀ ବିମଳ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଚଢ଼ଉରେ ଏସଆଇ ସନାତନ ବିଶ୍ୱାଳ, ସୁବାଷ ଚନ୍ଦ୍ର ମଲ୍ଲିକ, ଏଏସଆଇ ଧୀରେନ୍ଦ୍ର ପ୍ରସାଦ ମହାନ୍ତି, ନୀଳମଣି ଦାସ, ଗୋଲକ ଚନ୍ଦ୍ର ନାୟକ, କନେଷ୍ଟବଳ ଶିଶିର ଦାସ, କୁଳମଣି ପାତ୍ର ପ୍ରମୁଖ ସାମିଲ ଥିଲେ।

### ସାଂସଦଙ୍କ ଚିଠି ପରେ...

ପରୋହିତ ପରୋକ୍ଷରେ ରାଜସ୍ୱ ମନ୍ତ୍ରୀଙ୍କ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଥିବା ରାଜନୈତିକ ସମୀକ୍ଷକମାନେ ମନେ କରୁଛନ୍ତି।

ଅନ୍ୟପକ୍ଷରେ ବିଜେଡି ଏହାକୁ ନେଇ ସିଧା ସରକାରଙ୍କୁ ନିଶାଣ କରିଛି। ବୁଧବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଡ. ଲେନିନ ମହାନ୍ତି ଧାନ କ୍ରୟ ହ୍ରାସ କରିବାକୁ ସରକାର ପଞ୍ଜିକରଣ ପାଇଁ ଜଟିଳ ନିୟମ ପ୍ରଣୟନ କରିଥିବା ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ପଞ୍ଜିକରଣ ବେଳେ ଚାଷୀମାନଙ୍କୁ ନିଜ ପରିବାରର ସମସ୍ତ ସଦସ୍ୟଙ୍କ ସ୍ୱୀକୃତି ସହିତ କେୱାଇସି ପ୍ରଦାନ କରିବାକୁ କୁହାଯାଇଥିଲା। ଏହା ରାଜ୍ୟର ଚାଷୀ ମାନଙ୍କ ଭିତରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏହି ପରିପ୍ରେକ୍ଷୀରେ ଚାଷୀମାନଙ୍କ ସମସ୍ୟାକୁ ନେଇ ବିଜେଡି ରାଜରାସ୍ତାକୁ ଓହ୍ଲାଇଥିଲା । ରାଜ୍ୟର ବିଭିନ୍ନ ସ୍ଥାନରେ ଏହାକୁ ନେଇ ବିଦ୍ରୋହ ଦେଖା ଦେଇଥିଲା। କିନ୍ତୁ ରାଜ୍ୟ ସରକାର ଏଥିପ୍ରତି କର୍ଣ୍ଣପାତ କରିନଥିଲେ। କେବଳ ଉପର ଠାଉରିଆ ଭାବେ କିଛି ନିୟମ କୋହଳ କରିଥିଲେ। ଏହାକୁ ନେଇ ଚାଷୀମାନଙ୍କ ଭିତରେ ଅସନ୍ତୋଷ ଲାଗି ରହିଥିଲା। ସମ୍ପ୍ରତି ସାଂସଦ ପ୍ରଦୀପ ପୁରୋହିତଙ୍କ ଏହି ଚିଠି ସରକାରଙ୍କୁ ଆଇନା ଦେଖାଇଛି। ଏହି ଚିଠି ପାଇବା ପରେ ରାଜ୍ୟ ସରକାରଙ୍କ ଚେତା ପଶୁ ଓ କୃଷକ ମାନଙ୍କର ଏହି ସମସ୍ୟା ସରକାର ସମାଧାନ କରିବେ ବୋଲି ଆମେ ଆଶା କରୁଛୁ ବୋଲି ସେ ମତବ୍ୟକ୍ତ କରିଛନ୍ତି।

### OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BOUDH

No. 6148 / 2025 / Boudh | Date: 31.10.2025

E-483 | **Tender Call Natice**

Sealed tenders are invited from registered farms/authorized distributors for supply of Drugs & Medical Consumables and Pathological Items for Boudh District. The details are available in the district website: boudh.odisha.gov.in. The eligible bidders may submit their tender papers on or **before dt 03.12.2025 by 5.00 PM** through Registered Post or Speed Post or courier services only to the undersigned. The tender documents will be opened on **dt. 04.12.2025 at 12.00 Noon** in the District Training Unit, Boudh in presence / absence of the bidders. The undersigned reserves the right to accept or reject any or all the tender without assigning any reason thereof.

**Sd/- CDM & PHO, Boudh.**

### GOVERNMENT OF ODISHA
### OFFICE OF THE BLOCK DEVELOPMENT OFFICER, KHORDHA

E-365 | **'e' Procurement Notice**

| | | |
|---|---|---|
| 1 | Name of the Work | Construction of Addl class Rooms/ MPCC/ Office Building A 50 MT Go down |
| 2 | Total No of Works | 11 (Eleven) |
| 3 | Tender Cost | 9.7990 lakh to 23.9409 Lakh (As per DTCN) |
| 4 | Bid Security | @1% of Tender Cost (Online) |
| 5 | Class of Contractor | C,D & equivalent |
| 6 | Cost of Tender Paper (online) | Rs 6000.00 |
| 7 | Period Of Completion | As per DTCN |
| 8 | Availability of Tender for Online Bidding | From 3.11.2025 11 AM to 20.11.2025 upto 5 PM |
| 9 | Date & place of Opening | Dt. 21.11.2025 at 11.00 AM in the Offlce of the Block Development Officer, Khordha |
| 10 | Tender Inviting Authority | Block Development Officer, Khordha |

Further details can be seen from the website http:/www.tenderodisha.gov.in any addendum / corrigendum / cancellation to the above Notice will be published in this website only.

**Sd/- Block Development Officer, Khordha**


### AFFIDAVIT

By virtue of an affidavit sworn before Executive Magistrate, Vide No.107, Bhubaneswar, dated-27.10.2025, I, **MOHAMMED ISRAIL**, S/ O LATE-MASLAN KHAN, Address: At-Golarahat, P.O. Derabish, P.S. Derabish, Dist. Kendrapara, ODISHA,754289 declare that I have changed my name from MD ISRAIL to **MOHAMMED ISRAIL**. Henceforth, I shall be known as **MOHAMMED ISRAIL** for all future purposes.

**MOHAMMED ISRAIL**

### ହଜିଛି

ମୁଁ ମାନଗୋବିନ୍ଦ ସାହୁ, ପିତା-ସୁବଳ ସାହୁ, ସ୍ଥାୟୀ ଠିକଣା-ଭଣ୍ଡାରିକୁଦା, ରାୟବିଧାର, ପୁରୀ, ପିନ୍-୭୫୨୦୧୧ ଏହା ଜଣାଇବାକୁ ଚାହେଁ ଯେ, ଗତ ତା ୦୨.୦୯.୨୦୨୫ ଦିନ ବାଇକ ଯୋଗେ ମୁଁ ପୁରୀ କୋର୍ଟରୁ ବାହାରି ରାୟ ବିଧାର ଘରକୁ ଯାଉଥିବା ସମୟରେ ମୋ ପାଖରେ ଥିବା ସମ୍ପତ୍ତି ସମ୍ବନ୍ଧୀୟ ଦସ୍ତାବେଜ କୌଣସି ସ୍ଥାନରେ ହଜିଯାଇଛି । ହଜିଯାଇଥିବା ଦସ୍ତାବେଜର ବିବରଣୀ: ସୁବଳ ସାହୁ ସପକ୍ଷରେ ଜାରି ହୋଇଥିବା ଅରିଜିନାଲ ବିକ୍ରୟ ଦଲିଲ ନଂ. ୫୪୮ (ତାରିଖ: ୦୬.୦୬.୨୦୦୮) ବହୁତ ଚେଷ୍ଟା କରିବା ସତ୍ତ୍ୱେ ମୁଁ ଉପରୋକ୍ତ ଦସ୍ତାବେଜକୁ ଖୋଜି ପାଇଲି ନାହିଁ। ଯଦି କୌଣସି ସହୃଦୟ ବ୍ୟକ୍ତି ଏହାର ସନ୍ଧାନ ପାଆନ୍ତି ତେବେ ଆଗାମୀ ୧୫ ଦିନ ମଧ୍ୟରେ ମାନଗୋବିନ୍ଦ ସାହୁ, ମୋବାଇଲ୍ ନଂ. ୮୨୪୯୩୩୩୧୫୬ କିମ୍ବା ଆଡଭୋକେଟ୍ ରାଜିବ ଲୋଚନ ଦାସ, ମୋବାଇଲ୍ ନଂ. ୯୭୭୭୪୫୨୨୪୪ ରେ ଯୋଗାଯୋଗ କରିବାକୁ ଅନୁରୋଧ।

### FOR SALE

01 Number of TATA ACE GOLD PETROL, CX/2023, Registration No.- OD-15-W-3690, Model- 2023, ENGINE NO – 275MPFI02AWXS13076, CHASSIS NO - MAT559023PZA02822, For Details, contact – 9437019531, SUNDARAM FINANCE LTD., 1ST FLOOR, SABAT COMPLEX, NEAR WESCO OFFICE, AINTHAPALLI , PO/DIST- SAMBALPUR-768004

### AFFIDAVIT

I, Arati Samu Murmu (37) D/o Samu Murmu resident of At-Handibhanga, Po-Chuhat, Ps-Suliapada, Dist-Mayurbhanj, Pin.No.757021, Odisha declared by the affidavit no-46 dated 03.11.2025 that my father actual name is Samu Murmu but this name had mistakenly mentioned as Somu Murmu in my Matriculation certificate. Henceforth, my father name Samu Murmu shall be used for all future purposes.

### AFFIDAVIT

By virtue of an affidavit before The Notary Public, Titilagarh, on dated-04/11/2025. I, **Kousalya Bhoi** (new name) formerly called as **Binodini Majhi** (old name), D/o Shyama Bhoi, W/o Bisikeshan Majhi, permanent resident of AT: Thalka, PO: Desil, PS: Titilagarh, Dist: Balangir (Odisha), PIN: 767033 now residing at the same place affirm that I have changed my name from **Binodini Majhi** (old name) to **Kousalya Bhoi** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I shall be known as **Kousalya Bhoi** (new name).

**Kousalya Bhoi**


### ବ୍ୟାଙ୍କ ଅଫ୍ ଇଣ୍ଡିଆ

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

ଆସେଟ୍ ରିକଭରୀ ଶାଖା, କଟକ

୧ମ ମହଲା, ପ୍ଲଟ୍ ନଂ.: ୨୯୩/୧୫୨୩, ଓଏସଆରଟିସି ବସ୍ ଷ୍ଟାଣ୍ଡ ସମ୍ମୁଖ, ସା: କୁହ୍ନେଇପଡା, ତ୍ରିଶୁଳିଆ, କଟକ-୭୫୪୦୦୫, ମୋ: ୮୨୪୯୦୬୭୭୭୩

### ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟୀ ଇଣ୍ଟରେଷ୍ଟ(ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ଅନୁଯାୟୀ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

**ସରଫେଶୀ ଆକ୍ଟ, ୨୦୦୨ ଅନୁଯାୟୀ ସୁରକ୍ଷିତ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ (ଇ-ନିଲାମ)**

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ,୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ(ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬)/୯(୧) ବ୍ୟବସ୍ଥା ଅନୁଯାୟୀ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ପାଇଁ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।**

ଏତଦ୍ଦ୍ୱାରା ସର୍ବସାଧାରଣ ଏବଂ ବିଶେଷ କରି ରଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଜଣାଇ ଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ସ୍ଥାବର ସମ୍ପତ୍ତିଗୁଡିକ **ବ୍ୟାଙ୍କ ଅଫ୍ ଇଣ୍ଡିଆ** ନିକଟରେ ବନ୍ଧକ / ଚାର୍ଜ ସୁତ୍ରରେ ରହିଅଛି ଯାହା **ବ୍ୟାଙ୍କ ଅଫ୍ ଇଣ୍ଡିଆର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଦଖଲ ନିଆଯାଇଅଛି, ଯାହାକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି"** ଏବଂ **"ସେଠାରେ ଯାହା ଅଛି"** ଭିତ୍ତିରେ ସମ୍ପୃକ୍ତ ରଣଗ୍ରହୀତାଙ୍କ ଠାରୁ **ବ୍ୟାଙ୍କ ଅଫ୍ ଇଣ୍ଡିଆର** ରଣ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସାରଣୀ ଅନୁଯାୟୀ ନିମ୍ନଦର୍ଶିତ ନିଲାମ ତାରିଖରେ ସମ୍ପତ୍ତିକୁ ବିକ୍ରୟ କରାଯିବ। ରଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ବିବରଣୀ, ବକେୟା ଦେୟ, ସ୍ଥାବର ସମ୍ପତ୍ତିର ସଂକ୍ଷିପ୍ତ ବିବରଣୀ ଏବଂ ସେବାବଦ ଜଣା ଥିବା ଏନ୍‌କମ୍ବ୍ରାନ୍‌ସେସ୍, ଦଖଲର ପ୍ରକାର, ସଂରକ୍ଷିତ ମୂଲ୍ୟ, ଅମାନତ ଜମା ରାଶି ଓ ବିଡ୍ ବୃଦ୍ଧି ପରିମାଣର ସବିଶେଷ ବିବରଣୀ ନିମ୍ନମତେ ପ୍ରଦତ୍ତ:

| କ୍ର. ନଂ. | ରଣଗ୍ରହୀତା/ଗ୍ୟାରେଣ୍ଟିଦାତା/ ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା / ମୋଟ ବକେୟା ରାଶି | ସମ୍ପତ୍ତିର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ |
|---|---|---|---|
| ୧. | **ରଣଗ୍ରହୀତା: ମେସର୍ସ କେୟାରଭାଣ୍ଟିସ୍ ମେଡିକେୟାର ପ୍ରା. ଲିଃ., ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ସୌମ୍ୟ ରଞ୍ଜନ ପାଣି,** ସା: ଫ୍ଲାଟ୍ ନଂ.: ୧୦୨, ଶ୍ରଦ୍ଧା ହୋମ୍ସ, ପ୍ଲଟ୍ ନଂ.: ଡି-୩୦, ବିଜେବି ନଗର, ଭୁବନେଶ୍ୱର, ଓଡ଼ିଶା-୭୫୧୦୧୪, **ଶାଖା କାର୍ଯ୍ୟାଳୟ:** ପ୍ଲଟ୍ ନଂ.: ୫୮୧, ଖାତା ନଂ.: ୧୧୪, ସୂର୍ଯ୍ୟ ବିହାର, ଲିଙ୍କ ରୋଡ, କଟକ, ଓଡ଼ିଶା-୭୫୩୦୧୨ / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ସୌମ୍ୟ ରଞ୍ଜନ ପାଣି,** ପିତା: ଶ୍ରୀ ଚିନ୍ମୟ କୁମାର ପାଣି, ସା: ଜେନାପଦା, ଜେନାପଦାଦଳ, ପୋ.: ଆଠଗଡ, କଟକ, ଓଡ଼ିଶା, ପିନ୍-୭୫୪୦୨୯, **୨) ଶ୍ରୀମତୀ ସସ୍ମିତା ମିଶ୍ର,** ସ୍ୱାମୀ: ଶ୍ରୀ ବିଶ୍ୱଜିତ୍ ସାହୁ, ସା: କୁଣ୍ଡିତରା ପାଟଣା, ଯୋହଳ, ଉତ୍କଳ ହୁଣ୍ଡାଇ ସୋରୁମ୍ ବିପରୀତ, ଏନ୍‌ଏଚ୍-୫, ବାଲିଅନ୍ତା, ଖୋର୍ଦ୍ଧା, ଓଡ଼ିଶା-୭୫୨୧୦୧, **୩) ଶ୍ରୀମତୀ ବିଜୟିନୀ ମହାପାତ୍ର (ବନ୍ଧକଦାତା),** ସ୍ୱାମୀ: ଶ୍ରୀ ଦୀପ୍ତିରଞ୍ଜନ ମହାପାତ୍ର, ସା: ଫ୍ଲାଟ୍ ନଂ.: ୩୦୨, ଶ୍ରଦ୍ଧା ହୋମ୍ସ, ପ୍ଲଟ୍ ନଂ.: ଡି-୩୦, ବିଜେବି ନଗର, ଭୁବନେଶ୍ୱର, ଓଡ଼ିଶା-୭୫୧୦୧୪ / **ମୋଟ ବକେୟା ରାଶି: ଟ.୩,୬୮,୮୧,୭୬୦.୨୭ +** ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ବିଯୁକ୍ତ କିଛି ଅଂଶ ପରିଶୋଧ ଅର୍ଥ ରାଶି | **ଶ୍ରୀମତୀ ବିଜୟିନୀ ମହାପାତ୍ର,** ସ୍ୱାମୀ: ଶ୍ରୀ ଦୀପ୍ତିରଞ୍ଜନ ମହାପାତ୍ରଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଖାଲି ଜମି ଯାହାର ପ୍ଲଟ୍ ନଂ.: ୮୭୩/୩୩୦୬/୩୩୭୭, ଖାତା ନଂ.: ୬୦୪/୩୯୪୯, ଜମିର କ୍ଷେତ୍ର: ଏକର୦.୦୫୫୧ଡିସିମିଲି ଯାହା ୨୪୦୦.୧୫ ବର୍ଗଫୁଟ, ମୌଜା: ଭୁବନେଶ୍ୱର ସହର ୟୁନିଟ୍ ନଂ.: ୩୬ ରାଜାରାଣୀ, ଥାନା: ଭୁବନେଶ୍ୱର ନଂ.: ୬୫/ଏକ୍ସଏକ୍ସଆଇ, ତହସିଲ: ଭୁବନେଶ୍ୱର ନଂ.: ୨୫୧/୪୮୬, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାଜଲକ୍ଷ୍ମୀ ରାୟ, ପଶ୍ଚିମ: ପ୍ରଫୁଲ୍ଲ କୁମାର ନାୟକ, ଉତ୍ତର: ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ୮୭୨ | **ଟ.୭୬,୫୩,୦୦୦/- (ଜିଏସ୍‌ଟି ଏବଂ ଅନ୍ୟାନ୍ୟ ବୈଧାନିକ ଦେୟ ବ୍ୟତୀତ) / ଟ.୭,୬୫,୩୦୦/- / ଟ.୫୦,୦୦୦/-** |

**ଇ-ନିଲାମ ତାରିଖ ଓ ସମୟ: ତା.୧୭.୧୨.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା ଠାରୁ ଅପରାହ୍ନ ୫.୦୦ ଘଟିକା ପ୍ରତ୍ୟେକଙ୍କ ପାଇଁ ୧୦ମିନିଟ୍ ଅସୀମିତ ବର୍ଦ୍ଧିତ ସମୟ ସହିତ**

କ୍ଷମତାପ୍ରାପ୍ତ ଅଧିକାରୀଙ୍କ ପ୍ରାକ୍ ଅନୁମତି ସହିତ ତା.୧୬.୧୨.୨୦୨୫ରିଖ ପୂର୍ବରୁ ଯେକୌଣସି କାର୍ଯ୍ୟଦିବସରେ ଇଚ୍ଛୁକ ନିଲାମଧାରୀମାନଙ୍କୁ ସମ୍ପତ୍ତିଗୁଡିକୁ ଯାଞ୍ଚ କରିବାର ସୁବିଧା ପ୍ରଦାନ କରାଯିବ। ଅମାନତ ଜମା ଏବଂ କାଗଜାତ୍ ଦାଖଲ କରିବାର ଅନ୍ତିମ ତାରିଖ ଓ ସମୟ: ତା.୧୬.୧୨.୨୦୨୫ରିଖ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ।

***ସଫଳ ନିଲାମଧାରୀ ପରବର୍ତ୍ତୀ କାର୍ଯ୍ୟ ଦିବସରେ ଅମାନତ ରାଶି ଅନ୍ତର୍ଭୁକ୍ତ କରି ନିଲାମ ରାଶିର ୨୫% ଜମା କରିବେ। ଅବଶିଷ୍ଟ ନିଲାମ ରାଶି ନିଲାମ ଚୁଡାନ୍ତ ହେବାର ୧୫ ଦିନ ସୁଦ୍ଧା ପୈଠ କରିବାକୁ ପଡିବ।**

**ସରଫେଶୀ ଆକ୍ଟ ୨୦୦୨ ଅନୁଯାୟୀ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ଦର୍ଶିତ ନିୟମ ଓ ସର୍ତ୍ତାବଳୀ ସହିତ ବିକ୍ରୟ ଅନୁଷ୍ଠିତ ହେବ। ଉପରୋକ୍ତ ରଣ ଆକାଉଣ୍ଟର ରଣଗ୍ରହୀତା / ଗ୍ୟାରେଣ୍ଟିଦାତା / ବନ୍ଧକଦାତାମାନଙ୍କୁ ଏହା ଏକ ୩୦ ଦିନିଆ ବିକ୍ରୟ ନୋଟିସ୍ କି, ସେମାନେ ବ୍ୟାଙ୍କ ସହିତ ସେମାନଙ୍କର ବକେୟା ଦେୟ ସମାଧାନ କରନ୍ତୁ ଏବଂ ଉପରଦର୍ଶିତ ତାରିଖରେ ସର୍ବସାଧାରଣ ନିଲାମରେ ଅଂଶଗ୍ରହଣ କରନ୍ତୁ। ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ https://baanknet.comରେ ପ୍ରଦତ୍ତ ଲିଙ୍କ୍ ଦେଖନ୍ତୁ।**

ସ୍ଥାନ: କଟକ
ତାରିଖ: ୦୬.୧୧.୨୦୨୫

କ୍ଷମତାପ୍ରାପ୍ତ ଅଧିକାରୀ
ବ୍ୟାଙ୍କ ଅଫ୍ ଇଣ୍ଡିଆ

# ସୁବର୍ଣ୍ଣରେଖା ନଦୀରୁ ବାଲି ଖାଦାନ ବନ୍ଦ ଦାବି

ରାଜଘାଟ, ୫।୧୧ (ସମିସ)



ମଙ୍ଗଳବାର ପୂର୍ବାହ୍ନରେ ଝିଙ୍କା ଥାନା ଅନ୍ତର୍ଗତ ଆମ୍ବକୁଡୁଚି ଗ୍ରାମରେ ଦେଭୋଗ, କାଦରାୟାଁ, ଆମ୍ବକୁଡୁଚି ଓ ଗିଲାଯୋଡ଼ି ଗ୍ରାମବାସୀମାନଙ୍କୁ ନେଇ ସୁବର୍ଣ୍ଣରେଖା ନଦୀ ତଟବର୍ତ୍ତୀ ଅଞ୍ଚଳର ସୁରକ୍ଷା ଏବଂ ବାଲି ଚାଲାଣ ବିରୋଧରେ ଏକ ଜନସଚେତନତା ଅଭିଯାନ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ଯୁବ ସମାଜସେବୀ ଜ୍ୟୋତିର୍ମୟ ନନ୍ଦ ଏଥିରେ ସଭାପତିତ୍ୱ କରିଥିଲେ । ନଦୀ ସୁରକ୍ଷା ସମିତିର ଆବାହକ ସମୀର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବାଲି ବେପାରୀଙ୍କ କବଳରୁ ସାଧାରଣ ଜନତା, ସ୍କୁଲ ଓ ଅଙ୍ଗନବାଡ଼ିର ଛାତ୍ରଛାତ୍ରୀ, ରୋଗୀର ଜୀବନ ସୁରକ୍ଷା ନିମନ୍ତେ ଉପସ୍ଥିତ ଗ୍ରାମବାସୀ ସ୍ୱରତ୍ତୋଳନ କରିବା ଉଚିତ ବୋଲି ବକ୍ତବ୍ୟରେ କହିଥିଲେ । ସୂଚନା ଥାଉକି କାଦରାୟାଁ, ଦେଭୋଗ, ଆମ୍ବକୁଡୁଚି ଗ୍ରାମରେ ୨୦୨୦ ମସିହାରେ ଖଣି ବିଭାଗ ତରଫରୁ ୫ଟି ବାଲିଖାଦାନକୁ ବାଲି ଉତ୍ତୋଳନ ପାଇଁ ଚଳିତ ବର୍ଷ ୧୩ ଡିସେମ୍ବର ପର୍ଯ୍ୟନ୍ତ ନିଲାମ ସ୍ୱରୂପରେ ଦିଆଯାଇଛି । ଯାହାର ଅବଧି ୨୦୨୪/୨୦୨୫ ମସିହା ଆର୍ଥିକ ବର୍ଷରେ ଶେଷ ହେବାକୁ ଯାଉଛି । ଦ୍ରୁତ ଗତିରେ ପାଣି ମିଶା ବାଲି ଗାଡି ସବୁ ଚାଲିବା ଦ୍ୱାରା ଗ୍ରାମାଞ୍ଚଳ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି । ପାଞ୍ଚ ବର୍ଷ ମଧ୍ୟରେ ଦୁର୍ଘଟଣା ଘଟି ଅନେକ ନିରୀହ ଜୀବନ ଯାଇଥିଲେ ମଧ୍ୟ ପ୍ରଶାସନ ଚୁପ ରହିଛି । ଦିନ ରାତି ଗାଡି ଚାଲିବା ଦ୍ୱାରା ନଦୀ ବନ୍ଧ ମଧ୍ୟ ଦୁର୍ବଳ ହୋଇ ଗ୍ରାମ ମୁହାଁ ଗତିପଥ ବଦଳାଉଛି ସୁବର୍ଣ୍ଣରେଖା । ତେଣୁ ତୁରନ୍ତ ଗ୍ରାମ ଲୋକଙ୍କୁ ସୁରକ୍ଷା ସହିତ, ନଦୀବନ୍ଧ ଓ ରାସ୍ତା ର ସୁରକ୍ଷା ଦେବାକୁ ଦାବି କରି ଗ୍ରାମବାସୀଙ୍କ ଦ୍ୱାରା ପ୍ରତିବାଦ ସଭା କରାଯାଇଛି । ସରକାର ଓ ପ୍ରଶାସନ ଏସବୁର ସୁରକ୍ଷା ଦେବାରେ ଅସମର୍ଥ ହେଲେ ଆଗାମୀ ଦିନରେ ଏହି ସବୁ ଗ୍ରାମରେ ଲୋକ ସାମୁହିକ ଭାବେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବୁଦ୍ଧିଜୀବୀ ତଥା ଅବସରପ୍ରାପ୍ତ ଶିକ୍ଷକ ଭାସ୍କର ଚନ୍ଦ୍ର ଘୋଷ, ବରିଷ୍ଠ ସମାଜସେବୀ ଧ୍ରୁବଚରଣ ନାୟକ, ପୁଟୁରା ସରପଞ୍ଚ ରାଧାକୃଷ୍ଣ ବେହେରା, ବରିଷ୍ଠ ନାଗରିକ ବାସୁଦେବ ପଣ୍ଡା, ଆମ୍ବକୁଡୁଚି ଗ୍ରାମର ପ୍ରକାଶ ଚନ୍ଦ୍ର ଜେନା, ବଳରାମ ଜେନା, ସୁବାସ ଜେନା, ରାଜେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ରାସ୍ତା ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ



ସୋର, ୫।୧୧(ସମିସ): ସୋର ଖରିଦାରୁ ଜଗନ୍ନାଥପୁର ରାସ୍ତା ପାର୍ଶ୍ୱରୁ ଜବରଦଖଲକୁ ପ୍ରଶାସନ ତରଫରୁ ଉଚ୍ଛେଦ କରାଯାଇଛି । ଏହି ପୂର୍ତ୍ତ ବିଭାଗ ତରଫରୁ ଏହି ରାସ୍ତା ନିର୍ମାଣ ବେଳେ ଦୀର୍ଘଦିନ ଧରି ଜବରଦଖଲ କରି ରଖିଥିବା ଲୋକମାନେ ଏହାକୁ ନ ଛାଡ଼ିବାରୁ ରାସ୍ତାକାମ ବନ୍ଦ ହୋଇ ରହିଥିଲା । ସ୍ଥାନୀୟ ଲୋକମାନଙ୍କ ଅଭିଯୋଗ କ୍ରମେ ଆଜି ପ୍ରାଶାସନ ତରଫରୁ ତହସିଲଦାର ଦୈତାରୀ ମଲ୍ଲିକ, ଅତିରିକ୍ତ ତହସିଲଦାର କୃଷ୍ଣ ମୋହନ ସିଂ ସୋର ପୁଲିସ ସହାୟତାରେ ପୂର୍ତ୍ତ ବିଭାଗ ଅଧିକାରୀଙ୍କ ଉପସ୍ଥିତିରେ ଏହି ଜବରଦଖଲକୁ ଉଚ୍ଛେଦ କରାଯାଇଛି । ଯାହା ଫଳରେ ଏହି ରାସ୍ତା ନିର୍ମାଣ ପାଇଁ ବାଧକ ଦୂର ହୋଇଯାଇଛି ।

● ବୟସ ଜାଲିଆତି କରି ଭତ୍ତା ହାତେଇବା ପ୍ରସଙ୍ଗ

## ପ୍ରଶାସନର ସତ୍ୟପାଠକୁ ଗ୍ରାମବାସୀଙ୍କ ବିରୋଧ



ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୫।୧୧ (ସମିସ): ନାମ୍ପୋ ଗ୍ରାମପଞ୍ଚାୟତରେ ମଧୁବାବୁ ପେନ୍‌ସନ ଯୋଜନାରେ ପ୍ରଦାନ କରାଯାଇଥିବା ଭତ୍ତାକୁ କେତେକ ହିତାଧିକାରୀ ବୟସ ଜାଲିଆତି କରି ହାତେଇ ଥିବା ନେଇ ଜିଲ୍ଲାପାଳଙ୍କଠାରେ ଅଭିଯୋଗ ହୋଇଥିଲା । ଏ ସମ୍ପର୍କରେ ଜିଲ୍ଲାପାଳ ମଧ୍ୟ ତଦନ୍ତ ଲାଗି ନିର୍ଦ୍ଦେଶ ଦେଇଥିଲେ । ଜଳେଶ୍ୱର ବିଡିଓଙ୍କ ତତ୍ତ୍ୱାବଧାନରେ ସାମାଜିକ ସୁରକ୍ଷା ଅଧିକାରିଣୀଙ୍କ ନେତୃତ୍ୱରେ ଏକ କମିଟି ଗଠନ କରାଯାଇ ପେନ୍‌ସନଧାରୀଙ୍କ ଘରେ ପହଞ୍ଚି ଥିଲେ ମଧ୍ୟ କେତେକ ତଦନ୍ତରେ ସହଯୋଗ କରି ନ ଥିଲେ । ତତ୍‌କାଳୀନ ଉପଜିଲାପାଳଙ୍କ ନିର୍ଦ୍ଦେଶରେ ପ୍ରାୟ ୪ ମାସ ହେବ ୩୦ଜଣଙ୍କୁ ଏବେ ଭତ୍ତା ପ୍ରଦାନ କରାଯାଉନାହିଁ । ନାମ୍ପୋ ପଞ୍ଚାୟତର ସମାଜସେବୀ ଗୋପାଳ କୃଷ୍ଣ ଜେନା ଜାଲିଆତି ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ପ୍ରମାଣପତ୍ର ବହୁ ଉଚ୍ଚ ପଦାଧିକାରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ପଠାଇ ଦୃଷ୍ଟି ଆକର୍ଷଣ କରିଥିଲେ । ଉଚ୍ଚ ନ୍ୟାୟାଳୟଙ୍କ ନିକଟରେ ଜଳେଶ୍ୱର ବିଡିଓ ଏକ ତଦନ୍ତ ରିପୋର୍ଟ ପ୍ରଦାନ କରିଥିବା ଅଭିଯୋଗକାରୀ ଗୋପାଳ କୃଷ୍ଣ ଜେନା କହିଛନ୍ତି । ତାଙ୍କ ତଦନ୍ତ ରିପୋର୍ଟରେ ମିଥ୍ୟା ଅଭିଯୋଗ ସମ୍ପର୍କରେ ସତ୍ୟପାଠ କରିଛନ୍ତି ବୋଲି ସେ ସାମ୍ବାଦିକ ସମ୍ମିଳନୀରେ ଦର୍ଶାଇଛନ୍ତି । ଆଜି ନାମ୍ପୋ ପଞ୍ଚାୟତ ଅଫିସ୍ ନିକଟରେ କେତେକ ଗ୍ରାମବାସୀ ସାମ୍ବାଦିକ ସମ୍ମିଳନୀରେ ଏହାକୁ ବିରୋଧ କରି ସତ୍ୟପାଠ ବିରୁଦ୍ଧରେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି । ହାତେଇଥିବା ବହୁ ହିତାଧିକାରୀଙ୍କ ବୟସ ୫୦ରୁ ୫୯ ମଧ୍ୟରେ ହୋଇଥିବାର ଗ୍ରାମବାସୀ ଅଭିଯୋଗ କରିଥିବା ବେଳେ ସୂଚନା ଅଧିକାର ବଳରେ ପାଇଥିବା ସ୍କୁଲ ସାର୍ଟିଫିକେଟର ନକଲ ମଧ୍ୟ ଦେଖାଇଥିଲେ । ଏ ସମ୍ପର୍କରେ ବିଡିଓ ଗୌରାଙ୍ଗ ଘୋଷଙ୍କୁ ପଚାରିବାରୁ ତାଙ୍କ ସମୟରେ ଏପରି ଭତ୍ତା ଦିଆଯାଇନଥିବା ବେଳେ କାର୍ଯ୍ୟାଳୟରେ ଥିବା ତଥ୍ୟ ଅନୁଯାୟୀ ଉପଯୁକ୍ତ ରିପୋର୍ଟ ପ୍ରଦାନ କରାଯାଇଛି ବୋଲି କହିଛନ୍ତି । ପଂଚାୟତରେ ବହୁ ଯୋଗ୍ୟ ହିତାଧିକାରୀ ରହିଥିଲେ ମଧ୍ୟ ସେମାନେ ମଧୁବାବୁ ଭତ୍ତା କିମ୍ବା ବର୍ଦ୍ଧିତ ଭତ୍ତା ସହାୟତା ପାଉନଥିବା ଅଭିଯୋଗ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସାମ୍ବାଦିକ ସମ୍ମିଳନୀରେ ବିଦ୍ୟୁଭୂଷଣ ଦାସ, ଚନ୍ଦ୍ରମୋହନ ରାଉଳ, ଧୂରେନ୍ଦ୍ର ସିଂ, କାହ୍ନୁଚରଣ ଦାସ, ଭାନୁ ପାତ୍ର, ସେକ୍ କମିରୁଦ୍ଦିନ, ଗୋପିନାଥ ଟୁଡୁ, ଶ୍ରୀନିବାସୀ ମହାପାତ୍ର, ସାଲାଉଦ୍ଦିନ ସାହା, ସେକ୍ ରମିନ ସାହା, ରମେଶଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## ଗୋପାଳଜୀଉ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଲଙ୍ଗଳେଶ୍ୱର, ୫।୧୧ (ସମିସ) : ବାଲିଆପାଳ ବ୍ଲକ ଲଙ୍ଗଳେଶ୍ୱର ଦୁର୍ଗା ପ୍ରସନ୍ନ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ ବୁଧବାର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଶ୍ରୀ ଶ୍ରୀ ଗୋପାଳ ଜୀଉ (ଗୋପାଳଛୁଆ) ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବସ୍ତା ବିଧାୟିକା ସୁବାସିନୀ ଜେନାଙ୍କ କରକମଳରେ ଉଦଘାଟିତ ହୋଇଛି । କଲେଜର ସମ୍ପାଦକ ଗଗନ ବିହାରୀ ବାରିକ, କାର୍ଯ୍ୟକାରୀ ସଭାପତି ସନ୍ତୋଷ କୁମାର ନନ୍ଦି, କଲେଜ ଅଧକ୍ଷ ସୁବ୍ରତ କୁମାର ନନ୍ଦୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟାପକ/ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ, ପରିଚାଳନା କମିଟି ର କର୍ମକର୍ତ୍ତା ପରିଚାଳନା କରିଥିଲେ ।

ଐତିହାସିକ କୁପାରୀ ରାସ ପୂର୍ଣ୍ଣମୀ

## ଯୋଗଦେଲେ ୪୦ହଜାର ଶ୍ରଦ୍ଧାଳୁ



ଖଇରା, ୫ ।୧୧ (ସମିସ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକର କୁପାରୀସ୍ଥିତ ଐତିହାସିକ ଶୁନ୍ୟମଣ୍ଡପ ରେ ୩ ଦିନିଆ ରାସ ପୂର୍ଣ୍ଣମୀ ତଥା ପଞ୍ଚୁକ ମେଳା ବୁଧବାର ଦିନ ଆଧାତ୍ମିକ ପରିବେଶ ମଧ୍ୟରେ ଆରମ୍ଭ ଯାଇଛି । ଚଳିତ ବର୍ଷ ବାଲେଶ୍ୱର ସମେତ ଆଖପାଖ ଜିଲାରୁ ୪୦ହଜାରରୁ ଉର୍ଦ୍ଧ ଶ୍ରଦ୍ଧାଳୁ ଶୂନ୍ୟମଣ୍ଡପରେ ପଦାର୍ପଣ କରି ଶୁନ୍ୟମନ୍ଦିର ଦର୍ଶନ କରିବା ସହ ଶୁନ୍ୟବ୍ରହ୍ମଙ୍କୁ ଆରାଧନା କରିଛନ୍ତି । ପ୍ରତ୍ୟୁଷରୁ ଶ୍ରଦ୍ଧାଳୁ ମାନେ ମଧୁସାଗରରେ ସ୍ନାନ କରିବା ପରେ ଶୁନ୍ୟବ୍ରହ୍ମ ସହିତ ଦିବଙ୍ଗତ ପ୍ରଭାକର ବାବାଙ୍କୁ ସମାଧି ମନ୍ଦିର ଦର୍ଶନ କରିଥିଲେ । ଯୁଗଶକ୍ତି ଗାୟତ୍ରୀ ଦିକ୍ଷିଙ୍କ ଦ୍ୱାରା ଯଜ୍ଞ କର୍ମର ଆୟୋଜନ କରାଯାଇଥିଲା । ସଂଚାଳକ ରାଜୁ ବାବା ଧାଡିରେ ଆସୁଥିବା ଭକ୍ତମାନଙ୍କୁ ପାଦୁକ ପ୍ରଦାନ କରିଥିଲେ । ସିମୁଲିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ଜିଲା ବିଜେଡି ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଅନ୍ୟତମ ବିଜେଡି ନେତା ଶଶିକୁମାର ସାହୁ, ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ ପ୍ରମୁଖ ନିଜ ସମର୍ଥକଙ୍କ ସହ ଶୁନ୍ୟମଣ୍ଡପ ବୁଲିଥିଲେ । ପୂର୍ବତନ ବ୍ଲକ ଉପାଧକ୍ଷ ଜୟନ୍ତ କୁମାର ରାଉତ, ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ, ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ଦାସ, କୁପାରୀ ସମିତି ସଭ୍ୟ ଅକ୍ଷୟ କୁମାର ଜେନା ପ୍ରମୁଖ କାର୍ଯ୍ୟର ତଦାରଖ କରିଥିଲେ । ମହୋତ୍ସବ ପ୍ରଥମ ସନ୍ଧ୍ୟାରେ ପ୍ରସିଦ୍ଧ କଳାକାର ମାନଙ୍କ ଦ୍ୱାରା ପରିବେଷିତ ନାଚଗୀତ ଦର୍ଶକଙ୍କୁ ବିମୁଗ୍ଧ କରିଥିଲା । ଶୂନ୍ୟମଣ୍ଡପ ପରିଚାଳନା କମିଟି, ଜନହିତ ଯୁବକ ସଂଘ, ଶୂନ୍ୟବ୍ରହ୍ମ ଡ୍ରାଇଭର ସଂଘ, କୁପାରୀ ଦେବାଳୟ ସଂଘ, କୁପାରୀ ବଣିକ ସଂଘ, କାଦବରାଙ୍ଗର ଉତ୍କଳ ଯୁବକ ସଂଘ, ହରେକୃଷ୍ଣ ମହତାବ ମହାବିଦ୍ୟାଳୟ ଜାତୀୟ ସେବା ସଂସ୍ଥାର ସ୍ୱେଚ୍ଛାସେବୀ, ବିଜେପି ଯୁବ ମୋର୍ଚ୍ଚାର କର୍ମକର୍ତ୍ତା ସମସ୍ତ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

## ପିପିଲି-ସାହା ବନ୍ଦର ବୋଇତ ବନ୍ଦାଣ ଉତ୍ସବ ଉଦ୍‌ଘାଟିତ




ଭୋଗରାଇ, ୫।୧୧ (ସମିସ): ଉତ୍କଳୀୟ ନୌବାଣିଜ୍ୟ ଇତିହାସରେ ଅନ୍ୟତମ ପ୍ରାଚୀନ ବନ୍ଦର ହେଉଛି ପିପିଲି-ସାହାବନ୍ଦର, ଯାହା ଅଧୁନା ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ଆରୁହାବୃତ୍ତି ବୋଲି ପରିଗଣିତ ହେଉଛି । ଅତୀତରେ ଏହି ଗୌରବୋଜ୍ୱଳ ସ୍ମୃତିକୁ ରୋମନ୍ଥନ କରିବା ପାଇଁ ପ୍ରତି ବର୍ଷ ଭଳି ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ପିପିଲି -ସାହା ବନ୍ଦର ବୋଇଣ ବନ୍ଦାଣ ଉତ୍ସବ ଉଦଘାଟିତ ହୋଇଛି । ଆରୁହାବୃତ୍ତି ନଂ-୨ ଦହମୁଣ୍ଡା ନଦୀଘାଟରୁ ସୁବର୍ଣ୍ଣରେଖା ନୀଳ ଜଳରାଶିରେ ବୋଇତ ଶୋଭାଯାତ୍ରା ବାହାରି ମନ୍ନୁନଗର ଘାଟରେ ପହଞ୍ଚିଥିଲେ । ଶତାଧିକ ସାଧବପୁଅ, ପୁଣି ସେହିଠାରୁ ବିରାଟ ପଟୁଆରରେ ଆରୁହାବୃତ୍ତି ନଂ ୧ ସ୍କୁଲ ପଡ଼ିଆ ପର୍ଯ୍ୟନ୍ତ ଆସିଥିଲେ । ପରେ ପରେ ଉତ୍ସବକୁ ଆନୁଷ୍ଠାନିକଭାବେ ଉଦଘାଟନ କରିଥିଲେ ପଦ୍ମଶ୍ରୀ ସାବରମତି । ଏହି ସଭାରେ ସଭାପତିତ୍ୱ କରିଥିଲେ ଉତ୍ସବ କମିଟିର ସଭାପତି ବରିଷ୍ଠ ସାମ୍ବାଦିକ ସତ୍ୟଶିବ ଦାସ, ମୁଖ୍ୟ ଅତିଥି ପଦ୍ମଶ୍ରୀ ସାବରମତୀ, ମୁଖ୍ୟବକ୍ତା ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଲେଖିକା ଡ. ମନୋରମା ବିଶ୍ୱାଳ ମହାପାତ୍ର, ସମ୍ମାନିତ ଅତିଥି କବି ଡ. କାଳିକିଙ୍କର ଦାସ ,ଆରୁହାବୃତ୍ତି ନଂ ୧ ସରପଞ୍ଚ ଗୀତାରାଣୀ ଜେନା, କବିସୁକୁମାର ଦାସ, ମାନସ ମହାନ୍ତି , ବିଶିଷ୍ଟ ଶିଳ୍ପ ଉଦ୍ୟୋଗୀ ଗୋବିନ୍ଦ ଦଳାଇ, ବ୍ରଜେନ୍ଦ୍ରନାଥ ଗିରି ପ୍ରମୁଖ ଉପସ୍ଥିତ ଥିଲେ । ଉତ୍ସବ କମିଟିର ସମ୍ପାଦକ ତଥା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ଶିକ୍ଷକ ଓ ବିଜ୍ଞାନ ନାଟକର ନାଟ୍ୟକାର ଦେବବ୍ରତ ଦେ ଦାସ ସ୍ୱାଗତ ଭାଷଣ ଦେଇଥିବାବେଳେ ଶିକ୍ଷକ ମଳୟ କୁମାର ସୁର ଧନ୍ୟବାଦ ଅର୍ପଣ କରିଥିଲେ । କଳ୍ପନା ତ୍ରିପାଠୀ ସ୍ମୃତି ସମ୍ମାନରେ ପ୍ରଫେସର ଡ. ମନୋରମା ବିଶ୍ୱାଳ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ତତସହିତ ଓଡ଼ିଶାର ସୁନାମଧନ୍ୟ ଐତିହାସିକ ଓ ଗବେଷକମାନଙ୍କ ଦ୍ୱାରା ଲିଖିତ ପୁସ୍ତକ 'ସାତବୋଇତର ସାତସପନ' ଉନ୍ମୋଚନ କରାଯାଇଥିଲା ।

## ବିଶ୍ୱ ସନାତନ କଲ୍ୟାଣ ସଂଘର ଅସ୍ତ୍ରପୂଜା



ଭୋଗରାଇ, ୫।୧୧(ସମିସ): ବିଶ୍ୱ ସନାତନ କଲ୍ୟାଣ ସଂଘ ଭୋଗରାଇ ଶାଖା ପକ୍ଷରୁ ସୀମାନ୍ତ ସାହାବାଜିପୁରରେ ଅବସ୍ଥିତ ପାହ୍ୟା ଆଦ୍ୟ ଚୈତନ୍ୟ ମହାପ୍ରଭୁ ମନ୍ଦିର ପରିସରରେ ଅସ୍ତ୍ର ପୂଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ସଂଘର ରାଜ୍ୟ ସଭାପତି ମନୋରଞ୍ଜନ ମହାନ୍ତି ଉକ୍ତ ସମାରୋହରେ ଯୋଗଦେଇ ହିନ୍ଦୁ ମାନଙ୍କ ସୁରକ୍ଷା, ଗୋ ସୁରକ୍ଷା ଓ ମାତୃଜାତିର ସୁରକ୍ଷା ପାଇଁ ଅସ୍ତ୍ର ଉଠାଇ ସୁରକ୍ଷା ଯୋଗାଇଦେବ ବୋଲି ପ୍ରକାଶ କରିଛନ୍ତି । ମନ୍ଦିରର ମୁଖ୍ୟ ପୂଜକ ରାମକୃଷ୍ଣ ପତି ମହାରାଜ ବେଦ ମନ୍ତ୍ରରେ ଅସ୍ତ୍ର ପୂଜା କରି ସନାତନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂଘର ଜିଲ୍ଲା ଉପ ସଭାପତି ପ୍ରଦୀପ ଗିରି, ସଂଯୋଜକ ଭଗବାନ ଚନ୍ଦ୍ର ବେହେରା, ସଦସ୍ୟ ରାମକୃଷ୍ଣ ପରିଡ଼ା, ଜଳେନ୍ଦ୍ର ବେହେରା, ଗୋପାଳ ଚନ୍ଦ୍ର ସାହୁ, ସଦସ୍ୟା ସବିତା ପାତ୍ର, ରଞ୍ଜୁଲତା ରାଉଳ, ମିନାକ୍ଷୀ ପାତ୍ର, ଭୋଗରାଇ ବ୍ଲକ ମହିଳା ମୋର୍ଚ୍ଚା ସଭାପତି ମିନତୀ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ ।

## ଭୋଗରାଇରେ ନୂତନ ଥାନା ଅଧିକାରୀଙ୍କୁ ସମ୍ବର୍ଦ୍ଧନା

ଭୋଗରାଇ, ୫।୧୧ (ସମିସ): ଭୋଗରାଇ ବ୍ଲକ ଓଡ଼ିଶା ପଶ୍ଚିମବଙ୍ଗ ସୀମାନ୍ତରେ ଥିବା ତାଳସାରି ସାମୁଦ୍ରିକ ଥାନାରେ ନୂତନ ଥାନା ଅଧିକାରୀ ଭାବେ ଶ୍ରବଣ କୁମାର ମହାରଣା ଯୋଗ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ବିଶ୍ୱ ସନାତନ କଲ୍ୟାଣ ସଂଘ ଭୋଗରାଇ ଶାଖା ପକ୍ଷରୁ ବୁଧବାର ଥାନା ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ସଂଘର ରାଜ୍ୟ ସଭାପତି ମନୋରଞ୍ଜନ ମହାନ୍ତି, ବାଲେଶ୍ୱର ଜିଲ୍ଲା ଉପ ସଭାପତି ପ୍ରଦୀପ ଗିରି, ସଂଯୋଜକ ଭଗବାନ ଚନ୍ଦ୍ର ବେହେରା, ଭୋଗରାଇ ଶାଖାର ସଦସ୍ୟ ରାମ କୃଷ୍ଣ ପରିଡ଼ା, ଜଳେନ୍ଦ୍ର କୁମାର ବେହେରା ପ୍ରମୁଖ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ତାଳସାରି ସାମୁଦ୍ରିକ ଥାନା ଅଞ୍ଚଳରେ ଅନୁପ୍ରବେଶ, ଆଇନଶୃଙ୍ଖଳା ରକ୍ଷା, ବେଆଇନ କାରବାର, ଗୋ ଚୋରା ଚାଲାଣ ଆଦି ଆଭିମୁଖ୍ୟ ଗ୍ରହଣ କରାଯିବ ବୋଲି ନୂତନ ଥାନା ଅଧିକାରୀ ଶ୍ରୀ ମହାରଣା କହିଛନ୍ତି ।

## ବର-ଅଶ୍ୱସ୍ଥ ବୃକ୍ଷ ବାହାଘର



ନୀଳଗିରି, ୫।୧୧ (ସମିସ): ବାଜା, ବାଣ, ରୋଷଣୀ ଓ ବ୍ରାହ୍ମଣର ମନ୍ତ୍ରୋଚାରଣ ସହିତ ବରକନ୍ୟାଙ୍କ ହାତଗଣ୍ଠି ପଡ଼ିଲା । ଶହଶହ ସଂଖ୍ୟାରେ ଶୁଭେଚ୍ଛୁଙ୍କ ଗ୍ରହଣରେ ଦଶଦିଗପାଳଙ୍କୁ ସାକ୍ଷୀରଖି ଉଭୟ ବରକନ୍ୟା ଜନ୍ମଜନ୍ମାନ୍ତର ପାଇଁ ବିବାହବନ୍ଧନରେ ବାନ୍ଧିହେଲେ । ମାତ୍ର ଏହାଏକ ସାଧାରଣ ବିବାହ ନ ଥିଲା । ପ୍ରକୃତି ଓ ପରିବେଶକୁ ଭଲପାଉଥିବା ନରଣପୁର ଗ୍ରାମର ସମାଜସେବୀ କ୍ଷେତ୍ରମୋହନ ସାହୁଙ୍କ ଦ୍ୱାରା ଉଡାପୋଖରୀ ତୁଠରେ ଲଗାଯାଇଥିବା ବରଅଶ୍ୱସ୍ଥ ବୃକ୍ଷର ବିଭାଘର ଉତ୍ସବ ଥିଲା । ଭୁରିଭୋଜନରେ ହଜାର ହଜାର ସଂଖାରେ ଲୋକଙ୍କୁ ଆପ୍ୟାୟିତ କରାଯାଇଥିଲା । ନରଣପୁର ଗ୍ରାମର କ୍ଷେତ୍ରମୋହନ ସାହୁ ଓ ତାଙ୍କପତ୍ନୀ ସୁଭଦ୍ରା ସାହୁ ବରପକ୍ଷର ସମସ୍ତ ବ୍ୟବସ୍ଥା କରିଥିବା ବେଳେ ପୋଡାଶୁଳ ଜଗନ୍ନାଥପୁର ଗ୍ରାମର କାର୍ତ୍ତିକ ବେହେରା ଓ ସ୍ତ୍ରୀ ସୁକାନ୍ତି ବେହେରା ଝିଅ ଅଶ୍ୱତ୍ଥର ବୈବାହିକ କର୍ମ କରିଥିଲେ । ମାନବ ସମାଜର ପ୍ରଚଳିତ ସମସ୍ତ ପ୍ରଥା, ପରମ୍ପରା ଅନୁଯାୟୀ ଉଭୟ ବରକନ୍ୟାଙ୍କ ବିଭାଗ କରାଯାଇଥିଲା । ଅବସରପ୍ରାପ୍ତ ଶିକ୍ଷୟତ୍ରୀ ସୁକାନ୍ତି ବାଗ, ଅଜୟ ପରିଡା ଏବଂ ତାଙ୍କ ପରିବାର ସମେତ ପ୍ରଭାତ ପ୍ରଧାନ, ରାଜେନ୍ଦ୍ର ସାହୁ, ଯୋଗେଶ୍ୱର ସାହୁ ପ୍ରମୁଖ ବହୁ ବଦାନ୍ୟବ୍ୟକ୍ତିଙ୍କ ସହଯୋଗରେ ଏଭଳି ଏକ ପୂଣ୍ୟକାର୍ଯ୍ୟ ସମ୍ପନ୍ନ ହୋଇଛି ।

## ନୂତନ ଥାନାଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଜଳେଶ୍ୱର, ୫।୧୧(ସମିସ) : ଯୁବ ଦକ୍ଷ ପୁଲିସ ଅଫିସର ଅଶୋକ କୁମାର ବାରିକଙ୍କୁ ଜଳେଶ୍ୱର ର ଆଇଆଇସି ଭାବେ ସୋମବାର ନିଯୁକ୍ତି ଦିଆଯାଇଛି । ଜଳେଶ୍ୱର କାର୍ଯ୍ୟରତ ସାମ୍ବାଦିକ ମଞ୍ଚର ସଦସ୍ୟମାନେ ନବ ନିଯୁକ୍ତ ଥାନାଧିକାରୀଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରି ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । ମଞ୍ଚର ଉପଦେଷ୍ଟା ଅବନୀ ଚାନ୍ଦ, ବରିଷ୍ଠ ସାମ୍ବାଦିକ ରବିନ୍ଦ୍ର ନାଥ ସେନାପତି, ସୁକୁମାର ରଣା, ରବି ନାରାୟଣ ପାତ୍ର, ଅଶ୍ୱନୀ ନାଥ, ଗୌର ଗୋପାଳ ସେନ୍, ଦୁର୍ଗା ଶଙ୍କର ଗିରି, ଜଗନ୍ନାଥ ଗୋଛାୟତ, ସତ୍ୟବ୍ରତ ସୋମ, ତପନ ନାୟକ, ସତ୍ୟ ରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଦ୍ୟାଳୟରେ ଫାଉଣ୍ଡେସନ କୋର୍ସର ଶୁଭାରମ୍ଭ

ଲଙ୍ଗଳେଶ୍ୱର, ୫।୧୧ (ସମିସ) : ଗ୍ରାମାଞ୍ଚଳ ପିଲାମାନଙ୍କର ଉଜ୍ୱଳ ଭବିଷ୍ୟତ ଗଠନ କରିବା, ଛାତ୍ରଛାତ୍ରୀଙ୍କୁ ପିଲାଟି ଦିନରୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ଲକ୍ଷ୍ୟରେ ପ୍ରଥମ ଥର ପାଇଁ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ନୂଆଗାଁସ୍ଥିତ ନିତ୍ୟାନନ୍ଦ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆଇଆଇଟି, ନିଟ୍, ଜେଇ ସମେତ ଅନ୍ୟାନ୍ୟ ବିଷୟରେ ପଢ଼ିବା ପାଇଁ ଫାଉଣ୍ଡେସନ କୋର୍ସର ଶୁଭାରମ୍ଭ କରାଯାଇଛି । ଶିଶୁ ମନ୍ଦିର ପରିସରରେ ସ୍ଥାୟୀ ସଭାପତି ପ୍ରମଥ ଜେନାଙ୍କ ଅଧକ୍ଷତାରେ ଆୟୋଜନ ସଭାରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ନିତ୍ୟାନନ୍ଦ ଫାର୍ମାସୀ କଲେଜର ଅଧକ୍ଷ ଆଦିତ୍ୟ କୁମାର ଜେନା, ମୁଖ୍ୟବକ୍ତା ରୁପସା କଲେଜରେ ଜୀବ ବିଜ୍ଞାନ ବିଭାଗର ମୁଖ୍ୟ ସତ୍ୟେନ୍ଦ୍ର କୁମାର ପାଳ, ଶିକ୍ଷାବିତ ସୁଧାଂଶୁ ପଣ୍ଡା, ରସାୟନବିତ ପିତାମ୍ବର ବିଶ୍ୱାଳ, ପଦାର୍ଥ ବିତ୍ ଉତ୍କର୍ଷ ଆନନ୍ଦ, ବିଦ୍ୟାଳୟର ସମ୍ପାଦକ ରଞ୍ଜନ କୁମାର ବେହେରା, ବରିଷ୍ଠ ସାମ୍ବାଦିକ ରବିରଞ୍ଜନ ତ୍ରିପାଠୀ, ପ୍ରଧାନ ଗୁରୁଜୀ ପ୍ରଭାକର ବେହେରା, ପଦାର୍ଥ ବିତ୍ ସୁବୋଧ କୁମାର ଭୂୟାଁ, ଅଧ୍ୟାପକ ଚିତ୍ତରଞ୍ଜନ ନାୟକ ପ୍ରମୁଖ ଯୋଗଦେଇଥିଲେ ।

## ଡୁବଡୁବିରେ ଚାଲିଛି ଅଣସ୍ୱୀକୃତିପ୍ରାପ୍ତ ନଦୀଘାଟ

ବସ୍ତା ବ୍ଲକ, ୫।୧୧ (ସମିସ)



ବାଲେଶ୍ୱର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ କଷାଫଳ ଗ୍ରାମରୁ ସାର୍ଥା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ମଝିରେ ରହିଛି ଡୁବଡୁବି ନଦୀ । ମାତ୍ର ପ୍ରବାହିତ ହେଉଥିବା ଖରସ୍ରୋତା ଡୁବଡୁବି ନଦୀରେ ସବୁ ସରକାରୀ ନିୟମକୁ ଖୋଲା ଖୋଲି ଉଲଂଘନ କରି ଏକ ନୂତନ ଭାବେ ନଦୀ ଘାଟ ଚାଲୁଥିବା ଅଭିଯୋଗ ହୋଇଛି । ତେବେ ଉକ୍ତ ନଦୀରେ ଆଲୁମେଦାଠାରେ ଏକ ସ୍ୱୀକୃତିପ୍ରାପ୍ତ ନଦୀ ଘାଟ ଥିବା ବେଳେ ସମସ୍ତ ନିୟମକୁ ଖୋଲାଖୋଲି ଉଲ୍ଲଘଂନ କରି ପୁନଶ୍ଚ ଏକ ନଦୀ ଘାଟ ଚାଲୁ କରିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଥିବା ବେଳେ ସରକାରଙ୍କ ରାଜସ୍ୱ ହାନି ଘଟୁଥିବା ଅଭିଯୋଗ ହୋଇଛି । ଉକ୍ତ ନଦୀ ଘାଟ ବର୍ଷକୁ ପ୍ରାୟ ୫ ଲକ୍ଷରେ ନିଲାମ ହେଉଥିବା ବେଳେ ନିଲାମଧାରୀ ମଧ୍ୟ କ୍ଷତି ସହୁଥିବା କୁହା ଯାଉଛି । ଘଟଣାଟି

### ବିପଦ ସଙ୍କୁଳ ଭାବେ ପାରି ହେଉଛନ୍ତି ଲୋକେ

ସଦର ବିଡିଓଙ୍କ ନଜରକୁ ଆସିବା ପରେ ଗତ ୨୮ ଅକ୍ଟୋବରରେ ବେଆଇନ ଘାଟ ଚଳାଉ ଥିବା ବ୍ୟକ୍ତିଙ୍କୁ ନୋଟିସ ମଧ୍ୟ ଜାରି ହୋଇଥିବା ବେଳେ ସରକାରୀ ତାଗିଦକୁ ନ ମାନି ନୌକା ଚଳାଚଳ ଜାରି ରହିଥିବା ଜଣାପଡିଛି । ତେବେ ବିନା କୌଣସି ସରକାରଙ୍କ ସ୍ୱୀକୃତି ପ୍ରାପ୍ତ ନ ଥାଇ ଜନସାଧାରଣଙ୍କ ଜୀବନକୁ ବାଜିରେ ଲଗାଇ ନଦୀ ପାର କରାଇବା କେତେଦୂର ଯଥାର୍ଥ ତାହା ସାଧାରଣରେ ପ୍ରଶ୍ନ ଉଠୁଛି । ପ୍ରକାଶ ଥାଉକି ଦୀର୍ଘ ଦିନ ଆଗରୁ ଉକ୍ତ ନଦୀରେ କୁମ୍ଭୀର ଚଳ ପ୍ରଚଳ କରୁଥିବା ଜନସାଧାରଣ ଦେଖିଥିବା ବେଳେ ଗୋଟିଏ କୁମ୍ଭୀର ମୃତ ଅବସ୍ଥାରେ ମତ୍ସ୍ୟଜୀବୀଙ୍କ ଜାଲରେ ଉଦ୍ଧାର ହୋଇଥିଲା । ତେଣୁ ଉକ୍ତ ନଦୀରେ ଏଭଳି ଗତାଗତକୁ ସାଧାରଣରେ ନାପସନ୍ଦ କରିବା ସହିତ ସରକାରଙ୍କ ତରଫରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

## ଗୋ ମାଂସ ସହ ବାଇକ୍ ଜବତ; ଜଣେ ଗିରଫ

ରାଇରଙ୍ଗପୁର,୫।୧୧(ସମିସ): ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ୭୦କିଲୋ ଗୋ ମାଂସ ଜବତ ହୋଇଛି। ବିଜତଳା ବ୍ୟାଙ୍କ ଛକ ନିକଟରୁ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ପକ୍ଷରୁ ଜବତ କରାଯାଇଛି। ଗିରଫ ଜଣକ ହେଲେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବଡାମକୁରାଡି ଗ୍ରାମର ସେକ ଅକବର ଅଲ୍ଲୀ। ସୂଚନା ଅନୁଯାୟୀ, ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ପକ୍ଷରୁ ବୁଧବାର ସକାଳ ସମୟରେ ପେଟ୍ରୋଲିଂ ଜାରି ରହିଥିଲା। ଜଣେ ବିକ୍ରି କରିବା ପାଇଁ ବାଇକ ଯୋଗେ ଗୋ ମାଂସ ନେଇ ଯାଉଥିବା ବିଶ୍ୱସ୍ତସୂତ୍ରରୁ ଖବର ମିଳିଥିଲା। ଯାହାକୁ ନେଇ ବିଜତଳା ବ୍ୟାଙ୍କ ଛକ ନିକଟରେ ଚଢ଼ାଉ କରି ବାଇକକୁ ଅଟକାଇ ଯାଞ୍ଚ କରିଥିଲେ। ଏକ ବ୍ୟାଗରୁ ୭୦କିଲୋ ଗୋ ମାଂସ ଜବତ ହୋଇଛି। ମାଂସ ସମେତ ବାଇକକୁ ପୁଲିସ ଜବତ କରିଛନ୍ତି। ପୁଲିସ ପକ୍ଷରୁ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

## ବନବିଭାଗର ଚଢ଼ଉ; ବାର୍‌ହା ମାଂସ ଓ କଟୁରୀ ଜବତ

ବୈଶିଙ୍ଗା,୫।୧୧(ସମିସ): ଖଡିଶୋଳ ପଞ୍ଚାୟତର କରଞ୍ଜିଆ ଗାଁ ଜଙ୍ଗଲ ସଂଲଗ୍ନ ପୋଖରୀ ପାର୍ଶ୍ୱରେ ବାରହା ଶିକାର କରି ମାଂସ ଭାଗବଣ୍ଟା କରାଯାଉଥିବା ଖବରପାଇ ବନବିଭାଗ ଚଢଉ କରିଥିଲା। ଚଢଉ ସମୟରେ ବନ ବିଭାଗ ୪୨କେଜି ବାରହା ମାଂସ ସମେତ ଏକ କଟୁରୀ ଜବତ କରିଛି। ସୂଚନା ମୁତାବକ ଖଡିଶୋଳ, ମସିଣାକାଟି, କରଞ୍ଜିଆ, ଡୁମାପଦା, ଶଙ୍ଖଯୋଡ ଇଲାକାରେ ଜଙ୍ଗଲୀ ବାହା ବିଚରଣ କରୁଥିବା ବେଳେ କିଛି ଶିକାରୀ ବାହା ଶୀକାର କରିବାପରେ କରଞ୍ଜିଆ ଜଙ୍ଗଲ ସଂଲଗ୍ନ ପୋଖରୀ ପାର୍ଶ୍ୱରେ ମାଂସ ଭାଗବଣ୍ଟା କରୁଥିଲେ। ଏନେଇ ଖବରପାଇ ବେତନଟୀ ରେଞ୍ଜ ଦାୟୀତ୍ୱରେ ରହିବା ଡେପୁଟି ରେଞ୍ଜର ଧୃବେନ୍ଦ୍ରନାଥ ନାୟକ ସଦଳବଳେ ଅତର୍କିତ ଚଢଉ କରିଥିଲେ। ହେଲେ ଶିକାରୀମାନେ ଜଙ୍ଗଲ ଭିତରକୁ ଚମ୍ପଟ ମାରିଥିଲେ। ଘଟଣାସ୍ଥଳରୁ ବନବିଭାଗ ମାଂସ ସମେତ ଏକ କଟୁରୀକୁ ଜବତ କରିଛି।

## ଉତ୍କଳ କରାଟେ ସ୍କୁଲରେ କଲର ବେଲ୍ଟ ପରୀକ୍ଷା




ତେଲକୋଇ, ୫।୧୧(ସମିସ): ଉତ୍କଳ କରାଟେ ସ୍କୁଲ ତେଲକୋଇରେ କଲର ବେଲ୍ଟ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଠ ଜଣ ପରୀକ୍ଷାର୍ଥୀ ଯୋଗ ଦେଇଥିବା ବେଳେ ତିନିଜଣ ଗ୍ରୀନ ବେଲ୍ଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୟେଲୋ ବେଲ୍ଟ ପରୀକ୍ଷାରେ ଚାରିଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ଓରେଞ୍ଜ ବେଲ୍ଟ ପରୀକ୍ଷାରେ ଜଣେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଗ୍ରୀନ ବେଲ୍ଟରେ ଗୌରୀ ମୁଣ୍ଡା, ଲାବିନ ଦାରାଇବୁରୁ, ଲକ୍ଷ୍ମୀ ହୋ, ୟେଲୋ ବେଲ୍ଟରେ ସାଲାମି ମାରାଣ୍ଡି, ଲକ୍ଷ୍ମଣ ମୁଣ୍ଡା, ଅନୁଷ୍କା କାଲୁ, ତ୍ରିଶାନ ଭରଦ୍ୱାଜ ଓ ଓରେଞ୍ଜ ବେଲ୍ଟରେ କରିଷ୍ମା ହେଶା ଉତ୍ତୀର୍ଣ୍ଣ ହୋଇଛନ୍ତି। ଉତ୍କଳ କରାଟେ ସ୍କୁଲ ଭୁବନେଶ୍ୱର ତରଫରୁ ସେନ୍ସି ଦେବେନ୍ଦ୍ର ରଣା ପରୀକ୍ଷା କରାଇଥିଲେ। ସମସ୍ତ ଛାତ୍ରଛାତ୍ରୀ ତେଲୋକୋଇସ୍ଥିତ ଉତ୍କଳ କରାଟେ ସ୍କୁଲର ଟ୍ରେନର ବିଜୟ କୁମାର ମୁଣ୍ଡାଙ୍କଠାରେ ଶିକ୍ଷା ଲାଭ କରୁଛନ୍ତି।

## ଆଞ୍ଚଳିକ ସାଧନକେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି



ଗୋପବନ୍ଧୁନଗର,୫।୧୧(ସମିସ): ଉଦଳା ବ୍ଲକ ଅନ୍ତର୍ଗତ କଇଁସାରୀ ଆଞ୍ଚଳିକ ସାଧନକେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ସାନଖଲାଡ଼ି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସାଧନ କେନ୍ଦ୍ର ସଂଯୋଜକ ଶାନ୍ତନୁ କୁମାର ଦାଶଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା, ସାଧାରଣ ସଭା ଓ ପୁରସ୍କାର ବିତରଣର ପର୍ବ ଅନୁଷ୍ଠିତ ହୋଇଥିଲା। ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ମୀନତି ମଞ୍ଜରୀ ପଣ୍ଡା ଓ ଶାଳଖୁଣ୍ଟା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୃନ୍ଦାବନ ପୃଷ୍ଟି ଯଥାକ୍ରମେ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ଭାବରେ ଯୋଗଦେଇ ପିଲାଙ୍କ ମଧ୍ୟରେ ଥିବା ପ୍ରତିଭାର ବିକାଶ ପାଇଁ ସୁରଭିର ପରିକଳ୍ପନା ବୋଲି ବକ୍ତବ୍ୟ ରଖିଥିଲେ। ସାନଖଲାଡ଼ି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁମିତ୍ରା ବେହେରା ସାଧାରଣ ସଭାରେ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରସ୍ୱତୀ ଟୁଡ୍ଡୁ, ମନୋରଂଜନ ଚୌଧୁରୀ ଓ ବିରେନ୍ଦ୍ର ଖଣ୍ଡେଇ ଅତିଥି ଭାବରେ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନ ଉତ୍ସବରେ ସରପଞ୍ଚ ସସ୍ମିତା ବାରିକ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣି ବାରିକ, ବିଜୟ ବେହେରା ଓ ବିରେନ୍ଦ୍ର ନାଥ ବେହେରା ଅତିଥିରୂପେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ।

## ରାହାସ ପୂର୍ଣ୍ଣିମାରେ ପଲ୍ଲୀରୁ ସହର ଯାଏ ଡଙ୍ଗାଭସା



କରଞ୍ଜିଆ, ୫।୧୧(ସମିସ): ପବିତ୍ର କାର୍ତ୍ତିକ ପୂର୍ଣମା ଅବସରରେ ବୋଇତ ଭସାଣି ଉତ୍ସବ ଓ ରାଧାକୃଷ୍ଣଙ୍କ ରାହାସ ପଞ୍ଚମୀରେ ପୁରପଲ୍ଲୀଠାରୁ ଆରମ୍ଭ କରି ସହର ପଯ୍ୟନ୍ତ ସବୁଠି ଉତ୍ସବର ବାତାବବରଣ ଦେଖାଦେଇଛି। ମାସ ଯାକ କାର୍ତ୍ତିକ ବ୍ରତ ପାଳନ କରିଥିବା ଶ୍ରଦ୍ଧାଳୁମାନେ ପଞ୍ଚୁକ ପାଳନରେ ପ୍ରାତଃ ସମୟରେ ବିଭିନ୍ନ ନଦୀ ପୋଖରୀରେ ବୋଇତ ଭସାଇଥିଲେ। ସହରଠୁ ଗାଁ ପଯ୍ୟନ୍ତ ସମସ୍ତ ଦେବାଳୟରେ ଶ୍ରଦ୍ଧାଳୁଙ୍କ ଦେବ ଦର୍ଶନ ପାଇଁ ଭିଡ଼ ଲାଗିରହିଥିଲା। ମଠ ମନ୍ଦିରରେ ରାଧାକୃଷ୍ଣଙ୍କ ରାହାସ ପୂଜା କରାଯାଇଥିଲା।

### ଭଞ୍ଜପୁର ଜଗଦ୍ଧାତ୍ରୀ ମେଳାର ୩ୟ ସନ୍ଧ୍ୟା

# ଦର୍ଶକଙ୍କ ମନମୋହିଲା ଓଡ଼ିଶୀ ନୃତ୍ୟ ଓ ଯୋଗାସନ

ବାରିପଦା, ୫।୧୧(ସମିସ)







ସ୍ଥାନୀୟ ଭଞ୍ଜପୁରଠାରେ ଉତ୍ତର ଓଡିଶାର ପ୍ରସିଦ୍ଧ ଜଗଦ୍ଧାତ୍ରୀ ମେଳାର ୩ୟ ସନ୍ଧ୍ୟାରେ ପ୍ରଥମ କାର୍ଯ୍ୟକ୍ରମ ବାରିପଦା କେନ୍ଦ୍ରର ଲାଶ୍ୟକଳା ଡ୍ୟାନ୍ସ ଭିଜନ ପରିବେଷଣ କରିଥିଲା। ଓଡ଼ିଶୀ ନୃତ୍ୟ ଓ ଜଗନ୍ନାଥ ସଂସ୍କୃତି ସହ ଜଡିତ ରସଗୋଲା ପରମ୍ପରା ଉପରେ ଆଧାରିତ ଏହି ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ପରେ ସ୍ୱାମୀ ବିବେକାନନ୍ଦ ଯୋଗ ରିସର୍ଚ୍ଚ ସେଣ୍ଟରର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ଯୋଗାସନ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ଶେଷରେ ଭକ୍ତି ମହ୍ଲାର ଭଜନ ସନ୍ଧ୍ୟାର ଆଧ୍ୟାତ୍ମିକ ଭଜନ କାର୍ଯ୍ୟକ୍ରମ ଦର୍ଶକଙ୍କୁ ପ୍ରଭାବିତ କରିଥିଲା। ସାଂସ୍କୃତିକ ସମ୍ପାଦକ କିଶୋର ପଲେଇଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ମେଳା ସମ୍ପାଦକ ପ୍ରସନ୍ନଜିତ ମହାନ୍ତି, ସୋମନାଥ ସିଂହ, ପ୍ରିତମ ପଣ୍ଡା ଏବଂ ଆଲୋକ ବାରିକ ପରିଚାଳନା କରିଥିଲେ। ଗୁରୁବାର ସରସ୍ୱତୀ ଶିଶୁ ମନ୍ଦିର, ରାଜକମଲ ଡ୍ୟାନ୍ସ କ୍ଲାସ, ଲାଶ୍ୟକଳା ଡ୍ୟାନ୍ସ ଭିଜନ, ଅନଲି ୱାନ ଡ୍ୟାନ୍ସ ଗ୍ରୁପର କାର୍ଯ୍ୟକ୍ରମ ପରେ ଆଦିବାସୀ ଷ୍ଟୁଡେଣ୍ଟ ୟୁନିୟନ ଶେଷ କାର୍ଯ୍ୟକ୍ରମ ପରିବେଷଣ କରିବେ ବୋଲି ସାଂସ୍କୃତିକ ସମ୍ପାଦକ ଶ୍ରୀ ପଲେଇ ଜଣାଇଛନ୍ତି।

## ସରକାରୀ ସ୍କୁଲକୁ ଭରସା ନାହିଁ; ଛାତ୍ରଛାତ୍ରୀ ଘରୋଇ ବିଦ୍ୟାଳୟ ମୁହାଁ

ମୋରଡ଼ା, ୫।୧୧(ସମିସ): ମୋରଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅଧୀନରେ ଥିବା ବିଦ୍ୟାଳୟରେ ଦିନକୁ ଦିନ ଶିକ୍ଷାର ମାନ ହ୍ରାସ ପାଉଥିବା ନେଇ ଅଭିଯୋଗ ହୋଇଛି। ଅନେକ ବିଦ୍ୟାଳୟରେ ଭିତ୍ତିଭୂମି ନାହିଁ। ଫଳରେ ଛାତ୍ରଛାତ୍ରୀ ଘରୋଇ ସ୍କୁଲ ମୁହାଁ ହେଉଛନ୍ତି। ଏହାର ଫାଇଦା ଉଠାଉଛନ୍ତି ଘରୋଇ ବିଦ୍ୟାଳୟ। ମୋଟା ଅଙ୍କର ଫିଂଠାରୁ ଆରମ୍ଭ କରି ଦରମା ଓ ପାଠ୍ୟପୁସ୍ତକ ପାଇଁ ବହୁ ଅର୍ଥ ଦାବି କରାଯାଉଛି। ବାରମ୍ବାର ବସ୍ତାନି ବୋଝ ହାଲୁକା କରିବାକୁ ସରକାରୀ ସ୍ତରରେ ନିର୍ଦ୍ଦେଶ ଦିଆଯାଉଥିଲେ ମଧ୍ୟ ତାହାକୁ ପାଳନ କରାଯାଉନାହିଁ। ବହୁ ବେସରକାରୀ ସ୍କୁଲ ପକ୍ଷରୁ ପରିବହନ ବ୍ୟବସ୍ଥା ମଧ୍ୟ ସଠିକ୍ ନାହିଁ। ବହୁ ସମୟରେ ପିଲା ବିପଦସଙ୍କୁଳ ଅବସ୍ଥାରେ ସ୍କୁଲକୁ ଯାଉଥିବାର ଦେଖିବାକୁ ମିଳୁଛି। ଶିକ୍ଷାବିତଙ୍କ କହିବା ମୁତାବକ ପଞ୍ଚମ ଶ୍ରେଣୀର ଏକାଧିକ ଛାତ୍ରଛାତ୍ରୀ ତୃତୀୟ ଶ୍ରେଣୀର ପାଠ ପଢ଼ିପାରୁନାହାନ୍ତି। ସେହିପରି ଅଧିକାଂଶ ଶିକ୍ଷକଶିକ୍ଷୟିତ୍ରୀ ଗୋଟିଏ ଲହରରେ ପଣିକିଆ କହିବା, ନିର୍ଭୁଲ ଓଡ଼ିଆ, ଇଂରାଜୀ ବାକ୍ୟ ଲେଖିବାରେ ଅସମର୍ଥ। ଏପରି ଶିକ୍ଷା ବ୍ୟବସ୍ଥା ଫଳରେ କେତେକ ସରକାରୀ ସ୍କୁଲ ବନ୍ଦ ହେବା ସମ୍ଭାବନା ଦେଖାଦେଲାଣି। ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ ହେଲେ ସରକାରୀ ନିୟନ୍ତ୍ରଣାଧୀନ କର୍ମଚାରୀ ଓ ସରକାରଙ୍କଠାରୁ ସହାୟତା, ଲାଭପାଉଥିବା ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କ ପିଲା ସରକାରୀ ସ୍କୁଲରେ ପଢ଼ିବାକୁ ବାଧ୍ୟତାମୂଳକ କଲେ ଶିକ୍ଷା କ୍ଷେତ୍ରରେ ବହୁତ ସୁଧାର ଆସିବ ବୋଲି ଶିକ୍ଷାବିତମାନେ ପ୍ରକାଶ କରିଛନ୍ତି।

## ଅଙ୍ଗାରଗଡିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ; ମନ୍ତ୍ରୀଡାହି ଏଫସି ଚାମ୍ପିଅନ



ପୁରୁଣିଆ, ୫।୧୧(ସମିସ): ରାହସ ପୂର୍ଣ୍ଣିମା ଅବସରରେ ବେତନଟୀ ବ୍ଲକ ଅନ୍ତର୍ଗତ ଆମ୍ବଗଡିଆ ଗ୍ରା.ପ.ର ଅଙ୍ଗାରଗଡିଆଠାରେ ଖେରୱାଲ ଆର୍ଶୀଲ ସେମଲେଦ୍ କ୍ଲବ ଆନୁକୂଲ୍ୟରେ ଦ୍ୱିଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସ୍ଥାନରୁ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ବାଲେଶ୍ୱରର ତାହାରପୁରର ବୋକାକଳା ଟହଲ ଏଫ.ସି. ଓ ମୟୂରଭଞ୍ଜର ମନ୍ତ୍ରୀଡାହି ଏଫ.ସି. ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ମନ୍ତ୍ରୀଡାହି ଦଳ ୧-୦ ଗୋଲରେ ଚମ୍ପିଆନ ହୋଇଥିଲା ବେଳେ ବୋକାକଳା ଟହଲ ଏଫ.ସି. ଉପ ବିଜେତା ହୋଇଥିଲା। ବାସିପିଠାର ସାଗେନ ବ୍ରଦର ଏଫ.ସି. ଦଳ ତୃତୀୟ ଓ ନୂଆଗାଁର ନାଗରାଜ ଏଫ.ସି. ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ଉଦଘାଟନୀ ଉତ୍ସବରେ ପ୍ରତିରକ୍ଷା ଓ ଗବେଷଣା ସଂସ୍ଥାର ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ଭୀମଚରଣ ମାଝି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ପୂର୍ବତନ ସରପଞ୍ଚ କାରୁ ମୁର୍ମୁ, ସାହିତ୍ୟିକ ତଥା ଯୁବ ସଂଗଠକ ଗୋବିନ୍ଦ ଚନ୍ଦ୍ର ମହାନ୍ତ ଏବଂ ଶିକ୍ଷକ ଡମ୍ବରୁଧର ମହାନ୍ତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉଦଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ବରିଷ୍ଠ ସମାଜସେବୀ ଇଂ ବୃନ୍ଦାବନ ଦାସ ମୁଖ୍ୟଅତିଥି, ବ୍ଲକ ଉପାଧ୍ୟକ୍ଷ ଦେବଦତ୍ତ ତିଆଡି ବିଶିଷ୍ଟ ଅତିଥି, ସମାଜସେବୀ ଗୋବିନ୍ଦ ଚନ୍ଦ୍ର ମହାନ୍ତ ଓ ୱାର୍ଡ ମେମ୍ବର ସୁହାଗୀ ମୁର୍ମୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚମ୍ପିଆନ ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ବୁଦ୍ଧଦେବ ମୁର୍ମୁ, ଅଜୟ ମୁର୍ମୁ, ରବୀନ୍ଦ୍ର ହାଁସଦାଃ ଓ ତିଲକା ହାଁସଦା ରେଫରୀ ଭାବେ ଖେଳ ପରିଚାଳନ କରିଥିଲେ। ବେତନଟୀ ବ୍ଲକର ପୂର୍ବତନ ଅଧ୍ୟକ୍ଷ କାଳୀଚରଣ ସୋରେନ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। କ୍ଲବର ସଭାପତି ରାମଚନ୍ଦ୍ର ମାରାଣ୍ଡି, ସଂପାଦକ ବାଇଧର ମାରାଣ୍ଡି, ସୁନାରାମ ମୁର୍ମୁ, ରାଜୁ ବାସ୍କେ, ଖରୱାଲ ବୀର ସୋରେନ, ସୁନାରାମ ମାରାଣ୍ଡି, ମାଧ ମୁର୍ମୁ, ଗଣେଶ ମୁର୍ମୁ, ସମରାୟ ମାରାଣ୍ଡି ଓ ସନୁ ବାସ୍କେ ଖେଳ ଆୟୋଜନରେ ସହଯୋଗ କରିଥିଲେ।

## ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତାରେ ମୟୂରଭଞ୍ଜରୁ ୨୦ ସାମିଲ




ବାରିପଦା, ୪।୧୧(ସମିସ): ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଆସନ୍ତା ୬ରୁ ୮ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ଜିଲ୍ଲା ଡା ଝସକେତନ ସାହୁ ସନ୍ତରଣାଗାରରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାରୁ ୨୦ ଜଣ ଛାତ୍ରଛାତ୍ରୀ ଯୋଗ ଦେବେ। ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନ ଏବଂ ଜିଲ୍ଲା ଶାରୀରିକ ଶିକ୍ଷା ପରିଦର୍ଶକ ଭାଗିରଥି ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଜେନେରାଲ ମ୍ୟାନେଜର ଭାବେ ପିଇଟି ହେମନ୍ତ କୁମାର ଜେନା, ବାଳକ ଟିମ ମ୍ୟାନେଜର ଭାବେ ପିଇଟି ପରୀକ୍ଷିତ ହେମ୍ବ୍ରମ ଓ ଜ୍ୟୋତିର୍ମୟୀ ଦାସ ମହାପାତ୍ରଙ୍କ ନେତୃତ୍ୱରେ ପ୍ରତିଯୋଗୀମାନେ ଯୋଗ ଦେବେ। ସେମାନେ ହେଲେ ୧୪ ବର୍ଷରୁ ବାଳକ ବିଭାଗରେ ବିକ୍ରମ ଦାସ, ମୁନା ସିଂ, ଲୋକନାଥ ସିଂ, ଅତନୁ ପାଣି, ରାହୁଲ ପଣ୍ଡିତ ଓ ବାଳିକା ବିଭାଗରେ ତନୁଜା ମହାନ୍ତ, ରୁଷା କିସ୍କୁ, ବାସନ୍ତୀ ମହାନ୍ତ, ରୀନା ମାରାଣ୍ଡି, ସାଇପ୍ରିୟା ସିଂ। ସେହିପରି ୧୭ ବର୍ଷରୁ କମ ବାଳକ ବିଭାଗରେ ଶ୍ରୀକାନ୍ତ ସିଂ, ପ୍ରିତମଜିତ ସିଂ, ସୁରଜ ମାରାଣ୍ଡି, ଅମିତ କୁଅଁର, ଏଲିସା ହେମ୍ବ୍ରମ ଓ ବାଳିକା ବିଭାଗରେ ରାଜଲକ୍ଷ୍ମୀ ନାଏକ, ସସ୍ମିତା ସିଂ, ପବିତ୍ରା ନାଏକ, ଲଭଲି ସିଂ, ସବିତା ସିଂ। ବାରିପଦା ଏମକେସି ସରକାରୀ ଉଚ୍ଚ ବିଦ୍ୟାଳୟରେ ଏକ ଭବ୍ୟ ସମ୍ବର୍ଦ୍ଧନା ସଭାରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ସେଠୀ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଶ୍ରୀ ମଲ୍ଲିକ, ବଡ଼ସାହି ବ୍ଲକ ଓଷ୍ଟା ଶିକ୍ଷକ ସଙ୍ଘର କାର୍ଯ୍ୟକାରୀ ସଦସ୍ୟ ଦୀପକ ରାମ ପ୍ରମୁଖ କ୍ରୀଡ଼ାବିତଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସଫଳତା କାମନା କରିଛନ୍ତି।

## ବିଡିଓଙ୍କ ବିରୋଧରେ ସମିତି ସଭ୍ୟାଙ୍କ ଅଭିଯୋଗ

ରାଇରଙ୍ଗପୁର/ବିଜତଳା,୫।୧୧(ସମିସ): ବିଜାତଳା ବ୍ଲକ ଲୁହସିଲା ଗ୍ରାମ ପଞ୍ଚାୟତର ସମିତି ସଭ୍ୟ ସୁକୁରମଣି ମାର୍ଣ୍ଡିଙ୍କୁ ବିଡିଓ ବଂଶୀଧର ଖୋସଲା ଜାତିଆଣ ଆକ୍ଷେପ କରିବା ସହିତ ଗାଳିଗୁଲଜ କରିଥିବା ନେଇ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଗତ ୩ ତାରିଖରେ ସମିତି ସଭ୍ୟା ସୁକୁରମଣି ମାର୍ଣ୍ଡି ବିଡ଼ିଓ ବଂଶୀଧର ଖୋସଲା ନିକଟକୁ ଯାଇଥିଲେ। ସେହି ସମୟରେ ତାଙ୍କ ବାପା ଦୁଲାରାମ ମାର୍ଣ୍ଡି ଏବଂ ଭଳଭଦ୍ର ମଣ୍ଡଳ ଉପସ୍ଥିତ ଥିଲେ। ସେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ପଞ୍ଚାୟତର ଉନ୍ନତି ମୂଳକ କାର୍ଯ୍ୟ ସଂପର୍କ ବିଷୟରେ ବିଡ଼ିଓଙ୍କୁ ପଚାରିଥିଲେ। ତେବେ ଏହି ବିଷୟରେ ସରୋଜ ମହାନ୍ତ ଏବଂ ସୁପାଇ ଟୁଡୁ ସହିତ ବୁଝାମଣା କରି କାମ କରିବାକୁ ବିଡିଓ କହିଥିଲେ; ଯାହାକୁ ନେଇ ବିଡ଼ିଓ ଏବଂ ସମିତି ସଭ୍ୟାଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପରେ ବିଡ଼ିଓ ଉତକ୍ଷିପ୍ତ ହୋଇ ସୁକୁରମଣି ମାର୍ଣ୍ଡିଙ୍କୁ ଜାତିଆଣ ନେଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଯଦି ସମିତି ସଭ୍ୟ ପଦ ସମ୍ଭାଳି ପାରୁ ନ ତେବେ ପଦରୁ ଇସ୍ତଫା ଦେଇ ଦିଅ ବୋଲି ବିଡ଼ିଓ ଶ୍ରୀ ଖୋସଲା କହିଥିବା ଶ୍ରୀମତୀ ମାର୍ଣ୍ଡି ଥାନାରେ ଅଭିଯୋଗ କରିଛନ୍ତି। ସେ ଜଣେ ଜନ ପ୍ରତିନିଧି ହୋଇଥିବା ବେଳେ ତାଙ୍କୁ ବିଡ଼ିଓଙ୍କ ଏପରି ବ୍ୟବହାର କରିବା ଠିକ୍ ନୁହେଁ। ଯାହାକୁ ନେଇ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୁଲିସ ପକ୍ଷରୁ ତଦନ୍ତ ପ୍ରକ୍ରିୟା ଜାରି ରହିଛି ବୋଲି ଥାନା ଅଧିକାରୀଣି ସରସ୍ୱତୀ ଟୁଡୁ କହିଛନ୍ତି। ଏ ନେଇ ବିଜତଳା ବିଡ଼ିଓ ବଂଶୀଧର ଖୋସଲାଙ୍କୁ ପଚାରିବାରୁ ଅଭିଯୋଗ ଭିତ୍ତିହୀନ ବୋଲି କହିଛନ୍ତି। ସେ ଅନ୍ୟ କିଛି କାରଣ ପାଇଁ ତାଙ୍କ ବିରୋଧରେ ମିଥ୍ୟା ଅଭିଯୋଗ କରିଛନ୍ତି ଏବଂ ଘଟଣାର ପୁଲିସ ତଦନ୍ତ କରୁଛି। ତଦନ୍ତ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ମାନବିକତା ଦେଖାଇଲା 'ଭରସା ପରିବାର'

କରଞ୍ଜିଆ, ୫।୧୧(ସମିସ): ସ୍ୱେଚ୍ଛାସେବୀ ସଂଗଠନ ଭରସା ପରିବାର ମାନବିକତା ଦେଖାଇଛି। କରଞ୍ଜିଆ ମେଡିକାଲରେ ଚିକିତ୍ସିତ ହେଉଥିବା ଜଣେ ରୋଗୀଙ୍କ ମୃତ୍ୟୁ ପରେ କୌଣସି ପରିଚୟ କି ଠିକଣା ନ ଥିବାରୁ ପୁଲିସ ଶବକୁ ଗ୍ରହଣ କରିନଥିଲା। ଫଳରେ ଶବ ୨୪ ଘଣ୍ଟା ମେଡିକାଲ ବ୍ୟବଚ୍ଛେଦ ଗୃହରେ ପଡିରହିଥିଲା। ପୁଲିସ ତଦନ୍ତ ପରେ ମୃତକଙ୍କ ପରିଚୟ ମିଳିବା ଓ ଶବ ବ୍ୟବଚ୍ଛେଦ କାମ ହୋଇଥିଲା। ତେବେ ମୃତକଙ୍କ କେହି ନ ଥିବାରୁ ସ୍ୱେଚ୍ଛାସେବୀ ସଂଗଠନ ଭରସା ପରିବାର ଓଡ଼ିଶାକୁ ଶବସତ୍କାର ପାଇଁ ଅନୁରୋଧ କରିଥିଲେ କରଞ୍ଜିଆ ଥାନା ଅଧିକାରୀ ଶରତକୁମାର ମହାଳିକ। ଖବର ପାଇ ଭରସା ପରିବାର ଓଡ଼ିଶାର ରାଜ୍ୟ ସଭାପତି ପ୍ରତାପ ରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହିଳା ସଭାନେତ୍ରୀ ମାଳତି ମହାନ୍ତ, କୋଷାଧ୍ୟକ୍ଷ ବୁଧୁରାମ ମହାନ୍ତ, ଯୁବ ସାମ୍ବାଦିକ ଜିତେନ୍ଦ୍ର ରାଜ, ସୁରେଶ ନାଏକ, ଅକ୍ଷୟ କୁମାର ମହାନ୍ତ ଓ ଗୋପବନ୍ଧୁ ମହାନ୍ତ ପ୍ରମୁଖ ଦେଓନଦୀ କୂଳରେ ଶବ ବ୍ୟବଚ୍ଛେଦ କରିଥିଲେ। ଶବସତ୍କାର ସମୟରେ ଥାନା ପକ୍ଷରୁ ସନୋ କୁମାର ନାଏକ ଉପସ୍ଥିତ ଥିଲେ।

## ଆ-କା-ମା-ବୈରେ କମ୍ପିଲା ଜଳାଶୟ; ମନ୍ଦିରରେ ଭିଡ଼



ବିଶୋଇ,୫।୧୧(ସମିସ): ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବିଶୋଇ ଅଞ୍ଚଳ ଉତ୍ସବ ମୁଖର ହୋଇ ଉଠିଥିଲା। ସକାଳୁ ମହିଳା, ପୁରୁଷ, ଯୁବକ, ଯୁବତୀ ଓ କୁନିକୁନି ଶିଶୁ ପ୍ରାତଃ ସ୍ନାନ କରି ଜଳାଶୟ ତୁଠକୁ ଯାଇ ଡ଼ଙ୍ଗା ଉପରେ ଧୂପ, ଦୀପ, ଗୁଆ, ପାନ, ସିନ୍ଦୂର ରଖି ଡ଼ଙ୍ଗା ଭସାଇଥିଲେ। ଏହି ସମୟରେ ଶ୍ରଦ୍ଧାଳୁଙ୍କ 'ଆ-କା-ମା-ବୈ, ପାନ ଗୁଆ ଥୋଇ, ପାନ ଗୁଆ ତୋର ମାସିକ ଧରମ ମୋର' ଗୀତରେ ପୋଖରୀ ତୁଠରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏଥସହିତ ଆଜି ଭୋର ସମୟରୁ ବିଶୋଇ ଅଞ୍ଚଳର ବଜରଙ୍ଗ ପୀଠରେ ଥିବା ହନୁମାନ ମନ୍ଦିର, ରାଧାକୃଷ୍ଣ ମନ୍ଦିର, ଜଳେଶ୍ୱର ଶୈବ ପୀଠ, ଜଗନ୍ନାଥ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଏହି ଅବସରରେ ଶ୍ରଦ୍ଧାଳୁମାନେ ମନ୍ଦିରରେ ପୂଜାର୍ଚ୍ଚନା କରି ଶୁଭମନାସିବା ସହିତ ଅନ୍ନ ପ୍ରସାଦ ସେବନ କରିଥିଲେ।

### ଗୋ-ସୁରକ୍ଷା ନାମରେ ଗୁଣ୍ଡାଗିରି

# ଗୋ-ମାଂସ ଚାଲାଣ ଭାବି ମାଛ ବୋଝେଇ ଗାଡ଼ିକୁ ଆକ୍ରମଣ

ବାରିପଦା, ୫।୧୧(ସମିସ)

ଗୋ-ମାଂସ ଚାଲାଣ ସନ୍ଦେହ କରି ମୟୂରଭଞ୍ଜ ଜିଲ୍ଲାର ଆଲ ଘୋଷିତ ଗୋ-ସୁରକ୍ଷା ବାହିନୀ ବର୍ବରକାଣ୍ଡ ଭିଆଇଥିବା ଜଣାପଡିଛି। ଏକ ଜିଅନ୍ତା ମାଗୁର ମାଛ ନେଇ ଯାଉଥିବା ପିକ୍ ଅପ୍ ଭ୍ୟାନକୁ ୩୦କିମି ପିଛା କରି ଅଟକାଇବା ସହିତ ୨ଜଣ ଚାଳକ ସେମାନଙ୍କ ମରଣାନ୍ତକ ଆକ୍ରମଣ କରିଛନ୍ତି। ଫଳରେ ଦୁଇଜଣ ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ଅପରପକ୍ଷରେ ଗୋ-ମାଂସ ନପାଇ ଭ୍ୟାନ ଡଲା ଖୋଲି ପାଣି ଟମ୍ପ କାଟି ଦେବାରୁ ଜାତୀୟ ରାଜପଥରେ ମାଗୁରମାଛ ବନ୍ୟା ହୋଇଥିଲା। କାର୍ତ୍ତିକ ପୂର୍ଣ୍ଣିମା ସତ୍ତ୍ୱେ ଲୋକମାନେ ୨ଲକ୍ଷ ଟଙ୍କାର ମାଛ ବୋହି ନେଇଥିଲେ। ଭଞ୍ଜପୁର ଥାନାରେ ଏନେଇ ଏକ ମିମଲା ରୁଜୁ ହୋଇଥିଲେ ହେଁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଜଣେ ହେଲେ ଆକ୍ରମଣକାରୀଙ୍କୁ ପୁଲିସ ଗିରଫ କରିନାହିଁ। ଘଟଣାରୁ ପ୍ରକାଶ ଯେ, ପଶ୍ଚିମବଙ୍ଗ ଦୀଘା ଅଞ୍ଚଳରୁ ଏହି ମାଛ ବୋଝେଇ ପିକ୍ ଅପ୍ ଭ୍ୟାନ ରାଞ୍ଚି ଅଭିମୁଖେ ଯାଉଥିଲା। ତେବେ ମୋରଡା ଥାନାର ପାଟପୁର ନିକଟରେ ଗୋ-ସୁରକ୍ଷା କର୍ମୀ ଭ୍ୟାନରେ ଗୋମାଂସ ଚାଲାଣ ସନ୍ଦେହରେ ଅଟକାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ସଂଘବଦ୍ଧ ଭାବେ ସେମାନେ ଭ୍ୟାନର ପିଛା କରିବା ସହିତ ଚିତ୍ରଡା, ବାରମାଇଲ, ଦେବେନ୍ଦ୍ରପୁର, ତକତପୁର ଓ ବାରିପଦାର ସହଯୋଗୀଙ୍କୁ ଖବର ଦେବାରୁ ପ୍ରାୟ

**୨ଚାଳକ ଗୁରୁତର; ୨ଲକ୍ଷ ଟଙ୍କାର ମାଗୁର ନେଇଗଲେ**



୨୦ରୁ ଉର୍ଦ୍ଧ୍ୱ ଯୁବକ ମାରଣାସ୍ତ୍ର ସହିତ ଭ୍ୟାନର ପିଛା କରି ବାରିପଦା ଉପକଣ୍ଠ ୧୮ ନଂ ଜାତୀୟ ରାଜପଥର ମୁରଗାବାଡି-ଦାମୋଦରପୁର ନିକଟରେ ଅଟକାଇ ଆକ୍ରମଣ କରିଥିଲେ। ତେବେ ଜଣେ ପ୍ରାଣବିକଳରେ ଦୌଡି ପଳାଇଥିବା ବେଳେ ୨ଜଣ ଚାଳକଙ୍କୁ ସେମାନେ ମରଣାନ୍ତକ ଆକ୍ରମଣ କରିଥିଲେ। ଖବର ପାଇ ସଦର ଥାନା ପୁଲିସ ପହଞ୍ଚିବା ପରେ ସମସ୍ତେ ଛତ୍ରଭଙ୍ଗ ଦେଇଥିଲେ। ଘଟଣା ସ୍ଥଳଟି ଭଞ୍ଜପୁର ଥାନା ଅଞ୍ଚଳ ହୋଇଥିବାରୁ ପୁଲିସ ଭ୍ୟାନ ଆହତ ୨ଚାଳକଙ୍କୁ ଉଦ୍ଧାର କରି ପିଆରଏମ ମେଡିକାଲ ନେବା ସହିତ ଭଞ୍ଜପୁର ପୁଲିସକୁ ଜଣାଇଥିଲା। ତେବେ ଭଞ୍ଜପୁର ପୁଲିସ ପହଞ୍ଚିବା ପୂର୍ବରୁ ମାଛ ବୋଝେଇ ଭ୍ୟାନର ଡଲା ଖୋଲି ପାଣି ପଲିଥିନ ଟମ୍ପ କାଟି ଦେବାରୁ ରାଜପଥରେ ପାଣି ସହିତ ୨ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଜିଅନ୍ତା ମାଗୁର ମାଛ ଲହଡି ଭାଙ୍ଗିଥିଲେ। ରାସ୍ତାରେ ଯାଉଥିବା ଲୋକେ ମାଛ ବୋହିନେଇଥିଲେ। ପ୍ରଥମେ ଏହାକୁ ଦୁର୍ଘଟଣା ରୂପ ଦେବାକୁ ଅପଚେଷ୍ଟା କରାଯାଇଥିବା ବେଳେ ପରବର୍ତ୍ତୀ ସମୟରେ ଗୋ-ସୁରକ୍ଷା ବାହିନୀଙ୍କ ବର୍ବର କାଣ୍ଡ ଜଣାପଡିଥିଲା। ତେବେ ଏନେଇ ପୁଲିସର ଭୂମିକା ସନ୍ଦେହ ଘେରରେ ରହିଛି। ୩ଟି ଥାନା ଅଞ୍ଚଳରେ ଆକ୍ରମଣକାରୀ ପିଛା କରି ଗୁଣ୍ଡାରାଜ ଚଳାଇଥିବା ବେଳେ ତତ୍କାଳ ପଦକ୍ଷେପ ନିଆଯାଇଥିଲେ ଏପରି ଅଘଟଣ ଘଟି ନ ଥାନ୍ତା ବୋଲି କୁହାଯାଉଛି।

## ଶିକ୍ଷା ସହନିର୍ଦ୍ଦେଶକ ଜିତେନ୍ଦ୍ର ନାୟକଙ୍କ ମୟୂରଭଞ୍ଜ ଗସ୍ତ



ବହଳଦା, ୫।୧୧ (ସମିସ): ମାଧ୍ୟମିକ ଶିକ୍ଷା ସହ ନିର୍ଦ୍ଦେଶକ ଜିତେନ୍ଦ୍ର ନାୟକ ମୟୂରଭଞ୍ଜ ଗସ୍ତରେ ଆସି ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା କେତେକ ବିଦ୍ୟାଳୟ ପରିଦର୍ଶନ କରିବା ସହିତ ବେତନଟୀ, ବଡ଼ସାହି ଓ ବହଳଦା ବ୍ଲକ ମଧ୍ୟ ପରିଦର୍ଶନ କରିଥିଲେ। ଏହି ଅବସରରେ ବହଳଦା ବ୍ଲକ ଅନ୍ତର୍ଗତ ଇନ୍ଦକୋଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଦେବେନ୍ଦ୍ରନାଥ ସାହୁ, ଏବିଇଓ ସୁଜାତା କର ମହାପାତ୍ର, ବିଆରସିସି ଭୁତନାଥ ସିଠ ଓ ପ୍ରଧାନ ଶିକ୍ଷକ ହେମନ୍ତ କୁମାର ମହାନ୍ତଙ୍କ ସହିତ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏଥିସହିତ ଝରାଡିହି ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଝରାଡ଼ିହି ପରିଦର୍ଶନ ସମୟରେ ଶ୍ରୀ ନାୟକ ବିଦ୍ୟାଳୟର ଅଧ୍ୟକ୍ଷ ସ୍ମୃତିରଞ୍ଜନ ପାଣିଙ୍କ ସହିତ ପରୀକ୍ଷା ଫଳ ବିଷୟରେ ଆଲୋଚନା କରିଥିଲେ। ବିଦ୍ୟାଳୟର ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟକ୍ରମ ବିଷୟରେ ଏସଏମସି କମିଟିର ଅଧ୍ୟକ୍ଷ ବୃହସ୍ପତି ବେହେରାଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ। ସେହିପରି ଶ୍ରୀ ନାୟକଙ୍କ ସହିତ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ ଏବଂ ଶିକ୍ଷକ ଓ କର୍ମଚାରୀଙ୍କ ସହିତ ବାର୍ତ୍ତାଳାପ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଦେଓଲା ମାଝୀ, ରେଣୁବାଳା ନାୟକ, ଦେବକୀ ଗୋପାଲ, ପ୍ରଶାନ୍ତ କୁମାର ମହାନ୍ତ, ସଙ୍ଗୀତା ନାଏକ, ବବିତା ମହାନ୍ତ, ଆକାଶ କୁମାର ମହାନ୍ତ, ଜଗନ୍ନାଥ ପାତ୍ର, ଗୀତାଞ୍ଜଳି ମହାନ୍ତ, ପ୍ରତିଭା ବେହେରା, ସୀମା ମହାନ୍ତ, ନିରୁପମା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ପକ୍ସୋ ଆଇନର ଦୁରୁପଯୋଗ ହେଉଛି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୫ ।୧୧(ଏଜେନ୍ସି): ପକ୍ସୋ ନିୟମର ଦୁରୁପଯୋଗ ହେବା ନେଇ ସୁପ୍ରିମକୋର୍ଟ ସୋମବାର ଚିନ୍ତା ପ୍ରକଟ କରିଛନ୍ତି । ବୈବାହିକ ବିବାଦ ଓ ଝିଅ ଘରୁ ପଳାଇବା ମାମଲାରେ ଏହି ନିୟମର ଦୂରୁପଯୋଗ ହେଉଛି ବୋଲି ସୁପ୍ରିମକୋର୍ଟ କହିଛନ୍ତି । ଝିଅର ପରିବାର ଦ୍ୱାରା ଝିଅ ଯେଉଁ ପୁଅ ସହିତ ପଳାଇ ଯାଇଛି ତା ବିରୋଧରେ ଦାଏର ହୋଇଥିବା ମାମଲାରେ ଏହି ନିୟମକୁ ଅନୁଚିତ ଭାବେ ବ୍ୟବହାର କରାଯାଉଛି । ଯୌନ ଅପରାଧୀଙ୍କଠାରୁ ଛୋଟପିଲାଙ୍କୁ ସଂରକ୍ଷଣ ଦେବାର ଅଧିନିୟମକୁ ପକ୍ସୋ ଆକ୍ଟ ବୋଲି କୁହାଯାଇଥାଏ । ଜଷ୍ଟିସ ବିବି ନାଗରତ୍ନା ଓ ଜଷ୍ଟିସ୍ ଆର ମହାଦେବନଙ୍କ ଖଣ୍ଡପୀଠ ଏକ ଆବେଦନର ଶୁଣାଣି କରିବା ଅବସରରେ ଏହି କଥା କହିଛନ୍ତି । ଏଥିସହ ବଳାତ୍କାର ବିରୋଧୀ ଆଇନ୍ ବିଷୟରେ ସଚେତନତାର ଆବଶ୍ୟକତା ଥିବା ସଂକ୍ରାନ୍ତରେ କିଛି ନୂଆ ନିର୍ଦ୍ଦେଶ ଜାରି କରାଯିବ ବୋଲି ଏହି ଖଣ୍ଡପୀଠ ସଂକେତ ଦେଇଛନ୍ତି । ପକ୍ସୋ ନିୟମ ନେଇ ପୁରୁଷ ଓ ପୁଅମାନଙ୍କ ମଧ୍ୟରେ ସଚେତନତା ପ୍ରଚାର କରିବା ଉପରେ ବିଚାରପତି ଜୋର ଦେଇଛନ୍ତି ।

## ଅଭିନେତା ବିଜୟ ଟିଭିକେର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ

ଚେନ୍ନଇ, ୫ ।୧୧(ଏଜେନ୍ସି): ତାମିଲ ଅଭିନେତା ବିଜୟ ଥଲପତିଙ୍କ ନୂଆ ରାଜନୈତିକ ଦଳର ତାମିଲିଗା ଭେଟ୍ରି କାଝଗମ (ଟିଭିକେ) ବୁଧବାର ତା'ର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି । ତାମିଲନାଡୁରେ ୨୦୨୬ରେ ବିଧାନସଭା ନିର୍ବାଚନ ଆୟୋଜନ ହେବାକୁ ଯାଉଥିବା ବେଳେ ମହାବଳିପୁରମର ଏକ ହୋଟେଲରେ ଟିଭିକେର ବୈଠକ ଆୟୋଜିତ ହୋଇଥିଲା । ଏହି ବୈଠକରେ ବିଜୟଙ୍କୁ ପାର୍ଟି ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଉପସ୍ଥାପନ କରାଯାଇଥିଲା । ଏଥିସହ ତାଙ୍କୁ ନିର୍ବାଚନ ମେଣ୍ଟ ପାଇଁ ବିଜୟଙ୍କୁ ନିଷ୍ପତ୍ତି ନେବାର ଅଧିକାର ପ୍ରଦାନ କରାଯାଇଥିଲା । କରୁର ଦଳାଚକଟା ଘଟଣା ପରେ ପ୍ରଥମଥର ପାଇଁ ବିଜୟ ସ୍ୱତନ୍ତ୍ର ସାଧାରଣ ବୈଠକରେ ଦଳର କର୍ଯ୍ୟକର୍ତ୍ତାଙ୍କୁ ସମ୍ବୋଧିତ କରିଥିଲେ । ୨୦୨୬ ନିର୍ବାଚନରେ ଶାସକ ଡିଏମ୍‌କେ ଓ ଟିଭିକେ ମଧ୍ୟରେ ମୁକାବିଲା ହେବ ଓ ଏଥିରେ ଟିଭିକେ ବାଜି ମାରିବ ବୋଲି ସେ କହିଥିଲେ । ସେପ୍ଟେମ୍ବର ୨୭ରେ ତାମିଲନାଡୁରୁ କରୁରରେ ବିଜୟଙ୍କ ରାଲିରେ ପ୍ରବଳ ଭିଡ଼ କାରଣରୁ ଦଳଚକାଟା ହୋଇଥିଲା ଓ ଏଥିରେ ୪୧ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୧୦୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ । ନିଜ ଲୋକଙ୍କ ନିଧନରେ ଦୁଃଖିତ ବୋଲି ବିଜୟ କହିଥିଲେ । ବିଜୟ ୨୦୨୪ ଫେବୃଆରୀ ୨ରେ ଟିଭିକେ ପାର୍ଟି ଗଠନ କରିଥିଲେ । ନିର୍ବାଚନକୁ ଦୃଷ୍ଟିରେ ରଖି ସେ ରାଜ୍ୟ ସାରା ରାଲିର ଆୟୋଜନ କରି ଲୋକଙ୍କୁ ସମ୍ବୋଧିତ କରୁଛନ୍ତି ।

## କଶ୍ମୀରରେ ଗୁଳିବିନିମୟ

କିସ୍ତୱାର୍, ୫ ।୧୧(ଏଜେନ୍ସି): ଜମ୍ମୁ-କଶ୍ମୀରର କିସ୍ତୱାର ଜିଲ୍ଲାର କାଲାବାନ ଜଙ୍ଗଲରେ ସୁରକ୍ଷାବଳ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଜାରି ରହିଛି । ଏଥିରେ ଜଣେ ଭାରତୀୟ ଯବାନ ଆହତ ହୋଇଛନ୍ତି । ଚିକିତ୍ସା ପାଇଁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଆତଙ୍କବାଦୀମାନେ ଲୁଚି ରହିଥିବାର ସୂଚନା ପୁଲିସକୁ ମିଳିଥିଲା ବୋଲି ହ୍ୱାଇଟ୍ ନାଇଟ୍ ଫୋର୍ସ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରିଥିଲା । ଏହାପରେ ପୁଲିସ, ସେନା ଓ କେନ୍ଦ୍ରୀୟ ରିଜର୍ଭ ପୁଲିସ୍ ବଳ (ସିଆରପିଏଫ୍) ମିଳିତ ଭାବେ ଅପରେସନ ଆରମ୍ଭ କରିଥିଲେ । ଏହାକୁ ଅପରେସନ 'ଛତ୍ରୁ' ନାମ ଦିଆଯାଇଛି । ଦୁଇପଟୁ ଗୁଳି ବିନିମୟ ଜାରି ରହିଛି । ଏହି ଅଞ୍ଚଳରେ ବହୁତ ସଂଖ୍ୟାରେ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରାଯାଇଛି । ଦୁଇରୁ ତିନିଜଣ ଆତଙ୍କବାଦୀ ଲୁଚି ରହିଥିବାର ସୂଚନା ମିଳିଛି ବୋଲି ସେନା ତରଫରୁ କୁହାଯାଇଛି । କିସ୍ତୱାରର ଛତ୍ରୁ ଅଞ୍ଚଳରେ ଗତ କେତେମାସ ଧରି ଆତଙ୍କବାଦୀମାନଙ୍କ ଗ୍ରୁପ୍ ସକ୍ରିୟ ରହିଛନ୍ତି ଓ ସେନା ତରଫରୁ ଅପରେସନ ମଧ୍ୟ ସଫଳତାର ସହ କରାଯାଇଛି । କିସ୍ତୱାରରେ ଗତ ୭ ମାସ ମଧ୍ୟରେ ୬ଟି ଏନ୍‌କାଉଣ୍ଟର ହୋଇଛି ।

## ଆସାମ୍‌ରେ ସପ୍ତମଶ୍ରେଣୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ

ଗୌହାଟୀ, ୫ ।୧୧(ଏଜେନ୍ସି): ଆସାମର ତିନସୁକିଆ ଜିଲ୍ଲାରେ ସପ୍ତମ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରୀ ଗଣ ଦୁଷ୍କର୍ମର ଶିକାର ହୋଇଛନ୍ତି । ସୋମବାର ଅପରାହ୍ଣ ୩ଟାରେ ନାବାଳିକା ଛାତ୍ରୀ ସ୍କୁଲରୁ ଘରକୁ ଫେରୁଥିଲା । ଏହି ସମୟରେ ୩ଜଣ ବ୍ୟକ୍ତି ବାଇକ୍‌ରେ ଆସି ତାଙ୍କୁ ଅପହରଣ କରି ନେଇ ଚା ବଗିଚାରେ ତାଙ୍କୁ ଦୁଷ୍କର୍ମ କରିଥିଲେ । ଏହାପରେ ସେମାନେ ପୀଡିତାଙ୍କୁ ରାସ୍ତା କଡ଼ରେ ଫାପାଡି ଚାଲିଯାଇଥିଲେ । ଘରକୁ ନ ଫେରିବା କରାଣରୁ ଛାତ୍ରୀଙ୍କ ପରିବାର ଲୋକେ ବ୍ୟସ୍ତ ହୋଇପଡିଥିଲେ । ସନ୍ଧ୍ୟା ୫ଟାରେ ଜଣେ ଇ- ରିକ୍ସା ଡ୍ରାଇଭର ପୀଡିତାଙ୍କ ପରିବାରକୁ ସେ ଚା ବଗିଚା ପାଖ ରାସ୍ତାରେ ପଡିଥିବାର ସୂଚନା ଦେଇଥିଲେ । ଏହାପରେ ପରିବାର ଲୋକ ଛାତ୍ରୀଙ୍କୁ ବେହୋଶ ଅବସ୍ଥାରେ ଉଦ୍ଧାର କରିଥିଲେ । ତୁରନ୍ତ ପୁଲିସକୁ ଏ ନେଇ ସୂଚନା ଦିଆଯାଇଥିଲା । ଏହାପରେ ପୀଡିତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ତାଙ୍କ ଅବସ୍ଥା ଗମ୍ଭୀର ବୋଲି ଡାକ୍ତର କରିଛନ୍ତି । ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇନାହିଁ । ପୁଲିସ ସେମାନଙ୍କୁ ଖୋଜିବା ଜାରି ରଖିଛି । ଗତ ୩୮ ଦିନ ମଧ୍ୟରେ ଆସାମରେ ଏପରି ଦ୍ୱିତୀୟ ଘଟଣା ଘଟିଛି । ଏହାପୂର୍ବରୁ ଦିବ୍ରୁଗଡ଼ ଜିଲ୍ଲାରେ ସେପ୍ଟେମ୍ବର ୨୨ରେ ଦୁଇଜଣ ବ୍ୟକ୍ତି ଜୁଲିୟାଜାନସ୍ଥିତ ଦିରିୟଲ ଚା ବଗିଚାରେ ଜଣେ ୮ ବର୍ଷୀୟ ଆଦିବାସୀ ନାବାଳିକାଙ୍କୁ ଗଣଦୁଷ୍କର୍ମ କରିବା ଘଟଣା ସାମ୍ନାକୁ ଆସିଥିଲା ।

## ଆମେରିକାରେ ୩୬ ଦିନରେ ସଟ୍‌ଡାଉନ୍

# ୪ କୋଟି ଲୋକଙ୍କୁ ଖାଦ୍ୟ ଯୋଗାଣ ବନ୍ଦ




ୱାସିଂଟନ, ୫ ।୧୧(ଏଜେନ୍ସି): ଆମେରିକାରେ ଅକ୍ଟୋବର ୧ରୁ ଆରମ୍ଭ ହୋଇଥିବା ସଟ୍‌ଡାଉନ୍ ବୁଧବାର ୩୬ ଦିନରେ ପହଞ୍ଚିଛି । ଏହା ଆମେରିକା ଇତିହାସରେ ସବୁଠାରୁ ଲମ୍ବା ସଟ୍‌ଡାଉନ୍ ହୋଇଛି । ଏହାପୂର୍ବରୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କର ପ୍ରଥମ କାର୍ଯ୍ୟକାଳରେ ୨୦୧୮ରେ ୩୫ ଦିନ ପର୍ଯ୍ୟନ୍ତ ସଟ୍‌ଡାଉନ ଦେଖିବାକୁ ମିଳିଥିଲା । ସଟ୍‌ଡାଉନ କାରଣରୁ ୪୨ ମିଲିଅନ୍ ଅର୍ଥାତ ପାଖାପାଖି ୪.୨ କୋଟି ଲୋକଙ୍କୁ ଖାଦ୍ୟ ଯୋଗାଣ ଠପ୍ ହୋଇଛି । ଆମେରିକାର କୃଷି ବିଭାଗ (ୟୁଏସ୍‌ଡିଏ) ପାଖରେ ଏହି କାର୍ଯ୍ୟକ୍ରମ ପାଇଁ କେବଳ ୫୦୦ କୋଟି ଡଲାରର ରିଜର୍ଭ ଫଣ୍ଡ ରହିଛି । କିନ୍ତୁ ନଭେମ୍ବରରେ ଏହି ଖାଦ୍ୟ ଯୋଗାଣ ଜାରି ରଖିବାକୁ ହେଲେ ୯.୨ ଶହ କୋଟି ଡଲାରର ଆବଶ୍ୟକତା ରହିଛି । ସଟ୍‌ଡାଉନ କାରଣରୁ ୬.୭ ଲକ୍ଷ ସରକାରୀ କର୍ମଚାରୀ ଛୁଟିରେ ଯାଇସାରିଛନ୍ତି । ଏବେ ୭.୩ ଲକ୍ଷ କର୍ମଚାରୀ ବିନା ଦରମାରେ କାର୍ଯ୍ୟ କରୁଛନ୍ତି । ଫଳରେ ୧୪ ଲକ୍ଷ ଲୋକ ରଣ ନେଇ ଘର ଚଳାଉଛନ୍ତି । ଉଲ୍ଲେଖଥାଉ କି, ଟ୍ରମ୍ପ ହେଲଥ କେୟାର ପ୍ରୋଗ୍ରାମ ପାଇଁ ସବ୍‌ସିଡ୍ ବୃଦ୍ଧି କରିବାକୁ ପ୍ରସ୍ତୁତ ନାହାନ୍ତି । ଏହି କାରଣରୁ ଆମେରିକାର ସଂସଦର ଉଚ୍ଚ ସଦନର ସିନେଟ୍‌ରେ ଫଣ୍ଡିଂ ବିଲ୍ ଗୃହିତ ହୋଇପାରୁ ନାହିଁ । ଏହି ବିଲ୍‌କୁ ନେଇ ଏପର୍ଯ୍ୟନ୍ତ ୧୪ଥର ଭୋଟିଂ ହୋଇସାରିଲାଣି । କିନ୍ତୁ ପ୍ରତିଥର ବହୁମତ ପାଇଁ ଜରୁରୀ ୬୦ଟି ଭୋଟ ମିଳିପାରୁ ନାହିଁ । ଟ୍ରମ୍ପଙ୍କ ଜିଦ୍ ଯୋଗୁଁ ଏଭଳିସ୍ଥିତି ସୃଷ୍ଟି ହୋଇଛି । ଏଥିପାଇଁ ୨୫ଟି ରାଜ୍ୟରେ ଟ୍ରମ୍ପଙ୍କ ବିରୋଧରେ କେସ୍ କରାଯାଇଛି । ପ୍ରତିଦିନ ୩୩୦୦

**■ ଟ୍ରମ୍ପଙ୍କ ଜିଦ୍ ଯୋଗୁଁ ହାହାକାର**
**■ ଲକ୍ଷ ଲକ୍ଷ ଲୋକ ବେକାର**
**■ ରଣ ନେଇ ଘର ଚଳାଉଛନ୍ତି**

କୋଟି ଡଲାରର ଦରମା କ୍ଷତିଗ୍ରସ୍ତ ହେଉଛି । ଏଥିପାଇଁ ଆମେରିକାରେ ବିମାନ ସେବା ମଧ୍ୟ ବାଧାପ୍ରାପ୍ତ ହୋଇଛି । ୧୬, ୭୦୦ ବିମାନର ଉଡାଣ ବିଳମ୍ବିତ ହୋଇଛି । ଆଉ କେତେକ ବିମାନଗୁଡିକର ଉଡାଣକୁ ବାତିଲ ମଧ୍ୟ କରାଯାଇଛି । ଏପର୍ଯ୍ୟନ୍ତ ୧୧, ୦୦୦ ଏୟାର ଟ୍ରାଫିକ କଣ୍ଟ୍ରୋଲର ସେମାନଙ୍କ ପାଉଣା ପାଇନାହାନ୍ତି ।

ଏହି ସଟ୍‌ଡାଉନ୍ ଦେଶର ଅର୍ଥନୀତିକୁ ପ୍ରଭୁତ କ୍ଷତି ପହଞ୍ଚାଉଛି । କଂଗ୍ରେସନାଲ ବଜେଟ ଅଫିସ୍ (ସିବିଓ) ଅନୁଯାୟୀ ଏପର୍ଯ୍ୟନ୍ତ ୧୧ ବିଲିଅନ ଡଲାର ଅର୍ଥାତ ଏକ ଲକ୍ଷ କୋଟି ଟଙ୍କାର କ୍ଷତି ହୋଇସାରିଛି । ଯଦି ଏହି ସଟ୍‌ଡାଉନ୍ ଖୁବ୍‌ଶୀଘ୍ର ଶେଷ ନ ହେବ, ତେବେ ଆମେରିକାର ଜିଡିପି ଚତୁର୍ଥ କ୍ୱାର୍ଟରରେ ୧ରୁ ୨ ପ୍ରତିଶତକୁ ଖସିବ । ସରକାରୀ କର୍ମଚାରୀମାନେ ଛୁଟିରେ ଯାଇଥିବାରୁ ପ୍ରତିଦିନ ପାଉଣା ବାବଦରେ ୪୦୦ ମିଲିଅନ ଡଲାର ବା ୩, ୩୦୦ କୋଟି ଟଙ୍କାର କ୍ଷତି ହେଉଛି ବୋଲି ସିବିଓ ତରଫରୁ କୁହାଯାଇଛି । ସଟ୍‌ଡାଉନ କାରଣରୁ ସରକାର ଖର୍ଚ୍ଚ କରୁ ନଥିବାରୁ ଦେଶର ଅର୍ଥନୀତି କ୍ଷତି ସହୁଛି । ଉଲ୍ଲେଖଥାଉ କି, ୧୯୯୫ରୁ ଏପର୍ଯ୍ୟନ୍ତ ଆମେରିକାରେ ୬ଥର ସଟ୍ ଡାଉନ୍ ହୋଇଛି । ୧୯୯୫ରେ ଦୁଇଥର, ୨୦୧୩ରେ ଥରେ ଓ ୨୦୧୮ରେ ୩ଥର ସଟ୍‌ଡାଉନ୍ ହୋଇଛି । ୨୦୧୯ ଡିସେମ୍ବରରେ ଦ୍ୱିତୀୟ ସର୍ବାଧିକ ୩୫ ଦିନ ସଟ୍‌ଡାଉନ ହୋଇଥିଲା ।

# ଆମେରିକା ନିର୍ବାଚନରେ ଚମକିଲେ ଭାରତୀୟ ବଂଶୋଦ୍ଭବ

ରିଚ୍‌ମଣ୍ଡ, ୫ ।୧୧(ଏଜେନ୍ସି): ଭାରତୀୟ ବଂଶୋଦ୍ଭବ ଡେମୋକ୍ରାଟ ପ୍ରାର୍ଥୀ ଗଜାଲା ହାସ୍‌ମୀ ଆମେରିକାର ଦକ୍ଷିଣପୂର୍ବ ରାଜ୍ୟ ଭିର୍ଜିନିଆର ଉପରାଜ୍ୟପାଳ ଭାବେ ନିର୍ବାଚିତ ହୋଇଛନ୍ତି । ସେ ରିପବ୍ଲିକାନ ପ୍ରାର୍ଥୀ ଜନ୍ ରେଡଙ୍କୁ ପରାସ୍ତ କରି ବାଜି ମାରିଛନ୍ତି । ହାସ୍‌ମୀ ପ୍ରଥମ ମୁସ୍‌ଲିମ ଓ ଦକ୍ଷିଣ ଏସିଆ ଆମେରିକୀୟ ଭାବେ ଭିର୍ଜିନିଆ ସିନେଟ୍‌କୁ ନିର୍ବାଚିତ ହୋଇଛନ୍ତି । ସେ ୧୫ତମ ସିନେଟୋରିଆ ଡିଷ୍ଟ୍ରିକ୍ଟକୁ ପ୍ରତିନିଧିତ୍ୱ କରୁଛନ୍ତି । ହାସ୍‌ମୀଙ୍କ ଏହି ବିଜୟର ଅର୍ଥ ହେଲା ତାଙ୍କ ସିନେଟ ସିଟ୍ ପାଇଁ ଏବେ ଏକ ସ୍ୱତନ୍ତ୍ର ନିର୍ବାଚନ

**■ ଗଜାଲା ହାସ୍‌ମୀ ଭିର୍ଜିନିଆର ଉପରାଜ୍ୟପାଳ ନିର୍ବାଚିତ**
**■ ସିନ୍‌ସିନାଟି ମେୟର ହେଲେ ଆଫତାବ ପୁରେୱାଲ**

ହେବ । ସେ ୨୦୧୯ରେ ରାଜନୀତିରେ ପ୍ରବେଶ କରିଥିଲେ । ସବୁଠାରୁ ବଡ଼ କଥା ହେଉଛି ଯେ, ସେ ରିପବ୍ଲିକାନ ପାର୍ଟି ନିୟନ୍ତ୍ରଣରେ ଥିବା ରାଜ୍ୟ ସିନେଟ ସିଟ୍‌କୁ ଛଡ଼ାଇ ନେଇଛନ୍ତି ଓ ଭିର୍ଜିନିଆ ଜେନେରାଲ ଆସେମ୍ବ୍ଲିକୁ ନିର୍ବାଚିତ ହୋଇଛନ୍ତି । ରାଜନୀତିରେ ପ୍ରବେଶ କରିବାର ୫ ବର୍ଷ ପରେ ସେ ୨୦୨୪ରେ ସିନେଟ ଶିକ୍ଷା ଓ ସ୍ୱାସ୍ଥ୍ୟ କମିଟିର ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ । ଅନ୍ୟର ଜୀବନକୁ ଉନ୍ନତ କରିବା ପାଇଁ ସେ ସମର୍ପିତ । ୧୯୬୪ରେ ସେ ଭାରତର ହାଇଦରାବାଦ୍‌ରେ ଜିଆ ହାସମୀ ଓ ତନବୀର ହାସମୀଙ୍କଠାରୁ ଜନ୍ମଗ୍ରହଣ କରିଥିଲେ । ମହଲକପେଟ୍‌ରେ ସେ ନିଜର ଅଜା ଓ ଆଇ ଘରେ ବାଲ୍ୟକାଳ ବିତାଇ ବଡ଼ ହୋଇଥିଲେ । ୪ ବର୍ଷ ବୟସରେ ସେ ନିଜର ମା ଓ ବଡ଼ ଭାଇଙ୍କ ସହ ଆମେରିକା ଚାଲିଆସିଥିଲେ ଓ ଜର୍ଜିଆରେ ନିଜ ପିତାଙ୍କ ସହ ରହିଥିଲେ । ଘଜଲାଙ୍କ ପିତା ଜିଆ ହାସ୍‌ମୀ ଜଣେ ପ୍ରଫେସର ଥିଲେ । ସେହିପରି ତାଙ୍କ ମା ତନବୀର ବିଏ ବିଏଡ୍ କହିଥିଲେ । ୧୯୯୧ରେ ଘଜ୍‌ଲା ଓ ତାଙ୍କ ସ୍ୱାମୀ ଆଝାର ରଫିକ୍ ଭିର୍ଜିନିଆ ରାଜଧାନୀ ରିଚ୍‌ମଣ୍ଡ ଅଞ୍ଚଳକୁ ଆସିଥିଲେ । ଦୁହିଁଙ୍କର ୟାସମିନ ଓ ନୁର ନାମକ ଦୁଇ ବଡ଼ ଝିଅ ଅଛନ୍ତି । ଜଣେ ପ୍ରଫେସର ଭାବେ ଘଜ୍‌ଲା ୩୦ ବର୍ଷ ଶିକ୍ଷାଦାନ କରିଆସିଛନ୍ତି ।



ଭାରତୀୟ ବଂଶୋଦ୍ଭବ ୪୩ ବର୍ଷୀୟ ଆଫତାବ ପୁରେୱାଲ ପୁଣିଥରେ ଇତିହାସ ସୃଷ୍ଟି କରିଛନ୍ତି । ସେ ଆମେରିକା ଓହିଓ ରାଜ୍ୟର ସିନ୍‌ସିନାଟି ସହରର ମେୟର ନିର୍ବାଚିତ ହୋଇଛନ୍ତି । ସେ ଦ୍ୱିତୀୟଥର ପାଇଁ ବିଜୟୀ ହୋଇ ଏହି ହାଇପ୍ରୋଫାଇଲ ପଦକୁ ନିର୍ବାଚିତ ହୋଇଛନ୍ତି । ଡେମୋକ୍ରାଟିକ ଦଳ ତରଫରୁ ନିର୍ବାଚନ ଲଢିଥିବା ଆଫତାବ୍ ରିପବ୍ଲିକାନ ପ୍ରତିଦ୍ୱନ୍ଦ୍ୱୀ ତଥା ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ସାବତ୍ ଭାଇ କୋରି ବୋମ୍ୟାନଙ୍କୁ ପରାସ୍ତ କରିଛନ୍ତି । ସେ ଏହାପୂର୍ବରୁ ୨୦୨୧ରେ ପ୍ରଥମ ଏସୀୟ ଆମେରିକୀୟ ଭାବେ ସିନ୍‌ସିନାଟିର ମେୟର ଭାବେ ନିର୍ବାଚିତ ହୋଇଥିଲେ । ମେୟର ପଦ ନିର୍ଦ୍ଦଳୀୟ ହୋଇଥିଲେ ମଧ୍ୟ ସେ ଡେମୋକ୍ରାଟ୍ ଦଳର ନିକଟତର ରହିଆସିଛନ୍ତି । ଚଳିବର୍ଷ ପ୍ରାରମ୍ଭରେ ତାଙ୍କୁ ବିପୁଳ ଜନ ସମର୍ଥନ ମିଳିଥିଲା । ସେ ଗତ ମେ ମାସରେ ଅନୁଷ୍ଠିତ ଅଲ-ପାର୍ଟି ମ୍ୟୁନିସପାଲ ପ୍ରାଇମେରୀରେ ୮୦ ପ୍ରତିଶତର ଅଧିକ ଭୋଟ ହାସଲ କରିଥିଲେ । ସେ ଓହିଓରେ ଜଣେ ପଞ୍ଜାବୀ ପିତା ଓ ତିବ୍ବତୀୟ ମାଙ୍କଠାରୁ ଜନ୍ମଗ୍ରହଣ କରିଥିଲେ । ପିଲାଟି ବେଳୁ ରାଜନୀତି ପ୍ରତି ତାଙ୍କର ଦୁର୍ବଳତା ଥିଲା । ସେ ଆଇନ୍‌ରେ ସ୍ନାତକ କରିବା ପରେ ଜଣେ ଆଇନଜୀବୀ ଭାବେ କାର୍ଯ୍ୟ ଆରମ୍ଭ କରି ଶେଷରେ ରାଜନୀତିରେ ସଫଳତାର ପାହାଚ ଜଡ଼ିଥିଲେ ।

## ଇଣ୍ଡୋନେସିଆରେ ୬.୨ ତୀବ୍ରତାର ଭୂକମ୍ପ

ଜାକର୍ତ୍ତା, ୫ ।୧୧(ଏଜେନ୍ସି): ଇଣ୍ଡୋନେସିଆର ସୁଲାୱେସୀ ଦୀପରେ ବୁଧବାର ୬.୨ ତୀବ୍ରତାର ଭୂକମ୍ପ ଆସିଥିଲା । ଏ ନେଇ ଦେଶର ଜିଓଫିଜିକ୍ସ ଏଜେନ୍ସି ସୂଚନା ଦେଇଛି । ତେବେ ଏହା କାରଣରୁ ସୁନାମୀର କୌଣସି ବିପଦ ନାହିଁ ବୋଲି ସ୍ପଷ୍ଟ କରାଯାଇଛି । ଏଥିରେ କୌଣସି କ୍ଷୟକ୍ଷତିର ସୂଚନା ମିଳିନାହିଁ । ଗୋଟିଏ ସପ୍ତାହ ପୂର୍ବରୁ ବନ୍ଦା ସାଗର ନିକଟରେ ମାଲୁକା ଦୀପପୁଞ୍ଜ ପାଖରେ ୬.୬ ତୀବ୍ରତାର ଭୂକମ୍ପ ଆସିଥିଲା । ଏହି ଭୂକମ୍ପର କେନ୍ଦ୍ର ଭୂପୃଷ୍ଠରୁ ୧୩୭ କିମି ତଳେ ଥିଲା । ଇଣ୍ଡୋନେସିଆ ଭୂକମ୍ପ ପ୍ରବଣ ଅଞ୍ଚଳ ଅର୍ଥାତ 'ରିଙ୍ଗ ଅଫ୍ ପାୟାର'ରେ ଅବସ୍ଥିତ । ଏହି କାରଣରୁ ଏହି ଦେଶରେ ବାରମ୍ବାର ଭୂକମ୍ପର ଝଟ୍‌କା ଅନୁଭୂତ ହେବା ସହ ଆଗ୍ନେୟ ଉଦ୍‌ଗୀରଣ ଓ ସୁନାମୀ ଆସିଥାଏ । ଦୁଇଦିନ ତଳେ ଆଫଗାନିସ୍ତାନରେ ୬.୩ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥିଲା । ଏଥିରେ ୨୦ ଜଣ ଲୋକ ପ୍ରାଣ ହରାଇଥିଲେ ଓ ୧୦୦ରୁ ଅଧିକ ଲୋକ ଆହତ ହୋଇଥିଲେ ।

## ୧୪ ଭାରତୀୟ ହିନ୍ଦୁଙ୍କୁ ପ୍ରବେଶ ପାଇଁ ମନା କଲା ପାକିସ୍ତାନ


ନୂଆଦିଲ୍ଲୀ, ୫ ।୧୧(ଏଜେନ୍ସି): ଶିଖ ଧର୍ମର ପ୍ରତିଷ୍ଠାତା ଗୁରୁ ନାନକଙ୍କ ୫୫୬ତମ ଜୟନ୍ତୀ ପାଳନ ପାଇଁ ନାନକାନା ସାହିବକୁ ଯିବାକୁ ଚାହୁଁଥିବା ୧୪ ଜଣ ଭାରତୀୟ ହିନ୍ଦୁକୁ ଦେଶ ଭିତରକୁ ପ୍ରବେଶ କରିବା ପାଇଁ ପାକିସ୍ତାନ ମନା କରିଛି । ଏମାନେ ହିନ୍ଦୁ, ଶିଖ ନୁହେଁ । ତେଣୁ ନାନକ ଜୟନ୍ତୀ ପାଳନ ପାଇଁ ଏମାନଙ୍କର ଆସିବାର କୌଣସି କାରଣ ନାହିଁ ବୋଲି ପାକ୍ ଅଧିକାରୀମାନେ ସ୍ପଷ୍ଟ କରିଛନ୍ତି । ପାକିସ୍ତାନ ଯିବା ପାଇଁ କେନ୍ଦ୍ର ଗୃହମନ୍ତ୍ରଣାଳୟ ୨, ୧୦୦ଜଣଙ୍କୁ ଅନୁମତି ଦେଇଥିଲା । ଏଥିରେ ଏହି ୧୪ ହିନ୍ଦୁ ନାଗରିକ ସାମିଲ ଥିଲେ । ମଙ୍ଗଳବାର ୧୯୦୦ ଭାରତୀୟ ୱାଘା ବର୍ଡର ଦେଇ ପାକିସ୍ତାନରେ ପ୍ରବେଶ କରିଥିଲେ । ଅପରେସନ ସିନ୍ଦୂର ପରେ ପ୍ରଥମଥର ପାଇଁ ଭାରତୀୟ ପାକିସ୍ତାନ ଯାଇଛନ୍ତି । ଏମାନେ ୧୦ ଦିନ ପାକିସ୍ତାନରେ ରହିବେ ଓ ଲାହୋରଠାରୁ ୮୦ କିମି ଦୂରରେ ଥିବା ଗୁରୁଦ୍ୱାରା ଜନ୍ମସ୍ଥାନରେ ଆୟୋଜନ ହେବାକୁ ଥିବା ଉତ୍ସବରେ ଭାଗ ନେବେ ।

## ଟ୍ରେନ୍ ଟ୍ରାକ୍‌ରେ କଟିଗଲେ ୬ ମହିଳା

ମିର୍ଜାପୁର, ୫ ।୧୧(ଏଜେନ୍ସି): ଉତ୍ତରପ୍ରଦେଶର ମିର୍ଜାପୁରରେ ବୁଧବାର କାଲକା ଏକ୍ସପ୍ରେସ୍ ଟ୍ରେନ୍ ଦ୍ୱାରା କଟି ୬ ଜଣ ମହିଳା ମୃତ୍ୟୁବରଣ କରିଛନ୍ତି । ଏମାନଙ୍କ ମଧ୍ୟରେ ଦୁଇ ଭଉଣୀ ମଧ୍ୟ ସାମିଲ ରହିଛନ୍ତି । ସକାଳ ୯.୩୦ରେ ଚୁନାର ରେଳ ଷ୍ଟେସନରେ ଏହି ଦୁର୍ଘଟଣା ଘଟିଥିଲା । ଚୋପନରୁ ପାସେଞ୍ଜର ଟ୍ରେନ୍ ୩ ନଂ ପ୍ଲାଟଫର୍ମରେ ଲାଗିଥିଲା । ଭିଡ଼ ଅଧିକ ହେବା କାରଣରୁ କିଛି ଶ୍ରଦ୍ଧାଳୁ ପ୍ଲାଟ୍‌ଫର୍ମ୍‌ରେ ନ ଓହ୍ଲାଇ ଅରପକ୍ଷରେ ଥିବା ଟ୍ରାକ୍‌ରେ ଓହ୍ଲାଇଥିଲେ । ଏତିକି ବେଳେ ବିପରୀତ ପଟୁ କାଲକା ଏକ୍ସପ୍ରେସ ଆସିଥିଲା । ଚୁନାର ଷ୍ଟେସନରେ କାଲକା ଏକ୍ସପ୍ରେସର ଷ୍ଟପେଜ ନଥିଲା । ତେଣୁ ଟ୍ରେନ୍ ଗତି ଅଧିକ ଥିଲା । ଅଚାନକ ଟ୍ରେନ୍ ଆସୁଥିବା ଦେଖି ଯାତ୍ରୀ ଡରିଯାଇଥିଲେ । ପୁରୁଷମାନେ ଦ୍ରୁତ ଗତିରେ ପ୍ଲାଟଫର୍ମ ଉପରେ ଚଢିଯାଇଥିଲେ । କିନ୍ତୁ ମହିଳାମାନେ ଚଢ଼ିପାରି ନଥିଲେ, ଫଳରେ ଦୁର୍ଘଟଣା ସମ୍ମୁଖୀନ ହୋଇଥିଲେ । ମୃତଦେହଗୁଡିକର କେତେକ ଖଣ୍ଡ ବିଖଣ୍ଡିତ ଅଂଶ ଟ୍ରାକ୍‌ରେ ୫୦ ମିଟର ପର୍ଯ୍ୟନ୍ତ କ୍ଷତବିକ୍ଷତ ହୋଇ ପଡିଥିଲା । କାର୍ତ୍ତିକ ପୂର୍ଣ୍ଣିମା କାରଣରୁ ଷ୍ଟେସନରେ ପ୍ରବଳ ଭିଡ଼ ଥିଲା ଓ ମହିଳାମାନେ ଗଙ୍ଗା ସ୍ନାନ କରିବାକୁ ଟ୍ରାକ ପାର କରୁଥିବା ବେଳେ ଏହି ଘଟଣା ଘଟିଥିଲା । ଦୁର୍ଘଟଣା ଏତେ ଶୀଘ୍ର ହୋଇଥିଲା ଯେ, କେହି କିଛି ବୁଝିବା ପୂର୍ବରୁ ସବୁ ଶେଷ ହୋଇଯାଇଥିଲା । ମୃତଦେହଗୁଡିକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ଗୋଟିଏ ଗାଁର ୫ ଜଣ ମହିଳା ମୃତ୍ୟୁବରଣ କରିଛନ୍ତି । ମୃତକଙ୍କ ପରିବାର ପାଇଁ ରେଳବାଇ ତରଫରୁ ୧୦ ଲକ୍ଷ ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଇ ୫ ଲକ୍ଷ ଓ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ୨ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ରାଶି ଦେବାକୁ ଘୋଷଣା କରିଛନ୍ତି ।

## କାର୍ଗୋ ବିମାନ ଦୁର୍ଘଟଣାରେ ୭ ମୃତ

ୱାସିଂଟନ, ୫ ।୧୧(ଏଜେନ୍ସି): ଆମେରିକାର କେଣ୍ଟୁକି ରାଜ୍ୟର ଲଉସଭିଲେରେ ଏକ କାର୍ଗୋ ବିମାନ ମଙ୍ଗଳବାର ଦୁଘର୍ଟଣାର ସମ୍ମୁଖୀନ ହୋଇଛି । ଏଥିରେ ୭ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୧୧ଜଣ ଆହତ ହୋଇଛନ୍ତି । ଫେଡେରାଲ ଆଭିଏସନ ଅଥରିଟି (ଏଫ୍‌ଏଏ) ଅନୁସାରେ, ୟୁପିଏସ୍ କମ୍ପାନୀର ଏହି ବିମାନ ୨୯୭୬ ମହମ୍ମଦ ଅଲି ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ହାୱାଇର ହନଲୁଲୁ ଡାନିଏଲ ଇନୋୟୁଏ ଅନ୍ତର୍ଜାତୀୟ ବିମାନ ବନ୍ଦରକୁ ଉଡାଣ ଭରିବାର କିଛି ସେକେଣ୍ଡ ମଧ୍ୟରେ ଏହି ଦୁର୍ଘଟଣା ଘଟିଥିଲା । ସ୍ଥାନୀୟ ସମୟ ସନ୍ଧ୍ୟା ୫.୧୫ରେ ଏହି ଦୁର୍ଘଟଣା ଘଟିଥିଲା । ବିସ୍ଫୋରଣର ଭିଡିଓ ସୋସିଆଲ ମିଡିଆରେ ଦ୍ରୁତଗତିରେ ଭାଇରାଲ ହୋଇଛି ଓ ଏଥିରେ ନିଆଁ ଦ୍ରୁତଗତିରେ ବ୍ୟାପୁଥିବାର ଲକ୍ଷ୍ୟ କରାଯାଇଛି । ଏହି ବିମାନରେ ପାଖାପାଖି ୩୮,୦୦୦ ଗ୍ୟାଲନ ତୈଳ ତଥା ଇନ୍ଧନ ଥିଲା । ଦୁର୍ଘଟଣା ପରେ ଏଥିରେ ନିଆଁ ଲାଗି ଯାଇଥିଲା । ଏଥିରେ ୭ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୧୧ ଜଣ ଆହତ ହୋଇଛନ୍ତି ବୋଲି ସୂଚନା ମିଳିଛି । ପାଖାପାଖି ଦେଢ଼ ଲକ୍ଷ ଲିଟର ତେଲ ଚାରି ଆଡେ ବିଚ୍ଛୁରିତ ହୋଇ ପଡିଛି । ଫଳରେ ପୁଲିସ ବିମାନ ବନ୍ଦରରୁ ୮ କିମି ଅଞ୍ଚଳ ପର୍ଯ୍ୟନ୍ତ ଲୋକଙ୍କୁ ଘରୁ ନବାହରିବାକୁ ପରାମର୍ଶ ଦେଇଛି । ଘଟଣାସ୍ଥଳରେ ଏବେ ମଧ୍ୟ ନିଆଁ ଜଳୁଛି । ବିମାନରେ ଲିଥିୟମ ବେଟେରୀ ନିଆଁ ଲାଗିଥିଲା ବୋଲି ପ୍ରାରମ୍ଭିକ ଯାଞ୍ଚରୁ ଜଣାପଡିଛି । ପୂର୍ବରୁ ୨୦୧୦ରେ ୟୁପିଏସ୍ ବିମାନରେ ଏହି ଭଳି ଦୁର୍ଘଟଣା ଘଟିଥିଲା ।



# ପୁଲିସ ବାବୁଙ୍କ ଶହେ କୋଟିର ସାମ୍ରାଜ୍ୟ

କାନପୁର, ୫ ।୧୧(ଏଜେନ୍ସି): ଉତ୍ତରପ୍ରଦେଶ କାନପୁରର ଡେପୁଟି ସୁପରିଟେଣ୍ଡେଣ୍ଟ (ଡିଏସ୍‌ପି) ଋଷିକାନ୍ତ ଶୁକ୍ଲା ଦୁର୍ନୀତିର ସବୁ ସୀମା ପାର କରି ସାରା ଦେଶରେ ଏବେ ଚର୍ଚ୍ଚିତ ହୋଇଛନ୍ତି । ନିଜ କ୍ଷମତାର ଦୂରୁପଯୋଗ କରି ସେ ଶହଶହ କୋଟି ଟଙ୍କାର ସମ୍ପତ୍ତି ଏକାଠି କରିବା ସହ ଖାକି ପୋଷାକରେ କଳା ଦାଗ ଲଗାଇଛନ୍ତି । ଦୀର୍ଘବର୍ଷ ଧରି ସେ କାନପୁରରେ ପଦବୀରେ ରହି ବ୍ୟାପକ ଦୁର୍ନୀତି କରି ଶହଶହ କୋଟି ଟଙ୍କାର ସମ୍ପତ୍ତି ଏକାଠି କରିଛନ୍ତି । ଏହା ସମ୍ନାକୁ ଆସିବା ପରେ ପ୍ରଶାସନରେ ହଇଚଇ ସୃଷ୍ଟି ହୋଇଛି । ତରବରରେ ତାଙ୍କୁ ସସ୍‌ପେଣ୍ଡ କରାଯାଇଛି ଓ ତାଙ୍କ ବିରୋଧରେ ଭିଜଲାନ୍ସ ଯାଞ୍ଚର ଆଦେଶ ଦିଆଯାଇଛି । ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସଆଇଟି)ର ତଦନ୍ତ ପରେ ତାଙ୍କ କଳା ସାମ୍ରାଜ୍ୟର ବହୁ ତଥ୍ୟ ସାମ୍ନାକୁ ଆସିଛି । ଏକଦା

**■ କାନପୁର ଡିଏସ୍‌ପିଙ୍କ କଳାକାରନାମା**
**■ ଏନକାଉଣ୍ଟର ଧମକ ଦେଇ ବଟି ଆଦାୟ**
**■ ଶହଶହ କୋଟି ଟଙ୍କା ସମ୍ପତ୍ତିର ମାଲିକ**
**■ ସହଯୋଗ କରୁଥିଲେ ଓକିଲ**

ଏନ୍‌କାଉଣ୍ଟର ସ୍ପେଶାଲିଷ୍ଟ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଋଷିକାନ୍ତ ସାଧାରଣ ପୁଲିସ କର୍ମଚାରୀରୁ ଡିଏସ୍‌ପି ହେବାର ଯାତ୍ରା ବେଶ ରୋଚକ ଥିଲା । ସେ ଜଣାଶୁଣା ବିଲ୍ଡର, ବ୍ୟବସାୟୀ, ପ୍ରପର୍ଟି ଓନରଙ୍କୁ ଯୋଜନାବଦ୍ଧ ଭାବେ ଧମକ ଦେଇ ନିଜର ଲକ୍ଷ୍ୟ ସାଧନ କରୁଥିଲେ । ସେ ଲୋକଙ୍କ ମିଛ ମାମଲାରେ ଫସାଇ ସେମାନଙ୍କୁ ବ୍ଲାକ୍‌ମେଲ କରିବା ସହ ସେମାନଙ୍କର ସମ୍ପତିକୁ ନିଜ ନାମରେ ଲେଖାଇ ନେଉଥିଲେ ବୋଲି କେତେକ କହିଛନ୍ତି । ତାଙ୍କର ଏହି କୁକର୍ମରେ ରାଜନେତାମାନେ ତାଙ୍କୁ ସହାୟତା ପ୍ରଦାନ କରୁଥିଲେ । ତାଙ୍କ ୧୦୦ ନୁହେଁ ୨୦୦ରୁ ୩୦୦ କୋଟି ଟଙ୍କା ସମ୍ପତି ରହିଛି ବୋଲି ଏସ୍‌ଆଇଟି ଯାଞ୍ଚରୁ ଜଣାପଡ଼ିଛି । ନୋଏଡା, ପଞ୍ଜାବ, ଚଣ୍ଡିଗଡ଼ ସମେତ ଅନ୍ୟ କେତୋଟି ସହରରେ ତାଙ୍କ ନାମରେ ବେନାମୀ ସମ୍ପତ୍ତି ରହିଛି । କାନପୁରର ଆର୍ଯ୍ୟନଗରରେ ତାଙ୍କର ୧୧ଟି ଦୋକାନ ଓ କେତୋଟି ଫ୍ଲଟ୍ ରହିଛି । ଏହାକୁ ବାଦ୍ ଦେଲେ ଉନ୍ନାଓ ଫତେପୁରରେ ବିଲ୍ଡରଙ୍କ ସହ ସାଥି ହୋଇ ଜମି ଉପରେ କବ୍‌ଜା କରିବା ସହ ନିବେଶ କରିଥିବାର ପ୍ରମାଣ ମିଳିଛି । ତାଙ୍କ ପୁଅ ବିଶାଳ ଶୁକ୍ଲା ମଧ୍ୟ ଅଖିଳେଶ ଦୁବେ ନାମକ ଜଣେ ଅପରାଧୀଙ୍କ ସହ ମିଶି ୩୩ଟି କମ୍ପାନୀ ଗଠନ କରିଥିଲେ । ଏହି କମ୍ପାନୀଗୁଡିକ ଦ୍ୱାରା କଳା ଧନକୁ ଧଳା କରାଯାଉଥିଲା ବୋଲି ଅଭିଯୋଗ ହୋଇଛି । ଯାଞ୍ଚ ଆଗକୁ ବଢ଼ିଲେ ତାଙ୍କର ସମ୍ପତ୍ତି ତାଲିକା ଆହୁରି ବୃଦ୍ଧି ପାଇବ । ସେ ଏବେ ମେନପୁରୀ ଡିଏସ୍‌ପି ଭାବେ ଦାୟିତ୍ୱରେ ଥିଲେ ।

# ନିର୍ବନ୍ଧରେ ହାଲୁକା ମେକ୍‌ଅପ୍

ନିର୍ବନ୍ଧ ପ୍ରତ୍ୟେକ ଯୁବତୀଙ୍କ ପାଇଁ ଖାସ୍ ହୋଇଥାଏ । ଏହିଦିନ ସମସ୍ତେ ସୁନ୍ଦର ଦିଶିବାକୁ ଚାହାଁନ୍ତି । ହେଲେ, ବ୍ୟସ୍ତତା ଭିତରେ ସଜେଇ ହେବାପାଇଁ ସମୟ ପାଆନ୍ତିନି । ତେଣୁ ଅନେକ ଯୁବତୀ ନିବର୍ନ୍ଧରେ ହାଲୁକା ମେକ୍‌ଅପ୍ କରିବାକୁ ପସନ୍ଦ କରୁଛନ୍ତି । ଏହି ମେକ୍‌ଅପ୍‌ରେ କମ୍ ସମୟ ଲାଗିବା ସହ ଏକ ସୁନ୍ଦର୍ ଲୁକ୍ ମିଳିଥାଏ ।



### ପ୍ରାକୃତିକ ଚମକ

ହାଲୁକା ମେକ୍‌ଅପ୍ ପସନ୍ଦ କରୁଥିବା ମହିଳାଙ୍କୁ ନାଚୁରାଲ୍ ଗ୍ଲୋ ଲୁକ୍ ସୁନ୍ଦର୍ ମାନିଥାଏ । ଏଥିରେ ତ୍ୱଚାର ପ୍ରାକୃତିକ ରଙ୍ଗ ଓ ଚମକ ଆସିଥାଏ । ଏଥିରେ ଆଖିକୁ ହାଲୁକା ଆଇସ୍ୟାଡୋ ଓ ଲାଇନର ଲଗାଇ ସଜା ଯାଇଥାଏ । ସେହିପରି ମସ୍କାରା ଲଗାଇ ଆଖିକୁ ବଡ଼ ଓ ଆକର୍ଷଣୀୟ ଦେଖାଯାଇଥାଏ । ଏଥିସହ ନ୍ୟୁଡ୍ କିମ୍ବା ହାଲୁକା ପିଙ୍କ୍ ଲିପ୍‌ଷ୍ଟିକ୍ ଲଗାଇପାରିବେ ।

### ଫ୍ରେସ୍ ପିଙ୍କ୍ ଲୁକ୍

ପିଙ୍କ୍ ଲୁକ୍ ଚେହେରାକୁ ହାଲୁକା ଦେଖାଇବା ସହ ତ୍ୱଚାରେ ଚମକ ଆଣିଥାଏ । ଏହା ଦେଖିବାକୁ ମଧ ସୁନ୍ଦର ହୋଇଥାଏ । ଏହା ଅନୁଯାୟୀ ମୁହଁରେ ହାଲୁକା ଫାଉଣ୍ଡେସନ୍ ଓ ଟିଣ୍ଟେଣ୍ଟ ପିଙ୍କ୍ ବ୍ଲଶ୍ ଲଗାଯାଇଥାଏ । ଏହାଦ୍ୱାରା ତ୍ୱଚା କୋମଳ ହେବା ସହ ପ୍ରାକୃତିକ ଚମକ ଆସିଥାଏ । । ଏଥିସହ ଗାଲ ଓ ଓଠରେ ହାଲୁକା ପିଙ୍କ୍ ଲିପ୍‌ଷ୍ଟିକ୍ ଲଗାଇଥାନ୍ତି । ଏହି ଲୁକ୍ ବିଶେଷ କରି ଦିନ ନିର୍ବନ୍ଧରେ ବେଶୀ ସୁନ୍ଦର ଦିଶିଥାଏ ।

### ସଫ୍ଟ ଗ୍ଲାମ୍

ଏହା ତ୍ୱଚାକୁ ଆକର୍ଷଣୀୟ କରିଥାଏ । ଏଥିପାଇଁ ଯୁବତୀମାନେ ମୁହଁର ବେସ୍‌କୁ ହାଲୁକା ରଖିବା ପାଇଁ ଫାଉଣ୍ଡେସନ୍ ଓ କନ୍‌ସିଲର୍ ବ୍ୟବହାର କରିଥାନ୍ତି । ଏହାଦ୍ୱାରା ତ୍ୱଚାରେ ଥିବା ଦାଗ , ବ୍ରଣ ସମସ୍ୟାକୁ ଲୁଚା ଯାଇଥାଏ । ଆଖିରେ ନ୍ୟୁଟ୍ରାଲ୍ ଓ ହାଲୁକା ୱିଙ୍ଗ୍ ଲାଇନର ଲଗାଯାଏ । ଏଥିରୁ ଆଖିକୁ ଏକ ସୁନ୍ଦର ଲୁକ୍ ମିଳିଥାଏ ।

# ଝୋଟି ଚିତାରେ ଆଧୁନିକତା

ଓଡ଼ିଆ ଘରେ ମାଣବସା ଓ ଝୋଟି ଚିତାର ଏକ ବିଶେଷ ମହତ୍ତ୍ୱ ରହିଛି । ପ୍ରତ୍ୟେକ ଓଡ଼ିଆଣୀ ଏହାକୁ ଶ୍ରଦ୍ଧା, ଭକ୍ତି ସହକାରେ ପାଳନ କରିଥାନ୍ତି । ମାର୍ଗଶୀର ମାସ ପଶିବା କ୍ଷଣି ପ୍ରସ୍ତୁତିରେ ଲାଗିପଡ଼ନ୍ତି ମହିଳା । ପ୍ରତ୍ୟେକ ଗୁରୁବାର ଘର, ଦୁଆର, ଅଗଣା, ଚଉରା ଆଦି ସ୍ଥାନରେ ଶୋଭାପାଏ ଭଳିକି ଭଳି ଚାଉଳବଟା ଝୋଟି ଚିତା ସାଙ୍ଗକୁ ଲକ୍ଷ୍ମୀପାଦ । ଝୋଟି ଚିତା ମହିଳାଙ୍କ ହସ୍ତକଳା ଭାବେ ପରିଚିତ । ମାଣବସା ପୂଜାକୁ ନେଇ ମହିଳାଙ୍କ ମଧ୍ୟରେ ଯେତିକି ଶ୍ରଦ୍ଧା ରହିଛି, ଘରକୁ ସୁନ୍ଦର କରି ସଜାଇବାରେ ମଧ୍ୟ ଅଛି ସେତିକି ଉତ୍କଣ୍ଠା । ପୂଜାଶୈଳୀରେ ଯଦିଓ ଆଧୁନିକତାର ଢ଼ାଞ୍ଚା ପରିଲକ୍ଷିତ ହୁଏ ନାହିଁ; କିନ୍ତୁ ଝୋଟି ଚିତାରେ ଏହି ପରିବର୍ତ୍ତନ ଦେଖିବାକୁ ମିଳିଛି । ଏବେ ଝୋଟି ଚିତାକୁ ଘରେ ଅଧିକ ଦିନ ରଖିବା ପାଇଁ ଅଧିକାଂଶ ମହିଳା ଧଳାରଙ୍ଗରେ ଚିତା କରୁଛନ୍ତି । ସମୟାନୁସାରେ ଝୋଟି ଚିତାରେ ହେଉଥିବା ଆଧୁନିକତାକୁ ନେଇ ଏହି ଉପସ୍ଥାପନା ।







### ଚାଉଳ ପିଠଉ ଚିତା



ମାଣବସା ପୂଜା ସାମାଜିକ ପ୍ରଥା, ସଂସ୍କୃତି ଓ ପରମ୍ପରା ଭାବେ ଜଣାଯାଏ । ଓଡ଼ିଆ ଘରେ ଏହା ବର୍ଷ ବର୍ଷ ଧରି ପାଳିତ ହୋଇଆସୁଛି । ମାଟିଘର ହେଉ ଅବା ଗୋବର ଲିପା ଘର ପିଠଉ ଚିତା ପକାଇଲେ ଖୁବ୍ ସୁନ୍ଦର ଦେଖାଯାଏ । ତେଣୁ ପରମ୍ପରା ଅନୁଯାୟୀ ମାର୍ଗଶୀର ମାସର ପ୍ରତ୍ୟେକ ବୁଧବାର ରାତିରେ ଘରଦ୍ୱାର ଲିପାପୋଛା କରି ଝୋଟିଚିତା ପକାଉ । ପୂଜାସ୍ଥାନଠୁ ନେଇ ଘର ଏରୁଣ୍ଡି, ପିଣ୍ଡା, ଅଗଣା ଆଦିରେ ଏହା ପକାଯାଏ । ଅବଶ୍ୟ ଏବେ ଆଉ ସେ ମାଟି ଘର ନାହିଁ । ସମସ୍ତଙ୍କର ସିମେଣ୍ଟ,ଟାଇଲ ଓ ମାର୍ବଲ ଘର । ଅବଶ୍ୟ ଏବେ ଘରକୁ ସୁନ୍ଦର କରି ସଜାଇବା ପାଇଁ ଅନେକେ ଚାଉଳବଟା ସହ ଧଳାରଙ୍ଗରେ ଚିତା କରୁଛନ୍ତି । ଏହା ସୁନ୍ଦର ଦିଶିବା ସହ ଛ' ସାତମାସ ରହିଥାଏ ।

ଯାଜ୍ଞସିନୀ ସାହୁ, ସୋରଡ଼ା, ଗଞ୍ଜାମ

### ରଙ୍ଗତୂଳୀ ଚିତା



ସାଧାରଣତଃ ମାଣବସା ପୂଜାପାଇଁ ବୁଧବାରଠୁ ଘରଦ୍ୱାର ଲିପାପୋଛା ଆରମ୍ଭ ହୁଏ । ଗାଁ ଗହଳିରେ ଏକବର୍ଣ୍ଣୀ ଗାଈ ଗୋବରରେ ମାଟିଘରକୁ ଚିକ୍କଣ କରି ପୋଛିବା ପରମ୍ପରା ରହିଛି । ପରେ ଚାଉଳ ପିଠଉରେ ଭଳିକି ଭଳି ପଦ୍ମଫୁଲ, ଲକ୍ଷ୍ମୀପାଦ ସମେତ ଧାନ ଛିଟା କରାଯାଇଥାଏ । ଅଧିକାଂଶ ଲୋକ ପୂଜାକୋଠିରେ ଚାଉଳ ବଟାରେ ଝୋଟି ଚିତା କରିଥାନ୍ତି । ହେଲେ ଘର, ଦୁଆର ଆଦିରେ ରଙ୍ଗରେ ଚିତା କରନ୍ତି । ଏହି ଚିତା ଦୀର୍ଘ ଦିନ ରହିଥାଏ । ଘର ପରିବେଶ ସୁନ୍ଦର ଦିଶିବା ସହ ମନକୁ ଶାନ୍ତି ମିଳିଥାଏ ।

ରଶ୍ମିତା ବେହେରା , ପୁରୀ

### ମାଣବସା ଝୋଟିଚିତା ସୁନ୍ଦର

ଓଡ଼ିଆମାନେ ବାରମାସରେ ତେର ପର୍ବ ପାଳନ କରନ୍ତି । ସେଥିରୁ ମାଣବସା ଗୁରୁବାର ଶ୍ରେଷ୍ଠ । ଏହାକୁ ନିତିନିଷ୍ଠାର ସହ ମହିଳାମାନେ ପାଳନ କରିଥାନ୍ତି । ଝିଅ ଥିଲାବେଳେ ଘରେ ମାଆଙ୍କୁ ପୂଜା କରିବାର ଦେଖିଥିଲି । ବାହାଘର ପରେ ଶାଶୁଙ୍କ ଠାରୁ ଦେଖି ଏହି ପୂଜା କଲି । ମାଣବସାରେ ମହିଳାମାନେ ବଡ଼ିଭୋର୍‌ରୁ ଉଠି ନିତ୍ୟକର୍ମସାରି ଘରଅଗଣା ଆଦିରେ ଗୋବରପାଣି ସିଞ୍ଚନ କରି ପୂଜା ପ୍ରସ୍ତୁତି କରନ୍ତି । ଏହାପରେ ମାଣ ବସାଇ ପିଠାପଣା, ଫଳମୂଳ ଦେଇ ମାଆ ଲକ୍ଷ୍ମୀଙ୍କୁ ଆରଧନା କରିଥାନ୍ତି । ମାଆ ଲକ୍ଷ୍ମୀଙ୍କୁ ପୂଜା କଲେ ଘରେ ଧନଧାନ୍ୟ ବୃଦ୍ଧି ସହ ସୁଖସମୃଦ୍ଧି ପ୍ରାପ୍ତ ହୁଏ । ସେହିପରି ପୂର୍ବରୁ ପୂଜାବିଧି ପାଇଁ ଲୋକେ ଚିତା ପକାଉଥିଲେ । କିନ୍ତୁ ସମୟ ବଦଳିବା ସହ ଅନେକେ ରଙ୍ଗରେ ଚି ତ । କରିବାକୁ ପସନ୍ଦ କରୁଛନ୍ତି ।



ରମା ମହାରଣା , ପୁରୀ

# ଲ୍ୟାମ୍ପ୍ ଇୟରିଙ୍ଗ୍



ସମୟ ଅନୁସାରେ ଫେଶନ ଟ୍ରେଣ୍ଡରେ ଅନେକ ପରିବର୍ତ୍ତନ ପରିଲକ୍ଷିତ ହେଉଛି । ଆଉଟ୍‌ଫିଟ୍‌ଠୁ ନେଇ ଅଳଙ୍କାର ସବୁଥିରେ ଆଧୁନିକ ଛାପ ଦେଖାଯାଉଛି । ଏହି କ୍ରମରେ ଏବେ ଯୁବତୀଙ୍କ ମଧ୍ୟରେ ଲ୍ୟାମ୍ପ୍ ଇୟରିଙ୍ଗ୍ ଲୋକପ୍ରିୟ ରହିଛି । ଏହା ଏକ ନିଆରା ଡିଜାଇନ । ଏଥିରେ ଏକ ଛୋଟ ଏଲ୍‌ଇଡି ବଲ୍‌ବ ଥାଏ । ଯାହା ବ୍ୟାଟେରୀ ଦ୍ୱାରା ଚାଲେ ।

- ସାମାଜିକ ଗଣମାଧ୍ୟମରେ ଏହି କାନଫୁଲ ଖୁବ୍ ଲୋକପ୍ରିୟ ହୋଇଛି । ଏହାକୁ ବିଶେଷ କରି ଯୁବତୀମାନେ ପୂଜା, ଉତ୍ସବ ଆଦିରେ ପିନ୍ଧିବାକୁ ପସନ୍ଦ କରନ୍ତି ।
- ଏହା ଛୋଟ ବଡ଼ ବିଭିନ୍ନ ଡିଜାଇନ୍‌ରେ ଉପଲବ୍ଧ । ଏହା ଓଜନିଆ ଆଉଟଫିଟ୍ ତଥା ଶାଢ଼ି, ଲେହେଙ୍ଗା ଓ ଗାଉନ ଆଦିରେ ସୁନ୍ଦର ମାନିଥାଏ ।
- ଏହି ଇୟରିଙ୍ଗ୍ ହାଲୁକା ହେବା ସହ ବଜେଟ୍ ଅନୁଯାୟୀ ମିଳିଥାଏ । ଏହାକୁ ରୟାଲ ଲୁକ୍ ଦେବା ପାଇଁ ଏଥିରେ ଷ୍ଟୋନ୍ ମାଳି ଆଦି ଖଚିତ ହୋଇଥାଏ ।

# ଫେଶନରେ ବାମ୍ବୋ ବ୍ୟାଗ୍

ପୋଷାକ, ମେକ୍‌ଅପ୍ ଓ ଜୋତା ଭଳି ହ୍ୟାଣ୍ଡବ୍ୟାଗ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଅଧିକାଂଶ ମହିଳା ନୂଆ ଡିଜାଇନର ହ୍ୟାଣ୍ଡବ୍ୟାଗ୍ ଧରିବାକୁ ପସନ୍ଦ କରନ୍ତି । ଏହି କ୍ରମରେ ଏବେ ବାମ୍ବୋ ବ୍ୟାଗ୍‌ର ଚାହିଦା ରହିଛି । ଏଥିରୁ ଏକ ଆକର୍ଷଣୀୟ ଲୁକ୍ ମିଳିଥାଏ ।

### ହାପ ମୁନ୍ ବାମ୍ବୋ ବ୍ୟାଗ୍

ଷ୍ଟାଇଲିଶ୍ ଆଉଟ୍‌ଫିଟ୍‌ରେ ହ୍ୟାଣ୍ଡବ୍ୟାଗ୍ କ୍ୟାରି କରିବାକୁ ଚାହୁଁଥିଲେ ହାପ୍ ମୁନ ବାମ୍ବୋ ଟୋଟ୍ ବ୍ୟାଗ୍ ଧରିପାରିବେ । ଏହି ବ୍ୟାଗ୍ ଏବେ ଖୁବ୍ ଲୋକପ୍ରିୟ ରହିଛି । ଅଧିକାଂଶ ମହିଳାଙ୍କର ଏହା ପ୍ରଥମ ପସନ୍ଦ ପାଲଟିଛି । ଏଥିରେ ନିଜ ଆବଶ୍ୟକତା ଅନୁଯାୟୀ ଜିନିଷ ରଖିପାରିବେ ।



### ବଞ୍ଜାରା ଜୁଟ୍

ଆଉଟଫିଟ୍ ଅନୁଯାୟୀ ଅଧିକ ଆକର୍ଷଣୀୟ ଦିଶିବାକୁ ଚାହୁଁଥିଲେ ସାଥିରେ ବଞ୍ଜାରା ଜୁଟ୍ ବ୍ୟାଗ୍ ନେଇପାରିବେ । ଏଥିରୁ ଏକ ସୁନ୍ଦର ଲୁକ୍ ମିଳିଥାଏ ।

# କେଶ ପାଇଁ କଦଳୀ ଚୋପା

ଅଧିକାଂଶ ଲୋକେ କଦଳୀ ଚୋପାକୁ ଅଦରକାରୀ ଭାବି ଫୋପାଡ଼ି ଦିଅନ୍ତି; କିନ୍ତୁ ଏଥିରେ ଅଧିକ ପୋଷକ ତତ୍ତ୍ୱ ରହିଥାଏ । ଏହା କେଶ ପାଇଁ ଖୁବ୍ ଲାଭଦାୟକ ହୋଇଥାଏ । ସେହିପରି ଏଥିରେ ଆଣ୍ଟିଅକ୍ସିଡାଣ୍ଟ, ଭିଟାମିନ୍ ଓ ଖଣିଜ ପଦାର୍ଥ ଆଦି ଥାଏ । ଏହା କେଶକୁ ପୋଷଣ ଦେବା ସହ କେଶ ସମସ୍ୟା ଦୂର କରି କେଶ ବଢ଼ାଇଥାଏ । ତେବେ କଦଳୀ ଚୋପାକୁ କିପରି ଲଗାଇବେ ଜାଣିବା ସେ ବିଷୟରେ ।

### ନଡ଼ିଆ ତେଲ ଓ ଚୋପା

ପାଚିଲା କଦଳୀ ଚୋପା ଦୁଇଟି, ନଡ଼ିଆ ତେଲ ଦୁଇ ଚାମଚ ଓ ମହୁ ଏକ ଚାମଚ ନିଅନ୍ତୁ । ଏହାକୁ ଏକତ୍ର ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ କେଶ ଓ କେଶମୂଳରେ ଭଲ ଭାବେ ଲଗାଇ ୨୦ -୩୦ ମିନିଟ୍ ରଖି ପାଣିରେ ଧୋଇ ଦିଅନ୍ତୁ । ଏହାପରେ ମାଇଲ୍‌ଡ ସାମ୍ପୁରେ କେଶ ସଫା କରନ୍ତୁ ।



### ଘିକୁଆଁରୀ ଓ କଦଳୀ

କଦଳୀ ଚୋପାରେ ଘିକୁଆଁରୀ ମିଶାଇ ଗ୍ରାଇଣ୍ଡିଂ କରି ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ହାଲୁକା ହାତରେ ଏହାକୁ କେଶରେ ଲଗାଇ କୋଡ଼ିଏ ମିନିଟ୍ ପରେ ଧୋଇ ଦିଅନ୍ତୁ । ଅଧିକ ସୁଫଳ ଚାହୁଁଥିଲେ ଏହାକୁ ସପ୍ତାହରେ ୨ ଥର ଲଗାନ୍ତୁ ।

### ଫାଇଦା

- ଏହା ଶୁଷ୍କକେଶକୁ ନରମ ରଖିବାରେ ସହାୟକ ହୋଇଥାଏ । ଏଥିସହ ରୂପି ସମସ୍ୟା ମଧ୍ୟ ଦୂର କରିଥାଏ । ଏଥିସହ କେଶକୁ ମଜଭୁତ କରିଥାଏ ।
- କଦଳୀ ଚୋପା କେଶମୂଳରେ ରକ୍ତ ସଞ୍ଚାଳନ ମାତ୍ରା ବୃଦ୍ଧି କରିଥାଏ । ଏହା କେଶ ବଢ଼ିବାରେ ବେଶ୍ ସହାୟକ ହୋଇଥାଏ । ସେହିପରି କଦଳୀ ଚୋପାରେ ଥିବା ନାନା ପୌଷ୍ଟିକ ତତ୍ତ୍ୱ କେଶକୁ ପ୍ରାକୃତିକ ଚମକ ଓ ନରମ କରିଥାଏ । ଏହାଦ୍ୱାରା କେଶଝଡ଼ା ସମସ୍ୟା ମଧ୍ୟ କମିଥାଏ ।



# ସକାରାତ୍ମକ ପରିବେଶ ପାଇଁ ସଜାନ୍ତୁ ଘର

ଘରେ ଶାନ୍ତି ଓ ସକାରତ୍ମକ ପରିବେଶ ଥିଲେ ସମସ୍ତଙ୍କୁ ଭଲ ଲାଗେ । ଏହା ମନ, ଭାବନା ଓ ଜୀବନ ଉପରେ ମଧ୍ୟ ଗଭୀର ପ୍ରଭାବ ପକାଇଥାଏ । କିନ୍ତୁ ଅସଜଡ଼ା ଥିଲେ ମନ ଅଶାନ୍ତ ଓ ଚିଡ଼ଚିଡ଼ା ଲାଗିଥାଏ । ତେଣୁ ଘରେ ସକାରତ୍ମକ ପରିବେଶ ରଖିବାକୁ ଚାହୁଁଥିଲେ ନିମ୍ନ ପ୍ରଦତ୍ତ ଟିପ୍‌ସ ଆପଣାଇପାରିବେ ।



### ସୁଗନ୍ଧ ମହମବତୀ

ସୁଗନ୍ଧ ମନରେ ଏକ ପ୍ରକାର ଆନନ୍ଦ ଉଲ୍ଲାସ ଖେଳିଯାଏ । ତେଣୁ ଘରେ ଲାଭେଣ୍ଡର, ଗୋଲାପ ଓ ସ୍ୟାଣ୍ଡଲ୍‌ଉଡ୍ ସୁଗନ୍ଧଯୁକ୍ତ ମହମବତୀ ଲଗାଇପାରିବେ । । ସେହିପରି ସନ୍ଧ୍ୟା ସମୟରେ ଘରେ ପରଫ୍ୟୁମ୍ କ୍ୟାଣ୍ଡେଲ୍ ଜଳାଇଲେ ଏହା ଘର ପରିବେଶକୁ ସମ୍ପୂର୍ଣ୍ଣ ବଦଳାଇ ଦେଇଥାଏ । ଏଥିସହ ନକାରାତ୍ମକ ଶକ୍ତି ଦୂର କରିଥାଏ ।

### କାନ୍ଥରେ କଳାକୃତି

ସେହିପରି ଘର କାନ୍ଥରେ ଲାଗିଥିବା ଫଟୋ ଓ ଉକ୍ତି ମଣିଷର ଚିନ୍ତାଧାରା ଉପରେ ଗଭୀର ପ୍ରଭାବ ପକାଇଥାଏ । ତେଣୁ ଘରେ ପ୍ରେରଣାଦାୟୀ ଧାଡ଼ି ଲେଖାଥିବା ଫଟୋ ଫ୍ରେମ୍ କିମ୍ବା କଳାକୃତି ମଧ୍ୟ ଲଗାଇପାରିବେ ।

### ଇଣ୍ଡୋର୍ ପ୍ଲାଣ୍ଟ

ଗଛଘରର ସୁନ୍ଦରତା ବୃଦ୍ଧି କରିବା ସହ ଘରେ ସତେଜ ବାତାବରଣ ରଖିଥାଏ । ଏଥିସହ ଅମ୍ଳଜାନ ମଧ୍ୟ ଦେଇଥାଏ । ଏଥିପାଇଁ ମନିପ୍ଲାଣ୍ଟ, ସ୍ନେକ୍‌ପ୍ଲାଣ୍ଟ ଓ ଘିକୁଆଁରୀ ଭଳି ଗଛ ଲଗାଇପାରିବେ ।

### ମୋ ହାଣ୍ଡିଶାଳରୁ...

# ସୋୟାବିନ୍ କୋପ୍ତା

### ଆବଶ୍ୟକ ସାମଗ୍ରୀ

ସୋୟାବିନ୍ - ୨୦୦ ଗ୍ରାମ୍, କଟା ପିଆଜ - ଏକ କପ୍, ଅଦା ରସୁଣ ପେଷ୍ଟ - ଏକ ବଡ଼ ଚାମଚ, ଭୃସଙ୍ଗପତ୍ର, ଗୋଟା ଗରମ ମସଲା, ଲଙ୍କାଗୁଣ୍ଡ - ଏକ ଚାମଚ, ଧନିଆଗୁଣ୍ଡ - ଏକ ଚାମଚ, ହଳଦୀଗୁଣ୍ଡ - ଏକ ଚାମଚ, ଲୁଣ - ସ୍ୱାଦ ଅନୁସାରେ, ତେଲ - ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳି

ପ୍ରଥମେ ଗରମ ପାଣିରେ ସୋୟବିନ୍‌କୁ ବତୁରାନ୍ତୁ । ଏହାପରେ ସୋୟବିନ୍‌କୁ ଛାଣି ଜାର୍‌ରେ ଦେଇ ଗ୍ରାଇଣ୍ଡିଂ କରନ୍ତୁ । ହାଲୁକା ଗୁଣ୍ଡ ହୋଇଯିବା ପରେ ଏହାକୁ ଏକ ପାତ୍ରକୁ କାଢ଼ି ସେଥିରେ ବେସନ, ଲଙ୍କାଗୁଣ୍ଡ, ଭୃସଙ୍ଗପତ୍ର, ଅଦା ରସୁଣ ପେଷ୍ଟ ଓ ପାନମଧୁରୀ ଦେଇ ଛୋଟ ଗୁଳା ପ୍ରସ୍ତୁତ କରନ୍ତୁ । ଏହାପରେ କଡ଼େଇରେ ତେଲ ଦେଇ ଗୁଳାକୁ ଛାଣନ୍ତୁ । ଏହା ସୁନେଲି ରଙ୍ଗ ହୋଇଗଲେ ଏକ ପାତ୍ରକୁ କାଢି ଦିଅନ୍ତୁ । ଏହାପରେ ଗ୍ୟାସ୍‌ରେ କଡ଼େଇ ବସାଇ ତେଲ ଦେଇ ତେଜପତ୍ର ଗୋଟା ଗରମମସଲା ଦିଅନ୍ତୁ । ପରେ ସେଥିରେ କଟା ପିଆଜ, ଅଦା, ରସୁଣ ଓ ଟମାଟୋ ଦେଇ ଭାଜନ୍ତୁ । ପରେ ଲଙ୍କା ଗୁଣ୍ଡ, ହଳଦୀଗୁଣ୍ଡ, ଗରମ ମସଲା ଦେଇ କଷି ଦିଅନ୍ତୁ । ମସଲା କଷି ହୋଇଗଲେ ପ୍ରସ୍ତୁତ କରି ରଖିଥିବା ଛଣାବଡ଼ି ସବୁକୁ ଦିଅନ୍ତୁ । ଏହାପରେ ଅଳ୍ପ ସମୟ ଗ୍ୟାସ୍‌ରେ ବସାଇ ବନ୍ଦ କରି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ସୋୟାବିନ୍ କୋପ୍ତା' ।



### ଆଜି ଚତୁର୍ଥ ଟି-୨୦: ଦଳରେ ନାହାନ୍ତି କୁଲଦୀପ, ହେଡ୍

# ସିରିଜ୍ ଅଗ୍ରଣୀ ଲକ୍ଷ୍ୟରେ ଖେଳିବ ଭାରତ

ଗୋଲ୍ଡ କୋଷ୍ଟ,୫ା୧୧(ଏଜେନ୍ସି):

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଚାଲିଥିବା ୫ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ବରାବର ସ୍ଥିତିରେ ରହିଛି। ସିରିଜ୍‌ରେ ୩ଟି ମ୍ୟାଚ ପରେ ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତି ସମାନ ଅବସ୍ଥାରେ ରହିଛନ୍ତି। ଏହା ମଧ୍ୟରେ ଆସନ୍ତାକାଲି ବା ଗୁରୁବାର ଚତୁର୍ଥ ଏବଂ ଶନିବାର ପଞ୍ଚମ ତଥା ଶେଷ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍ ଜିତି ଉଭୟ ଦଳ ଅଗ୍ରଣୀ ନେବା ଲକ୍ଷ୍ୟରେ ରହିଛନ୍ତି। ବିଶେଷ କରି ଘରୋଇ ଦଳର ପ୍ରତିଷ୍ଠିତ ଖେଳାଳି ଜୋଶ ହାଜ୍‌ଲେଉଡ୍, ଟ୍ରାଭିସ ହେଡ ଓ ସିନ ଆବଟ ଦଳରେ ନାହାନ୍ତି। ଏମାନେ ସମସ୍ତେ ପର୍ଥରେ ନଭେମ୍ବର ୨୧ରୁ ଆରମ୍ଭ ହେବାକୁ ଥିବା ଇଂଲଣ୍ଡ ବିପକ୍ଷ ଆସେସ ସିରିଜ୍‌ର ପ୍ରଥମ ଟେଷ୍ଟ ଲାଗି ଦଳରେ ସାମିଲ ହୋଇଛନ୍ତି। ଏହି ଦଳରେ ସାମିଲ ହୋଇଥିବା କେବଳ ଜଣେମାତ୍ର ଖେଳାଳି ୱିକେଟରକ୍ଷକ ଜୋଶ ଇଂଲିଶ ଏବେ ଟି-୨୦ ଦଳରେ ଖେଳୁଛନ୍ତି। ଅନ୍ୟ ପକ୍ଷରେ ଆସନ୍ତାକାଲିଠାରୁ ଦକ୍ଷିଣ ଆଫ୍ରିକା-ଏ’ ସହ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ ଖେଳିବାକୁ କୁଲଦୀପ ଯାଦବ ଭାରତରେ ପହଞ୍ଚି ପ୍ରସ୍ତୁତ ହୋଇଛନ୍ତି। ଶୁବମନ ଗିଲ୍ ଟେଷ୍ଟ ଦଳର ନେତୃତ୍ୱ ନେଉଥିଲାବେଳେ ଏଠାରେ ସଂଘର୍ଷ କରୁଛନ୍ତି। ଦୁଇ ସ୍ପିନର ଅକ୍ଷର ପଟେଲ ଓ ୱାଶିଂଟନ ସୁନ୍ଦର କିମ୍ବା ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ନଭେମ୍ବର ୧୪ରୁ ଆରମ୍ଭ ହେବାକୁ ଥିବା ୱେଷ୍ଟଇଣ୍ଡିଜ୍ ବିପକ୍ଷ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ସ୍ଥାନ ପାଇପାରନ୍ତି। କିନ୍ତୁ ବରିଷ୍ଠ ଖେଳାଳିଙ୍କ ଅନୁପସ୍ଥିତିରେ ଭାରତ ଏଠାରେ ଆଉ ଏକ ସିରିଜ୍ ଜିତିବାକୁ ସୁଯୋଗ ପାଇଛି। ଅଷ୍ଟ୍ରେଲିଆ ମାଟିରେ ଭାରତ ୨୦୦୮ ପରଠାରୁ ଟି-୨୦ ଫର୍ମାଟରେ ସିରିଜ୍ ହାରିନାହିଁ।




## ଗିଲଙ୍କ ଉପରେ ନଜର

ଏହି ସିରିଜ୍‌ରେ ଟି-୨୦ ଦଳର ଉପଅଧିନାୟକ ଶୁବମନ ଗିଲ୍ ରନ୍ ଲାଗି ସଂଘର୍ଷ କରୁଛନ୍ତି। ଏହି ସିରିଜ୍‌ର ପ୍ରଥମ ୩ଟି ମ୍ୟାଚ୍‌ରେ ଇନିଂସ ଓପନ କରି ଯଥାକ୍ରମେ ଅପରାଜିତ ୩୭, ୫ ଓ ୧୫ ରନ୍ କରିବାକୁ ସମର୍ଥ ହୋଇଛନ୍ତି। ଏହାକୁ ନେଇ ସମର୍ଥକମାନେ କ୍ଷୁବ୍ଧ ହୋଇଥିଲେ ମଧ୍ୟ ଗିଲ ଦଳରେ ତିଷ୍ଠି ରହିଛନ୍ତି। ଅଷ୍ଟ୍ରେଲିଆ ଭଳି ସେ ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜ୍ ଲାଗି ଘରୋଇ ମାଟିରେ ପ୍ରସ୍ତୁତି କରିବାର ଆବଶ୍ୟକତା ରହିଥିଲା। କିନ୍ତୁ ତାହା ସେ ନ କରି ଟି-୨୦ ଫର୍ମାଟରେ ସଘର୍ଷ କରୁଥିଲେ ମଧ୍ୟ ଖେଳୁଛନ୍ତି। ଗିଲ୍‌ଙ୍କୁ ଦଳରେ ସାମିଲ କରାଯାଇଥିବାରୁ ସେ ଆଉ ଜଣେ ପ୍ରତିଭାବାନ ଖେଳାଳିଙ୍କ ରାସ୍ତା ବନ୍ଦ କରିଥିଲାବେଳେ ଆଉ ଜଣେ ଖେଳାଳିଙ୍କ କ୍ୟାରିୟର ଶେଷ କରିଦେଇଛନ୍ତି ବୋଲି ସିଧାସଳଖ ଅଭିଯୋଗ ଆଣିଛନ୍ତି ଭାରତର କିଂବଦନ୍ତୀ କ୍ରିକେଟର କେ. ଶ୍ରୀକାନ୍ତ। ଦଳରେ ଗିଲ ସାମିଲ ହୋଇଥିବାରୁ ଓପନର ଯଶସ୍ୱୀ ଜୟସ୍ୱାଲଙ୍କୁ ଦଳରେ ନିଆଯାଉନାହିଁ। ସେହିପରି ଗିଲ ଇନିଂସ ଓପନ କରିବା ଫଳରେ ସଞ୍ଜୁ ସାମସନଙ୍କ କ୍ୟାରିୟର ମଧ୍ୟ ଏକପ୍ରକାର ଶେଷ ହୋଇଯାଇଛି। ଏଭଳି ସ୍ଥିତିରେ ତାଙ୍କ ଉପରେ ନଜର ରହିବା ସ୍ୱାଭାବିକ୍। ଏହା ମଧ୍ୟରେ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀ ଫିଟ୍ ହୋଇଯାଇଛନ୍ତି। ବୋଲିଂ କୋଚ୍ ମୋର୍ଣ୍ଣ ମୋର୍କେଲଙ୍କ କହିବା ଅନୁଯାୟୀ ବ୍ୟାଟିଂ, ଫିଲ୍ଡିଂ ଓ ବୋଲିଂ କରିବାରେ ରେଡ୍ଡୀ କୌଣସି ଅସୁବିଧାର ସମ୍ମୁଖୀନ ହୋଇନାହାନ୍ତି। କିନ୍ତୁ ସେ କେତେ ପରିମାଣରେ ମ୍ୟାଚ୍ ଫିଟ୍ ଅଛନ୍ତି ତାହାକୁ ଜାଣିବା ପରେ ଦଳରେ ସାମିଲ କରାଯିବ କି ନାହିଁ ସ୍ଥିର ହେବ। ତୃତୀୟ ଟି-୨୦ରେ ଭାରତ ଅଭିଷେକ ଶର୍ମାଙ୍କୁ ଶୀଘ୍ର ହରାଇଥିଲେ ମଧ୍ୟ ଅନ୍ୟମାନଙ୍କ ମିଳିତ ସଫଳତା ଯୋଗୁ ଭାରତ ମ୍ୟାଚ୍ ଜିତିଥିଲା। ବିଶେଷ କରି ପ୍ରଥମ ମ୍ୟାଚ୍ ଖେଳି ୱାଶିଂଟନ ସୁନ୍ଦର ବଡ଼ ବଡ଼ ସଟ୍ ଖେଳି ସର୍ବାଧିକ ସ୍କୋର କରିଥିଲାବେଳେ ସାମସନ୍‌ଙ୍କ ସ୍ଥାନରେ ଖେଳିଥିବା ଜିତେଶ ଶର୍ମାଙ୍କ ଆତ୍ମବିଶ୍ୱାସଭରା ବ୍ୟାଟିଂ ତାଙ୍କୁ ଦଳରେ ରଖିବାକୁ ବାଧ କରିଛି। ବୋଲିଂରେ ଦଳର ସେପରି କିଛି ପରିବର୍ତ୍ତନ ହେବ ବୋଲି ଆଶା କରାଯାଉନାହିଁ। ଅଲରାଉଣ୍ଡର ଶିବମ ଦୁବେଙ୍କ ସ୍ଥାନରେ ଫିଟ୍ ହୋଇଥିଲେ ନୀତୀଶଙ୍କୁ ସାମିଲ କରାଯିବାର ସମ୍ଭାବନା ରହିଛି।

ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ଦଳରୁ ହାଜ୍‌ଲେଉଡ୍, ହେଡ୍ ଓ ସିନ ଆବଟଙ୍କୁ ପ୍ରତ୍ୟାହାର କରିନିଆଯାଇଛି। ଏମାନଙ୍କ ସ୍ଥାନରେ ବେନ୍ ଡ୍ୱାରଶୁଇସ୍ ଓ ଗ୍ଲେନ୍ ମ୍ୟାକ୍ସୱେଲଙ୍କୁ ସାମିଲ କରାଯାଇଛି। ଉଭୟ ମ୍ୟାଚ୍ ଫିଟ୍ ନାହାନ୍ତି। ଏଣୁ ସେମାନଙ୍କୁ ଦଳରେ ସାମିଲ କରାଯିବ କି ନାହିଁ ତାହା ଶେଷ ମୁହୂର୍ତ୍ତରେ ସ୍ଥିର ହେବ। ତୃତୀୟ ମୁକାବିଲାରେ ଟିମ୍ ଡେଭିଡ୍‌ଙ୍କ ବିଗ୍ ହିଟିଂ ଓ ମାର୍କସ ଷ୍ଟୋଇନିସ୍‌ଙ୍କ ଚମତ୍କାର ଇନିଂସ ଅଷ୍ଟ୍ରେଲିଆକୁ ଫାଇଦାରେ ରଖିବ। ହେଡ୍‌ଙ୍କ ଅନୁପସ୍ଥିତିରେ ମାଥ୍ୟୁ ସର୍ଟ ଇନିଂସ ଓପନ କରିବେ। ଉପରୋକ୍ତ ଦୁଇ ଖେଳାଳିଙ୍କୁ ନେଇ ଦଳ ପରିବର୍ତ୍ତନ ହୋଇପାରେ।

**ଆରମ୍ଭ : ଅପରାହ୍ଣ ୧ଟା ୪୫**
**ପ୍ରସାରଣ : ଷ୍ଟାରସ୍ପୋର୍ଟ୍ସ ନେଟ୍‌ୱର୍କ**
**ଲାଇଭ୍ ଷ୍ଟ୍ରିମିଂ : ଜିଓହଟ୍‌ଷ୍ଟାର**

### ସମ୍ଭାବ୍ୟ ଦଳ

**ଭାରତ -** ଅଭିଷେକ ଶର୍ମା, ଶୁବମନ ଗିଲ୍, ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ତିଳକ ବର୍ମା, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ଜିତେଶ ଶର୍ମା (ୱିକେଟରକ୍ଷକ), ଶିବମ ଦୁବେ, ଅର୍ଶଦୀପ ସିଂହ, ଯଶପ୍ରୀତ୍ ବୁମ୍‌ରା ଓ ବରୁଣ ଚକ୍ରବର୍ତ୍ତୀ।

**ଅନ୍ୟ ଖେଳାଳି-** ନୀତୀଶ କୁମାର ରେଡ୍ଡୀ, ସଞ୍ଜୁ ସାମସନ, ରିଙ୍କୁ ସିଂ, ହର୍ଷିତ ରାଣା।

**ଅଷ୍ଟ୍ରେଲିଆ -** ମାଥ୍ୟୁ ସର୍ଟ, ମିଚେଲ ମାର୍ଶ (ଅଧିନାୟକ), ଜୋଶ ଇଂଲିଶ (ୱିକେଟ ରକ୍ଷକ), ଟିମ୍ ଡେଭିଡ୍, ମିଚେଲ ଓଏନ, ମାର୍କସ ଷ୍ଟୋଇନିସ, ଗ୍ଲେନ୍ ମ୍ୟାକ୍ସୱେଲ, ଜାମିୟର ବାର୍ଟଲେଟ, ବେନ୍ ଡ୍ୱାରଶୁଇସ୍, ନାଥାନ ଏଲିସ, ମାଥ୍ୟୁ କୁନେମାନ୍।

**ଅନ୍ୟ ଖେଳାଳି-** ମାହଲି ବିୟର୍ଡମ୍ୟାନ୍, ତନ୍‌ବୀର ସାଙ୍ଗା, ଜୋଶ ଫିଲିପ୍।

### ■ ଭାରତ- ଦ.ଆଫ୍ରିକା ସିରିଜ୍ ୧୪ରୁ

## ଟେଷ୍ଟ ଦଳକୁ ଫେରିଲେ ରଷଭ ପନ୍ତ୍



ଗୋଲ୍ଡ କୋଷ୍ଟ,୫ା୧୧(ଏଜେନ୍ସି): ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ରେ ଆହତ ହୋଇଥିବା ୱିକେଟରକ୍ଷକ/ ବ୍ୟାଟର ରଷଭ ପନ୍ତ୍ ଘରୋଇ ମାଟିରେ ଦକ୍ଷିଣ ଆଫ୍ରିକା ସହ ଖେଳାଯିବାକୁ ଥିବା ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଲାଗି ଭାରତୀୟ ଦଳକୁ ଫେରିଛନ୍ତି। କୋଲକାତାରେ ନଭେମ୍ବର ୧୪ରୁ ଓ ଆସାମର ବର୍ସାପଡାରେ ନଭେମ୍ବର ୨୨ରୁ ଖେଳାଯିବାକୁ ଥିବା ମ୍ୟାଚ୍ ଲାଗି ବିସିସିଆଇର ବରିଷ୍ଠ ଚୟନ କମିଟି ଆଜି ୧୫ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଏହି ଦଳରେ ପନ୍ତ୍‌ଙ୍କ ଦଳକୁ ପ୍ରତ୍ୟାବର୍ତ୍ତନ ହେବା ସହ ପୂର୍ବପରି ଉପଅଧିନାୟକ ରହିଛନ୍ତି। ସୂଚନାଯୋଗ୍ୟ ଗତ ଜୁଲାଇରେ ଇଂଲଣ୍ଡ ବିପକ୍ଷରେ ଚତୁର୍ଥ ଟେଷ୍ଟ ଖେଳୁଥିଲାବେଳେ ବଲ ବାଜି ପନ୍ତ୍‌ଙ୍କ ଗୋଡ ସାମାନ୍ୟ ଫାଟି ଯାଇଥିଲା। ଏହା ଫଳରେ ତାଙ୍କୁ ବିଶ୍ରାମ ନେବାକୁ କୁହାଯାଇଥିଲା। ଦକ୍ଷିଣ ଆଫ୍ରିକା-ଏ’ ବିପକ୍ଷରେ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ଖେଳି ପନ୍ତ୍ ତାଙ୍କ ଫିଟ୍‌ନେସ ସହ ମ୍ୟାଚ୍ ଫିଟ୍ ବୋଲି ପ୍ରମାଣ ଦେଇଛନ୍ତି। ସେ ମଧ୍ୟ ୯୦ ରନ୍ କରି ଦୀର୍ଘ ସମୟ କ୍ରିଜ୍‌ରେ ରହିପାରିବେ ବୋଲି ଜଣାଇଛନ୍ତି। ସେହିପରି ଇଂଲଣ୍ଡ ସିରିଜ୍‌ରେ ଆହତ ହୋଇଥିବା ଅନ୍ୟତମ ଖେଳାଳି ତଥା ଫାଷ୍ଟ ବୋଲର ଆକାଶ ଦୀପ୍‌ଙ୍କୁ ମଧ୍ୟ ଦଳରେ ସାମିଲ କରାଯାଇଛି। ନିକଟରେ ୱେଷ୍ଟଇଣ୍ଡିଜ୍ ସହ ଖେଳିଥିବା ଦୁଇ ଖେଳାଳି ତଥା ଫାଷ୍ଟ ବୋଲର ପ୍ରସିଦ୍ଧ କ୍ରିଷ୍ଣା ଓ ୱିକେଟ ରକ୍ଷକ ଏନ୍ ଜଗଦୀଶନଙ୍କୁ ଦଳରୁ ବାଦ୍ ଦିଆଯାଇଛି।

**ଘୋଷିତ ଦଳ:** ଶୁବମନ ଗିଲ (ଅଧିନାୟକ), ରଷଭ ପନ୍ତ (ୱିକେଟରକ୍ଷକ/ ଉପଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, ସାଇ ସୁଦର୍ଶନ, ଦେବଦତ୍ତ ପଡ଼ିକାଲ, ଧ୍ରୁବ ଜୁରେଲ, ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ଅକ୍ଷର ପଟେଲ, ନୀତୀଶ କୁମାର ରେଡ୍ଡୀ, ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ୍ ସିରାଜ ଓ ଆକାଶ ଦୀପ୍।

## ‘ଏ’ ଦିନିକିଆ ସିରିଜ୍‌ରେ ତିଳକ ଅଧିନାୟକ



ନୂଆଦିଲ୍ଲୀ, ୫ା୧୧ (ଏଜେନ୍ସି): ଦକ୍ଷିଣ ଆଫ୍ରିକା-ଏ’ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଲାଗି ତିଳକ ବର୍ମାଙ୍କୁ ଭାରତ-ଏ’ ଦଳର ଅଧିନାୟକ ମନୋନୀତ କରାଯାଇଛି। ରାଜକୋଟରେ ନଭେମ୍ବର ୧୩ରୁ ଖେଳାଯିବାକୁ ଥିବା ଏହି ସିରିଜ୍ ଲାଗି ଋତୁରାଜ ଗାଏକ୍ୱାଡ୍‌ଙ୍କୁ ଉପଅଧିନାୟକ ଦାୟିତ୍ୱ ଦିଆଯାଇଛି। ଅଭିଷେକ ଶର୍ମା, ରିୟାନ ପରାଗ, ଇଶାନ କିସାନଙ୍କ ଭଳି ଫ୍ରଣ୍ଟଲାଇନ୍ ବ୍ୟାଟରଙ୍କୁ ଦଳରେ ନିଆଯାଇଛି। ଟେଷ୍ଟ ଦଳରେ ସ୍ଥାନ ପାଇ ନ ଥିବା ଫାଷ୍ଟ ବୋଲର ଅର୍ଶଦୀପ ସିଂହ, ପ୍ରସିଦ୍ଧ କ୍ରିଷ୍ଣା ଓ ହର୍ଷିତ ରାଣା ମଧ୍ୟ ଏହି ଦଳରେ ମନୋନୀତ ହୋଇଛନ୍ତି। ରାଜକୋଟରେ ସମସ୍ତ ୩ଟି ଯାକ ମ୍ୟାଚ୍ ନଭେମ୍ବର ୧୩, ୧୬ ଓ ୧୯ରେ ଖେଳାଯିବ।

**ଭାରତ-ଏ’ ଦଳ:** ତିଳକ ବର୍ମା(ଅଧିନାୟକ), ଋତୁରାଜ ଗାଏକ୍ୱାଡ୍ (ଉପଅଧିନାୟକ), ଅଭିଷେକ ଶର୍ମା, ରିୟାନ ପରାଗ, ଇଶାନ କିସାନ ଓ ପ୍ରଭସିମରନ ସିଂହ (ୱିକେଟ ରକ୍ଷକ), ଆୟୂଷ ବଦୋନୀ, ନିଶାନ୍ତ ସିନ୍ଧୁ, ବିପରାଜ ନିଗମ, ମାନବ ସୂତାର, ହର୍ଷିତ ରାଣା, ଅର୍ଶଦୀପ ସିଂହ, ପ୍ରସିଦ୍ଧ ରାଣା, ଖଲୀଲ ଅହମ୍ମଦ୍।

### ଆଇକନିକ୍ ଚେସ୍ ପ୍ରିମିୟର ଲିଗ୍

## ଆଜି ଖେଳାଳି ନିଲାମ

ଭୁବନେଶ୍ୱର,୫ା୧୧(ସମିସ): ଓଡ଼ିଶାରେ ଆୟୋଜିତ ହେବାକୁ ଯାଉଥିବା ସମ୍ମାନଜନକ ଆଇକନିକ୍ ଚେସ୍ ପ୍ରିମିୟର ଲିଗ୍ (ଆଇଓସିପିଏଲ୍) ଲାଗି ଖେଳାଳି ନିଲାମ ଆସନ୍ତାକାଲି ବା ଗୁରୁବାର ଅନୁଷ୍ଠିତ ହେବ। ଏଥିଲାଗି ରାଜ୍ୟ ଓ ରାଜ୍ୟ ବାହାରର ଖେଳାଳି ନାମ ପଞ୍ଜୀକରଣ କରିଛନ୍ତି। ୧୨ଟି ଦଳକୁ ନେଇ ଏହି ଲିଗ ନଭେମ୍ବର ୧୪ରୁ ୧୬ ଯାଏ ଅନୁଷ୍ଠିତ ହେବ। ଆସନ୍ତାକାଲି ଖେଳାଳି ନିଲାମ ଭୁବନେଶ୍ୱରର ହୋଟେଲ ଲେମନ ଟ୍ରି’ରେ ଓ ନଭେମ୍ବର ୧୪ରୁ ଟୁର୍ଣ୍ଣାମେଣ୍ଟ ହୋଟେଲ ଲାଇଫ୍‌ରେ ଖେଳାଯିବ। ଅଲ୍ ଓଡ଼ିଶା ଚେସ ସଂଘ ଓ ଆଇକନିକ ସ୍ପୋର୍ଟ୍ସ ଫେଡେରେସନର ମିଳିତ ସହଯୋଗରେ ଏହି ପ୍ରିମିୟର ଟୁର୍ଣ୍ଣାମେଣ୍ଟ ଓଡ଼ିଶା ଚେସ୍ ଇତିହାସରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ ବୋଲି ଏହାର ଇଭେଣ୍ଟ ନିର୍ଦ୍ଦେଶକ ତଥା ନିଖିଳ ଓଡ଼ିଶା ଚେସ ସଂଘ ସମ୍ପାଦକ ଦେବବ୍ରତ ଭଞ୍ଜ କହିଛନ୍ତି। ଆଇପିଏଲ୍-ଷ୍ଟାଇଲ ଫର୍ମାଟରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ ଓ ଆସନ୍ତାକାଲିର ନିଲାମିରେ ଖେଳାଳି, ପ୍ରାୟୋଜକ ଓ ଆୟୋଜକମାନେ ଉପସ୍ଥିତ ରହିବେ। ପଦ୍ମଶ୍ରୀ ଇଦା ଆର୍‌ଏସ୍‌ଆଇ ପୁତ୍ର ମାନୁବା ମୁଖ୍ୟ ଅତିଥିଭାବେ ଯୋଗ ଦେବେ। ଅନ୍ୟମାନଙ୍କ ମଧ୍ୟରେ ସର୍ବଭାରତୀୟ ଚେସ୍ ସଂଘ ବା ଏଆଇସିଏଫ୍‌ର ଅପରେସନ ହେଡ୍ ଅଜିତ କୁମାର ବର୍ମା, ଯୁଗ୍ମ ସମ୍ପାଦକ ମନୀଷ କୁମାର ଅନ୍ୟତମ ଅତିଥିଭାବେ ଉପସ୍ଥିତ ରହିବେ। ଅଙ୍କିତ କୁମାର ଦଲାଲ ନିଲାମ ପରିଚାଳନା କରିବେ।

### ସିକେ ନାଇଡୁ ଟ୍ରଫି

## ବିଦର୍ଭଠାରୁ ହାରିଲା ଓଡ଼ିଶା

ଭୁବନେଶ୍ୱର,୫ା୧୧(ସମିସ): ଯାହା ଆଶଙ୍କା କରାଯାଇଥିଲା ତାହା ହୋଇଛି। କଟକର ଏମ୍‌ଜିଏମ୍ ସ୍କୁଲ ଅଫ୍ ସ୍ପୋର୍ଟ ଗ୍ରାଉଣ୍ଡରେ ଚାଲିଥିବା ସିକେ ନାଇଡୁ ଟ୍ରଫିରେ ଭ୍ରମଣକାରୀ ବିଦର୍ଭଠାରୁ ଆୟୋଜକ ଓଡ଼ିଶା ୮୭ ରନ୍‌ରେ ହାରିଯାଇଛି। ଏହା ଫଳରେ ଦଳ ଗୋଟିଏ ହେଲେ ପଏଣ୍ଟ ହାସଲ କରିପାରି ନାହିଁ। ଏହି ମ୍ୟାଚ୍ ଜିତିବାକ ଓଡ଼ିଶା ଆଗରେ ୩୫୫ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଓଡ଼ିଶା ଦ୍ୱିତୀୟ ଇନିଂସରେ ୨୬୭ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଓପନର ଓମ୍ ଟି ମୁଣ୍ଡେ ସର୍ବାଧିକ ୯୮ ଓ ଶ୍ରେୟାଂଶ ଭରଦ୍ୱାଜ ୭୫ ରନ୍ କରିଥିଲେ ମଧ୍ୟ ଅନ୍ୟ ବ୍ୟାଟରଙ୍କଠାରୁ ଭଲ ସହଯୋଗ ମିଳି ନ ଥିଲା।


### ଷ୍ଟେଟ-ଏ ଟ୍ରଫି: ଓମ୍‌ଙ୍କୁ ନେତୃତ୍ୱ

ବିସିସିଆଇ ଆନୁକୂଲ୍ୟରେ ଖେଳାଯିବାକୁ ଥିବା ୨୩ ବର୍ଷରୁ କମ୍ ପୁରୁଷ ଷ୍ଟେଟ-ଏ ଟ୍ରଫି ଲାଗି ବୁଧବାର ଘୋଷିତ ଓଡ଼ିଶା ଦଳର ପ୍ରଥମ ୩ଟି ମ୍ୟାଚ୍ ଲାଗି ବ୍ୟାଟର୍ ଓମ୍ ଟି. ମୁଣ୍ଡେଙ୍କୁ ନେତୃତ୍ୱ ଦିଆଯାଇଛି। **ଘୋଷିତ ଓଡ଼ିଶା ଦଳ:** ସାଇଦୀପ୍ ମହାପାତ୍ର, ଓମ୍ ଟି. ମୁଣ୍ଡେ (ଅଧିନାୟକ), ପାନକଳ ଶଶାଙ୍କ, ଶ୍ରେୟାଂଶ ଭରଦ୍ୱାଜ, ସୁଜଳ ସିଂ, ଦୀନେଶ ମାଝୀ ଓ ଆଶୀର୍ବାଦ ସ୍ୱାଇଁ, ବିମଳ କୁମାର, ମହମ୍ମଦ ଦାନିଶ, ସୌମ୍ୟରଞ୍ଜନ ଲେଙ୍କା, ଆୟୂଷ ବାରିକ, ସୟେଦ ଟଫେଲ ଅହମ୍ମଦ, ସମ୍ବିତ ବେଜ୍, ଆଶୁତୋଷ ଛୁରିଆ, ବିଭାଶ ଶ’, ଜ୍ଞାନରଞ୍ଜନ ନାୟକ, ଅଂଶୁମାନ ବେଜ୍ ଓ ଶୁଭମ ପ୍ରିୟଦର୍ଶୀ।




ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିବା ଅବସରରେ ଟ୍ରଫି ସହ ବିଶ୍ୱକପ୍ ବିଜୟୀ ଭାରତୀୟ ମହିଳା କ୍ରିକେଟ୍ ଦଳ

## ୩୮ ବର୍ଷରେ ‘କିଙ୍ଗ୍ କୋହଲି’




ନୂଆଦିଲ୍ଲୀ, ୫ା୧୧ (ଏଜେନ୍ସି): ଭାରତୀୟ କ୍ରିକେଟ୍‌ର ସୁପର୍‌ଷ୍ଟାର୍ ତଥା ମହାନ ବ୍ୟାଟର୍ ବିରାଟ କୋହଲି ବୁଧବାର ୩୮ ବର୍ଷରେ ପାଦ ଥାପିଛନ୍ତି। ଏହି ଅବସରରେ ସାଥୀ ଖେଳାଳିଙ୍କଠାରୁ ଆରମ୍ଭ କରି ବହୁ ପୂର୍ବତନ କ୍ରିକେଟର୍ ଓ ଆଇପିଏଲ୍‌ରେ ତାଙ୍କ ଦଳ ଆର୍‌ସିବି ପକ୍ଷରୁ ‘କିଙ୍ଗ୍ କୋହଲି’ଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ଆର୍‌ସିବି କୋହଲିଙ୍କ କ୍ରିକେଟ୍ କ୍ୟାରିୟରର ଉପଲବ୍ଧିକୁ ଉଲ୍ଲେଖ କରି ଶୁଭେଚ୍ଛା ଜଣାଇଛି। ବିରାଟ ୫ ନଭେମ୍ବର ୧୯୮୮ରେ ଦିଲ୍ଲୀର ଏକ ପଞ୍ଜାବୀ ହିନ୍ଦୁ ପରିବାରରେ ଜନ୍ମଗ୍ରହଣ କରିଥିଲେ। ୨୦୦୮ରେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପାଦ ଥାପିଥିବା କୋହଲି ଅଦ୍ୟାବଧି ୧୨୨୩ ଟେଷ୍ଟ, ୩୦୫ ଦିନିକିଆ ଓ ୧୨୫ ଟି-୨୦ ମ୍ୟାଚ୍ ଖେଳିସାରିଛନ୍ତି। ତିନୋଟି ଯାକ ଫର୍ମାଟ୍‌ରେ ତାଙ୍କ ନାମରେ ୮୨ ଶତକ ଓ ୨୮ ହଜାରରୁ ଊର୍ଦ୍ଧ୍ୱ ରନ ଲିପିବଦ୍ଧ ରହିଛି। ୧୭ ବର୍ଷର କ୍ୟାରିୟରରେ ସେ ଆଇସିସି ଦିନିକିଆ ଓ ଟି-୨୦ ବିଶ୍ୱକପ୍ ସହ ଚାମ୍ପିଅନ୍ସ ଟ୍ରଫି, ଆଇପିଏଲ୍ ଚାମ୍ପିଅନ ଓ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଟ୍ରଫି ଜିତିଛନ୍ତି। ଟେଷ୍ଟ ଓ ଟି-୨୦ ଫର୍ମାଟ୍‌ରୁ ଅବସର ନେଇସାରିଥିବା କୋହଲି ଏବେ କେବଳ ଦିନିକିଆ ଫର୍ମାଟ୍‌ରେ ଖେଳ ଜାରି ରଖିଛନ୍ତି।

## ଦୁର୍ବଳ ହେଲାଣି ଓଡ଼ିଶା କ୍ରିକେଟ | ଖର୍ଚ୍ଚ ଅପର୍ଯ୍ୟାପ୍ତ; ଫଳ ଅପଯଶ

### ଭୋଟ୍ ରାଜନୀତିରେ ଫସିଛି ଖେଳାଳିଙ୍କ ଭାଗ୍ୟ!

### ଅଣଓଡ଼ିଆ ପ୍ରଶିକ୍ଷକଙ୍କୁ ନେଇ ଅଶାନ୍ତି ଥମିନି




କଟକ,୫ା୧୧(ସମିସ):

ଓଡ଼ିଶା କ୍ରିକେଟର ସ୍ଥିତି ଜାତୀୟ ମାନଚିତ୍ରରେ ଦୁର୍ବଳ ହୋଇସାରିଲାଣି। ବଡମଞ୍ଚରେ ଦଳର ପ୍ରଦର୍ଶନ ଲଗାତର ନୈରାଶ୍ୟଜନକ ରହୁଛି। ରାଜ୍ୟ କ୍ରିକେଟର ସର୍ବାଙ୍ଗୀନ ବିକାଶକୁ ନେଇ ଓଡ଼ିଶା କ୍ରିକେଟ ଆସୋସିଏନ(ଓସିଏ) ଅପର୍ଯ୍ୟାପ୍ତ ରାଶି ଖର୍ଚ୍ଚ କରୁଛି ବୋଲି ଘୋଷଣା ହେଉଛି। ଏପରିକି ଅଭ୍ୟାସ ମ୍ୟାଚ୍ ଖେଳିବା ନିମନ୍ତେ ରାଜ୍ୟ ଦଳକୁ କିଛି ଦିନ ପୂର୍ବେ ଶ୍ରୀଲଙ୍କା ପଠାଯାଇଥିଲା। ଖେଳାଳିଙ୍କ ସହ ପର୍ଯ୍ୟାୟକ୍ରମେ କେତେକ କ୍ଲବ, ଜିଲ୍ଲା ସଂଘ ସଦସ୍ୟ ମ୍ୟାଚ୍ ଅଫିସିଆଲ ରୂପରେ ବିଦେଶ ବୁଲି ଆସିଲେ। ଓଡ଼ିଶା ପ୍ରୋ ଟି-୨୦ ଲିଗ୍ ଆୟୋଜନ କରି କୋଟିକୋଟି ଟଙ୍କାର ବିଲ୍ ପ୍ରସ୍ତୁତ କରାଗଲା। ମାତ୍ର ଓଡ଼ିଶା କ୍ରିକେଟର ବିକାଶ ହୋଇ ପାରିଲା ନାହିଁ, ବରଂ ସ୍ଥିତି ନିମ୍ନଗାମୀ ହେବାରେ ଲାଗିଛି। ଚଳିତ ରଣଜୀ ଟ୍ରଫିର ପ୍ରଥମ ତିନୋଟି ମ୍ୟାଚ୍‌ର ଫଳାଫଳକୁ ଅବଲୋକନ କଲେ ଏହା ସ୍ପଷ୍ଟ ହେଉଛି। ଅପର୍ଯ୍ୟାପ୍ତ ରାଶି ଖର୍ଚ୍ଚ ହେଉଥିଲେ ସୁଦ୍ଧା ଓଡ଼ିଶା କ୍ରିକେଟକୁ ଫଳ ସ୍ୱରୂପ କେବଳ ଅପଯଶ ହିଁ ମିଳୁଛି। ଦଳ ଚୟନରେ ପାତରଅନ୍ତର ମନୋଭାବ, ଜିଲ୍ଲା ସଂଘକୁ ଖୁସି ରଖିବାକୁ ନିର୍ଦ୍ଦିଷ୍ଟ ଖେଳାଳିଙ୍କୁ ଦଳରେ ସୁଯୋଗ ଏବଂ ଅଣଓଡ଼ିଆ ପ୍ରଶିକ୍ଷକଙ୍କ ପାଇଁ ଓଡ଼ିଶା କ୍ରିକେଟ ଲାଗି ମହଙ୍ଗା ପଡ଼ିଲାଣି ବୋଲି ଆଲୋଚନା ଜୋର୍ ଧରିଛି।

ରଣଜୀ ଟ୍ରଫି ଆରମ୍ଭରୁ ଓଡ଼ିଶାକୁ ପ୍ରଥମ ତିନୋଟି ମ୍ୟାଚ୍‌ରୁ ୨ଟି ମ୍ୟାଚ୍ ବାରବାଟୀରେ ଖେଳିବାକୁ ସୁଯୋଗ ମିଳିଥିଲା। ବାରବାଟୀରେ ପ୍ରଥମ ମୁକାବିଲାରେ ଓଡ଼ିଶା ବରୋଦାକୁ ଭେଟିଥିଲା। ଘରୋଇ ଦଳ ୭ ୱିକେଟରେ ହାରିଥିଲା। କାନପୁରରେ ଖେଳାଯାଇଥିବା ୟୁପି ବିପକ୍ଷ ଦ୍ୱିତୀୟ ମ୍ୟାଚ୍‌ରୁ ଗୋଟିଏ ପଏଣ୍ଟ ପାଇଥିଲା। ବାରବାଟୀରେ ଅନୁଷ୍ଠିତ ୩ୟ ମ୍ୟାଚ୍‌ରେ ଆନ୍ଧ୍ରପ୍ରଦେଶ ଠାରୁ ବିଜୟ ପଏଣ୍ଟ ହାତେଇବ ବୋଲି ଆଶା ବାନ୍ଧିଥିଲେ ଓଡ଼ିଶା କ୍ରିକେଟପ୍ରେମୀ। ମାତ୍ର ଦୁର୍ଭାଗ୍ୟ ଏହା ଯେ, ଆନ୍ଧ୍ର ଠାରୁ ଓଡ଼ିଶା ଇନିଂସ ପରାଜୟର ସମ୍ମୁଖୀନ ହୋଇ ସମସ୍ତଙ୍କୁ ନିରାଶ କରିଥିଲା। ଉଭୟ ବ୍ୟାଟିଂ ଓ ବୋଲିଂରେ ଓଡ଼ିଶାର ଖେଳାଳି ବିଫଳ ହୋଇଛନ୍ତି। ଏ ପର୍ଯ୍ୟନ୍ତ ଓଡ଼ିଆ ବ୍ୟାଟରଙ୍କ ଠାରୁ ଶତକୀୟ ପାଳି ଦେଖିବାକୁ ମିଳିନାହିଁ। ନୂଆ, ପୁରୁଣା ଖେଳାଳିଙ୍କୁ ଯୋଡ଼ି ପ୍ରସ୍ତୁତ ହୋଇଥିବା ଓଡ଼ିଶା ସମସ୍ତ ବିଭାଗରେ ବିଫଳ ହୋଇଛି।

ରାଜ୍ୟ କ୍ରିକେଟ ସହ ଜଡିତ ଥିବା ଜଣେ ପୂର୍ବତନ ଖେଳାଳି ଆଲୋଚନା ପ୍ରସଙ୍ଗରେ କହିଛନ୍ତି ଯେ, ଓଡ଼ିଶାର ଦଳ ଚୟନ ଉପରେ ଭରସା କରାଯାଇ ପାରିବ ନାହିଁ। କେଉଁ ଖେଳାଳିଙ୍କୁ ସୁଯୋଗ ଦିଆଯିବ ତାହା କିଛି ନିର୍ଦ୍ଦିଷ୍ଟ ଲୋକ ସ୍ଥିର କରୁଛନ୍ତି। ଏହା ପଛରେ ଜିଲ୍ଲା ସଂଘ ଏବଂ କ୍ଲବକୁ ଖୁସି କରିବା ହିଁ ମୂଳ ଉଦ୍ଦେଶ୍ୟ। ଦଳଚୟନରେ ପାତରଅନ୍ତର ମନୋଭାବ ଲାଗି ରହିଲେ ଓଡ଼ିଶା କ୍ରିକେଟ କେବେ ବି ଆଗକୁ ବଢ଼ି ପାରିବ ନାହିଁ। ସେହିପରି ଅଣଓଡ଼ିଆ ପ୍ରଶିକ୍ଷକଙ୍କୁ ନେଇ ଖେଳାଳିଙ୍କ ଭିତରେ ଅସନ୍ତୋଷ ସବୁବେଳେ ଉପୁଜୁଛି। ଡ୍ରେସିଂ ରୁମ୍‌ରେ ଖେଳୁଆଡ ପରିବେଶ ରହୁନାହିଁ। କ୍ରିକେଟ ରାଜନୀତିର ପଶାପାଲିରେ ଖେଳାଳିଙ୍କୁ ଗୋଟି ଭଳି ଚାଳନା କରାଯାଉଛି ବୋଲି ସେ କହିଛନ୍ତି।

### ପ୍ରଥମ ଟି-୨୦: ସାଣ୍ଟନରଙ୍କ ଲଢୁଆ ଅର୍ଦ୍ଧଶତକ ବିଫଳ

## ୱେଷ୍ଟଇଣ୍ଡିଜ ବିଜୟୀ

ଅକ୍‌ଲାଣ୍ଡ, ୫ା୧୧ (ଏଜେନ୍ସି): ଅଧିନାୟକ ମିଚେଲ ସାଣ୍ଟନରଙ୍କ ଅପରାଜିତ ଦ୍ରୁତ ଅର୍ଦ୍ଧଶତକ ସତ୍ତ୍ୱେ ବୁଧବାର ଏଠାରେ ଅନୁଷ୍ଠିତ ପ୍ରଥମ ଟି-୨୦ରେ ଘରୋଇ ନ୍ୟୁଜିଲାଣ୍ଡ ୭ ରନରେ ୱେଷ୍ଟଇଣ୍ଡିଜ ନିକଟରୁ ପରାସ୍ତ ହୋଇଛି। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ଅଧିନାୟକ ସାଇ ହୋପ୍‌ଙ୍କ ୫୩ ରନ ଏବଂ ରୋଭମାନ ପାୱେଲ (୩୩ ରନ) ଓ ରୋଷ୍ଟନ ଚେଜ୍ (୨୮ ରନ)ଙ୍କ ଉପଯୋଗୀ ପାଳି ବଳରେ ୬ ୱିକେଟ୍ ହରାଇ ୧୬୪ ରନ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ନିୟମିତ ବ୍ୟବଧାନରେ ୱିକେଟ ହରାଇବା ଫଳରେ ୧୬.୪ ଓଭରବେଳକୁ ୧୦୭ ରନରେ ଦଳର ୯ଜଣ ବ୍ୟାଟର୍ ପ୍ୟାଭିଲିୟନ ଫେରିଯାଇଥିଲେ। ବିଜୟ ଲାଗି ଶେଷ ୨୦ଟି ବଲରେ ନ୍ୟୁଜିଲାଣ୍ଡକୁ ୫୮ ରନ ଆବଶ୍ୟକ ହେଉଥିଲା। ଅନ୍ତିମ ୱିକେଟରେ ଏହା ଅସମ୍ଭବ ମନେ ହେଉଥିଲେ ମଧ୍ୟ ୧୧ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା ଜ୍ୟାକବ ଡଫିଙ୍କୁ ସାଥୀ କରି ସାଣ୍ଟନର ୫୦ ରନ ସଂଗ୍ରହ କରିଥିଲେ। ୮ଟି ଚୌକା ଓ ୨ଟି ଛକା ବଳରେ ସାଣ୍ଟନର ଅପରାଜିତ ୫୫ ରନ କରିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ୨୮ ରନ ସହ ବୋଲିଂରେ ୩ଟି ୱିକେଟ ନେଇଥିବା ରୋଷ୍ଟନ ଚେଜ୍ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS